# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ବୁଧବାର, ଡିସେମ୍ବର ୨୦/୨୦୨୩ Bhubaneswar, Wednesday, December 20/2023


## ଚାଇନାରେ ଭୂକମ୍ପ: ୧୨୭ ମୃତ

ବେଜିଂ/ଜିଶିଶାନ୍,୧୯।୧୨

ଉତ୍ତର-ପଶ୍ଚିମ ଚାଇନାର ପାର୍ବତ୍ୟାଞ୍ଚଳରେ ସୋମବାର ମଧ୍ୟରାତ୍ରରେ ବଡ଼ ଧରଣର ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ ୧୨୭ ଜଣଙ୍କ ମୃତ୍ୟୁ ଘଟିବା ସହ ୭୦୦ରୁ ଅଧିକ ଆହତ ହୋଇଛନ୍ତି। ଚାଇନା ଆର୍ଥକ୍ୱେକ୍ ନେଟ୍‌ୱର୍କ ସେଣ୍ଟର ଅନୁଯାୟୀ ଭୂକମ୍ପର ତୀବ୍ରତା ୬.୨ ଥିଲା। ସୋମବାର ରାତି ୧୧ଟା ୫୯ ମିନିଟ୍‌ରେ ଅନୁଭୂତ ଭୂକମ୍ପ କିଙ୍ଗହାଇ ପ୍ରଦେଶ ଅନ୍ତର୍ଗତ ଗାନ୍‌ସୁକୁ ଦୋହଲାଇ ଦେଇଥିଲା। ଏହାର କେନ୍ଦ୍ରସ୍ଥଳ ଡୋଙ୍ଗଶିଆଙ୍ଗର ଜିଶିଶାନ ବାଓଆନ୍ କାଉଣ୍ଟି ଆସନଠାରୁ ୮ କିଲୋମିଟର ଦୂର ଲିଉଗୋଇ ସହରର ୧୦ କିଲୋମିଟର ଗଭୀରରେ ବୋଲି ଜଣାପଡ଼ିଛି। କେନ୍ଦ୍ରସ୍ଥଳର ଗଭୀରତା କମ୍ ଥିବାରୁ ଅଧିକ ଭିତ୍ତିଭୂମି କ୍ଷୟକ୍ଷତି ଘଟିଥିବା ବିଶେଷଜ୍ଞମାନେ କହିଛନ୍ତି। ପଡୋଶୀ ଜିନ୍‌ଜିଆଙ୍ଗ ଉଇଗୁର ସ୍ୱୟଂଶାସିତ ଅଞ୍ଚଳରେ ମଙ୍ଗଳବାର



ଉତ୍ତରପଶ୍ଚିମ ଚାଇନାର ଗାନ୍‌ସୁ ପ୍ରଦେଶ ଅନ୍ତର୍ଗତ ଜିଶିଶାନ କାଉଣ୍ଟିର ଡାହେଜିଆରେ ଭୂକମ୍ପରେ ଏକ ବିଲ୍ଡିଂ ଭୁଶୁଡ଼ି ପଡ଼ିଛି।

ସକାଳ ୯ଟା ୪୬ରେ ଦ୍ୱିତୀୟ ଭୂକମ୍ପ ଅନୁଭୂତ ହୋଇଛି। ଉଭୟ ଗାନ୍‌ସୁ ଏବଂ କିଙ୍ଗହାଇରେ ୩୨ ଥର ପଶ୍ଚାତ୍ କମ୍ପନ ହୋଇଛି। ଜିଶିଶାନ୍‌ରେ ୬,୩୮୧ ଘର କ୍ଷତିଗ୍ରସ୍ତ ହୋଇଛି। ଭୂକମ୍ପ ଯୋଗୁ କେତେକ ଗ୍ରାମାଞ୍ଚଳ ରାସ୍ତା ନଷ୍ଟ ହେବା ସହ ବିଦ୍ୟୁତ୍ ସରବରାହ ଏବଂ ଟେଲି ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ପାନୀୟଜଳ ଯୋଗାଣ ମଧ୍ୟ ବାଧାପ୍ରାପ୍ତ ହୋଇଛି। କ୍ଷତିଗ୍ରସ୍ତ ଭିତ୍ତିଭୂମି ସଜାଡ଼ିବା କାର୍ଯ୍ୟରେ ଗତ ରାତିରୁ କର୍ମଚାରୀମାନେ ନିୟୋଜିତ ଅଛନ୍ତି। ଭୂକମ୍ପ ଯୋଗୁ ୟେଲୋ ନଦୀ ଉପରେ ଥିବା ଏକ ବ୍ରିଜ୍‌ରେ ଫାଟ ସୃଷ୍ଟି ହୋଇଛି।

ମଙ୍ଗଳବାର ଜିଶିଶାନରେ ତାପମାତ୍ରା ବିଯୁକ୍ତ ୧୦ ଡିଗ୍ରୀ ସେଲ୍‌ସିୟସ୍ ରହିଥିବାରୁ ଘରଦ୍ୱାର ହରାଇଥିବା ଲୋକେ ଖୋଲା ଆକାଶ ତଳେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସେମାନଙ୍କ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଟେଣ୍ଟ ନିର୍ମାଣ କରାଯାଉଛି। ଅଗ୍ନିଶମ ଓ ଉଦ୍ଧାର ବିଭାଗରୁ ୧୦ ହଜାରରୁ ଊର୍ଦ୍ଧ୍ୱ ଉପକରଣ, ୮୮ ଦମକଳ ଗାଡ଼ି ଓ ୫୮୦ କର୍ମଚାରୀଙ୍କୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି। ଭୂକମ୍ପ ସ୍ଥଳକୁ ଗାନ୍‌ସୁର କମ୍ୟୁନିଷ୍ଟ ପାର୍ଟି ମୁଖ୍ୟ ଏବଂ ରାଜ୍ୟପାଳ ଯାଇଥିବାବେଳେ ଯଥାସମ୍ଭବ ମୃତ୍ୟୁସଂଖ୍ୟା କମ୍ କରିବା ପାଇଁ ତୁରନ୍ତ ଉଦ୍ଧାର କାର୍ଯ୍ୟକୁ ଜୋର୍‌ଦାର କରିବା ସହ ଆହତମାନଙ୍କୁ ସମସ୍ତ ଚିକିତ୍ସା ସୁବିଧା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଭୂକମ୍ପ କ୍ଷତିଗ୍ରସ୍ତ ଗାନ୍‌ସୁ ଏବଂ କିଙ୍ଗହାଇ ପାଇଁ ଚାଇନା ୨୫୦ ନିୟୁତ ୟୁଆନ୍ (୮୫ ନିୟୁତ ଡଲାର) ମଞ୍ଜୁର କରିଛି। ଭୂକମ୍ପ କ୍ଷତିଗ୍ରସ୍ତମାନଙ୍କ ରହିବା ପାଇଁ ବହୁସଂଖ୍ୟାରେ ଟେଣ୍ଟ ସ୍ଥାପନ କରାଯିବା ସହ ସେମାନଙ୍କୁ ପାନୀୟ ଜଳ, କମ୍ବଳ, ଷ୍ଟୋଭ୍, ଶୁଖିଲା ଖାଦ୍ୟ ଆଦି ଯୋଗାଇ ଦିଆଯାଇଛି।

## ଜ୍ଞାନବାପି ମସ୍‌ଜିଦ୍ କମିଟି ପିଟିଶନ ଖାରଜ

ପ୍ରୟାଗରାଜ,୧୯।୧୨

ଆଲ୍ଲାହାବାଦ ହାଇକୋର୍ଟ ମଙ୍ଗଳବାର ଜ୍ଞାନବାପି ମାମଲା ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ମସ୍‌ଜିଦ ସ୍ଥଳରେ ମନ୍ଦିରର ପୁନରୁଦ୍ଧାର ଲାଗି ଦାଏର ଦେଓ୍ୱାନୀ ମାମଲାଗୁଡ଼ିକୁ ଚ୍ୟାଲେଞ୍ଜ କରି ମସ୍‌ଜିଦ କମିଟି ଦାଏର କରିଥିବା ପିଟିଶନଗୁଡ଼ିକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ୧୯୯୧ରେ ଦାଏର ଏକ ସିଭିଲ୍ ସୁଟ୍‌ର ଶୁଣାଣି ୬ ମାସ ମଧ୍ୟରେ ଶେଷ କରିବାକୁ ହାଇକୋର୍ଟ ବାରାଣସୀ କୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବାରାଣସୀର କାଶୀ ବିଶ୍ୱନାଥ ମନ୍ଦିର ନିକଟରେ ଜ୍ଞାନବାପି ମସ୍‌ଜିଦ ଅବସ୍ଥିତ, ଯାହା ମନ୍ଦିର ଭାଙ୍ଗି ଉପରେ ନିର୍ମାଣ ହୋଇଥିବା ହିନ୍ଦୁପକ୍ଷ ଦାବି କରିଆସୁଛନ୍ତି। ଜ୍ଞାନବାପି ମସ୍‌ଜିଦ କମିଟିର ୩ ପିଟିଶନ ଏବଂ ଉତ୍ତରପ୍ରଦେଶ ସୁନ୍ନି ସେଣ୍ଟ୍ରାଲ ଓ୍ୱାକଫ୍ ବୋର୍ଡର ୨ଟି ପିଟିଶନର ଶୁଣାଣି ହାଇକୋର୍ଟରେ ହେଉଛି। ୧୯୯୧ରେ ଆଦି ବିଶ୍ୱେଶ୍ୱର ବିରାଜମାନଙ୍କ



ତରଫରୁ ବାରାଣସୀ କୋର୍ଟରେ ଦାଏର ମାମଲାକୁ ଚ୍ୟାଲେଞ୍ଜ କରି ୩ଟି ପିଟିଶନ ଦାଏର ହୋଇଥିଲା। ଆଦି ବିଶ୍ୱେଶ୍ୱର ବିରାଜମାନଙ୍କ ପକ୍ଷରୁ ଦାଏର ମାମଲାରେ ବିବାଦୀୟ ସ୍ଥାନକୁ ନିୟନ୍ତ୍ରଣକୁ ନେଇ ସେଠାରେ ପୂଜାର୍ଚ୍ଚନା ପାଇଁ ଅନୁମତି ଦେବାକୁ ନିବେଦନ କରାଯାଇଥିଲା। ଏହାକୁ ଚ୍ୟାଲେଞ୍ଜ କରି ଅଞ୍ଜୁମନ୍ ଇଣ୍ଟେଜାମିଆ ମସ୍‌ଜିଦ କମିଟି ଏବଂ ୟୁପି ସୁନ୍ନି ସେଣ୍ଟ୍ରାଲ ଓ୍ୱାକଫ୍ ବୋର୍ଡ ଦାଏର କରିଥିବା ପିଟିଶନରେ ଯୁକ୍ତି ଦର୍ଶାଇଥିଲେ ଯେ, ମସ୍‌ଜିଦ ୧୯୪୭ ଅଗଷ୍ଟ ୧୫ ପୂର୍ବରୁ ଥିବାରୁ ଉପାସନା ସ୍ଥଳ ଅଧିନିୟମ (ସ୍ୱତନ୍ତ୍ର ବ୍ୟବସ୍ଥା) ଆକ୍ଟ, ୧୯୯୧ ଅନୁଯାୟୀ ଧର୍ମସ୍ଥାନର କିସମ ପରିବର୍ତ୍ତନ ଉପରେ କଟକଣା ରହିଥିବାରୁ ଉକ୍ତ ମାମଲା ବିଚାରଯୋଗ୍ୟ ନୁହେଁ। ଅନ୍ୟପକ୍ଷରେ ୧୯୯୧ ମାମଲାର ଆବେଦନକାରୀଙ୍କ ଯୁକ୍ତି ହେଲା ଜ୍ଞାନବାପି ବିବାଦ ସ୍ୱାଧୀନତା ପୂର୍ବରୁ ରହିଥିବାରୁ ଏହା ଉପାସନା ସ୍ଥଳ ଅଧିନିୟମ ଅଧୀନରେ ଆସୁନାହିଁ। ଜଷ୍ଟିସ୍ ରୋହିତ ରଞ୍ଜନ ଅଗ୍ରୱାଲ ମଙ୍ଗଳବାର କହିଛନ୍ତି, ୧୯୯୧ ମାମଲା ବିଚାରଯୋଗ୍ୟ ଏବଂ ଉପାସନା ସ୍ଥଳ ଅଧିନିୟମ, ୧୯୯୧ ଏଥିରେ ବାଧକ ନୁହେଁ।

## ଦିଲ୍ଲୀର ଅନଧିକୃତ କୋଠା ସମ୍ପର୍କିତ ବିଲ୍ ଲୋକ ସଭାରେ ଗୃହୀତ

ନୂଆଦିଲ୍ଲୀ,୧୯।୧୨(ପି.ଟି.)

**ସୁରକ୍ଷା ସମୟସୀମା ୩ ବର୍ଷ ବଢ଼ିବ**

ଦିଲ୍ଲୀରେ ଅନଧିକୃତ ଭାବେ ଗଢ଼ିଉଠିଥିବା କୋଠାଗୁଡ଼ିକ ବିରୋଧରେ ଦଣ୍ଡମୂଳକ କାର୍ଯ୍ୟାନୁଷ୍ଠାନ ବିରୋଧରେ ସୁରକ୍ଷାକୁ ଡିସେମ୍ବର ୩୧ ସମୟସୀମା ଶେଷ ହେବା ପରେ ଆଉ ୩ ବର୍ଷ ବଢ଼ାଇବାକୁ ଏକ ବିଲ୍ ମଙ୍ଗଳବାର ଲୋକ ସଭାରେ ଗୃହୀତ ହୋଇଛି। ଦିଲ୍ଲୀର ଏଏପି ସରକାର ଏବଂ ପୂର୍ବରୁ କେନ୍ଦ୍ରରେ ଥିବା କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ଏଦିଗରେ କିଛି କରି ନ ଥିଲେ ବୋଲି ଭାଜପା ଏମ୍‌ପିମାନେ ଅଭିଯୋଗ କରିଛନ୍ତି। ବିଲ୍ ଉପରେ ସଂକ୍ଷିପ୍ତ ଆଲୋଚନା ପରେ ଏହା ଧ୍ୱନିମତରେ ଗୃହୀତ ହୋଇଥିଲା। ଦିଲ୍ଲୀର ନିର୍ଦ୍ଦିଷ୍ଟ କେତେକ ଅନଧିକୃତ ଘରକୁ କାର୍ଯ୍ୟାନୁଷ୍ଠାନରୁ ସୁରକ୍ଷା ଦେବା ଲାଗି ବିଲ୍‌ରେ ବ୍ୟବସ୍ଥା ରହିଛି।

## ଜିଏସ୍‌ଟି ଆପିଲେଟ୍ ଟ୍ରିବ୍ୟୁନାଲ ଅଧ୍ୟକ୍ଷଙ୍କ ବୟସସୀମା ବଢ଼ିବ

ନୂଆଦିଲ୍ଲୀ,୧୯।୧୨

**ଲୋକ ସଭାରେ ବିଲ୍ ଗୃହୀତ**

ଜିଏସ୍‌ଟି ଆପିଲେଟ୍ ଟ୍ରିବ୍ୟୁନାଲ (ଜିଏସ୍‌ଟିଏଟି)ର ଅଧ୍ୟକ୍ଷଙ୍କ ବୟସସୀମାକୁ ୭୦ ବର୍ଷ ଏବଂ ସଦସ୍ୟମାନଙ୍କ ବୟସ ୬୭ ବର୍ଷକୁ ବୃଦ୍ଧି କରିବା ପାଇଁ ଏକ ବିଲ୍ ମଙ୍ଗଳବାର ଲୋକ ସଭାରେ ଗୃହୀତ ହୋଇଛି। ପୂର୍ବରୁ ଜିଏସ୍‌ଟିଏଟିର ଅଧ୍ୟକ୍ଷଙ୍କ ସର୍ବାଧିକ ବୟସସୀମା ୬୭ ଏବଂ ସଦସ୍ୟମାନଙ୍କର ୬୫ ବର୍ଷ ରଖାଯାଇଥିଲା। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଥିଲେ, ଜିଏସ୍‌ଟିଏଟି କାର୍ଯ୍ୟକାରୀ ହେବା ପରେ ବିଭିନ୍ନ ହାଇକୋର୍ଟ କିମ୍ବା ସୁପ୍ରିମକୋର୍ଟରେ ଯେଉଁମାନଙ୍କ ନାଁରେ ଜିଏସ୍‌ଟି ମାମଲା ରହିଛି, ସେମାନେ ତାକୁ ପ୍ରତ୍ୟାହାର କରିନେଇ ଉକ୍ତ ଟ୍ରିବ୍ୟୁନାଲରେ ଆବେଦନ କରିପାରିବେ। କେନ୍ଦ୍ରୀୟ ୪ ବର୍ଷ କିମ୍ବା ସେମାନଙ୍କୁ ଯଥାକ୍ରମେ ୭୦ ଏବଂ ୬୭ ବର୍ଷ ହେବା ପର୍ଯ୍ୟନ୍ତ ପଦବୀରେ ରହିପାରିବେ। ପୂର୍ବରୁ ଏହି ବୟସସୀମା ଯଥାକ୍ରମେ ୬୭ ଓ ୬୫ ବର୍ଷ ଥିଲା। ବିଲ୍ ଗୃହୀତ ହେବା ଫଳରେ ଟ୍ରିବ୍ୟୁନାଲ ସଂସ୍କାର ଅଧିନିୟମ, ୨୦୨୧ ସହ ଜିଏସ୍‌ଟିଏଟିର ନ୍ୟାୟିକ ଓ ବୈଷୟିକ ସଦସ୍ୟଙ୍କ ସେବା ସର୍ତ୍ତାବଳୀ ସମାନ ହୋଇଥିବା ନିର୍ମଳା କହିଛନ୍ତି।




ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ବୁଧବାର, ଡିସେମ୍ବର ୨୦/୨୦୨୩
Bhubaneswar, Wednesday, December 20/2023

DSPL-471

ODISHA NEW OPPORTUNITIES | 5T | CII Confederation of Indian Industry

# COMING TO JHARSUGUDA FOR THE FIRST TIME!



CII 24th enterprise Odisha

**19th - 21st January 2024**

"Explore the abundant and flourishing investment opportunities in the state."

**COME. JOIN THE JUGGERNAUT.**

## HIGHLIGHTS

- Inaugural Ceremony
- Valedictory Session
- 4 sectoral Sessions
- 3-day exhibition
- 200+ exhibitors
- 20+ PSUs
- 100+ CXOs

**SPECIAL FOCUS**
Start-ups, Women Entrepreneurs, Vendor Development, B2B and B2G.

## PRODUCTS & SERVICES

- TECHNOLOGY PROVIDERS, IT/ITES
- SUSTAINABILITY
- RENEWABLE ENERGY
- LOGISTICS & INFRA
- SAFETY SOLUTIONS
- MANUFACTURING
- DEFENCE
- FOOD PROCESSING

**Event Venue:**
Durlaga Ground, Circuit House Road, Jharsuguda

Scan to Register

**CONTACT US:**
Mr Ashok Barat | Director | ashok.barat@cii.in | +91 98300 29606
Mr Rup Kumar Chowdhury | Deputy Director | rupkumar.chowdhury@cii.in
+91 94059 86282 | www.ciienterpriseodisha.com

Follow us on @investInOdisha /InvestOdisha

OIPR-14005/13/0031/2324

ScarecrowM&CSaatchi/2023/Dec

**ଆଜିର ମନ୍ତବ୍ୟ**

“ପ୍ରଥମେ ଜିତିବା ହେଉଛି ଆମର ପ୍ରାଥମିକତା। କିଏ ପ୍ରଧାନମନ୍ତ୍ରୀ ହେବେ ପରେ ଆଲୋଚନା ହୋଇପାରିବ। ଯଦି ଏମ୍‌ପି ନ ଥିବେ ତେବେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ସମ୍ପର୍କରେ କଥା ହେବାରେ ଲାଭ କ’ଣ।

– ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତେଲ ତେଲ**
**ପାଣି ପାଣି।**

ତେଲ ସହ ତେଲ ସହଜରେ ମିଶିଯାଏ। ସେହିପରି ପାଣି ମଧ୍ୟ ପାଣି ସହ ମିଶିଯାଇଥାଏ। ପରନ୍ତୁ ତେଲ ସହ ପାଣି କସ୍ମିନ କାଳେ ମିଶିପାରି ନ ଥାଏ। ପରୋକ୍ଷରେ ସମ ସ୍ୱଭାବ ବ୍ୟକ୍ତି ପରସ୍ପର ସହ ଅଚିରେ ମେଳ ଖାଇଯାଉଥିବା ବେଳେ ଅସମାନ ଦୁଇ ବ୍ୟକ୍ତିଙ୍କର ମିଳନ ଅସମ୍ଭବ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ତା’ କାଣ୍ଡେଇ ଗୁଣ ସେ କାହିଁ ଛାଡ଼ିବ ?**
**କଂସା ଗିନା ହୋଇଛି, ବଦଳି ପଡ଼ିବ ?**

କଳହପ୍ରିୟ ବ୍ୟକ୍ତି କଳିର ଯଥାର୍ଥ କାରଣ ନ ଥାଇ ମଧ୍ୟ କଳି କରିବାକୁ ଆଗଭର ହୋଇଯାଇଥାନ୍ତି। ଅଯଥାରେ କଳି କରିବା ସେମାନଙ୍କ ପ୍ରକୃତି ହୋଇଥାଏ। ସାଧାରଣତଃ ମଣିଷ ତା’ର ଜନ୍ମଗତ ପ୍ରକୃତିକୁ କେବେ ଛାଡ଼ିପାରି ନ ଥାଏ। କଂସା ଗିନା ଭାଙ୍ଗିରୁଜି ଗଲେ ତାକୁ ବଦଳାଇ ଦେଇ ହୋଇଥାଏ, ପରନ୍ତୁ ଯାହାର ଯେପରି ସ୍ୱଭାବ ରହିଥାଏ ତାକୁ ବଦଳା ଯାଇ ପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ବାରିପଦା ଛଉପଡ଼ିଆରେ ମଙ୍ଗଳବାର ଆୟୋଜିତ ଜନସମାବେଶରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଉଦ୍‌ବୋଧନ।

# ମ୍ୟାଜିକ୍ କରିବ ମୟୂରଭଞ୍ଜ: ପାଣ୍ଡିଆନ

ଭୁବନେଶ୍ୱର(ଅନିଲ ଦାସ)/ ବାରିପଦା (ନୀଳାଦ୍ରି ଦଣ୍ଡପାଟ), ୧୯।୧୨

- ବିରୋଧୀଙ୍କୁ ବିରୋଧ ନ କରି ଖେଳିଲେ ମାଷ୍ଟରଷ୍ଟ୍ରୋକ୍
- ଏ ସରକାର ଲୋକଙ୍କର
- ଆପଣମାନେ ନବୀନଙ୍କ ପରିବାର ଲୋକ

ବିରୋଧୀଙ୍କୁ ଆଦୌ ଟାର୍ଗେଟ ନ କରି ମୟୂରଭଞ୍ଜରେ ମାଷ୍ଟରଷ୍ଟ୍ରୋକ୍ ଖେଳିଲେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ଦୁଇ ଚାରିଟି ଶବ୍ଦରେ ଜିଣିନେଲେ ମୟୂରଭଞ୍ଜବାସୀଙ୍କ ମନ। ଏ ସରକାର ବିଜେଡି ସରକାର ନୁହେଁ, ଏହା ଆପଣମାନଙ୍କର ସରକାର, ଲୋକଙ୍କ ସରକାର। ଆପଣମାନେ ଯେତେବେଳେ ଯାହା ଚାହିଁବେ, ଏ ସରକାର ତାହା କରିବ। ସମଗ୍ର ଓଡ଼ିଶାବାସୀ ନବୀନଙ୍କ ପରିବାର, ବିଜୁ ପରିବାର। ମଙ୍ଗଳବାର ବାରିପଦା ଛଉ ପଡ଼ିଆଠାରେ ଆୟୋଜିତ ସାଧାରଣ ସଭାରେ ଉଦ୍‌ବୋଧନ ଦେବାବେଳେ ୫-ଟି ଅଧ୍ୟକ୍ଷ ପାଣ୍ଡିଆନ ଏହା କହିଛନ୍ତି। ସେ କହିଛନ୍ତି ବିଜେଡି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ଲୋକଙ୍କ ଆସ୍ଥା, ବିଶ୍ୱାସ ଅଧିକ ଦୃଢ଼ ହୋଇଛି। ନିଜ ଅଭିଭାଷଣରେ ସେ ମୁଖ୍ୟମନ୍ତ୍ରୀଙ୍କୁ ତୁଙ୍ଗ ଜନନାୟକ କହିବା ସହ ଓଡ଼ିଶାବାସୀଙ୍କ ପାଇଁ ତାଙ୍କ ସମର୍ପଣ ବିଭିନ୍ନ ଉଦାହରଣ ସୃଷ୍ଟି କରିଛି। ଜିଲାର ୫୬ ଜିଲା ପରିଷଦ ଆସନରୁ ୫୩ରେ ଜିତି ମ୍ୟାଜିକ୍ କରିଛି ମୟୂରଭଞ୍ଜ। ଆଗାମୀ ଦିନରେ ଏକାଠି କାମକଲେ ୫୬ରୁ ୫୬ ଭଳି ମ୍ୟାଜିକ୍ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

୭୭ ବର୍ଷ ବୟସରେ ମଧ୍ୟ ଚଳଚଞ୍ଚଳ ମୁଖ୍ୟମନ୍ତ୍ରୀ ଲୋକ କଲ୍ୟାଣ ପାଇଁ ଅହରହ ପରିଶ୍ରମ କରୁଛନ୍ତି। ତାଙ୍କୁ ସବୁବେଳେ ଦେଖି ସେ ନିଜେ ପ୍ରେରଣା ପାଇଛନ୍ତି ବୋଲି ପାଣ୍ଡିଆନ କହିଛନ୍ତି। ଓଡ଼ିଶା କିଭଳି ନୂଆ ଓଡ଼ିଶା ଆଡ଼କୁ ଅଗ୍ରସର ହେଉଛି ସେ ସମ୍ପର୍କରେ ଉଦାହରଣ ଦେଇ ସେ ପରୋକ୍ଷରେ ବିକାଶ ବିରୋଧୀଙ୍କୁ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ଏହା ଯଦି ରୂପାନ୍ତରଣ ନୁହେଁ, ଏହା ଯଦି ନୂଆ ଓଡ଼ିଶାର ଯାତ୍ରା ନୁହେଁ, ତାହାହେଲେ ଆଉ କ’ଣ। ପ୍ରତି ପଞ୍ଚାୟତରୁ ବସ୍ ଗଡ଼ିବା ପାଇଁ ହୋଇଥିବା ଲକ୍ଷ୍ମୀ ଯୋଜନାଠୁ ଆରମ୍ଭ କରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ୫-ଟି ଅଧୀନରେ ସ୍କୁଲ ଓ କଲେଜର ରୂପାନ୍ତରଣ ପ୍ରସଙ୍ଗରେ ପାଣ୍ଡିଆନ ଉତ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଗରିବରୁ ଗରିବତମ ଲୋକଙ୍କୁ ଏଭଳି ସଶକ୍ତ କରିଛନ୍ତି ଯେ ସେମାନେ ଆଜି ନିଜ ସନ୍ତାନଙ୍କୁ ଡାକ୍ତର, ଇଞ୍ଜିନିୟର ଭଳି ବଡ଼ ବଡ଼ ବୃତ୍ତିରେ ଦେଖିବା ସ୍ୱପ୍ନକୁ ସାକାର କରିପାରୁଛନ୍ତି ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆମ ଗୁରୁ ଓ ବାପା ଭଳି। ସେ ହେଉଛନ୍ତି ସମଗ୍ର ଓଡ଼ିଶାବାସୀଙ୍କ ପ୍ରେରଣା। ରାଜ୍ୟବାସୀଙ୍କ ପାଇଁ କାମ କରିବାକୁ ମୁଖ୍ୟମନ୍ତ୍ରୀ ନିଜର ଭାଗ୍ୟ ବୋଲି ମନେକରନ୍ତି। ଏହି ଏକମାତ୍ର ଉଦ୍ଦେଶ୍ୟ ରଖି ମୁଖ୍ୟମନ୍ତ୍ରୀ କାର୍ଯ୍ୟ କରିଚାଲିଛନ୍ତି। ସେ ବିଜୁ ପଟ୍ଟନାୟକଙ୍କ



ପୁଅ। ୫ ଥର ମୁଖ୍ୟମନ୍ତ୍ରୀ ହେଲେଣି। ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ ହେଲେ ବି ଫରକ ପଡ଼ିବନି। କିନ୍ତୁ ତାଙ୍କର ଉଦ୍ଦେଶ୍ୟ ହେଉଛି ଭଲ ସରକାର ଓ ନୂଆ ଓଡ଼ିଶା ଗଠନ। ଏସବୁ ପାଇଁ ସେ ଜିଲାବାସୀଙ୍କ ସହଯୋଗ ଲୋଡ଼ିଛନ୍ତି। ଛଉପଡ଼ିଆଠାରେ ଆୟୋଜିତ ସାଧାରଣ ସଭାକୁ ଉଦ୍‌ବୋଧନ ଦେବା ପୂର୍ବରୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ନୂଆ-ଓ କାର୍ଯ୍ୟକ୍ରମରେ ଯୋଗଦେଇ ପାଣ୍ଡିଆନ ପିଲାଙ୍କୁ କିଛି ପ୍ରଶ୍ନ ପଚାରିଥିଲେ। ଏ ପ୍ରଶ୍ନ ପିଲାଙ୍କ ପାଇଁ ଯେତିକି ନ ଥିଲା, ରୂପାନ୍ତରଣକୁ ଦେଖିପାରୁ ନ ଥିବା ବିକାଶ ବିରୋଧୀଙ୍କ ପାଇଁ ଅଧିକ ଥିଲା। କେଉଁ ରାଜ୍ୟ ସମଗ୍ର ଭାରତବର୍ଷର କ୍ରୀଡ଼ା ରାଜଧାନୀ, ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ କେଉଁ ରାଜ୍ୟକୁ ଜାତିସଂଘରୁ ସମ୍ମାନ ମିଳିଛି, କେଉଁ ରାଜ୍ୟ ଏବେ ବଳକା ରାଜ୍ୟ ଭାବେ ଖ୍ୟାତି ଅର୍ଜନ କରିଛି, କେଉଁ ଜିଲା ଦେଶର ଏକ ନମ୍ବର। ଏଭଳି କିଛି ପ୍ରଶ୍ନ ପିଲାମାନଙ୍କୁ ପଚାରିଥିଲେ ୫-ଟି ଅଧ୍ୟକ୍ଷ। ପିଲାମାନେ ଉଚ୍ଚ ସ୍ୱରରେ ଏସବୁର ଉତ୍ତର ଯଥାକ୍ରମେ ଓଡ଼ିଶା ଓ ମୟୂରଭଞ୍ଜ ବୋଲି ଦେଇଥିଲେ। ପାଣ୍ଡିଆନଙ୍କ ମୟୂରଭଞ୍ଜ ଗସ୍ତ ବେଳେ ତାଙ୍କୁ ମିଳିଥିଲା ଉଚ୍ଛ୍ୱସିତ ସମ୍ବର୍ଦ୍ଧନା। ହଜାର ହଜାର ଲୋକ ସ୍ଲୋଗାନ ଦେବା ବେଳେ ତାଙ୍କ ସହ ସ୍ୱର ମିଳାଇ କହିଥିଲେ, ଆମ ଓଡ଼ିଶା-ନବୀନ ଓଡ଼ିଶା, ଆମ ନେତା-ନବୀନ ପଟ୍ଟନାୟକ। ଏହି ସଭାରେ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବିଦ୍ୟାଳୟ ଓ ଗଣଶିକ୍ଷା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ରାଜ୍ୟ ସଭା ସଦସ୍ୟ ମମତା ମହାନ୍ତ, ମୋରଡ଼ା ବିଧାୟକ ରାଜ କିଶୋର ଦାସ, ମୟୂରଭଞ୍ଜ ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ଆଦିବାସୀ ଉନ୍ନୟନ ପରିଷଦ ଅଧ୍ୟକ୍ଷ ଦେବାଶିଷ ମାର୍ଣ୍ଡି, ବାରିପଦା ପୌର ପରିଷଦ ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।





ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୬.୫ ଡିଗ୍ରୀ

ଜି.ଉଦୟଗିରି, ୧୯।୧୨ (ଶିଶିର ପଟ୍ଟନାୟକ)

ଗତ କିଛିଦିନ ହେଲା କନ୍ଧମାଳ ଜିଲାରେ ଶୀତର ପ୍ରକୋପ ବଢ଼ୁଥିବା ବେଳେ ମଙ୍ଗଳବାର ରାଜ୍ୟର ସବୁଠାରୁ ଥଣ୍ଡା ସହର ଭାବେ ଜି.ଉଦୟଗିରି ପରିଚିତ ହୋଇଛି। ମଙ୍ଗଳବାର ୮ଟା ସୁଦ୍ଧା ସର୍ବନିମ୍ନ ତାପମାତ୍ରା ୬.୫ ଡିଗ୍ରୀ ସେଲସିୟସ ରହିଛି ବୋଲି ଜି.ଉଦୟଗିରି କୃଷି ଗବେଷଣା କେନ୍ଦ୍ରରେ ଥିବା ତାପ ମାପକ କେନ୍ଦ୍ର ଅଧିକାରୀଙ୍କଠାରୁ ଜଣାଯାଇଛି। ଜାଡ଼ରେ ଥରୁଛି ଜି.ଉଦୟଗିରି ସହର। କୁହୁଡ଼ି ଓ କୋହଲା ପବନ ଯୋଗୁ ଦିନବେଳେ ମଧ୍ୟ ଥଣ୍ଡା ଅନୁଭୂତ ହେଉଛି। ଦିନ ୧୦ଟା ଯାଏ ଘରୁ ବାହାରିବା କଷ୍ଟ ହେଉଛି। ଘନ କୁହୁଡ଼ି ଯୋଗୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେଉଛି। ଗରିବ ଅସହାୟମାନେ ଅଧିକ ପ୍ରଭାବିତ ହେଉଥିବା ବେଳେ ଶୀତରୁ ରକ୍ଷା ପାଇଁ ଲୋକେ, ନିଆଁ ଜାଳି ବସୁଛନ୍ତି। ସକାଳୁ ଚା’ ଦୋକାନଗୁଡ଼ିକରେ ଅଧିକ ଗହଳି ଲାଗି ରହୁଛି। ଅନ୍ୟପଟେ ଶୀତର ମଜା ନେବା ପାଇଁ କଳିଙ୍ଗା ବନ ଉଦ୍ୟାନ, ସିରିକି ଡ୍ୟାମ, କଫି ବଗିଚା, ହିଲଟପ୍‌ରେ ପର୍ଯ୍ୟଟକମାନଙ୍କ ଭିଡ଼ ଲାଗି ରହୁଛି।

# ସୁବର୍ଣ୍ଣପୁରକୁ ପରୀକ୍ଷାମୂଳକ ଭାବେ ଟ୍ରେନ୍ ଚାଲିଲା

ସୋନପୁର, ୧୯।୧୨ (ମୃତ୍ୟୁଞ୍ଜୟ ଶତପଥୀ)

## ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ଆଉ ପାଦେ ଆଗେଇଲା

ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ଆଉ ପାଦେ ଆଗେଇଛି। ଏହି ରେଳପଥ ଅନ୍ତର୍ଗତ ସୁବର୍ଣ୍ଣପୁର ଜିଲା ଖମ୍ବେଶ୍ୱରୀପାଲିରୁ ସୁବର୍ଣ୍ଣପୁର ଷ୍ଟେଶନ ମଧ୍ୟରେ ୧୩ କିଲୋମିଟର ନୂଆ ରେଳ ଲାଇନ୍‌ର ମଙ୍ଗଳବାର ସିଆର୍‌ଏସ୍ ଯାଞ୍ଚ ହୋଇଛି। ପୂର୍ବତଟ ସର୍କଲର ରେଳପଥ ନିରାପତ୍ତା ଆୟୁକ୍ତ(ସିଆର୍‌ଏସ) ବ୍ରିଜେଶ ମିଶ୍ର ଅପରାହ୍ନରେ ସମ୍ବଲପୁର ରେଳ ମଣ୍ଡଳ ଅନ୍ତର୍ଗତ ଖମ୍ବେଶ୍ୱରୀପାଲି-ସୁବର୍ଣ୍ଣପୁର ରେଳ ଲାଇନ ନିର୍ମାଣ କାମର ଅନୁଧ୍ୟାନ କରିଛନ୍ତି। ରେଳ ନିରାପତ୍ତା ଆୟୁକ୍ତ ମିଶ୍ର ବରିଷ୍ଠ ଅଧିକାରୀଙ୍କ ସହିତ ଖମ୍ବେଶ୍ୱରୀପାଲିରୁ ୬ଟି ଟ୍ରଲିରେ ଅପରାହ୍ନ ୨ଟା ୩୦ ମିନିଟ୍‌ରେ ବାହାରି ଥିଲେ। ମିଶ୍ର ସୁବର୍ଣ୍ଣପୁର ରେଳ ଷ୍ଟେଶନ ପର୍ଯ୍ୟନ୍ତ





ନୂଆ ରେଳ ଲାଇନର ନିରାପତ୍ତା ଯାଞ୍ଚ କରିଥିଲେ। ପରେ ସେ ନୂତନ ରେଳ ଷ୍ଟେଶନ ପରିଦର୍ଶନ କରିଥିଲେ। ଉକ୍ତ ଷ୍ଟେଶନରେ ଯାତ୍ରୀମାନଙ୍କ ପାଇଁ ଉପଲବ୍ଧ ହେବାକୁ ଥିବା ବିଭିନ୍ନ ସୁବିଧା ଓ ଏଠାରେ ନିର୍ମାଣାଧୀନ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ନିରୀକ୍ଷଣ କରିଥିଲେ। ସିଆର୍‌ଏସ୍ ମିଶ୍ର ସନ୍ଧ୍ୟା ୫ଟା ୩୦ମିନିଟ୍‌ରେ ଏକ ସ୍ୱତନ୍ତ୍ର ଟ୍ରେନ୍‌ରେ ବସି ଉକ୍ତ ଦୁଇ ଷ୍ଟେଶନ ମଧ୍ୟରେ ଘଣ୍ଟା ପ୍ରତି ୧୦୧ କିଲୋମିଟର ବେଗରେ ସ୍ପିଡ୍ ଟ୍ରାଏଲ କରିଥିଲେ। ପରୀକ୍ଷାମୂଳକ ଭାବେ ଟ୍ରେନ୍ ଚାଲିବା ଓ ରେଳ ଲାଇନର ନିରାପତ୍ତା ଯାଞ୍ଚ ସମୟରେ ରେଳବାଇ ଭୁବନେଶ୍ୱରର ମୁଖ୍ୟ କାର୍ଯ୍ୟନିର୍ବାହୀ(ନିର୍ମାଣ) ଅଜୟ କୁମାର ସାମଲ, ମୁଖ୍ୟ ପ୍ରଶାସନିକ ଅଧିକାରୀ ଶ୍ରୀନିବାସ, ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ବିନୀତ ସିଂ, ରେଳ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ, ଚିଫ୍ ଇଞ୍ଜିନିୟର ଇଲେକ୍ଟ୍ରିକାଲ, ସିଗ୍‌ନାଲ, ଇଲେକ୍ଟ୍ରିକାଲ ଓ ବ୍ରିଜ୍ କନ୍‌ଷ୍ଟ୍ରକଶନ ଇଞ୍ଜିନିୟରମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଖୋର୍ଦ୍ଧା-ବଲାଙ୍ଗୀର ରେଳପଥରେ ସୁବର୍ଣ୍ଣପୁର ବଲାଙ୍ଗୀର ପଟୁ ପଞ୍ଚମ ଷ୍ଟେଶନ ହେବ। ବଲାଙ୍ଗୀରରୁ ସୁବର୍ଣ୍ଣପୁର ମଧ୍ୟରେ ୫୧ କିଲୋମିଟର ରେଳ ଲାଇନ କାମ ସମ୍ପୂର୍ଣ୍ଣ ହୋଇଛି।

# ସିଟିଏସ୍ ନିଯୁକ୍ତି ପାଇଁ ୬୪୧ କନିଷ୍ଠ ଯନ୍ତ୍ରୀ ପଦ ବୃଦ୍ଧି

ଭୁବନେଶ୍ୱର, ୧୯।୧୨(ଅସମାପିକା ସାହୁ)

ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ପକ୍ଷରୁ କମ୍ବାଇଣ୍ଡ୍ ଟେକ୍ନିକାଲ ସର୍ଭିସ (ସିଟିଏସ୍) ନିଯୁକ୍ତି ପାଇଁ ୬୪୧ କନିଷ୍ଠ ଯନ୍ତ୍ରୀ ପଦ ବୃଦ୍ଧି କରାଯାଇଛି। ଜଳ ସମ୍ପଦ ବିଭାଗରେ ୬୬ଟି ଓ ପୂର୍ତ୍ତ ବିଭାଗର ୫୭୫ଟି ନୂତନ ପଦ ସଂଯୋଗ ହୋଇଛି। ତେବେ ପ୍ରାଥମିକ ବିଜ୍ଞପ୍ତିରେ ପ୍ରକାଶିତ ହୋଇଥିବା ପଦରୁ ୧୫ଟି ଲାବ୍ ଆସିଷ୍ଟାଣ୍ଟ ଓ ୧୩ଟି ଲାବ୍ ଆଟେଣ୍ଡାଣ୍ଟ ପଦକୁ ରଦ୍ଦ କରାଯାଇଥିବା

**ଆଜିଠାରୁ ଆବେଦନ**

ଓଏସ୍‌ଏସ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ଆଶାୟୀ ପ୍ରାର୍ଥୀମାନେ ବୁଧବାରଠାରୁ ଜାନୁୟାରୀ ୧୯ ପର୍ଯ୍ୟନ୍ତ ଏଥିପାଇଁ ଆବେଦନ କରିପାରିବେ। ସୂଚନାନୁଯୋଗ୍ୟ, ଗତ ୧୧ ତାରିଖରେ ଜଳ ସମ୍ପଦ ଓ ପୂର୍ତ୍ତ ବିଭାଗରେ ଖାଲିଥିବା ଯନ୍ତ୍ରୀ ପଦକୁ ଏହି ନିଯୁକ୍ତି ପ୍ରକ୍ରିୟାରେ ସାମିଲ କରିବାକୁ ଡିପ୍ଲୋମା ଇଞ୍ଜିନିୟର ସଂଘ ପକ୍ଷରୁ ଦାବି କରାଯାଇ ଧାରଣା ଦିଆଯାଇଥିଲା।

# ନୂଆ ଭାରିଏଣ୍ଟ ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ

ଭୁବନେଶ୍ୱର, ୧୯।୧୨(ଅସମାପିକା ସାହୁ)

କରୋନାର ନୂଆ ସବ୍‌ଭାରିଏଣ୍ଟ ‘ଜେଏନ୍ ୧’ କର୍ଣ୍ଣାଟକ ଓ କେରଳରେ ଠାବ ହେବା ପରେ କେନ୍ଦ୍ର ସରକାର ସବୁ ରାଜ୍ୟ ପାଇଁ ସତର୍କ କରିଛନ୍ତି। ଇତିମଧ୍ୟରେ ଏହି ସବଭାରିଏଣ୍ଟରେ ୨ ଜଣଙ୍କର ମୃତ୍ୟୁ ଘଟିଛି। ହେଲେ ଓଡ଼ିଶାରେ ଏଯାଏ ଏହି ନୂଆ ଭାରିଆଣ୍ଟ ଚିହ୍ନଟ ହୋଇ ନ ଥିଲେ ମଧ୍ୟ ସରକାର ଏହାକୁ ଅତି ଗୁରୁତର ସହ ଗ୍ରହଣ କରିଛନ୍ତି। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି, ଯେଉଁ ନୂଆ ଭାରିଏଣ୍ଟ କଥା କୁହାଯାଉଛି ତାହା ନାଚୁରାଲ। ଏଠାରେ ନୂଆ ଭାରିଏଣ୍ଟ ଚିହ୍ନଟ ହେଲେ ଜିନୋମ ସିକ୍ୱେନ୍ସ ପାଇଁ ପଠାଯିବ। ଆମେ ମୁକାବିଲା ପାଇଁ ପ୍ରସ୍ତୁତ ଅଛୁ।

# ଜେରା ପାଇଁ ଭୁବନେଶ୍ୱରରେ ଆଇବି ଟିମ୍

ଭୁବନେଶ୍ୱର, ୧୯।୧୨(ସତ୍ୟଜିତ୍ ରାଉତ)

- ସନ୍ଦିଗ୍ଧ ଆତଙ୍କବାଦୀ ବୁଖାରୀଙ୍କ ୫ ଦିନିଆ ରିମାଣ୍ଡ ଆରମ୍ଭ

ସନ୍ଦିଗ୍ଧ ଆତଙ୍କବାଦୀ ତଥା କଶ୍ମୀର ପୋଲିସର ୱାଣ୍ଟେଡ୍ ଥିବା ସୟଦ ଇଶାନ ବୁଖାରୀଙ୍କ ୫ଦିନିଆ ରିମାଣ୍ଡ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଟିମ୍ ପୂର୍ବାହ୍ନରେ ଯାଜପୁର ଜିଲାର ରଗଡ଼ି ସବ୍‌ଜେଲରୁ ବୁଖାରୀଙ୍କୁ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟକୁ ଆଣି ଆତଙ୍କବାଦୀ ଲିଙ୍କ୍ ସହ ତାଙ୍କ ଅପରାଧ ସାମ୍ରାଜ୍ୟର ଗୁମର ଖୋଲିବାକୁ ମାରାଥନ ଜେରା କରୁଛି। ଏଥିସହ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ‘ଇଣ୍ଟେଲିଜେନ୍‌ସ ବ୍ୟୁରୋ (ଆଇବି)’ ଟିମ୍ ମଧ୍ୟ ଭୁବନେଶ୍ୱରରେ ପହଞ୍ଚିଛି। ଏସ୍‌ଟିଏଫ୍ ଓ ଆଇବି ଅଧିକାରୀଙ୍କ ଏକ ମିଳିତ ଟିମ୍ ବୁଖାରୀଙ୍କୁ ପର୍ଯ୍ୟାୟକ୍ରମେ ଗୁଡ଼ାଇ ତୁଡ଼ାଇ ପ୍ରଶ୍ନ ପଚାରି ଜେରା କରୁଥିବା ଜଣାପଡ଼ିଛି। ବୁଖାରୀ କେତେଜଣ ପାକିସ୍ତାନୀଙ୍କ ସହ ନିୟମିତ ଯୋଗାଯୋଗରେ ଥିବାବେଳେ ତାଙ୍କ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକରେ ବହୁ ସନ୍ଦେହଜନକ ଆର୍ଥିକ କାରବାର ହୋଇଛି। ତେବେ ସେ ତାଙ୍କ ଚାଟ୍ ହିଷ୍ଟ୍ରିକୁ ଡିଲିଟ୍ କରିଦେଇଥିବାରୁ ତାଙ୍କ ଉପରେ ତଦନ୍ତ ସଂସ୍ଥାର ଅଧିକ ସନ୍ଦେହ ହେଉଛି। ଏପରିକି ଉକ୍ତ ଚାଟ୍‌ରେ ଥିବା ବ୍ୟକ୍ତିମାନେ ଆଇଏସ୍‌ଆଇ ଏଜେଣ୍ଟ ହୋଇଥାଇପାରନ୍ତି ବୋଲି ଏସ୍‌ଟିଏଫ୍ ଆଶଙ୍କା କରୁଛି। ରିମାଣ୍ଡବେଳେ ଏସବୁ ଦିଗକୁ ନେଇ ଆଇବି ଓ ଏସ୍‌ଟିଏଫ୍ ଅଧିକାରୀମାନେ ଅଧିକ ପଚରାଉଚରା କରି ତଥ୍ୟ ଯୋଗାଡ଼ କରିବାକୁ ଲାଗି ପଡିଛନ୍ତି। ଅନ୍ୟପକ୍ଷରେ ବୁଖାରୀଙ୍କ ବ୍ୟାଙ୍କ ଆକାଉଣ୍ଟର ଆର୍ଥିକ କାରବାର ସଂକ୍ରାନ୍ତ ତଥ୍ୟ ଦେବାକୁ ଅର୍ଥ ମନ୍ତ୍ରଣାଳୟର ଫାଇନାନ୍ସିଆଲ ଇଣ୍ଟେଲିଜେନ୍ସ ୟୁନିଟ୍(ଏଫ୍‌ଆଇୟୁ)କୁ ଚିଠି ଲେଖାଯାଇଥିବାବେଳେ କଲ୍ ଡିଟେଲ୍ସ ରିପୋର୍ଟ (ସିଡିଆର୍)କୁ ମଧ୍ୟ ଏସ୍‌ଟିଏଫ୍ ଅପେକ୍ଷା କରିଛି। ଏସବୁ ଆସିବା ପରେ ଜେରାବେଳେ ବୁଖାରୀଙ୍କ ଅପରାଧ ଗୁମର ଅଧିକ ଫିଟିବ। ତେବେ ଏହି ୫ଦିନ ଭିତରେ କିମ୍ବା ପରେ ନ୍ୟାଶନାଲ୍ ଇନ୍‌ଭେଷ୍ଟିଗେଶନ ଏଜେନ୍‌ସି (ଏନ୍‌ଆଇଏ) ଓ କଶ୍ମୀର ପୋଲିସ ମଧ୍ୟ ଆସି ବୁଖାରୀଙ୍କୁ ଜେରା କରିବ ବୋଲି ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଛି।

### ଚର୍ଚ୍ଚାରେ ବୁଖାରୀ-ପୋଲିସ ସମ୍ପର୍କ, ସାମ୍ବାଦିକଙ୍କ ମୃତ୍ୟୁ

ସନ୍ଦିଗ୍ଧ ଆତଙ୍କବାଦୀ ସୟଦ ଇଶାନ ବୁଖାରୀଙ୍କୁ ଧର୍ମଶାଳା ଅଞ୍ଚଳରୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଗିରଫ କରିବା ପରେ ସ୍ଥାନୀୟ ପୋଲିସ ଚର୍ଚ୍ଚାକୁ ଆସିଛି। ବୁଖାରୀ-ପୋଲିସ ସମ୍ପର୍କରୁ ଧର୍ମଶାଳା ଅଞ୍ଚଳର ଜଣେ ସାମ୍ବାଦିକ ସେଖ୍ ଦିଲ୍‌ଦାରଙ୍କ ଜୀବନ ଯାଇଥିବା ଅଭିଯୋଗ ଉଠିଛି। ୨୦୧୮ରୁ ବୁଖାରୀଙ୍କ ଜୀବନଶୈଳୀ ଉପରେ ସେଖ୍ ଦିଲ୍‌ଦାରଙ୍କ ସନ୍ଦେହ ହୋଇଥିଲା। ତେଣୁ ସେ ବୁଖାରୀଙ୍କ ବିରୋଧରେ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ହେଲେ ବୁଖାରୀଙ୍କ ସ୍ତ୍ରୀଙ୍କ ପାଲଟା ଏତଲା ପରେ ସାମ୍ବାଦିକ ଦିଲ୍‌ଦାରଙ୍କୁ ପୋଲିସ ଆକ୍ରୋଶର ଶିକାର ହେବାକୁ ପଡ଼ିଥିଲା। ଏପରିକି ଦୁଃଖଦ ଘଟଣାକ୍ରମରେ ଦିଲ୍‌ଦାରଙ୍କ ଗତ ୩ ମାସ ତଳେ ହୃଦ୍‌ଘାତରେ ମୃତ୍ୟୁ ହୋଇଥିଲା। ପୋଲିସ ସେହି ସମୟରେ ଠିକ୍ ତଦନ୍ତ କରି ପଦକ୍ଷେପ ଗ୍ରହଣ କରିଥିଲେ ଏବେ ଏଭଳି ପରିସ୍ଥିତି ଉପୁଜି ନ ଥାନ୍ତା ବୋଲି ସ୍ୱର୍ଗତ ଦିଲ୍‌ଦାର୍‌ଙ୍କ ସ୍ତ୍ରୀ ସଗୁପ୍ତା ୟାସମିନ୍ ମଙ୍ଗଳବାର ଗଣମାଧ୍ୟମକୁ କହିଛନ୍ତି। କ୍ରାଇମବ୍ରାଞ୍ଚ ଓ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଏହି ପ୍ରସଙ୍ଗକୁ ତଦନ୍ତ ପରିସରଭୁକ୍ତ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଗତକାଲିର ଟେନ୍‌ସନ ଆଜି କମିଯିବ ଏବଂ ଅଫିସ୍‌ରେ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ରାହୁ ଯୁକ୍ତ ଚନ୍ଦ୍ରଙ୍କ କୁପ୍ରଭାବରୁ କ୍ରୟ ବିକ୍ରୟ କ୍ଷେତ୍ରରେ ପରିବାରରୁ ପୂର୍ଣ୍ଣ ସମର୍ଥନ ପାଇବେ ନାହିଁ। ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବାରୁ ମନୋବଳ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ଚିଡ଼ା ସ୍ୱଭାବ ଏବଂ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ।

**ବୃଷ** ପାପଗ୍ରହ ମଧ୍ୟସ୍ଥ ରାଶ୍ୟାଧିପତି ହେତୁ ଆଜି ଯେତେ ଭଲ କାମ କଲେ ମଧ୍ୟ ଅଭିଯୋଗ ପାଇବେ। ବନ୍ଧୁଙ୍କ ସମ୍ମୁଖରେ ମନର ଦୁଃଖକୁ ଲୁଚାଇ ରଖି ହସି ହସି କଥା କହିବା ପାଇଁ ବାଧ୍ୟ ହେବେ। ଗତକାଲିଠାରୁ ଭାବୁଥିବା କାମଟି ଆଜି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ପରିବହନ, ବ୍ୟବସାୟ, ବାଣିଜ୍ୟ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ।

**ମିଥୁନ** ଆଜି ରବି ଓ ବୁଧଙ୍କ ସଂଯୋଗରୁ ଦୃଢ଼ ପଦକ୍ଷେପ ନେଇ ଲକ୍ଷ୍ୟ ହାସଲ କରିବେ। ଆର୍ଥିକ ଅଭିବୃଦ୍ଧି ଘଟିଲେ ମଧ୍ୟ ଆପଣ ବାଧ୍ୟ ହୋଇ ଯେସାକୁ ତେସା ନୀତିରେ କାମ କରିବେ। ପ୍ରତିଟି କ୍ଷେତ୍ରରେ ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟ ଦେଇ ଚଳିବାକୁ ପଡ଼ିବ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**କର୍କଟ** ଆଜି ପାପଗ୍ରହ ଯୁକ୍ତ ଚନ୍ଦ୍ର ଯୋଗୁ ଅଧିକାଂଶ ସମୟ ମାନସିକ ଅସ୍ଥିରତା ମଧ୍ୟରେ କଟାଇବେ। କର୍ମକ୍ଷେତ୍ରରେ କଠୋର ପରିଶ୍ରମଜନିତ ସ୍ୱାସ୍ଥ୍ୟ ହାନି ଘଟିପାରେ। ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ଘଟିବ ଓ ଶୁକ୍ରଙ୍କ ସୁପ୍ରଭାବରୁ ପାରିବାରିକ ସ୍ଥିତି ବହୁତ ଭଲ ରହିବ। ମାତ୍ର ଆଲୋଚନା ସମୟରେ ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି।

**ସିଂହ** ଆଜିର ବୁଧାଦିତ୍ୟ ଯୋଗ ଆପଣଙ୍କ ସ୍ଥିର ନିଷ୍ପତ୍ତି ନେବାରେ ସହାୟକ ହୋଇପାରିବ। ଆର୍ଥିକ ସ୍ୱଚ୍ଛଳତା ରହିବା କାରଣରୁ ମାନସିକ ସ୍ଥିରତା ଆସିବ। ପ୍ରତ୍ୟେକ କ୍ଷେତ୍ରରେ ଜଗି ରଖି ଚଳିବା ଭଲ ହେବ ଅନ୍ୟଥା ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ବନ୍ଧୁଙ୍କ ପ୍ରରୋଚନାରେ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ।

**କନ୍ୟା** ସମସ୍ୟା ନିୟନ୍ତ୍ରଣାଧୀନ ରହିଥିଲେ ମଧ୍ୟ ମନରେ ସରସତା ରହିବ ନାହିଁ। ପାରିବାରିକ ଜୀବନରେ ଉଚିତ ବୁଝାମଣା ହେବା ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବ। ଆଜି ପରିଶ୍ରମ ତୁଳନାରେ ପାରିଶ୍ରମିକ କମ୍ ମିଳିପାରେ। ସ୍ୱଗୃହୀ ଶନି ପ୍ରଭାବରେ ଆଇନ ଅଦାଲତରୁ ସୁଫଳ ପାଇବେ ଏବଂ ଦୀର୍ଘ ଦିନର ସମସ୍ୟା ସମାଧାନ ହୋଇଯିବ।

**ତୁଳା** ପାରିବାରିକ ପରିସ୍ଥିତି ପୂର୍ବପରି ରହିବ। ପିଲାଙ୍କ ସହ ଖୁସିଗପର ମଉକା ଜୁଟିବ। ସଭାସମିତିରେ ଯୋଗ ଦେଲେ କିମ୍ବା ସହମତିରେ କାମ କଲେ ଲକ୍ଷ୍ୟ ହାସଲ କରିପାରିବେ। ଆଜି ଇଚ୍ଛା ନ ଥିଲେ ମଧ୍ୟ ହାତରୁ ଖାଇ ପର ପାଇଁ ଖଟିବାକୁ ପଡ଼ିପାରେ। ଶୁକ୍ର ପ୍ରଭାବରୁ ପରିବହନ, ବ୍ୟବସାୟ ତଥା ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ।

**ବିଛା** କଥାକହିବାରେ ସଂଯମତା ଅବଲମ୍ବନ ନ କରିପାରିଲେ ହାତମୁଠାରୁ ଥିବା ସୁଯୋଗ ଖସିଯାଇପାରେ। ଦ୍ୱାଦଶସ୍ଥ ଶୁକ୍ରଜନିତ ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଅଭାବ ନ ଥିଲେ ମଧ୍ୟ ଆବଶ୍ୟକତା ପୂରଣ ପାଇଁ କରଜ କରିପାରନ୍ତି।

**ଧନୁ** ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ଅନୁକୂଳ ବାତାବରଣ ମଧ୍ୟରେ ସ୍ଥଗିତ କାର୍ଯ୍ୟକୁ ତ୍ୱରାନ୍ୱିତ କରିପାରିବେ। ଅର୍ଥ ସଂଗ୍ରହରେ ତତ୍ପରତା ବେକାର ଯିବ ନାହିଁ। ପାରିବାରିକ ଜଞ୍ଜାଳଜନିତ ସାମୟିକ ମାନସିକ ଅସ୍ଥିରତା ସୃଷ୍ଟି ହେବାର ଆଶଙ୍କା ରହିଛି। ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ମକର** ତୃତୀୟସ୍ଥ ରାହୁଯୁକ୍ତ ଚନ୍ଦ୍ର ହେତୁ କୌଣସି ଭୁଲ୍ ଖବରକୁ ସତ୍ୟ ମନେକରି ଉତ୍କ୍ଷିପ୍ତ ହୋଇପାରନ୍ତି। ବାଣିଜ୍ୟ, ପରିବହନରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ପରିବାରରେ ପୁତ୍ରକନ୍ୟା ହେତୁକ ସମସ୍ୟା ଲାଗି ରହିବ। ଛୋଟ ଛୋଟ କଥାକୁ କେନ୍ଦ୍ରକରି ପଡ଼ୋଶୀ ପ୍ରତିବାଦର ସ୍ୱର ଉଠାଇପାରନ୍ତି।

**କୁମ୍ଭ** ଭାଗ୍ୟସ୍ଥାନରେ ଶୁକ୍ର ରହିଥିବା ହେତୁ ଆଜି ଯେଉଁ କାମରେ ହାତ ଦେବେ, ସେଥିରେ ସଫଳତା ଅବଶ୍ୟମ୍ଭାବୀ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ମାତ୍ର ଅତିରିକ୍ତ ଭ୍ରମଣ ହେତୁକ ସନ୍ଧ୍ୟାରେ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ପାରିବାରିକ କ୍ଷେତ୍ରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ।

**ମୀନ** ଆଜିର କର୍ମକ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେଇ ପ୍ରଶଂସିତ ହେବେ। ଅଫିସ୍ କାମରେ ସାମାନ୍ୟ ଅନୁପସ୍ଥିତି କିମ୍ବା ବିଳମ୍ବ ପାଇଁ କୈଫିୟତ୍ ଦେବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ କିମ୍ବା ପ୍ରତିଯୋଗିତା କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ପାପଗ୍ରହ ମଧ୍ୟସ୍ଥ ଗୁରୁଙ୍କ ଯୋଗୁ ଆନୁଷ୍ଠାନିକ କାମରେ ବାଧାବିଘ୍ନ ଘଟିପାରେ।

ଆଜି ମାର୍ଗଶିର ଶୁକ୍ଳ ଅଷ୍ଟମୀ ଯୁକ୍ତ ନବମୀ ବୁଧବାର, ଡିସେମ୍ବର ୨୦ ତାରିଖ, ଅନ୍ତର୍ରାଷ୍ଟ୍ରୀୟ ମାନବ ଏକତା ଦିବସ, ରାଶି ନକ୍ଷତ୍ର-ଉତ୍ତରଭାଦ୍ରବ/ମୀନ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୧୯ମି. ଗତେ ଘ.୦୮.୨୯ମି. ମଧ୍ୟେ, ଘ.୧୦.୨୯ମି. ଗତେ ଘ.୧୧.୪୩ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଘ.୧୧.୪୩ମି. ଗତେ ଘ.୦୧.୦୫ମି. ମଧ୍ୟେ ରାହୁ କାଳ।



ସଂସଦ ଭବନ ପରିସର ଗାନ୍ଧୀମୂର୍ତ୍ତି ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭରତ ନିଲମ୍ବିତ ଏମ୍ପିମାନଙ୍କ ସହ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓ ନେତା ରାହୁଲ ଗାନ୍ଧୀ।

# ହଇଜା ଭୂତାଣୁରୁ ଝାଡ଼ାବାନ୍ତି

## ରାଉରକେଲାରେ ମୃତ୍ୟୁ ସଂଖ୍ୟା ୧୦, ସଂକ୍ରମିତ ୫୮୦ରୁ ଊର୍ଦ୍ଧ୍ୱ

ରାଉରକେଲା,୧୯।୧୨(ସଙ୍ଗୀତା ଜେନା)

ରାଉରକେଲା ସହର ସମେତ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଗତ ୧୧ ତାରିଖରୁ ଝାଡ଼ାବାନ୍ତିର ପ୍ରକୋପ ଦେଖିବାକୁ ମିଳିଛି। ସୋମବାର ବିଳମ୍ବିତ ରାତିରେ ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଛି। ମୃତା ହେଲେ ତିଲାକାନଗର ଅଞ୍ଚଳର ଅଞ୍ଜଳି ଶୁଣ୍ଡି(୮)। ଫଳରେ ବର୍ତ୍ତମାନ ସୁଦ୍ଧା ଝାଡ଼ାବାନ୍ତି ମୃତ୍ୟୁସଂଖ୍ୟା ୧୦ରେ ପହଞ୍ଚିଛି। ସହରରେ ଆର୍‌ଜିଏଚ୍ ସମେତ ବିଭିନ୍ନ ହସ୍ପିଟାଲରେ ୧୯ ତାରିଖ ସକାଳ ୮ଟା ସୁଦ୍ଧା ୫୮୦ଜଣ ସଂକ୍ରମିତ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରେ ପୌରାଞ୍ଚଳର ୪୨୯ ଜଣ ଥିବାବେଳେ ଅବଶିଷ୍ଟ ଝାଡ଼ଖଣ୍ଡ ସମେତ ପାରିପାର୍ଶ୍ୱିକ ଅଞ୍ଚଳର। ଝାଡ଼ାବାନ୍ତି ଆକ୍ରାନ୍ତଙ୍କଠାରେ ହଇଜା ଭୂତାଣୁ ରହିଥିବା ମଳ ନମୁନା ଯାଞ୍ଚ ରିପୋର୍ଟ ଆସିବା ପରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ମଙ୍ଗଳବାର ସ୍ପଷ୍ଟ କରାଯାଇଛି।

ସଂକ୍ରମିତମାନଙ୍କ ମଳ ନମୁନା ଯାଞ୍ଚରେ ଏହା ଭିଭିଓ କଲେରା, ଇକୋଲାଇ ଓ ବ୍ୟାକ୍ଟେରିଆ ସଂକ୍ରମିତ ବୋଲି ଜଣାପଡ଼ିଛି। ତେଣୁ ଏହାର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ୱାଟ୍‌କୋ କର୍ତ୍ତୃପକ୍ଷ ପ୍ରମୁଖ ୧୪ଟି ସ୍ଥାନରେ ପାଇପ ଓ ଲିକେଜ୍ ମରାମତି କରିଛନ୍ତି। ଡାକ୍ତରୀ ଟିମ୍ ଦ୍ୱାରା ଅନୁସନ୍ଧାନ କରାଯାଇଥିବା ବାଲୁଘାଟ, ରେଲୱେ କଲୋନି, ମଧୁସୂଦନପାଲ୍ଲୀ ସମେତ ୧୨ରୁ ଊର୍ଦ୍ଧ୍ୱ ସଂକ୍ରମଣବହୁଳ ଅଞ୍ଚଳରେ ଅଧିକ ରୋଗୀ ଥିବାରୁ ସେମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି। ତେବେ ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଉଛି। ୨୨୪ ଜଣ ରୋଗୀ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ବଜାର ଅଞ୍ଚଳରେ ଖାଦ୍ୟ ନମୁନା ସଂଗ୍ରହ ସାଙ୍ଗକୁ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ଲୋକଙ୍କ ଅଭିଯୋଗ ଆସିଲେ ଡାକ୍ତରୀ ଟିମ୍ ତୁରନ୍ତ ସେବା ଯୋଗାଇ ଦେଉଛି। ଝାଡ଼ାବାନ୍ତି ସଂକ୍ରମିତଙ୍କ ପାଇଁ ଆର୍‌ଜିଏଚ୍‌ରେ ଅଧିକ ଶଯ୍ୟା ସାଙ୍ଗକୁ ଔଷଧ ଓ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି ବୋଲି ରାଉରକେଲା ଏଡିଏମ୍ ଡ. ଶୁଭଙ୍କର ମହାପାତ୍ର କହିଛନ୍ତି। ସେହିପରି ପାଣି ଯୋଗୁ ବହୁଳ ସଂକ୍ରମଣ ହୋଇଛି ☞ପୃଷ୍ଠା-୭

# ବିରୋଧୀ ନାହାନ୍ତି, ଆଲୋଚନା ଚାଲିଛି

## ବିଜେଡିର ସମର୍ଥନ

ନୂଆଦିଲ୍ଲୀ,୧୯।୧୨

ପାର୍ଲାମେଣ୍ଟରେ ସୁରକ୍ଷା ବିଭ୍ରାଟ ଉପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ବିବୃତି ଓ ଇସ୍ତଫା ଦାବି କରୁଥିବା ଆଉ ୪୯ ଏମ୍ପିଙ୍କୁ ମଙ୍ଗଳବାର ଚଳିତ ଅଧିବେଶନ ଶେଷ ପର୍ଯ୍ୟନ୍ତ ନିଲମ୍ବନ କରାଯାଇଛି। ଗତ ସପ୍ତାହରେ ଲୋକ ସଭାରୁ ୧୩ ଓ ରାଜ୍ୟ ସଭାରୁ ଜଣେ ବିରୋଧୀ ସଦସ୍ୟଙ୍କୁ ନିଲମ୍ବନ କରାଯାଇଥିଲା। ସେହିପରି ସୋମବାର ନିମ୍ନ ସଦନରୁ ୩୩ ଓ ଉଚ୍ଚ ସଦନରୁ ୪୫ ଜଣ ସସ୍‌ପେଣ୍ଡ ହୋଇଥିଲେ। ମଙ୍ଗଳବାର ନିଲମ୍ବିତ ସଦସ୍ୟଙ୍କୁ ମିଶାଇ ମୋଟ ୧୪୧ ଜଣ ସସ୍‌ପେଣ୍ଡ ତାଲିକାରେ ରହିଲେଣି। ପାର୍ଲାମେଣ୍ଟର ଶୀତ ଅଧିବେଶନ ଶେଷ ହେବାକୁ ଆଉ ମାତ୍ର ୩ ଦିନ ବାକି ଥିବାବେଳେ ପ୍ରାୟ ଦୁଇ-ତୃତୀୟାଂଶ ବିରୋଧୀ ସଦସ୍ୟଙ୍କୁ ଗୃହରୁ ବାହାର କରିବା ପଛର କାରଣ କ'ଣ ବୋଲି ଆଲୋଚନା ହେଉଛି। ଏହା ଭିତରେ ସରକାର କୌଣସି ଗୁରୁତ୍ୱପୂର୍ଣ୍ଣ ତଥା ବିବାଦୀୟ ବିଧେୟକକୁ ଗୃହୀତ କରାଇ ନେଇପାରନ୍ତି ବୋଲି ଅନେକେ ସନ୍ଦେହ କରୁଛନ୍ତି। କାରଣ ପୂର୍ବରୁ ମଧ୍ୟ ଏଜେଣ୍ଡାରେ ନ ଥିବା ମହିଳା ସଂରକ୍ଷଣ ବିଲ୍ ଭଳି ବିଧେୟକଗୁଡ଼ିକୁ କେନ୍ଦ୍ର ପାରିତ କରାଇଛି। ୨୦୨୪ ସାଧାରଣ ☞ପୃଷ୍ଠା-୮

### ଦୁଇତୃତୀୟାଂଶ ବିରୋଧୀ ଏମ୍ପି ନିଲମ୍ବିତ ହେଲେଣି

| | | | |
|---|---|---|---|
| ମଙ୍ଗଳବାର ନିଲମ୍ବିତ ୪୯ ଏମ୍ପି | ୧୧. ଫ୍ରାନ୍ସିସ୍କୋ ସାର୍ଡିହ୍ନା | ୨୪. ହସ୍‌ନୈନ ମସୁଦୀ | ୩୭. ସଜଦା ଅହମଦ |
| | ୧୨. ଏସ୍. ଜଗତରକ୍ଷକନ୍ | ୨୫. ଡାନିଶ୍ ଅଲୀ | ୩୮. ଯଶବୀର ସିଂ ଗିଲ୍ |
| | ୧୩. ଏସ୍.ଆର୍. ପାର୍ଥିବନ୍ | ୨୬. ଖଲିଲୁର ରହମାନ | ୩୯. ମହାବଲୀ ସିଂ |
| ୧. ଭି. ବୈଥିଲିଙ୍ଗମ୍ | ୧୪. ଫାରୁକ୍ ଅବ୍‌ଦୁଲ୍ଲା | ୨୭. ରାଜୀବ ରଞ୍ଜନ ସିଂ | ୪୦. ଅମୋଲ କୋହ୍ଲେ |
| ୨. ଗୁର୍‌ଜିତ ସିଂ ଅଉଜଲା | ୧୫. ଜ୍ୟୋତ୍ସ୍ନା ମହନ୍ତ | ୨୮. ଡିଏନ୍‌ଭି ସେନ୍ଥିଲ କୁମାର | ୪୧. ସୁଶୀଲ କୁମାର ରିଙ୍କୁ |
| ୩. ସୁପ୍ରିୟା ସୁଲେ | ୧୬. ଏ. ଗଣେଶମୂର୍ତ୍ତି | ୨୯. ସନ୍ତୋଷ କୁମାର | ୪୨. ସୁଶୀଲ କୁମାର ସିଂ |
| ୪. ସପ୍ତଗିରି ଉଲ୍ଲାକା | ୧୭. ମାଲା ରାୟ | ୩୦. ଦୁଲାଲ ଚନ୍ଦ୍ର ଗୋସ୍ୱାମୀ | ୪୩. ଏସ୍.ଟି. ହାସନ |
| ୫. ଅଦୂର ପ୍ରକାଶ | ୧୮. ପି. ଭେଲୁସାମୀ | ୩୧. ରନ୍‌ୱିତ୍ ସିଂ ବିଟ୍ଟୁ | ୪୪. ଏମ୍. ଧନୁଷ କୁମାର |
| ୬. ଅବ୍‌ଦୁଲ ସମଦ | ୧୯. ଏ. ଚେଲ୍ଲାକୁମାର | ୩୨. ଦୀନେଶ ଯାଦବ | ୪୫. ପ୍ରତିଭା ସିଂ |
| ୭. ମନୀଷ ତିୱାରୀ | ୨୦. ଶଶୀ ଥରୁର | ୩୩. କେ. ସୁଧାକରନ | ୪୬. ଥୋଲ ଥିରୁମାୱଲାୱନ |
| ୮. ପ୍ରଦ୍ୟୁତ୍ ବର୍ଦ୍ଦୋଲୋଇ | ୨୧. କାର୍ତ୍ତି ଚିଦାମ୍ବରମ୍ | ୩୪. ମହମ୍ମଦ ସାଦିକ | ୪୭. ଚଣ୍ଡେଶ୍ୱର ପ୍ରସାଦ |
| ୯. ଗିରିଧାରୀ ଯାଦବ | ୨୨. ସୁଦୀପ ବନ୍ଦ୍ୟୋପାଧ୍ୟାୟ | ୩୫. ଏମ୍.କେ. ବିଷ୍ଣୁପ୍ରସାଦ | ୪୮. ଆଲୋକ କୁମାର ସୁମନ |
| ୧୦. ଗୀତା କୋଣ୍ଡା | ୨୩. ଡିମ୍ପଲ ଯାଦବ | ୩୬. ପି.ପି. ମହମ୍ମଦ ବୈଜାଲ | ୪୯. ଦିଲେଶ୍ୱର କାମାତ୍ |

# ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବାକୁ ଖାର୍ଗେଙ୍କ ନା

## 'ଇଣ୍ଡିଆ' ବୈଠକରେ ପ୍ରସ୍ତାବ ଦେଲେ ମମତା, କେଜ୍‌ରିୱାଲ

ନୂଆଦିଲ୍ଲୀ,୧୯।୧୨

ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ବ୍ଲକ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ମଙ୍ଗଳବାର ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଛି। ଏଥିରେ ଯୋଗଦେଇଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ସୁପ୍ରିମୋ ମମତା ବାନାର୍ଜୀ ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆବାହକ ଅରବିନ୍ଦ କେଜ୍‌ରିୱାଲ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ନାମ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ରୂପେ ଉପସ୍ଥାପନ କରିଥିଲେ। କିନ୍ତୁ ଖାର୍ଗେ ଉଭୟଙ୍କ ପ୍ରସ୍ତାବକୁ ତତ୍କାଳ ପ୍ରତ୍ୟାଖ୍ୟାନ କରିବା ସହ ନିର୍ବାଚନ ପରେ ଏହା ଉପରେ ବିଚାର କରିବା ବୋଲି କହିଥିଲେ। ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ହରାଇବା ପାଇଁ ବିରୋଧୀ ସଜବାଜ ହେଉଛନ୍ତି। ଏହି କ୍ରମରେ ମଙ୍ଗଳବାର ଅନୁଷ୍ଠିତ ଇଣ୍ଡିଆ ବ୍ଲକ୍ ବୈଠକରେ ବିରୋଧୀ ଦଳଗୁଡ଼ିକର ୨୮ ନେତା ଯୋଗଦେଇଥିଲେ। ମମତା ଓ କେଜ୍‌ରିୱାଲ ଦେଶକୁ ପ୍ରଥମ ଦଳିତ ପ୍ରଧାନମନ୍ତ୍ରୀ ରୂପେ ଖାର୍ଗେଙ୍କ ନାମ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ୧୨ଟି ଦଳ ସମର୍ଥନ କରିଥିଲେ। ଏପରି କି କେଜ୍‌ରିୱାଲ ମଧ୍ୟ ଖାର୍ଗେଙ୍କ ନାମକୁ ନେଇ ସହମତି ପ୍ରକାଶ କରିଥିଲେ। ଖାର୍ଗେ କହିଥିଲେ, ସେ ବଞ୍ଚିତ ଓ ନିଷ୍ପେଷିତ ବର୍ଗଙ୍କ ପାଇଁ କାର୍ଯ୍ୟ କରିଆସିଛନ୍ତି। ତେବେ ଆଗେ ନିର୍ବାଚନର ସଂଖ୍ୟାଗରିଷ୍ଠତା ହାସଲ କରି ଜିତିବା, ତା' ପରେ ଦେଖିବା। ପାଟନା, ବେଙ୍ଗାଲୁରୁ ଓ ମୁମ୍ବାଇ ପରେ ଏହା ଥିଲା 'ଇଣ୍ଡିଆ' ବ୍ଲକ୍ ନେତାଙ୍କ ଚତୁର୍ଥ ବୈଠକ। ଅଶୋକା ହୋଟେଲରେ ଅନୁଷ୍ଠିତ ଉକ୍ତ ବୈଠକରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ, ବିହାର ମୁଖ୍ୟମନ୍ତ୍ରୀ ☞ପୃଷ୍ଠା-୮

# ୧୪୨ ନୂଆ କୋଭିଡ୍ ମାମଲା: ଜଣେ ମୃତ

ନୂଆଦିଲ୍ଲୀ,୧୯।୧୨

ଭାରତରେ ମଙ୍ଗଳବାର ୧୪୨ ନୂଆ କୋଭିଡ୍ ମାମଲା ଚିହ୍ନଟ ହେବା ଫଳରେ ସକ୍ରିୟ ମାମଲା ସଂଖ୍ୟା ୧,୯୭୦କୁ ବୃଦ୍ଧି ପାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। କର୍ଣ୍ଣାଟକରେ ମଙ୍ଗଳବାର ଜଣେ କୋଭିଡ୍ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିବାରୁ ଅଦ୍ୟାବଧି କୋଭିଡ୍ ଜନିତ ମୋଟ ମୃତ୍ୟୁସଂଖ୍ୟା ୫,୩୩,୩୧୮ରେ ପହଞ୍ଚିଛି। ☞ପୃଷ୍ଠା-୭

**ଆଜିର ସମ୍ପାଦକୀୟ**

**ସ୍ୱଚ୍ଛ ଏବେ ଅସ୍ୱଚ୍ଛ**

# ଫେବୃୟାରୀରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

ଭୁବନେଶ୍ୱର,୧୯।୧୨(ଅନିଲ ଦାସ)

ଆସନ୍ତା ୨୦୨୪ ଫେବୃୟାରୀରେ ଭୁବନେଶ୍ୱରଠାରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ ହେବ। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ଐତିହ୍ୟ କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ଏହି ସମ୍ମିଳନୀରେ ବିଶ୍ୱର ବିଭିନ୍ନ ଭାଗରେ ଥିବା ଭାଷାବିତ୍ ଓ ଗବେଷକମାନଙ୍କୁ ଆମନ୍ତ୍ରଣ କରାଯିବ। ଏହା ୩ ଦିନ ଧରି ଚାଲିବ। ଓଡ଼ିଆ ସମେତ ଓଡ଼ିଶାରେ ବ୍ୟବହୃତ ହେଉଥିବା ସମସ୍ତ ଭାଷାର ପ୍ରଚାର-ପ୍ରସାର ଓ ସଂରକ୍ଷଣ ଦିଗରେ ପଦକ୍ଷେପ ନିଆଯିବା ଉପରେ ବିସ୍ତୃତ ଆଲୋଚନା ହେବ। ସମ୍ମିଳନୀକୁ ଆସିଥିବା ଗବେଷକ ଓ ବିଶେଷଜ୍ଞମାନଙ୍କ ମତାମତ ସଂଗ୍ରହ କରାଯିବ। ଭାଷା ବୈଜ୍ଞାନିକମାନଙ୍କୁ ମଧ୍ୟ ନିଜର ଗବେଷଣାଲବ୍ଧ ତଥ୍ୟ ଉପସ୍ଥାପନ କରିବାର ସୁଯୋଗ ମିଳିବ। ଯୁବପିଢ଼ିଙ୍କ ମଧ୍ୟରେ ଓଡ଼ିଆ ଭାଷାର ଆଦୃତ ନିମନ୍ତେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ। ଏହି ସମ୍ମିଳନୀରେ ଶିକ୍ଷାନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟଗୁଡ଼ିକ ନିଜ ନିଜର କାର୍ଯ୍ୟକ୍ରମ ଆୟୋଜନ କରିବେ। ଏତଦ୍‌ବ୍ୟତୀତ ମାତୃଭାଷାକୁ ସମ୍ମାନ ଦେବା ଓ ଏହାର ଉନ୍ନତି ସାଧନ କରିବା ତଥା ଆଗାମୀ ପିଢ଼ିଙ୍କ ପାଇଁ ଓଡ଼ିଆ ଭାଷାର ଅସ୍ମିତାକୁ ବଜାୟ ରଖିବା କାର୍ଯ୍ୟ ସମ୍ପାଦନରେ ଉକ୍ତ ସମ୍ମିଳନୀର ପ୍ରଭାବ ସୁଦୂରପ୍ରସାରୀ ହୋଇପାରିବ। ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଆୟୋଜନ କରାଯିବ।

ଓଡ଼ିଆ ଭାଷାର ପ୍ରଚାର-ପ୍ରସାର ଓ ସଂରକ୍ଷଣ ଏବଂ ଯୁବବର୍ଗଙ୍କ ମଧ୍ୟରେ ଓଡ଼ିଆ ଭାଷା ପ୍ରତି ଆକର୍ଷଣ ବୃଦ୍ଧି କରିବା ଦିଗରେ ପଦକ୍ଷେପ ନିଆଯିବ। ଏହି ସମ୍ମିଳନୀରେ ଓଡ଼ିଆ ଭାଷାର ଗବେଷକଙ୍କ ସମେତ ବିଶ୍ୱରେ କାର୍ଯ୍ୟ କରୁଥିବା ବିଭିନ୍ନ ଭାଷାର ବୈଜ୍ଞାନିକ ଓ ଗବେଷକମାନଙ୍କୁ ଆମନ୍ତ୍ରଣ କରାଯିବ। ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟରେ ପଢୁଥିବା ପିଲାମାନଙ୍କୁ ମଧ୍ୟ ☞ପୃଷ୍ଠା-୭

# ଷ୍ଟାର୍କ ୨୪.୭୫, କମିନ୍ସ ୨୦.୫ କୋଟି


ମିଚେଲ ଷ୍ଟାର୍କ



ପ୍ୟାଟ୍ କମିନ୍ସ

## ଆଇପିଏଲ୍ ଇତିହାସରେ ରେକର୍ଡ

ଦୁବାଇ,୧୯।୧୨(ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ ଇତିହାସରେ ସବୁଠାରୁ ଦାମୀ ଖେଳାଳି ହୋଇଛନ୍ତି ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ। ମଙ୍ଗଳବାର ଏଠାରେ ଅନୁଷ୍ଠିତ ଖେଳାଳି ନିଲାମ ପ୍ରକ୍ରିୟାରେ ସର୍ବକାଳୀନ ରେକର୍ଡ ଭାଙ୍ଗି କୋଲକାତା ନାଇଟ ରାଇଡର୍ସ ତାଙ୍କୁ ୨୪.୭୫ କୋଟି ଟଙ୍କାରେ କିଣିଛି। ତାଙ୍କ ବ୍ୟତୀତ ଅଷ୍ଟ୍ରେଲିଆର ବିଶ୍ୱକପ୍ ବିଜୟୀ ଅଧିନାୟକ ପ୍ୟାଟ୍ କମିନ୍ସ ମଧ୍ୟ ଆକର୍ଷଣୀୟ ଦାମ୍‌ରେ ବିକ୍ରି ହୋଇଛନ୍ତି। ସନ୍‌ରାଇଜର୍ସ ହାଇଦ୍ରାବାଦ ତାଙ୍କୁ ୨୦.୫ କୋଟି ଟଙ୍କାରେ କିଣିଛି। ନିଲାମ ପ୍ରକ୍ରିୟାରେ ଅଷ୍ଟ୍ରେଲିଆ ଖେଳାଳିମାନେ ଚାହିଦାରେ ରହିବେ ବୋଲି ପୂର୍ବାନୁମାନ କରାଯାଉଥିଲା। ତାହା ହିଁ ହୋଇଥିଲା। କମିନ୍ସଙ୍କୁ କିଣି ସନ୍‌ରାଇଜର୍ସ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବାବେଳେ ଏହାର କିଛି ସମୟ ପରେ ନାଇଟ ରାଇଡର୍ସ ଷ୍ଟାର୍କଙ୍କୁ ନେବା ପାଇଁ ମଲ୍ଟି ମିଲିୟନ ଡଲାରର ବିଡ୍ ଲଗାଇ ସବୁ ରେକର୍ଡ ଭାଙ୍ଗି ଦେଇଥିଲା। ବାମହାତୀ ପେସର ଷ୍ଟାର୍କ ଶେଷଥର ପାଇଁ ୨୦୧୫ରେ ଆଇପିଏଲ୍ ଖେଳିଥିଲେ। ତେବେ ଅନ୍ୟତମ ଚର୍ଚ୍ଚିତ ଅଷ୍ଟ୍ରେଲୀୟ ଖେଳାଳି ଜୋଶ୍ ହାଜେଲ୍‌ଉଡ୍ ପ୍ରଥମ ରାଉଣ୍ଡରେ ଅନ୍‌ସୋଲ୍ଡ ରହିଥିଲେ। ଗତ ସିଜନରେ ସବୁଠାରୁ ଦାମୀ ଖେଳାଳି ଥିଲେ ଇଂଲଣ୍ଡର ସାମ୍ କୁରାନ। ସେ ସର୍ବାଧିକ ୧୮.୫ କୋଟିରେ ପଞ୍ଜାବ ଦଳକୁ ଯାଇଥିଲେ। ଏଥର ପ୍ରଥମଥର ପାଇଁ ଆଇପିଏଲ୍ ଖେଳାଳି ନିଲାମ ପ୍ରକ୍ରିୟା ଭାରତ ବାହାରେ ଦୁବାଇରେ ହୋଇଥିଲା।

ଷ୍ଟାର୍କଙ୍କୁ କିଣିବା ପାଇଁ ଗୁଜରାଟ ଟାଇଟନ୍ସ ଓ କୋଲକାତା ମଧ୍ୟରେ ଦୀର୍ଘ ସମୟ ବିଡ୍ ଚାଲିଥିଲା। ମାତ୍ର ଶେଷରେ କୋଲକାତା ତାଙ୍କୁ ରେକର୍ଡ ମୂଲ୍ୟରେ କିଣିଥିଲା। ଷ୍ଟାର୍କ କେବଳ ୨ ସିଜନ ଆଇପିଏଲ୍ ଖେଳିଛନ୍ତି। ୨୭ ମ୍ୟାଚରୁ ସେ ୩୪ ଉଇକେଟ ନେଇଛନ୍ତି। ଅନ୍ୟପକ୍ଷରେ କମିନ୍ସଙ୍କୁ କିଣିବା ପାଇଁ ମୁମ୍ବାଇ ଇଣ୍ଡିଆନ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, ଚେନ୍ନାଇ ସୁପର କିଙ୍ଗ୍ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ଦୀର୍ଘ ସମୟ ଲଢ଼େଇ ଚାଲିଥିଲା। ଶେଷରେ ହାଇଦ୍ରାବାଦ ବାଜି ମାରିଥିଲା। କମିନ୍ସଙ୍କ ବ୍ୟତୀତ ସନ୍‌ରାଇଜର୍ସ ଦିନିକିଆ କ୍ରିକେଟ ବିଶ୍ୱକପ୍ ଫାଇନାଲର ହିରୋ ଟ୍ରାଭିସ୍ ହେଡ୍‌ଙ୍କୁ ୬.୮ କୋଟି ଟଙ୍କାରେ କିଣିଥିଲା। ଫାଷ୍ଟ ବୋଲରଙ୍କ ମଧ୍ୟରେ ହର୍ଷଲ ପଟେଲ ୧୧.୭୫ କୋଟିରେ ପଞ୍ଜାବ କିଙ୍ଗ୍ସ, ଆଲଜାରି ଜୋସେଫ ୧୧.୫ କୋଟିରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, ଉମେଶ ଯାଦବ ୫.୮ କୋଟିରେ ଗୁଜରାଟ ଟାଇଟନ୍ସ ଏବଂ ଶିବମ ମାଭି ୬.୪ କୋଟିରେ ଲକ୍ଷ୍ନୌ ସୁପର ଜାଏଣ୍ଟ ଦଳକୁ ଯାଇଥିଲେ। ବ୍ୟାଟରଙ୍କ ମଧ୍ୟରେ ଡାରିଲ ମିଚେଲଙ୍କୁ ଚେନ୍ନାଇ ସୁପର କିଙ୍ଗ୍ସ ୧୪ କୋଟି ଟଙ୍କାରେ କିଣିଥିଲା। ଅନ୍ୟତମ ନ୍ୟୁଜିଲାଣ୍ଡ ☞ପୃଷ୍ଠା-୭



ବିଶ୍ୱାସ କର ଯେ, ସବୁ ମିଥ୍ୟା ହେଉଛି ହୁଏତ ଗଠନମୁଖୀ ଏକ ସତ୍ୟ । କିମ୍ବା ଭାଙ୍ଗି ଭାଙ୍ଗି ଯାଉଥିବା ଏକ ସତ୍ୟ । ସବୁ ବିଫଳତା ହେଉଛି ଏକ ଲୁକ୍କାୟିତ ସଫଳତା । ସବୁ ଦୁର୍ବଳତା ହେଉଛି– ପ୍ରକୃତିରେ ନିଜକୁ ଦେଖାଯାଉ ନ ଥିବା ଏକ ସବଳତା ଏବଂ ସବୁ ଯନ୍ତ୍ରଣା ହେଉଛି ଏକ ଗୁପ୍ତ ଓ ଭୟଙ୍କର ଅଧୀର ଆନନ୍ଦର ଉନ୍ମତ୍ତତା । **–ଶ୍ରୀଅରବିନ୍ଦ**



# ସ୍ୱଚ୍ଛ ଏବେ ଅସ୍ୱଚ୍ଛ

ଟିକିସା କ୍ଷେତ୍ରରେ ବ୍ୟାପକ ଯୋଜନା ସତ୍ତ୍ୱେ ଡାଇରିଆ ବ୍ୟାପୁଛି । ଏହାକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରାଯାଇପାରୁନାହିଁ । ଉଲ୍ଲେଖନୀୟ ଯେ, ଡାଇରିଆ ଭୂତାଣୁ ଦୂଷିତଜଳ ଓ ଖାଦ୍ୟ ଦ୍ୱାରା ବ୍ୟାପିଥାଏ । ମୁଖ୍ୟତଃ ଦୁର୍ବଳ ପରିମଳ ଓ ପାନୀୟ ଜଳ ଯୋଗାଣରେ ଅବ୍ୟବସ୍ଥା ଏହାକୁ ଆମନ୍ତ୍ରଣକରେ । ଓଡ଼ିଶାରେ ଏହାର ପରିଣାମ ସାମ୍ନାକୁ ଆସିଛି । ୧୧ ତାରିଖରୁ ରାଉରକେଲାରେ ଡାଇରିଆ ବ୍ୟାପିଛି । ଏଥିରେ ୧୦ ଜଣଙ୍କର ମୃତ୍ୟୁ ଘଟିବା ସହ ୫୦୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି । ଦୂଷିତଜଳ ଯୋଗୁ ଏଭଳି ସ୍ଥିତି ଉପୁଜିଛି ବୋଲି କୁହାଯାଉଛି । ତେବେ ଧରିତ୍ରୀରେ ପ୍ରକାଶ ପାଇଥିବା ରାଉରକେଲାର ଏକ ପାଣିପାଇପ ଫାଟିଥିବା ଦୃଶ୍ୟ ଏହାର ବାସ୍ତବତାକୁ ସୂଚିତକରେ । କେବଳ ରାଉରକେଲା ନୁହେଁ, ବିଗତ ଦଶନ୍ଧିର ବିଭିନ୍ନ ସମୟରେ ଗଞ୍ଜାମ, କଳାହାଣ୍ଡି, କେନ୍ଦୁଝର, କନ୍ଧମାଳ, ଫୁଲବାଣୀରେ ଡାଇରିଆ ଦେଖାଯାଇଥିଲା । ଏପରିକି କଟକ ସହରରେ ମଧ୍ୟ । ୨୦୨୨ରେ ରାୟଗଡ଼ାର ବିଭିନ୍ନ ଗାଁରେ ଡାଇରିଆ ବ୍ୟାପିଥିଲା ଓ ତାହାର କାରଣ ଥିଲା ଦୂଷିତପାଣି । ବାହାରେ ମଳତ୍ୟାଗ କରିବା, ପାଣିପାଇପ ଲିକ୍‌ହେବା ଓ ଅଳିଆ ପାହାଡ଼ ଡାଇରିଆର ପୂର୍ବ ସଙ୍କେତ ଦିଏ । ଏଭଳି ସ୍ଥିତି କଟକ ଓ ଭୁବନେଶ୍ୱରରେ ଦେଖିବାକୁ ମିଳୁଛି । ଏହି ଯମଜ ନଗରୀର ପରିମଳ ସ୍ଥିତି ଯାହା ଏଠାରେ କୌଣସି ସମୟରେ ଡାଇରିଆ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ । ଏହା ବ୍ୟତୀତ ରାଜ୍ୟର ବିଭିନ୍ନ ସହର ନିକଟସ୍ଥ ନଦୀନାଳକୁ ସ୍ୱେରେଜ ଓ କଳକାରଖାନାରୁ ନିର୍ଗତ ପାଣି ଛଡ଼ାଯାଉଥିବା ଦେଖାଯାଉଛି । ଏହାଦ୍ୱାରା ଉଭୟ ଭୂପୃଷ୍ଠ ଓ ଭୂର୍ଗଭ ଜଳ ଦୂଷିତ ହେଉଛି । ଏହାବାଦ୍ ଦୂଷିତ ଖାଦ୍ୟ କଥା ବିଚାରକୁ ନେଲେ ଯୁଆଡ଼େ ଆଖି ବୁଲାଇଲେ ରାସ୍ତକଡ଼ରେ ଖାଦ୍ୟ ପସରା ଦେଖିବାକୁ ମିଳେ । କେବଳ ଲୋକଦେଖାଣିଆ ଭାବେ ପର୍ବପର୍ବାଣି ସମୟରେ କାଁ ଭାଁ ଫୁଡ୍ ଭିଜିଲନ୍ସ ଚଢ଼ାଇ କରେ ଓ ତା' ପରେ ଏହା କାଗଜପତ୍ରରେ ସୀମିତ ରହେ । ଖାଦ୍ୟ ସୁରକ୍ଷା ମାନ ପରୀକ୍ଷା ତ ଦୂରର କଥା, ଏହା କେଉଁ ପରିବେଶରେ ପ୍ରସ୍ତୁତ ହେଉଛି ତାହା ଉପରେ ମଧ୍ୟ ଅନୁଧ୍ୟାନ କରାଯାଉନାହିଁ । ଏଭଳି ଦୂଷିତ ପରିବେଶରେ ଡାଇରିଆ ରହିବା ଥୟ ।

ଓଡ଼ିଶା ବ୍ୟତୀତ ଚଳିତ ବର୍ଷ କୋଲକାତା, କୋଚି, ପଞ୍ଜାବର ଲାଲ୍ଲୁ ଏବଂ ହିମାଚଳ ପ୍ରଦେଶର ବିଭିନ୍ନ ଅଞ୍ଚଳରେ ଡାଇରିଆ ବ୍ୟାପିବା ଭାରତରେ ସ୍ୱାସ୍ଥ୍ୟ ଏବଂ ପରିମଳ ବ୍ୟବସ୍ଥାର ଦକ୍ଷତା ଉପରେ ପ୍ରଶ୍ନ ଉଠାଇଛି । ସ୍ୱଚ୍ଛ ଭାରତ ଅଭିଯାନରେ ପାଇଖାନା ନିର୍ମାଣ କରାଯାଉଛି, କିନ୍ତୁ ପରବର୍ତ୍ତୀ ସ୍ଥିତି କ'ଣ ରହିଛି ତାହା ଅନୁଧ୍ୟାନ କରାଯାଉନାହିଁ । ନାମକୁ ମାତ୍ର ପାଇଖାନା ସଂଖ୍ୟା ଗଣି ବାହାରେ ମଳତ୍ୟାଗ ମୁକ୍ତ ଗାଁର ସାଇନ୍ ବୋର୍ଡ ଲଗାଇଲେ ପରିମଳ ସୁଧୁରିବା କଷ୍ଟକର । ଏହା ସହ ୨୦୨୪ ସୁଦ୍ଧା ପ୍ରତି ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କାର୍ଯ୍ୟ ଜୋରସୋରରେ ଚାଲିଥିବାବେଳେ ଏହି ପାଣିର ଗୁଣବତ୍ତା ପରୀକ୍ଷା କରାଯାଇ ଲୋକଙ୍କୁ ଅବଗତ କରାଯାଉନାହିଁ । ଏବେସୁଦ୍ଧା ଗ୍ରାମାଞ୍ଚଳରେ ବହୁ ଲୋକ ନଳକୂପ,ଗଡ଼ିଆ ଓ ଝରଣା ପାଣି ବ୍ୟବହାର କରୁଛନ୍ତି । ବ୍ଲକ୍ ସ୍ତରରେ ଏହାର ମାନ ପରୀକ୍ଷା କରାଯାଇ ଏ ବାବଦରେ ଲୋକଙ୍କୁ ସଚେତନ କରାଯାଉନାହିଁ । ଏହା ନିଶ୍ଚିତ ଯେ,ଦୁର୍ବଳ ପରିମଳ ବ୍ୟବସ୍ଥା ଓ ନିମ୍ନମାନର ପାନୀୟ ଜଳ ଯୋଗୁ ଜାତୀୟ ସ୍ତରରେ ଡାଇରିଆ କାରଣରୁ ୫ ବର୍ଷ ବୟସରୁ କମ୍ ଶିଶୁଙ୍କର ଅଧିକ ମୃତ୍ୟୁ ହେଉଛି । ବିଶ୍ୱରେ ବର୍ଷକୁ ଏହି ବୟସ ବର୍ଗର ୫ ଲକ୍ଷ ଶିଶୁଙ୍କର ମୃତ୍ୟୁ ହେଉଥିବାବେଳେ ଭାରତରେ ଏହାର ୨୦% ମୃତ୍ୟୁ ଘଟୁଛି । ଉନ୍ନତ ପରିମଳ ପାଇଁ ଯୋଜନା ତୃଣମୂଳ ସ୍ତରରେ କିଭଳି ସଫଳତା ପାଇବ ତାହା ଉଭୟ ରାଜ୍ୟ ଓ କେନ୍ଦ୍ରର ଦାୟିତ୍ୱ । କିନ୍ତୁ ଏଥିରେ ବହୁସମୟରେ ତାଳମେଳ ନ ରହିବା ଓ କ୍ଷେତ୍ର ଅଧିକାରୀମାନଙ୍କ ବେଖାତିର ମନୋଭାବ ଯୋଗୁ ସ୍ୱେରେଜ ପରିଚାଳନାଠାରୁ ଆରମ୍ଭକରି ପାଇଖାନା ନିର୍ମାଣ ଓ ପାନୀୟ ଜଳ ଯୋଗାଣରେ ସ୍ୱଚ୍ଛତା ଆସିପାରୁନାହିଁ, ଯାହାର ଶେଷ ପରିଣାମ ହେଉଛି ଡାଇରିଆ । ଶେଷରେ ଏତିକି କୁହାଯାଇପାରିବ ଯେ,'ସ୍ୱଚ୍ଛ ଭାରତ' କାର୍ଯ୍ୟକ୍ରମ ପାଇଁ କରଦାତା ନିୟମିତ ଭାବେ ଟିକସ ଦେଇଆସୁଛନ୍ତି । ସେହି ସ୍ୱଚ୍ଛ ଭାରତଠାରୁ ଆରମ୍ଭକରି ' ବିକଶିତ ଭାରତ' ଧ୍ୱନିରେ ଦେଶ କମ୍ପି ଉଠୁଥିବାବେଳେ ଏକବିଂଶ ଶତାବ୍ଦୀରେ ଡାଇରିଆରେ ଶିଶୁ ମୃତ୍ୟୁ ସମଗ୍ର ଦେଶ ପାଇଁ ଏକ ବିରାଟ ଲଜ୍ଜାର ବିଷୟ ହେବା କଥା । କିନ୍ତୁ କାହାରି ସମୟ ନାହିଁ ।

**ଶେଷରେ ଏତିକି କୁହାଯାଇପାରିବ ଯେ, 'ସ୍ୱଚ୍ଛ ଭାରତ' କାର୍ଯ୍ୟକ୍ରମ ପାଇଁ କରଦାତା ନିୟମିତ ଭାବେ ଟିକସ ଦେଇଆସୁଛନ୍ତି । ସେହି ସ୍ୱଚ୍ଛ ଭାରତଠାରୁ ଆରମ୍ଭକରି ' ବିକଶିତ ଭାରତ' ଧ୍ୱନିରେ ଦେଶ କମ୍ପି ଉଠୁଥିବାବେଳେ ଏକବିଂଶ ଶତାବ୍ଦୀରେ ଡାଇରିଆରେ ଶିଶୁ ମୃତ୍ୟୁ ସମଗ୍ର ଦେଶ ପାଇଁ ଏକ ବିରାଟ ଲଜ୍ଜାର ବିଷୟ ହେବା କଥା । କିନ୍ତୁ କାହାରି ସମୟ ନାହିଁ ।**

# ସ୍କୁଲ ଶିକ୍ଷାର ସ୍ଥିତି



ରାଜୀବ କୁମାର ନାୟକ

ନିକଟ ଅତୀତରେ କେନ୍ଦ୍ର ସରକାରଙ୍କ ତରଫରୁ କରାଯାଇଥିବା ୨୦୨୧–୨୨ ବର୍ଷ ପାଇଁ ପରଫରମାନ୍ସ ଗ୍ରେଡିଂ ଇଣ୍ଡେକ୍ସ ସାମ୍ନାକୁ ଆସିଛି ; ଯେଉଁଥିରେ ସ୍କୁଲ ଶିକ୍ଷାର ସ୍ଥିତି କେଉଁ ରାଜ୍ୟରେ କ'ଣ ତାହା ଆକଳନ କରାଯାଇଛି । ଏଥିରେ ଓଡ଼ିଶାର ସ୍ଥାନ ଦେଶର ରାଜ୍ୟଗୁଡ଼ିକ ମଧ୍ୟରେ ୨୪ ଥିବାବେଳେ ୨୦୨୦–୨୧ରେ ଥିବା ୧୦ମ ସ୍ଥାନରୁ ହଠାତ୍ ଅନେକ ତଳକୁ ଖସିଯିବା ଉଦ୍‌ବେଗର ବିଷୟ । ଓଡ଼ିଶାର ସ୍କୁଲ ଶିକ୍ଷାକୁ ନେଇ ଦୀର୍ଘଦିନ ହେଲା ବିଭିନ୍ନ ସ୍ତରରେ ସମାଲୋଚନା ହୋଇ ଆସୁଥିବାବେଳେ ସରକାରଙ୍କ ଏହି ଇଣ୍ଡେକ୍ସ ଏଭଳି ଆଲୋଚନାକୁ ଆହୁରି ସରଗରମ କରିଛି ।

ବିଶେଷକରି ମାଗଣା ତଥା ବାଧ୍ୟତାମୂଳକ ଶିକ୍ଷାନୀତି ୨୦୦୯ କାର୍ଯ୍ୟକାରୀ ହେଲାପରେ ୧କି.ମି. ଭିତରେ ପ୍ରାଥମିକ ବିଦ୍ୟାଳୟ, ୩ କି.ମି. ଭିତରେ ଉଚ୍ଚପ୍ରାଥମିକ ବିଦ୍ୟାଳୟ ରହିବା କଥା । କିନ୍ତୁ ସରକାର ନୂଆ ସ୍କୁଲ ଖୋଲିବେ କ'ଣ ପିଲା ସଂଖ୍ୟାର ଆଳ ଦେଖାଇ ଏହା ଭିତରେ ଅନେକ ସ୍କୁଲ ବନ୍ଦ କରିସାରିଛନ୍ତି ; ଯଦ୍ୱାରା ଅନେକ ଶିଶୁ ବିଦ୍ୟାଳୟ ଅଭାବରୁ ସବୁଦିନ ପାଇଁ ପାଠପଢ଼ାରେ ଡୋରି ବାନ୍ଧି ଦେଇଛନ୍ତି । ଠିକ୍ ସେହିପରି ସରକାରଙ୍କ କହିବାନୁସାରେ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ଏକ ଉଚ୍ଚ ବିଦ୍ୟାଳୟ ଯଦିଓ ରହିବା କଥା କିଛି ଗ୍ରାମପଞ୍ଚାୟତରେ ଏହା ନ ଥିବା ଦୃଷ୍ଟିଗୋଚର ହେଉଛି । ବିଦ୍ୟାଳୟରେ ଶିକ୍ଷକ ଅଭାବ ଏକ ନିତିଦିନିଆ ଘଟଣା । ଶିକ୍ଷା ଅଧିକାର ଆଇନରେ ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ମଧ୍ୟରେ ୩୦ଟି ପିଲାରେ ଜଣେ ଶିକ୍ଷକ ଏବଂ ଉଚ୍ଚ ପ୍ରାଥମିକ ଅର୍ଥାତ୍ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ୩୫ ଜଣ ଛାତ୍ରୀଛାତ୍ରରେ ଜଣେ ଶିକ୍ଷକ(ବିଷୟ ଶିକ୍ଷକ ଛାଡ଼ି)ରହିବାର ପ୍ରାବଧାନ ଥିବାବେଳେ ଅନେକ ସ୍ଥାନରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବାର ବ୍ୟବସ୍ଥା ଥାଇ ମାତ୍ର ତିନି/ଚାରିଜଣ ଶିକ୍ଷକଙ୍କୁ ନେଇ ବିଦ୍ୟାଳୟ ଚାଲୁଛି । ଶିକ୍ଷା ଅଧିକାର ଆଇନରେ ଥିବା ବେସରକାରୀ ବିଦ୍ୟାଳୟରେ ଗରିବ ଶ୍ରେଣୀର ପିଲାମାନଙ୍କୁ ପଢ଼ାଇବା ସକାଶେ ୨୫ ଶତକଡା ସ୍ଥାନ ସଂରକ୍ଷଣ ଏବଂ ଏଥିସକାଶେ ଆବଶ୍ୟକୀୟ ଫି ସରକାର ଭରଣା କରିବେ ବୋଲି ରଖା ଯାଇଥିବା ପ୍ରାବଧାନ ବାସ୍ତବିକ ସରକାରୀ ବିଦ୍ୟାଳୟଠାରୁ ବେସରକାରୀ ବିଦ୍ୟାଳୟ ଭଲ ବୋଲି ସରକାର ଖୋଦ କହୁଛନ୍ତି ଏବଂ ପରୋକ୍ଷରେ ବେସରକାରୀ ବିଦ୍ୟାଳୟଗୁଡ଼ିକୁ ଅନୁଦାନ ଯୋଗାଇବା ମାଧ୍ୟମରେ ପ୍ରୋତ୍ସାହନ ଯୋଗାଉଛନ୍ତି । ଏହା ବ୍ୟତୀତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନାମରେ ସି.ବି.ଏସ.ଇ. ଢାଞ୍ଚାରେ ସବୁ ବ୍ଲକରେ ବିଦ୍ୟାଳୟ ଖୋଲିବା ଦ୍ୱାରା ଆଗରୁ ଥିବା ସରକାରୀ ବିଦ୍ୟାଳୟ ପ୍ରତି ଗୁରୁତ୍ୱ କମିଛି ଏବଂ ପଞ୍ଚମ ଶ୍ରେଣୀ ପରେ ପିଲା ଆଦର୍ଶ ବିଦ୍ୟାଳୟ ଏବଂ ନବୋଦୟ ବିଦ୍ୟାଳୟରେ ପଢ଼ିବାକୁ ସୌଭାଗ୍ୟ ମନେକରି ସିଟ୍‌ଟେ ପାଇବାକୁ ବହୁତ ଜୋରରେ କସରତ ଚଳାଉଛନ୍ତି । ଏଠି ମଧ୍ୟ ପରୋକ୍ଷରେ କୁହାଯାଉଛି ଯେ ଓଡ଼ିଆ ମାଧ୍ୟମ ସରକାରୀ ବିଦ୍ୟାଳୟ ଅପେକ୍ଷା ଏହିସବୁ ଇଂଲିଶ ମାଧ୍ୟମ ବିଦ୍ୟାଳୟ ଯଥେଷ୍ଟ ଗୁଣରେ ଉନ୍ନତ । ଅନୁସୂଚିତ ଜାତି ତଥା ଅନୁସୂଚିତ ଜନଜାତି ବିକାଶ ବିଭାଗ ଆନୁକୂଲ୍ୟରେ ଖୋଲା ଯାଇଥିବା ସେବାଶ୍ରମ ସ୍କୁଲର କଥା ଦେଖିଲେ ଏହି ସ୍କୁଲ ସବୁରେ କେବଳ ପିଲାମାନେ ଅବସ୍ଥାନ କରି ପଢ଼ିବାର ସୁଯୋଗ ପାଉଛନ୍ତି ସିନା, ପାଠପଢ଼ାରେ ଆଶାନୁରୂପ ଉନ୍ନତି ଦୃଷ୍ଟି ଗୋଚର ହେଉନାହିଁ । ଏହା ଜିଲା ମଙ୍ଗଳ ଅଧିକାରୀ ତଥା ପ୍ରତି ବ୍ଲକରେ କାର୍ଯ୍ୟରତ ମଙ୍ଗଳ ସଂପ୍ରସାରଣ ଅଧିକାରୀଙ୍କ ମାଧ୍ୟମରେ ପରିଚାଳିତ ହେଉଥିବାବେଳେ ଏହି ବିଭାଗ ବିଦ୍ୟାଳୟକୁ ଛାଡ଼ି ଆଦିବାସୀଙ୍କ ମଙ୍ଗଳ ନିମିତ୍ତ ଜଙ୍ଗଲ ଜମି ଅଧିକାର ଆଇନ କାର୍ଯ୍ୟକାରୀ କରିବା ହେଉ କି ଅନ୍ୟ କାମରେ ହେଉ ନିଜକୁ ନିୟୋଜିତ କରୁଥିବାରୁ ବିଦ୍ୟାଳୟ ପାଇଁ ସମୟ ଦେଇ ପାରୁ ନାହିଁ । ଏସବୁକୁ ଛାଡ଼ି ଏହି କିଛି ବର୍ଷ ମଧ୍ୟରେ ବିଭିନ୍ନ ସ୍ଥାନରେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ପିଲାଙ୍କ ପାଇଁ ଛାତ୍ରାବାସ ନିମିତ୍ତ ଗୃହ ନିର୍ମାଣ କରାଯାଇଛି କିନ୍ତୁ ତହିଁରେ କର୍ମଚାରୀ ନିଯୁକ୍ତି ଆଜି ପର୍ଯ୍ୟନ୍ତ ହୋଇନାହିଁ ।



ପ୍ରଥମ ଅନୁଷ୍ଠାନ ଦ୍ୱାରା ସମଗ୍ର ଦେଶରେ ପ୍ରତିବର୍ଷ କରାଯାଉଥିବା ଏ.ଏସ.ଇ.ଆର.(ଅସର) ସର୍ଭେରୁ ଜଣାପଡ଼େ ଯେ ଦେଶର ସ୍କୁଲଗୁଡ଼ିକରେ ପଢୁଥିବା ପାଖାପାଖି ୨୬ କୋଟି ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଅନେକେ ବହି ପଢ଼ିବା ତଥା ପ୍ରାରମ୍ଭିକ ଗଣିତ କରିବା ସକାଶେ ସମର୍ଥ ନୁହନ୍ତି । ପଞ୍ଚମ ଶ୍ରେଣୀ ସମାପ୍ତ କରି ସାରିଥିବା ମୋଟ୍ ପିଲାଙ୍କ ମଧ୍ୟରୁ ମାତ୍ର ୨୫ ଶତକଡ଼ା ପିଲା ଗୁଣନ କରିବାରେ ସମର୍ଥ ଥିବାବେଳେ ୪୩ ଶତକଡ଼ା ପିଲା ଦ୍ୱିତୀୟ ଶ୍ରେଣୀ ସକାଶେ ଉଦ୍ଦିଷ୍ଟ ବହି ପଢ଼ି ପାରୁଛନ୍ତି । ଅଷ୍ଟମ ଶ୍ରେଣୀ ସମାପ୍ତ ବେଳକୁ ମାତ୍ର ୪୫ ଶତକଡ଼ା ଶିଶୁ ମୌଳିକ ହରଣ କରିବାକୁ ସକ୍ଷମ ହେଉଛନ୍ତି । ଏଥିରୁ ଆମ ଶିକ୍ଷା ବ୍ୟବସ୍ଥାର ଚିତ୍ର ସାମନାକୁ ଆସୁଛି । ଏଭଳି ସ୍ଥିତିରେ କାର୍ଯ୍ୟକାରୀ ହେଉଥିବା ଉତ୍କର୍ଷ ଭଳି ଯୋଜନା ଯଦିଓ ସ୍ୱାଗତ ଯୋଗ୍ୟ ପଦକ୍ଷେପ କିନ୍ତୁ ଯେଉଁ ପିଲା ଭଲ ପଢୁଛି ତା' ପାଇଁ ଅଲଗା ପଢ଼ା ଏବଂ ଯିଏ ପାଠ ପଢ଼ାରେ ପଛରେ ପଡ଼ି ଯାଇଛି ତା'ପାଇଁ ଅଲଗା ପଢ଼ା କରିବା ସହଜ କି? ବର୍ଷ ଶେଷରେ ତ ସମସ୍ତଙ୍କ ପାଇଁ ସମାନ ପରୀକ୍ଷା ନା?

ବିଦ୍ୟାଳୟମାନଙ୍କରେ ଯେଉଁ ବିଦ୍ୟାଳୟ ପରିଚାଳନା କମିଟି ଗଠିତ ହେଉଛି ଅନେକ ସ୍ଥାନରେ ତାହା କେବଳ କାଗଜ କଲମରେ ଚାଲିଛି । ଏହାର ପ୍ରମୁଖ କାରଣ ହେଲା ଏଥିରେ ଅଭିଭାବକମାନଙ୍କ ମଧ୍ୟରୁ ତିନି ଚତୁର୍ଥାଂଶ ସଭ୍ୟାସଭ୍ୟ ରହୁଥିବାବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ କାମ କଲେଯାଇ ଖାଆନ୍ତି । ତେଣୁ ସେମାନେ ବର୍ଷସାରା ପରିବାର ପ୍ରତିପୋଷଣ ଚିନ୍ତାରେ ବୁଡ଼ି ରହୁଥିବାବେଳେ ଛୁଆ ପାଠ ପଢ଼ିଲା ନା ନାହିଁ ତାକୁ ଅଣଦେଖା କରିବାକୁ ବାଧ୍ୟ ହୋଇଥାନ୍ତି । ଦ୍ୱିତୀୟତଃ ତାଙ୍କ ମଧ୍ୟରୁ ଅଧିକାଂଶ ଶିକ୍ଷା ସମ୍ବନ୍ଧରେ ଅସଚେତନ । ଅଧିକାଂଶ ସମୟରେ ବିଦ୍ୟାଳୟ ତରଫରୁ ଘରଘର ଯାଇ ସଭ୍ୟାସଭ୍ୟଙ୍କ ଦସ୍ତଖତ ସଂଗ୍ରହ କରାଯାଏ ବିଦ୍ୟାଳୟ ପରିଚାଳନା କମିଟି ବୈଠକ ନାଁରେ । ଆଉ କଦବା କେମିତି ବୈଠକ ବସିଲେ ତହିଁରେ ସଭ୍ୟାସଭ୍ୟ ଉପସ୍ଥାନ ବହୁତ କମ୍ । ମାତାପିତା ତଥା ଅଭିଭାବକଙ୍କ ମଧ୍ୟରୁ ସଭାପତି ହେଉଥିବାବେଳେ ଅନେକ ସ୍ଥଳେ ସେମାନେ ବିଶେଷ ଶିକ୍ଷାର ଅଧିକାରୀ ହୋଇ ନ ଥିବାରୁ ତାଙ୍କୁ ଛୋଟ ବଡ଼ ଲୋଭ ଦେଖାଇ ଚୁପ୍ କରି ଦିଆଯାଏ । ତେଣୁ ଦାରିଦ୍ର୍ୟ ଏବଂ ସଚେତନତାର ଅଭାବ କାରଣରୁ ବ୍ୟକ୍ତି ଜଣକ ଅନେକ ସ୍ଥଳେ ଚୁପ୍ ରହିବା ବା ନିଜ ଶିକ୍ଷାମତେ କେବଳ ଭିତ୍ତିଭୂମି ସଜଡ଼ା ଯିବା କାମରେ ନିଜକୁ ସୀମିତ ରଖିଥାନ୍ତି । ପ୍ରଧାନଶିକ୍ଷକ ଯିଏ କି ପରିଚାଳନା କମିଟିର ସଂପାଦକ ସିଏ ଅଧିକାଂଶ ସ୍ଥଳେ ଚାହାନ୍ତି ନାହିଁ ଯେ ଏସବୁ କାମରେ କେହି ହସ୍ତକ୍ଷେପ କରୁ । ସମନ୍ୱୟ ଅଭାବରୁ ଅନେକ ସମୟରେ ବିଦ୍ୟାଳୟର ବିକାଶ ମଧ୍ୟ ବାଧାପ୍ରାପ୍ତ ହେଉଛି । ଆହୁରି ମଧ୍ୟ ବିଦ୍ୟାଳୟ ପରିଚାଳନା କମିଟିରେ ଛାତ୍ରୀଛାତ୍ରଙ୍କ ଭାଗୀଦାରିତାକୁ ଗୁରୁତ୍ୱ ନ ଦିଆଯିବା କାରଣରୁ ଅସଲ ଉପଭୋକ୍ତା(ଛାତ୍ରୀଛାତ୍ର)ଙ୍କ ପାଖରୁ ମଧାହ୍ନ ଭୋଜନ ଠିକ୍ ଚାଲିଛି ନା ନାହିଁ, ବହିପତ୍ର ମିଳିଲାଣି କି ନାହିଁ ଭଳି ଅନେକ ତଥ୍ୟ ଠିକ୍ ଭାବରେ ଜଣାପଡ଼େ ନାହିଁ ।

ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସରକାର ଛୁଟିଦିନରେ ତାଲିମ ନ ଦେଇ ବର୍ଷ ମଝିରେ ତାଲିମ ଦେବା ତଥା ଶିକ୍ଷା ବାଧାପ୍ରାପ୍ତ ହେଲାଭଳି ବିଭିନ୍ନ ପ୍ରକାର ରିପୋର୍ଟ ଦିନେ ଦୁଇଦିନ ମାଗିବାରୁ ନିବୃତ୍ତ ରହିବା ଆବଶ୍ୟକ । ଏବେ ତ ବିଦ୍ୟାଳୟମାନଙ୍କୁ ଆଗଭଳି ଆଉ ନିରୀକ୍ଷକମାନେ ପରିଦର୍ଶନରେ ପ୍ରାୟତଃ ଯାଉନାହାନ୍ତି ଆଉ କଦବା କେମିତି ଯଦି ଯାଉଥାଆନ୍ତି ତା'ହେଲେ ତାହା ବାର୍ଷିକ ଉତ୍ସବ, ବିଜ୍ଞାନ ପ୍ରଦର୍ଶନୀ ଭଳି ଦିନ ଗୁଡ଼ିକରେ ଯାଉଥିବେ । ତେଣୁ ଅଧିକାରୀମାନଙ୍କର ପରିଦର୍ଶନକୁ ମଧ୍ୟ କଡ଼ାକଡ଼ି କରାଯିବାର ଆବଶ୍ୟକତା ରହିଛି ।

ଭିନ୍ନ ଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀ ପାଉଥିବା ବେତନରେ ଅନେକ ପ୍ରଭେଦ ପରିଲକ୍ଷିତ ହେଉଛି ; ଯାହାକୁ ଦୃଷ୍ଟିଦେବାର ଆବଶ୍ୟକତା ରହିଛି ଶିକ୍ଷାର ମାନ ବୃଦ୍ଧି ନିମିତ୍ତ । ମାତୃଭାଷାରେ ଅନ୍ତତଃ ପ୍ରାଥମିକ ଶିକ୍ଷା ସମ୍ପୂର୍ଣ୍ଣ କରିବା ପର୍ଯ୍ୟନ୍ତ ଶିକ୍ଷା ଦିଆଯିବାର ଆବଶ୍ୟକତା ରହିଛି କାରଣ ଶିଶୁ ଏହି ଭାଷା ସହିତ ଖୁବ୍ ପରିଚିତ । ତେଣୁ ସେ ପାଠପଢ଼ାର ମଜା ନେଇପାରିବ ଏବଂ ଅଧାରୁ ପାଠ ଛାଡ଼ିବାର ଭୟ ରହିବ ନାହିଁ । ବୟସ ବଢ଼ିବା ସଙ୍ଗେ ସଙ୍ଗେ ସେ ଅନ୍ୟ ଭାଷା ସହିତ ପରିଚିତ ହେବାରେ କିଛି ଅସୁବିଧା ନାହିଁ ; ଯଦ୍ୱାରା ସେ ଭବିଷ୍ୟତର ପ୍ରତିଯୋଗିତାକୁ ମଧ୍ୟ ସାମ୍ନା କରିପାରିବ । ଆମେ ଦୀର୍ଘ ବର୍ଷରୁ କହି ଆସୁଥିବା କମନ ସ୍କୁଲ ଏଜୁକେଶନ ବା ସମସ୍ତ ବିଦ୍ୟାଳୟ ପାଇଁ ସମାନ ଶିକ୍ଷାର ଆବଶ୍ୟକତା ଅନେକ ମାତ୍ରାରେ ରହିଛି ।

**ପଦରପଡା, ବୌଦ୍ଧ**
**ମୋ: ୯୪୩୭୫୭୧୮୩୧**

# ଶେଷ ବୟସର ସମ୍ବଳ



ସଂଗ୍ରାମ କେଶରୀ ପୃଷ୍ଟି

ମଣିଷ ଜୀବନର କଅଁଳ ଶୈଶବ, କୈଶୋର କେମିତି ଯେ ସଅଳ ଚାଲିଯାଏ ଜଣାପଡ଼େନି । ଏଠି ନା ଥାଏ ଚିନ୍ତାଅର୍ଥ, ନା ଥାଏ ଦାୟିତ୍ୱବୋଧ । ଥାଏ କେବଳ ପ୍ରଚୁର ଖୁସି ଓ ଆନନ୍ଦ । କପଟଶୂନ୍ୟ ଜୀବନ ଭିତରେ ଆଗକୁ ମାଡ଼ିଚାଲେ ସମୟ । ଯା ପରେ ଆସେ ଯୌବନାବସ୍ଥା । ବିବାହ ପରେ ଆସିଯାଏ ଦାୟିତ୍ୱବୋଧ । ଘରର ଯାବତୀୟ ଦାୟିତ୍ୱ ମୁଣ୍ଡାଇବାକୁ ବାଧ୍ୟହୁଏ ମଣିଷ । ସାଂସାରିକ ବିଳାସବ୍ୟସନ ମଧରେ କେମିତି ଯେ କଟିଯାଏ ଏ ସମୟ ଜାଣିହୁଏନା । ବୟସକୁ ଅଟକାଇବାକୁ ଅନବରତ ପ୍ରୟାସ ଜାରି ରଖିଥାଏ ମଣିଷ । ମାତ୍ର ଏଥିରେ ସେ ସଫଳ ହୋଇପାରି ନ ଥାଏ । ବୟସକୁ ଲୁଚେଇବାକୁ ଚେଷ୍ଟାକରି ବିଫଳ ହୁଏ ମଣିଷ ।

ବୟସର ଚାପରେ ପରିପକ୍ୱ ହୁଏ କେଶରାଶି । ପଡ଼ିଯାଏ ଦାନ୍ତ । ଲୋଚାକୋଚା ହୋଇପଡ଼େ ତ୍ୱଚା । ହ୍ରାସ ପାଏ ସ୍ମରଣ ଶକ୍ତି । ନଇଁଯାଏ ଅଣ୍ଟା । ଚାଲିବାକୁ ଆଶ୍ରା କେବଳ ଖଣ୍ଡିଏ ବଙ୍କୁଲିବାଡ଼ି । ପ୍ରତିଟି କାର୍ଯ୍ୟ ପାଇଁ ମଣିଷକୁ ଏଥର ଅନ୍ୟର ସାହାଯ୍ୟ ନେବାକୁ ପଡ଼ିଥାଏ । କିଛି କଥା ଦେଖି ସୁଦ୍ଧା ତାକୁ ବିରୋଧ କରିବାର ପ୍ରୟାସ ବ୍ୟର୍ଥ ଯାଏ । କାହିଁକି ନା ତାଙ୍କ କଥା ଶୁଣିବାକୁ କାହାପାଖରେ ଯେମିତି ସମୟର ଥାଏ ଘୋର ଅଭାବ । ପରିବାର ପାଇଁ ସେ ସତେଯେମିତି ହୋଇଯାଇଥାନ୍ତି ଅଲୋଡ଼ା ମଣିଷଟିଏ । ବୋଧହୁଏ ଏହା ହିଁ ଶେଷ ବୟସର ସନ୍ତାପ । ଯେଉଁଠି ଦୁନିଆ ଆଖିରେ ସେ ପାଲଟିଯାଇଥାନ୍ତି – ବୁଢ଼ା ଲୋକ ।



ଜୀବନକୁ ତିଳତିଳକରି ଦଗ୍ଧୀଭୂତକରି ନିଜ ପରିବାର ପାଇଁ ଅସୁମାରୀ ସ୍ୱପ୍ନ ଦେଖିଥିବା ଏବଂ ତାକୁ ସଫଳ କରିଥିବା ମଣିଷଟି ଭୋଗେ ଶେଷ ବୟସକୁ । ବାର୍ଦ୍ଧକ୍ୟର ଯନ୍ତ୍ରଣା ମଣିଷକୁ ଯେତେ ନ ବାଧେ , ତା'ଠୁ ଅଧିକ ବାଧେ ମାନସିକ ଯନ୍ତ୍ରଣା । ତାହାପୁଣି ନିଜ ହାତରେ ଗଢିଥିବା ଆତ୍ମୀୟସ୍ୱଜନଙ୍କ ଦ୍ୱାରା । ବୟସର ଅପରାହ୍ନରେ ପହଞ୍ଚିଥିବା ଏ ମଣିଷପ୍ରତି ସମସ୍ତେ ଭୁଲିଯାଆନ୍ତି ନିଜର ଦାୟିତ୍ୱ ଓ କର୍ତ୍ତବ୍ୟବୋଧ । ଯେଉଁ ମାଆବାପା ପାଞ୍ଚ ପାଞ୍ଚଟି ପିଲାଙ୍କୁ ମଣିଷ କରି ଗଢିତୋଳିବା ପାଇଁ ନିଜକୁ ଜଳାଞ୍ଜଳି ଦେଇଥିଲେ, ଏବେ ସେମାନେ ବାପାମାଆଙ୍କୁ ବୁଢ଼ା ବୟସରେ ପାଖରେ ରଖିବାକୁ ନିଜ ଭିତରେ ଭାଗ ବସାନ୍ତି । ସେମାନଙ୍କ ସମ୍ପର୍କକୁ ଅଲଗା କରିଦେବାକୁ ତିଳେ ହେଁ କୁଣ୍ଠାପ୍ରକାଶ କରନ୍ତି ନାହିଁ ।

ଶେଷ ବୟସର ଜୀବନ ଯେ କେତେ଼ ଯନ୍ତ୍ରଣାଦାୟକ, ସେକଥା କେବଳ ଅନୁଭବୀଟିଏ ହିଁ ଉପଲବ୍ଧି କରିପାରିଥାଏ । ନିଃସଙ୍ଗ ଜୀବନ ଭିତରେ ସେ କେବଳ ଚାହିଁ ରହିଥାଏ ଶୂନ୍ୟ ଆକାଶକୁ । ସ୍ତ୍ରୀକୁ ହରାଇଥିବା ସ୍ୱାମୀ ଓ ସ୍ୱାମୀକୁ ହରାଇଥିବା ସ୍ତ୍ରୀର ଜୀବନ ହୋଇପଡ଼େ ଦୁର୍ବିଷହ । ଏ ସମୟର ସମ୍ବଳ ଥାଏ କେବଳ ଆଶ୍ୱାସନା ଟିକିଏ । ତାକୁ ହିଁ ପାଥେୟକରି ଜିଇବାକୁ ହୋଇଥାଏ ଅବଶିଷ୍ଟ ଜୀବନ । ହାତଧରି ବାଟ ଚାଲିବାକୁ ଶିଖାଇଥିବା ଏ ବୟସ୍କଙ୍କ ପ୍ରତି ହୁଏ ଅତ୍ୟାଚାର । ଏ ବେଳରେ ସେମାନେ ଅନ୍ୟର ହାତଧରି ଚାଲିବାକୁ ଇଚ୍ଛାକଲେ ମଧ ମିଳେ ଖାଲି ପ୍ରତାରଣା । ଅନବରତ ତାଙ୍କୁ ଦଂଶନ କରୁଥାଏ ନୈରାଶ୍ୟ ।

ପୈତୃକ ସମ୍ପତ୍ତି ପାଇଁ ସନ୍ତାନ ସନ୍ତତିଙ୍କ ବ୍ୟଗ୍ରତା ଯେତିକିଥାଏ ମାତାପିତାଙ୍କ ସେବା ଯତ୍ନ ପାଇଁ ସେତିକି ତତ୍ପରତା ନ ଥାଏ । ସଂପତ୍ତିର ମୋହଭିତରେ ହଜିଯାଏ ସମ୍ପର୍କ । ସମ୍ପତ୍ତିର ମୁରବି ଏଠି ଥାଆନ୍ତି ଅସହାୟ । ପିଲାଙ୍କ ସବୁକଥାରେ ନୀରବ ସମ୍ମତି ଦେବା ଛଡ଼ା ତାଙ୍କର ଅନ୍ୟବାଟ କିଛି ନ ଥାଏ । ଏ ଦୁର୍ଦ୍ଦିନରେ ଆଶା ଓ ଆଶ୍ୱାସନାର ମାଧମ ପାଲଟିଥାନ୍ତି ପାଖପଡ଼ୋଶୀ । ରୋଗଶଯ୍ୟାରେ ସେବା ଓ ସହାନୁଭୂତି ଫିକା ପଡ଼ିଯାଏ । ଏ ଶେଷ ବୟସର ସାହା ହିଁ ଈଶ୍ୱର ।

ସୁନ୍ଦରଭାବରେ ତୋଳିଥିବା ଘରର ପୁଅଟି ବିଦେଶରେ ଚାକିରି କରେ । ଘରକୁ ସୁନ୍ଦର ବୋହୂଟିଏ ଆସେ । ଆସନ୍ତି ପୁଣି ସନ୍ତାନସନ୍ତତି । ପୁଅ ବାହାରେ ଚାକିରି କରୁଥିବା କାରଣରୁ ଅଗତ୍ୟା ବୋହୂକୁ ମଧ ସେଠାକୁ ଯିବାକୁ ପଡ଼ିଥାଏ । ଘରେ ଏବେ ବିରାଜୁଥାଏ କେବଳ ଶୂନ୍ୟତା । ବୃଦ୍ଧ ମାତାପିତା ବିଦେଶକୁ ଯିବାପାଇଁ ଅସହଜ ମଣନ୍ତି । ଭିଟାମାଟିର ମୋହ ପରିତ୍ୟାଗ କରିବା ସମ୍ଭବତଃ ସେମାନଙ୍କ ପକ୍ଷରେ କଷ୍ଟକର ଥାଏ । ସୁତରାଂ ମାଟିକାମୁଡ଼ି ସେମାନେ ପଡ଼ିରହନ୍ତି ସେଇଠି । ପୁଅମାନେ ମଧ କର୍ତ୍ତବ୍ୟ ସଂପାଦନା କରିବାକୁ ଯାଇ ମାତାପିତାଙ୍କ ପାଖରେ ଛାଡ଼ିଦେଇ ଯାଆନ୍ତି ଘରଟେ, ଚାକରଟେ, କୁକୁରଟେ ଓ ଖଣ୍ଡିଏ ମୋବାଇଲ ଫୋନ । ବାସ୍ ଏତକ ସମ୍ବଳନେଇ ବିତିଯାଏ ସେମାନଙ୍କର ଅବଶିଷ୍ଟ ଆୟୁଷ ।

ବଡ଼ ବିଚିତ୍ର ଓ ଦୁଃଖଦ ସ୍ଥିତି ଆଣିଦିଏ ଏ ଶେଷ ବୟସ । ଏଠି ନା ମିଳେ ପୁଅ ବୋହୂଙ୍କ ସେବା ଶୁଶ୍ରୂଷା ଅବା ନାତିନାତୁଣୀଙ୍କ ଆତ୍ମୀୟତା । ଖାଲି ଭୋଗିବାକୁ ହୋଇଥାଏ ନିଃସଙ୍ଗତା । ପାଖରେ ସୁନ୍ଦର ଘରଟିଏ ଥାଏ ସତ, ହେଲେ ଏକ ସୁନ୍ଦର ମନର ଅଭାବ ପରିଲକ୍ଷିତ ହୋଇଥାଏ । ନିଜ ମର୍ଜିରେ କାମକରିଚାଲିଥାଏ ପରିଚାରକ । ପାଖରେ ମୋବାଇଲ ଫୋନ ଥାଏ ସତ, ହେଲେ ଫୋନ କଲ୍ ପାଇଁ ସମ୍ପର୍କର ଅଭାବ ଥାଏ । ଏ ବେଳରେ ଘରର ଜଗୁଆଳି କୁକୁର ତା' ମହାନତା ପ୍ରଦର୍ଶନ କରିଥାଏ । ବିଶ୍ୱସ୍ତପଣିଆର ସାଥୀ ସାଜି ପାଖେ ପାଖେ ଜଗି ବସିଥାଏ ।

ଚଷମା ଭିତରୁ ଜୁଳୁଜୁଳୁ କରି ବୃଦ୍ଧ ଦମ୍ପତି ଚାହିଁରହିଥାନ୍ତି ଶୂନ୍ୟକୁ । ବଙ୍କୁଲିବାଡ଼ିର ସହଚର୍ଯ୍ୟରେ ପାଦେପାଦେ ଆଗକୁ ବଢ଼ିବାର ଆଶା ଟିକକ ତଥାପି ମରି ନ ଥାଏ ଶେଷ ନିଃଶ୍ୱାସ ଥିବା ପର୍ଯ୍ୟନ୍ତ । ଈଶ୍ୱରଙ୍କ ଉପରେ ଆସ୍ଥା ଓ ଭରସା ରଖି ଅଗତ୍ୟା ଭୋଗିବାକୁ ହୋଇଥାଏ ଶେଷ ବୟସର ସମୟ । ବେଳେବେଳେ ଅଭିମାନ ଭରା ସ୍ୱରରେ ସେମାନେ ପଚାରିବସନ୍ତି – ହେ ଈଶ୍ୱର ! ଏ ଶେଷ ବୟସର କ'ଣ ଶେଷ ନାହିଁ ?

**ଶିକ୍ଷକ, କିଶୋରନଗର ଉଚ୍ଚ ବିଦ୍ୟାଳୟ,**
**ରାଜ କିଶୋରନଗର, ଅନୁଗୋଳ**
**ମୋ– ୯୪୩୭୫୪୭୧୪୬**

## ଏଇ ଭାରତରେ

ଏକ ସୁସ୍ଥ ପୃଥିବୀ ପାଇଁ ପରିବେଶର ସୁରକ୍ଷା ଜରୁରୀ । ଏ ଦିଗରେ ଭାରତରେ ଯେଉଁ କେତେଜଣ କାର୍ଯ୍ୟ କରୁଛନ୍ତି ସେମାନଙ୍କ ମଧ୍ୟରେ ଦିଲ୍ଲୀର ଅର୍ପିତ ଧୁପରଙ୍କ ଉଦ୍ୟମ ପ୍ରଶଂସନୀୟ । ପଞ୍ଜାବ ଓ ହରିୟାଣାରେ ଖୁଣ୍ଟାପୋଡ଼ିରୁ ବାହାରୁଥିବା ଧୂଆଁ ପରିବେଶ ପ୍ରଦୂଷଣ କରୁଥିବାରୁ ଏହାର ସମାଧାନ ବାଟ ବାହାର କରିଛନ୍ତି ଅର୍ପିତ । ସେ 'ଦରକ୍ଷା ଇକୋସିଷ୍ଟମସ୍' ଷ୍ଟାର୍ଟଅପ ଗଠନ କରି ତା' ମାଧ୍ୟମରେ ବର୍ଜ୍ୟ ଧାନଖୁଣ୍ଟାର ପୁନଃ ଉପଯୋଗ କରୁଛନ୍ତି । ନୂତନ ଜ୍ଞାନକୌଶଳ ପ୍ରୟୋଗ କରି ଧାନଖୁଣ୍ଟାରୁ ପ୍ୟାକେଜିଂ ଜିନିଷ ତିଆରି କରୁଛନ୍ତି । ଏସବୁ ପରିବେଶ ଉପଯୋଗୀ ଓ ବିଘଟନ ଯୋଗ୍ୟ । ଏହା ଫଳରେ ପ୍ୟାକେଜିଂରେ ବ୍ୟବହୃତ ଥର୍ମକୁଲ ଓ ପ୍ଲାଷ୍ଟିକ ଆଉ ବିପୁଳ ପରିମାଣରେ ବାହାରେ ଜମା ହୋଇ ରହିବ ନାହିଁ ବୋଲି କହନ୍ତି ଅର୍ପିତ । ଦିଲ୍ଲୀ ଆଇଆଇଟିରୁ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିବା ପରେ ସେ ଏହି ଷ୍ଟାର୍ଟଅପ ଆରମ୍ଭ କରିଥିଲେ । ଏବେ ସୁଦ୍ଧା ସେ ପଞ୍ଜାବ ଓ ହରିୟାଣାର ୧୦୦ ଏକର ଜମିରୁ ୨୫୦ ଟନରୁ ଅଧିକ ଖୁଣ୍ଟା ସଂଗ୍ରହ କରି ସେଥିରୁ ପ୍ୟାକେଜିଂ ଜିନିଷ ପ୍ରସ୍ତୁତ କରି ସାରିଲେଣି । ସେ ଏକର ପିଛା ଖୁଣ୍ଟା ବାବଦରେ କୃଷକଙ୍କୁ ୨,୫୦୦ ଟଙ୍କା ଦେଇ ତାହାକୁ କିଣୁଛନ୍ତି । ଅର୍ପିତଙ୍କ ଏହି କାର୍ଯ୍ୟ ଦ୍ୱାରା ପରିବେଶ ପ୍ରଦୂଷଣ କମିବା ସହ କୃଷକମାନଙ୍କର ଆୟ ମଧ ବଢୁଛି ।

## ୫୦ ବର୍ଷ ତଳର ଧରିତ୍ରୀ

୨୦ ଡିସେମ୍ବର ୧୯୭୪

- ଦେଶର ବୈଦେଶିକ ବିନିମୟ ମୁଦ୍ରାର ସଂରକ୍ଷଣ ଏବଂ ଚୋରା କାରବାର ନିରୋଧ କରିବା ପାଇଁ ଏକ ନୂଆ ଆଇନ ଲାଗୁ ।
- ମୋହନ ସିଂ ଓବେରେଇଙ୍କ ନେତୃତ୍ୱରେ ପରିଚାଳିତ ଭାରତୀୟ କ୍ରାନ୍ତି ଦଳ (ବିକେଡି) ଜାତୀୟ କଂଗ୍ରେସରେ ସାମିଲ ।

## ଚିରନ୍ତନୀ

ହେଲେ ହେଁ ପ୍ରାଚୀନତମ ତବ ସତ୍ୟ ହେଉ ପଛେ ଜୀର୍ଣ୍ଣ
ଆଣିଛି ସେ ଭୂମିକମ୍ପ ଧରଣୀକୁ କରିଛି ବିଦୀର୍ଣ୍ଣ
ଭାରତ ଗଗନପରେ ଶୁଭେ ସେହି ଅନାହତ ଧ୍ୱନି
ଶ୍ମଶାନର ଶବ କାନେ ଫୁଙ୍କିଦେଇ ମୃତ୍ୟୁ ସଞ୍ଜୀବନୀ ।
–(ଜାଗ ଜାଗ ଗାନ୍ଧୀ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁଡୋକୁ

su | do | ku
Puzzles by Srikant Ghosh

ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| 1 | | 6 | | | | | | |
| | | 8 | | 6 | | | 9 | |
| 3 | 7 | | | | | | | |
| | 1 | | | 2 | 9 | | | 3 |
| | | | | | | | 6 | |
| 7 | 5 | | | 4 | | | | 2 |
| | | | 1 | 5 | 2 | | | 7 |
| | | | | | 7 | | | 4 |
| 9 | 8 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 2 | 8 | 4 | 7 | 3 | 9 | 5 | 1 | 6 |
| 1 | 6 | 3 | 4 | 5 | 8 | 9 | 2 | 7 |
| 7 | 5 | 9 | 6 | 1 | 2 | 8 | 4 | 3 |
| 3 | 2 | 6 | 5 | 4 | 7 | 1 | 8 | 9 |
| 9 | 1 | 8 | 3 | 2 | 6 | 7 | 5 | 4 |
| 4 | 7 | 5 | 8 | 9 | 1 | 6 | 3 | 2 |
| 5 | 4 | 1 | 9 | 7 | 3 | 2 | 6 | 8 |
| 8 | 9 | 2 | 1 | 6 | 4 | 3 | 7 | 5 |
| 6 | 3 | 7 | 2 | 8 | 5 | 4 | 9 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅପ୍ରସଙ୍ଗକୁ ଖବର କରାଯିବା ଉଚିତ ନୁହେଁ

ମହାଶୟ,

ଅନେକ ଖବରର ଆବଶ୍ୟକତା ନ ଥାଇ ବି ଛପାଯାଉଛି । ଟନେଲ ଭିତରେ କର୍ମଚାରୀ ରହିଯିବା ପାଇଁ ଯେଉଁ ସଂସ୍ଥା ଏହାର ନିର୍ମାଣ କାର୍ଯ୍ୟ ନେଇଛି, ତା'ର ଅପାରଗତା ଓ କର୍ମଚାରୀଙ୍କ ସୁରକ୍ଷା ବ୍ୟବସ୍ଥାରେ ଅବହେଳା ଲାଗି ଖବରକାଗଜ ଓ ଗଣମାଧମକୁ ଦାୟୀ ନ କରି ଅମୁକ ଏହି ବ୍ୟବସ୍ଥା କଲେ, ସମୁକ ଯାଇ ସେଠାରେ ପହଞ୍ଚିଲେ ପ୍ରଭୃତି ଅଖବରକୁ କାହିଁକି ପ୍ରାଧାନ୍ୟ ଦିଆଯାଉଛି ? ଗଣମାଧମ ତା'ର ପ୍ରକୃତ କାମ ଭୁଲି ଗୋଡ଼ାଣିଆ ସାଜିବା ଦେଶ ପାଇଁ ଶୁଭଙ୍କର ନୁହେଁ । ଖେଳର ଆବଶ୍ୟକତା ତ ରହିଛି, ମାତ୍ର ସବୁ ଦିନ ପ୍ରସାରଣ ଓ ତଥାକଥିତ ଅତି ବିଶିଷ୍ଟ ବ୍ୟକ୍ତିଙ୍କ ବୟାନବାଜି ସହ ଖେଳକୁ ଯୁଦ୍ଧ ପରି ପରିବେଷଣ କରିବା କେତେଦୂର ଗ୍ରହଣୀୟ ? କାହାକୁ ମହାନାୟକ କରିବା ଗଣମାଧମର କାମ ନୁହେଁ । ଖବରଦାତାର କର୍ତ୍ତବ୍ୟ ଯାହା ଘଟୁଛି, ତା'ର ବିବରଣ ଲୋକଙ୍କୁ ଜଣାଇବା । ମାତ୍ର ଅତିଶୟୋକ୍ତି ବିରକ୍ତି ଆଣେ ତଥା ଖବର ପ୍ରସାରଣର ମୂଲ୍ୟ କମାଏ ।

**– ଡ. ରାଜୀବ ଷଡ଼ଙ୍ଗୀ, କୁଣ୍ଡି, କୁମୁଡା ଜୟପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ଆଜି ନିଯୁକ୍ତି ପାଇବେ ୪,୧୬୬ ଶିକ୍ଷକ

**ଭୁବନେଶ୍ୱର, ୧୯।୧୨ (ଅସମାପିକା ସାହୁ)**

ରାଜ୍ୟ ସରକାର ବୁଧବାର ୪,୧୬୬ ଶିକ୍ଷକଙ୍କୁ ନିଯୁକ୍ତି ଦେବେ। ୩୦ ଜିଲାର ୩,୭୧୪ ଟିଜିଟି(ତାଲିମପ୍ରାପ୍ତ ସ୍ନାତକ ଶିକ୍ଷକ) ଏବଂ ୪୫୨ ପିଇଟି (ଶାରୀରିକ ଶିକ୍ଷା ଶିକ୍ଷକ)ଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଯୁକ୍ତିପତ୍ର ପ୍ରଦାନ କରିବେ। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ହେବାକୁ ଥିବା ପ୍ରଶିକ୍ଷଣ ଶିବିରକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରି ନବନିଯୁକ୍ତ ମାଧ୍ୟମିକ ଶିକ୍ଷକଙ୍କୁ ଭବିଷ୍ୟତରେ ଗୁଣାତ୍ମକ ଶିକ୍ଷାଦାନ ନିମନ୍ତେ ମାର୍ଗଦର୍ଶନ କରାଇବେ। ଏହି ଶିବିରରେ ନିଯୁକ୍ତି ପାଇବାକୁ ଥିବା ସମସ୍ତ ଶିକ୍ଷକ ଯୋଗଦେବାର ଆୟୋଜନ କରାଯାଇଛି।

# ଆଜିଠୁ କମିବ ଶୀତ

## ୨୨ରୁ ହାଲୁକା ବର୍ଷା

**ଭୁବନେଶ୍ୱର,୧୯।୧୨ (ଅନିଲ ଦାସ)**

ରାଜ୍ୟରେ ଜାରି ରହିଥିବା ଶୀତ ବୁଧବାରଠାରୁ ଧୀରେ ଧୀରେ କମିବ । ପାରଦ ଉପରମୁହାଁ ହେବ। ସର୍ବନିମ୍ନ ତାପମାତ୍ରାରେ ୩ରୁ ୪ ଡିଗ୍ରୀ ବୃଦ୍ଧିପାଇବ। ଉତ୍ତର-ଉତ୍ତର-ପଶ୍ଚିମ ଦିଗରୁ ରାଜ୍ୟକୁ ପ୍ରବାହିତ ହେଉଥିବା ବାୟୁର ଦିଗ ପରିବର୍ତ୍ତନ ହୋଇ ଦକ୍ଷିଣ-ପଶ୍ଚିମ ଦିଗରୁ ବହିବ। ଏହାଛଡ଼ା ପଶ୍ଚିମା ଝଡ଼ର ପ୍ରଭାବ ଯୋଗୁ ରାଜ୍ୟରେ ଆସନ୍ତା ୨୨ରୁ ୨୪ ତାରିଖ ମଧ୍ୟରେ ଆଭ୍ୟନ୍ତରୀଣ ଏବଂ ଉପକୂଳ ଓଡ଼ିଶାର କେତେକ ଜିଲାରେ ହାଲୁକା ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତା ୩୧ ତାରିଖ ଯାଏ ଶୀତର ପ୍ରକୋପ ବଢ଼ିବ ନାହିଁ । ଗତ କିଛିଦିନ ହେବ ରାଜ୍ୟରେ ଶୀତ ବୃଦ୍ଧି ପାଇଛି। ଅଧିକାଂଶ ସ୍ଥାନରେ ରାତ୍ରିର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିଯାଇଛି। ମଙ୍ଗଳବାର ରାଜ୍ୟର ସର୍ବନିମ୍ନ ତାପମାତ୍ରା ଫୁଲବାଣୀଠାରେ ୮.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି କେନ୍ଦୁଝରରେ ସର୍ବନିମ୍ନ ତାପମାତ୍ରା ୮.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ କୋରାପୁଟ ୮.୭, ସୁନ୍ଦରଗଡ଼ ୯, ଦାରିଙ୍ଗବାଡି ୯.୫, ଝାରସୁଗୁଡ଼ା ୯.୨, ଅନୁଗୋଳ ୯.୬, ରାଉରକେଲା ୯.୬, ସୋନପୁର ୧୦.୫, ଭବାନୀପାଟଣା ୧୧, ବଲାଙ୍ଗୀର ୧୧.୨, ବୌଦ୍ଧ ୧୧.୩, ବାରିପଦା ୧୧.୫, ନବରଙ୍ଗପୁର ୧୨, କଟକ ୧୩.୫ ଏବଂ ଭୁବନେଶ୍ୱରରେ ୧୩.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

# ‘ଏଭଳି ସାହସିକତା ପରିହାର କର’

## ଭିଜିଲାନ୍ସ କୋର୍ଟଙ୍କୁ ହାଇକୋର୍ଟଙ୍କ ଭତ୍ସନା

**ଭୁବନେଶ୍ୱର,୧୯।୧୨(ବ୍ୟୁରୋ)**

ହାଇକୋର୍ଟଙ୍କ ଆଗୁଆ ଜାମିନ ପ୍ରଦାନ ସତ୍ତ୍ୱେ ତଳ କୋର୍ଟ ଏହାକୁ ଗ୍ରହଣ ନ କରି ଅଭିଯୁକ୍ତ ଆବେଦନକାରୀଙ୍କୁ ପୋଲିସ ରିମାଣ୍ଡରେ ପଠାଇବା ଘଟଣାରେ ଉଚ୍ଚ ଅଦାଲତ କ୍ଷୁବ୍ଧ ହୋଇଛନ୍ତି। ତଳ କୋର୍ଟ ଏଭଳି ସାହସିକତା ପରିହାର କରିବାକୁ ହାଇକୋର୍ଟ କହିଛନ୍ତି। ଏଥିସହ ବିଚାରବିଭାଗୀୟ ହାଜତରେ ଥିବା ଜଣେ ଅଭିଯୁକ୍ତଙ୍କୁ ଦ୍ୱିତୀୟ ଥର ପାଇଁ ପୋଲିସ ରିମାଣ୍ଡରେ ପଠାଯାଇପାରିବ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

ପ୍ରକାଶ ଯେ, ଏକ ଦୁର୍ନୀତି ମାମଲାରେ ସମ୍ପୃକ୍ତ ୨ଜଣ ଅଭିଯୁକ୍ତ ଆବେଦନକାରୀଙ୍କୁ ହାଇକୋର୍ଟ ଆଗୁଆ ଜାମିନ ପ୍ରଦାନ କରିଥିଲେ। ହେଲେ ଉକ୍ତ ଆଦେଶକୁ ଅଣଦେଖା କରି ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିବା ପରିବର୍ତ୍ତେ ପୋଲିସ ରିମାଣ୍ଡରେ ଛାଡ଼ିଥିଲେ। ତଳ କୋର୍ଟଙ୍କ ଏଭଳି ଆଚରଣକୁ ହାଇକୋର୍ଟ ନିନ୍ଦା କରିବା ସହ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କୁ ସମନ ଜାରି କରିଛନ୍ତି। ଏପରିକି ଉକ୍ତ ଅଭିଯୁକ୍ତଦ୍ୱୟଙ୍କୁ ତୁରନ୍ତ ବିଚାରବିଭାଗୀୟ ହେପାଜତକୁ ଆଣିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

**ଉଚ୍ଚ ଅଦାଲତଙ୍କ ଜାମିନ ସତ୍ତ୍ୱେ ତଳ କୋର୍ଟଙ୍କ ଖାରଜ ମାମଲା**

ଉଚ୍ଚ ଅଦାଲତ ଥରେ ଗୋଟିଏ ରାୟ ପ୍ରକାଶ କରିଥିବା ପରେ ତଳ କୋର୍ଟ ଅଭିଯୋଗର ସତ୍ୟତା ଉପରେ ପୁନଃ ଯାଞ୍ଚ କରିବାର ଆଉ ଆବଶ୍ୟକ ନାହିଁ। ନିୟମତଃ ଜଣେ ବ୍ୟକ୍ତି ଗିରଫ ହୋଇ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର ହେବା ପରେ ପରେ ବ୍ୟକ୍ତିଙ୍କ ବ୍ୟକ୍ତିଗତ ସ୍ୱାଧୀନତା ବିଚାର ବିଭାଗ ହାତକୁ ଚାଲିଯାଇଥାଏ। ତେଣୁ ସେଥିରୁ ମୁକ୍ତ ହେବା ପାଇଁ ଜଣେ ବ୍ୟକ୍ତି ଜାମିନ ଆବେଦନ କରିବା ସହ ପୋଲିସ କିମ୍ବା ଜେଲ ହାଜତକୁ ଯିବା ପାଇଁ ବିରୋଧ କରିଥାନ୍ତି ବୋଲି ଉଚ୍ଚ ଅଦାଲତ କହିଛନ୍ତି।

ପ୍ରକାଶ ଯେ, ଏହି ମାମଲାର ଆବେଦନକାରୀଦ୍ୱୟ ବିଭାଗୀୟ ନିମ୍ନପଦସ୍ଥ ଅଧିକାରୀଙ୍କ ସହ ମିଶି ଷଡ଼ଯନ୍ତ୍ର ରଚିବା ସହିତ ସରକାରଙ୍କ ରାଜକୋଷର ୨୩,୬୩,୯୪୦ ଟଙ୍କା କ୍ଷତି କରିଥିଲେ। ତେଣୁ ସେମାନଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗରେ ମାମଲା ରୁଜୁ ହୋଇଥିଲା। ଗିରଫ ଭୟରେ ଆବେଦନକାରୀ ଆଗୁଆ ଜାମିନ ହାଇକୋର୍ଟରେ ଆବେଦନ କରିଥିଲେ। ମାମଲା ତଦନ୍ତ ଶେଷ ସହ ଚାର୍ଜଶିଟ ଦାଖଲ ହୋଇସାରିଥିବାରୁ ଉଚ୍ଚ ଅଦାଲତ ନିର୍ଦ୍ଦିଷ୍ଟ କେତେକ ସର୍ତ୍ତ ମାଧ୍ୟମରେ ଉଭୟଙ୍କୁ ଆଗୁଆ ଜାମିନ ପ୍ରଦାନ କରିଥିଲେ। ଏପରି କି ସର୍ତ୍ତ ଉଲ୍ଲଂଘନ କଲେ ଜାମିନ ଖାରଜ ହୋଇଯିବ ବୋଲି କୋର୍ଟ ଉଲ୍ଲେଖ କରିଥିଲେ। ପରେ ତଳ କୋର୍ଟଙ୍କଠାରୁ ସମନ ପାଇବା ପରେ ଆବେଦନକାରୀ ହାଜର ହୋଇ ଜାମିନ ଆବେଦନ କରିଥିଲେ, ହେଲେ ଉକ୍ତ କୋର୍ଟ ସେମାନଙ୍କୁ ଜାମିନ ପ୍ରଦାନ ନ କରି ଉଭୟଙ୍କୁ ପୋଲିସ ରିମାଣ୍ଡରେ ପଠାଇଥିଲେ।

# ଜଙ୍ଗଲରୁ ମିଳିଲା ମଣିଷ ଖପୁରି, ହାଡ଼: ବଳି ସନ୍ଦେହ

**ପାଟଣା, ୧୯।୧୨ (ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ଥାନା ସାହାରପଡ଼ା ବ୍ଲକ ଅଧୀନ ଖୁଣ୍ଟାପଡ଼ା ପଞ୍ଚାୟତ ଚାତରପାଣି ଗାଁ ନିକଟ କାଜୁ ଜଙ୍ଗଲରୁ ମଙ୍ଗଳବାର ସକାଳେ ଏକ ମଣିଷ ଖପୁରି ମିଳିଛି। ପାଖରେ ଜଙ୍ଘ ହାଡ଼, ଚୁଟି, ପ୍ୟାଣ୍ଟ, ଗାମୁଛା ଓ ଗଞ୍ଜି ପଡ଼ିଥିଲା। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇଛି। ସୂଚନା ଅନୁଯାୟୀ, ଉକ୍ତ ଜଙ୍ଗଲରେ ଏକ ଖପୁରି ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏହି ଖବର ପ୍ରଘଟ ହେବା ପରେ ଘଟଗାଁ ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇ, ସାଇଣ୍ଟିଫିକ ଅଫିସର ଡାକ୍ତର ଅଭିଲିପ୍ସା ଦାସ, ପାଟଣା ଥାନା ଅଧିକାରୀ ବିବସ୍ୱ ପ୍ରଧାନ ଓ ସାହାରପଡ଼ା ଫାଣ୍ଡି ଅଧିକାରୀ ଶିବଶଙ୍କର ଆଲଦାଙ୍କ ସହ ପୋଲିସ ଟିମ୍ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ସେଠାରୁ ଜବତ ହୋଇଥିବା ଖପୁରି, ଜଙ୍ଘ ହାଡ଼, ଚୁଟି, ପ୍ୟାଣ୍ଟ, ଗାମୁଛା ଓ ଗଞ୍ଜିକୁ ଫୋରେନ୍‌ସିକ ଟିମ୍ କେନ୍ଦୁଝର ଧରଣୀଧର ମେଡିକାଲ କଲେଜକୁ ପରୀକ୍ଷା ପାଇଁ ପଠାଇଛି। ଖପୁରି ମିଳିଥିବା ସ୍ଥାନ ନିକଟରୁ ଏକ କପଡ଼ା ବନ୍ଧା ଥିବା କଳସ ମିଳିଥିବାରୁ ବଳି ଦିଆଯାଇଥିବା ସ୍ଥାନୀୟ ଲୋକେ ସନ୍ଦେହ କରୁଛନ୍ତି। କଙ୍କାଳଟି ଜଣେ ସାନ୍ତାଳୀ ସମ୍ପ୍ରଦାୟ ବ୍ୟକ୍ତିଙ୍କର ହୋଇଥାଇପାରେ ବୋଲି ପାରିପାର୍ଶ୍ୱିକ ସ୍ଥିତିରୁ ପୋଲିସ ଅନୁମାନ କରିଛି। ତେବେ ପ୍ରାୟ ଦୁଇମାସ ତଳୁ ଘଟଣାଟି ଘଟିଥିବା ଅନୁମାନ କରାଯାଉଛି ବୋଲି ଏସ୍‌ଡିପିଓ ଗାଙ୍ଗୋଇ କହିଛନ୍ତି। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫୪/୨୩) ରୁଜୁ କରାଯାଇଛି।






## ସଂକ୍ଷେପରେ

### ଖରସ୍ରୋତା ପୁସ୍ତକ ମେଳା ପାଇଁ ପ୍ରସ୍ତୁତି

ଯାଜପୁର,୧୯।୧୨(ହର୍ଷବର୍ଦ୍ଧନବେହେରା): ବିଞ୍ଝାରପୁର ଖରସ୍ରୋତା ପୁସ୍ତକ ମେଳାର ପ୍ରସ୍ତୁତି ବୈଠକ ମଲ୍ଲିଆ ଯଜ୍ଞ ପଡିଆଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୩,୨୪,୨୫,୨୬,୨୭ ତାରିଖ ୫ ଦିନ ଧରି ଖରସ୍ରୋତା ପୁସ୍ତକ ମେଳା ପ୍ରଥମ କରି ମଲ୍ଲିଆ ଯଜ୍ଞ ପଡିଆଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ବହୁ ପୁସ୍ତକ ବିକ୍ରେତାମାନେ ଆଗ୍ରହ ପ୍ରକାଶ କରିଛନ୍ତି। ସ୍ଥାନୀୟ ବିଧାୟିକା ତଥା ବାଚସ୍ପତି ପ୍ରମିଳା ମଲ୍ଲିକ ଏହାର ତତ୍ତ୍ୱାବଧାନ କରୁଛନ୍ତି। ବିଭିନ୍ନ ଅଧିବେଶନରେ ଏ ଅଞ୍ଚଳର ତଥା ଓଡିଶାସ୍ତରରେ ଖ୍ୟାତି ଅର୍ଜନ କରିଥିବା ପ୍ରତିଭାଧାରୀ ତଥା ସାରସ୍ୱତ ସାଧକ, ଗାଳ୍ପିକ ରାଜ୍ୟବର୍ଦ୍ଧନ ଧଳମହାପାତ୍ର, ଓଡ଼ିଶାର ସ୍ୱନାମଧନ୍ୟ ସ୍ତମ୍ଭକାର ତଥା ଅଖିଳଚକ୍ରର ସମ୍ପାଦକ ହରେକୃଷ୍ଣ ପଣ୍ଡା, ଲେଖକ ଚିତ୍ତରଞ୍ଜନ ବେହେରା, ଔପନ୍ୟାସିକ ଶରତ କୁମାର ସାହୁ, କବୟିତ୍ରୀ ସୁଜାତା ପତି ଓ ନାଟ୍ୟକାର ଦୀପକ ଜେନାଙ୍କୁ ଖରସ୍ରୋତା ପୁସ୍ତକ ମେଳା ସମ୍ମାନ–୨୦୨୩ ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହା ବ୍ୟତୀତ ଓଡିଶାର ବହୁ ବିଶିଷ୍ଟ ବ୍ୟକ୍ତି ପ୍ରତ୍ୟହ ସନ୍ଧ୍ୟା ୫ଟାରେ ଆୟୋଜିତ ଆଲୋଚନା ସଭାରେ ଯୋଗ ଦେବାକୁ ଆମନ୍ତ୍ରଣ କରାଯାଇଥିବା ସୂଚନା ପ୍ରଦାନ କରିଥିଲେ। ପ୍ରତ୍ୟହ ଅପରାହ୍ଣରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ, ସଙ୍ଗୀତ, ନୃତ୍ୟ, ସାଧାରଣ ଜ୍ଞାନ ପ୍ରତିଯୋଗୀତା ଓ ସନ୍ଧ୍ୟାରେ ଏକାଙ୍କିକା, ଅଭିନୟ ଆଦି ପରିବେଷଣ କରାଯିବାକୁ ବୈଠକରେ ସ୍ଥିର କରାଯାଇଛି। ଖରସ୍ରୋତା ସଚେତନ ନାଗରିକ ମଞ୍ଚ ପକ୍ଷରୁ ଏହି ମେଳାର ଆୟୋଜନ କରାଯାଉଛି। ସଭାପତି ପଦ୍ମାକର ଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅଖିଳଚକ୍ରର ସମ୍ପାଦକ ହରେକୃଷ୍ଣ ପଣ୍ଡା, ଅଧ୍ୟାପକ ଅଜୟ ଓଝା, ଶୁସାନ୍ତ ନାୟକ, ନାରାୟଣଚନ୍ଦ୍ର ଦାଶ, ରବି ନାରାୟଣ ସାମଲ, ବ୍ରଜ କିଶୋର ସାମଲ, ପ୍ରଦୀପ ଜେନା, ରତ୍ନାକର ସାହୁ, ଶ୍ରୀଧର ସାହୁ, ସର୍ବେଶ୍ୱର ଧଳ, ଦେବ ପ୍ରସାଦ ସାମଲ, ଶରତ ନାୟକ, ଦେବେନ୍ଦ୍ର ସାମଲ, ଜିତେନ୍ଦ୍ର ବେହେରା, ରମାକାନ୍ତ ନାୟକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ୨୭ ଏସ୍ଆଇ, ୯ ଏଏସ୍ଆଇଙ୍କ ବଦଳି

**ଯାଜପୁର ଜିଲା ପୋଲିସ**

ପାଣିକୋଇଲି,୧୯।୧୨(ବିକାଶ ମଲ୍ଲିକ): ଯାଜପୁର ଜିଲା ଆରକ୍ଷୀ ଅଧୀକ୍ଷକ ଭିନୀତ ଅଗ୍ରୱାଲ ମଙ୍ଗଳବାର ୨୭ ସବ୍‌ଇନ୍ସପେକ୍ଟର (ଏସ୍‌ଆଇ) ଓ ୯ ଆସିଷ୍ଟାଣ୍ଟ ସବଇନ୍ସପେକ୍ଟର(ଏଏସ୍‌ଆଇ)ଙ୍କୁ ଜିଲାସ୍ତରରେ ବଦଳି କରିଛନ୍ତି। ଏନେଇ ଆରକ୍ଷୀ ଅଧୀକ୍ଷକ ଡିଓ ନଂ.୨୭୧୬ ଓ ଚିଠି ନଂ. ୨୬୯୦ରେ ସମସ୍ତ ଥାନାକୁ ଜଣାଇଛନ୍ତି। ଚିଠି ଅନୁସାରେ ଏସ୍‌ଆଇ କଳ୍ପଲତା ପ୍ରଧାନଙ୍କୁ ବିଞ୍ଝାରପୁର ଥାନାରୁ ବରୀ ଥାନା, ସୁଶାନ୍ତ ସେଠୀଙ୍କୁ ହେଡ୍‌କ୍ୱାର୍ଟରରୁ ଯାଜପୁରରୋଡ, ବିପିନ ସାହୁଙ୍କୁ ମଙ୍ଗଳପୁର ଥାନାରୁ କୋରେଇ, ବିଶ୍ୱଜିତ ବିଶ୍ୱାଳ ଓ ସୁରେନ୍ଦ୍ର ରଥଙ୍କୁ କୋରେଇରୁ ମଙ୍ଗଳପୁର, ଜ୍ୟୋତିରଞ୍ଜନ ମହାପାତ୍ରଙ୍କୁ ଯାଜପୁରରୋଡରୁ କଳିଙ୍ଗନଗର, ସଂଯୁକ୍ତା ବେହେରାଙ୍କୁ ଯାଜପୁରରୋଡରୁ ଯାଜପୁର ଟାଉନ, ଅନିତା ପ୍ରଧାନଙ୍କୁ କୁଆଖିଆ ଥାନାରୁ ବିଞ୍ଝାରପୁର, ବାସୁଦେବ ପରିଡ଼ାଙ୍କୁ ଚଢ଼େଇଧରା ବିଟ ହାଉସରୁ କୋରେଇ ଥାନା, ସୁବାସ ମୁଦୁଲିଙ୍କୁ ବଡ଼ଚଣାରୁ ଯାଜପୁର ଥାନା, ଦିଲୀପ କାଣ୍ଡଙ୍କୁ ଚଣ୍ଡୀଖୋଲ ଫାଣ୍ଡିରୁ ଦଶରଥପୁର ଥାନା, ଗୋବର୍ଦ୍ଧନ ନାୟକଙ୍କୁ ବାଲିଚନ୍ଦ୍ରପୁର ଥାନାରୁ ଯାଜପୁର ସଦର, ଶଶିଭୂଷଣ ପରିଡ଼ାଙ୍କୁ ବାଲିଚନ୍ଦ୍ରପୁର ଥାନାରୁ ଜେନାପୁର, ହେଡ୍‌କ୍ୱାର୍ଟରରୁ ବିଶ୍ୱରଞ୍ଜନ ନାୟକଙ୍କୁ ପାଣିକୋଇଲି ଥାନା, ମନୋରଞ୍ଜନ ସେଠୀଙ୍କୁ କୋରେଇ, ନାରାୟଣ ବେହେରାଙ୍କୁ ବିଞ୍ଝାରପୁର, ପ୍ରିୟରଞ୍ଜନ ସେଠୀଙ୍କୁ ବାଲିଚନ୍ଦ୍ରପୁର ଥାନା, ଲକ୍ଷ୍ମୀପ୍ରିୟା ଦାସଙ୍କୁ ବରୀରୁ ଯାଜପୁରରୋଡ, ମହେନ୍ଦ୍ର ସେଠୀଙ୍କୁ ଯାଜପୁର ଥାନାରୁ ବଡ଼ଚଣା, ଚିତ୍ତରଞ୍ଜନ ଜେନାଙ୍କୁ ବରୀରୁ ହେଡ୍‌କ୍ୱାର୍ଟର, ପାର୍ବତୀ ମଳିକଙ୍କୁ ଦଶରଥପୁର ଥାନାରୁ ଟମକା, ମହମ୍ମଦ ସୁରଜଙ୍କୁ ବଡ଼ଚଣା ଥାନାରୁ ଛତିଆ ବିଟ ହାଉସ, ଜହର ଆବେଦିନଙ୍କୁ ଛତିଆ ବିଟ ହାଉସରୁ ଚଣ୍ଡିଖୋଲ ଫାଣ୍ଡି, ସୌମ୍ୟରଞ୍ଜନ ଭୋଳଙ୍କୁ ଜେନାପୁର ଥାନାରୁ ଚଢ଼େଇଧରା ବିଟ ହାଉସ, ଅର୍ନ୍ତଯାମୀ ଶ୍ରୀଚନ୍ଦନଙ୍କୁ ମଙ୍ଗଳପୁର ଥାନାରୁ ଯାଜପୁର, ବିଦ୍ୟୁତ୍ ଦେହୁରୀଙ୍କୁ ଯାଜପୁରରୁ ବଡ଼ଚଣା ଓ ହେମଲତା ଦାସଙ୍କୁ କଳିଙ୍ଗନଗର ଥାନାରୁ କୁଆଖିଆ ଥାନାକୁ ବଦଳି କରାଯାଇଛି।

ସେହିପରି ଏଏସ୍‌ଆଇ ଦିବାକର ମହାନ୍ତିଙ୍କୁ ହେଡ୍‌କ୍ୱାର୍ଟରରୁ କଳିଙ୍ଗନଗର ଥାନା, ମୁକ୍ତେଶ୍ୱର ଜେନାଙ୍କୁ ହେଡକ୍ୱାର୍ଟରରୁ ପାଣିକୋଇଲି ଥାନା, ଅଶୋକ ସେଠୀଙ୍କୁ ହେଡ୍‌କ୍ୱାର୍ଟରରୁ କଳିଙ୍ଗନଗର, ରାଧାନାଥ ମାଝିଙ୍କୁ ହେଡକ୍ୱାର୍ଟରରୁ ଯାଜପୁରରୋଡ ଏସଡିପିଓ ଅଫିସ, ସିମନ୍ତ ସେଠୀଙ୍କୁ ହେଡକ୍ୱାର୍ଟରରୁ କଳିଙ୍ଗନଗର ଅତିରିକ୍ତ ଏସ୍‌ପିଙ୍କ କାର୍ଯ୍ୟାଳୟ, ରାଜେନ୍ଦ୍ର ଭୋଇଙ୍କୁ ହେଡ୍‌କ୍ୱାର୍ଟରରୁ ବଡ଼ଚଣା, ନିଶାନ୍ତ ନାୟକଙ୍କୁ ଡିଏଚ୍‌ଆର୍‌ପିସିରୁ ଯାଜପୁର କୋର୍ଟ, ସୁଜିତ ମଲ୍ଲିକଙ୍କୁ ପାଣିକୋଇଲିରୁ ଶଙ୍ଖଚିଲା ଫାଣ୍ଡି ଓ ଚିତ୍ତରଞ୍ଜନ ମହାନ୍ତିଙ୍କୁ ବଡ଼ଚଣା ଥାନାରୁ ଧାନମଣ୍ଡଳ ଫାଣ୍ଡିକୁ ବଦଳି କରାଯାଇଛି। ଏହି ଆଦେଶକୁ ତୁରନ୍ତ ପାଳନ କରି ବଦଳି ହୋଇଥିବା ସ୍ଥାନରେ ଶୀଘ୍ର ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଇଂଲିଶ କବିତା ସଂକଳନ 'ଫାର୍ ଫ୍ରମ୍ ଦ ବ୍ଲୁ' ଉନ୍ମୋଚିତ



କବିତା ସଂକଳନ ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ରସୁଲପୁର,୧୯।୧୨(ରଞ୍ଜିତ ରାଉତ): ଶିକ୍ଷାବିତ୍ ବେଣୁଧର ଦୋବାଇଙ୍କ ଇଂଲିଶ କବିତା ସଂକଳନ 'ଫାର ଫ୍ରମ ଦ ବ୍ଲୁ' ଉନ୍ମୋଚିତ ହୋଇଯାଇଛି। ରସୁଲପୁର ବ୍ଲକ ଅନ୍ତର୍ଗତ ମଧୁବନ(ପାଞ୍ଚଗୋଛିଆ)ରେ ଥିବା ତାଙ୍କ ବାସଭବନରେ ଆୟୋଜିତ ବନ୍ଧୁମିଳନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଅବସରପ୍ରାପ୍ତ ଇଂଲିଶ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି କବିତା ସଂକଳନର ସମୀକ୍ଷା କରିଥିଲେ। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଇଂଲିଶ ବିଭାଗ ମୁଖ୍ୟ ପ୍ରଫେସର ସନ୍ତୋଷ ସେଠୀ, ଶିକ୍ଷକ ନେତା ଦୁଷ୍ମନ୍ତ ନାୟକ, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ଶିବଚରଣ ମାଝି, ଯାଜପୁର ଲେଖକ ସମ୍ମିଳନୀ ସଭାପତି ଡା. ରୁଦ୍ରନାରାୟଣ ପୃଷ୍ଟି, ଶିକ୍ଷାବିତ ଜିତେନ୍ଦ୍ର କର ଏବଂ ସଚ୍ଚିଦାନନ୍ଦ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସଙ୍କଳନଟି ଭୁବନେଶ୍ୱରର ପୂର୍ବୀ ପବ୍ଲିକେସନ ଦ୍ୱାରା ପ୍ରକାଶିତ ହୋଇଥିବା ବେଳେ ପ୍ରକାଶନୀ ସଂସ୍ଥାର ମାର୍ଗଦର୍ଶକ ଅଧ୍ୟାପକ ବିରଞ୍ଚି ନାରାୟଣ ଦାସ ଯୋଗଦେଇ ଦୋବାଇଙ୍କ ପ୍ରତିଭା ଉପରେ ନିଜସ୍ୱ ଅନୁଭବ ବର୍ଣ୍ଣନା କରିଥିଲେ। ସଙ୍କଳନର ମୁଖବନ୍ଧ ଲେଖିଥିବା ଆହ୍ଲାବାଦ ବିଶ୍ୱବିଦ୍ୟାଳୟ ଇଂଲିଶ ପ୍ରାଧ୍ୟାପକ ଦେବାଶିଷ ପତି ଆହ୍ଲାହାବାଦରୁ ଦୃଶ୍ୟଶ୍ରାବ୍ୟ ମାଧ୍ୟମରେ ସଙ୍କଳନର ସ୍ୱାତନ୍ତ୍ର୍ୟ ପ୍ରତିପାଦନ କରିଥିଲେ। ଓଡ଼ିଶା ପରିଭ୍ରମଣରେ ଆସିଥିବା ନେଦରଲାଣ୍ଡ ଦମ୍ପତି ଆଲିସ ମୋନେନ ଓ ଜେରାଡସ ଇଖୁଇଜେନଙ୍କ ଉପସ୍ଥିତି ଓ ବକ୍ତବ୍ୟ ସମସ୍ତଙ୍କର କୌତୂହଳ ବଢ଼ାଇ ଦେଇଥିଲା। ଏହି ଅବସରରେ ଅଭାବରେ ରହି ଶିକ୍ଷାରେ ଉତ୍କର୍ଷ ହାସଲ କରିଥିବା ୧୦ ମେଧାବୀ ଛାତ୍ରୀଛାତ୍ରଙ୍କୁ 'ଛାତ୍ର–ମିତ୍ର ସମ୍ମାନ' ପ୍ରଦାନ କରାଯାଇଥିଲା। ପ୍ରତ୍ୟେକଙ୍କୁ ପ୍ରଶଂସାପତ୍ର ସହ ନଗଦ ୨୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଅଧ୍ୟାପକ ପ୍ରଶାନ୍ତ ଦ୍ୱିବେଦୀ ଧନ୍ୟବାଦ ଦେଇଥିଲେ।

## ବ୍ୟାସ ମିଡିଆ କପ୍ କ୍ରିକେଟ: କୋରେଇ ପ୍ରେସ୍ କ୍ଲବ୍ ଚାମ୍ପିୟନ




ଅତିଥିଙ୍କ ଗହଣରେ ଖେଳାଳିମାନେ।

ଯାଜପୁରରୋଡ୍,୧୯।୧୨(ପବିତ୍ର ରଞ୍ଜନ ମହାନ୍ତି): ବ୍ୟାସନଗର ପ୍ରେସ୍ ଫୋରମ ଆନୁକୂଲ୍ୟରେ ଅନୁଷ୍ଠିତ ବ୍ୟାସ ମିଡିଆ କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଫାଇନାଲ ମ୍ୟାଚ୍ କୋରେଇ ପ୍ରେସ୍ କ୍ଲବ୍ ଓ ଯାଜପୁର ଜିଲା ପୋଲିସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ରେ କୋରେଇ ପ୍ରେସ୍ କ୍ଲବ୍ ଚାମ୍ପିୟନ ହୋଇଛି। ଟସ୍ ଜିତି ପ୍ରେସ୍ କ୍ଲବ ବ୍ୟାଟିଂ କରି ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୧୧୬ ରନ କରିଥିଲା। ଜିଲା ପୋଲିସ ୫ ଉଇକେଟ ହରାଇ ୯୮ ରନ କରି ପରାଜୟ ବରଣ କରିଥିଲା। ଦଳ ପକ୍ଷରୁ ଅନୁପ ସିହ୍ନା ସର୍ବାଧିକ ୪୨ରନ କରିଥିଲେ। ପୁରସ୍କାର ବିତରଣ ଉତ୍ସବ ପ୍ରେସ୍ କ୍ଲବ ସଭାପତି ଅଭୟ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ କୋରେଇ ବିଧାୟକ ଅଶୋକ ବଳ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ଜିଲା କ୍ରୀଡ଼ା ସଂସଦ କାର୍ଯ୍ୟକାରୀ ସଭାପତି ରସାନନ୍ଦ ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ଦାସ, ଜିଲା ରିଜର୍ଭ ପୋଲିସ ନିରୀକ୍ଷକ ଦିନେଶ ସାହୁ ଓ ଗ୍ଲୋରିୟସ ଇଂଲିଶ ମିଡିୟମ୍ ସ୍କୁଲ ସଭାପତି ଅସ୍ମିତା ପତି ପ୍ରମୁଖ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ଅର୍ଥରାଶି ୧୦ ହଜାର ଟଙ୍କା ଓ ଉପବିଜେତା ଦଳକୁ ଟ୍ରଫି ସହ ଅର୍ଥରାଶି ୫ ହଜାର ଟଙ୍କା ପ୍ରଦାନ କରିଥିଲେ।

ମ୍ୟାନ୍‌ଅଫ୍‌ଦିଟୁର୍ନାମେଣ୍ଟ ଓ ବେଷ୍ଟ ବ୍ୟାଟ୍ସମ୍ୟାନ ଭାବେ ରାଜେଶ ବଳ ଓ ବେଷ୍ଟ ବୋଲର ବାପି ରାଉତଙ୍କୁ ପୁରସ୍କୃତ କରାଯାଇଥିଲା। ସ୍କୋରର ପ୍ରଦୀପ ସାମଲ, ଅଜୟ ସାହୁ, ଘୋଷକ ପ୍ରଶାନ୍ତ ପଟ୍ଟନାୟକ, ଅମ୍ପାୟର କଳିଙ୍ଗ ପହି ଓ ଅସୀମ ଦାସଙ୍କୁ ପୁରସ୍କୃତ କରାଯାଇଥିଲା। ଉପସଭାପତି ଦୟାନିଧି ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକ ମଳୟ ମଲ୍ଲିକ ବିବରଣୀ ପ୍ରଦାନ କରିଥିଲେ। ଉପସଭାପତି ଜ୍ଞାନରଞ୍ଜନ ଓଝା ଧନ୍ୟବାଦ ଦେଇଥିଲେ।

## ଡିଭାଇଡରରେ ପିଟିହେଲା ପିକ୍‌ନିକ୍ ବସ୍, ୧୫ ଆହତ

ପାଣିକୋଇଲି,୧୯।୧୨(ବିକାଶ ମଲ୍ଲିକ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଟିକର ପୋଲ ପୂର୍ବରୁ ଥିବା ଡିଭାଇଡ଼ରରେ ଏକ ପିକ୍‌ନିକ୍ ବସ ପିଟି ହୋଇ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଫଳରେ ଗାଡ଼ିରେ ଥିବା ୧୫ ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ସୋମବାର ରାତି ପ୍ରାୟ ୨ଟାରେ ଖୋର୍ଦ୍ଧା ଜିଲା ସିକୋ ଫାଣ୍ଡି ଅନ୍ତର୍ଗତ ଶଗଡ଼ଭୋଗା ଗ୍ରାମର କେତେଜଣ ବ୍ୟକ୍ତି ସୁନାରୁପା ନାମକ ଏକ ଘରୋଇ ବସ (ଓଡି–୦୨–ସିଏଚ–୮୪୬୬) ଯୋଗେ ପିକନିକ କରିବା ସହ ଘଟଗାଁ ମା' ତାରିଣୀ ମନ୍ଦିର ଦର୍ଶନ ନିମନ୍ତେ ଯାଉଥିଲେ। ଜାତୀୟ ରାଜପଥର ଟିକର ନିକଟରେ ବସ୍ ଚାଳକଙ୍କୁ ନିଦ ଲାଗିଯିବାରୁ ଡିଭାଇଡର ଉପରେ ଗାଡ଼ି ଚଢି ଯାଇଥିଲା। ଖବର ପାଇ ପାଣିକୋଇଲି ପୋଲିସ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରିଥିଲା।

## ମହିଳା ଯୁକ୍ତ୨ କଲେଜରେ ନୃତ୍ୟ ପ୍ରତିଯୋଗିତା



କାର୍ଯ୍ୟକ୍ରମରେ ଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଉଛି।

ଧର୍ମଶାଳା,୧୯।୧୨(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ମହିଳା ଯୁକ୍ତ ୨ କଲେଜରେ ନୂଆ ଓ, ଯୁବ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ପ୍ରତିଯୋଗିତା ଜାରି ରହିଛି। ମଙ୍ଗଳବାର କଲେଜ ଅଧ୍ୟକ୍ଷା ନମିତାପରିଡ଼ାଙ୍କ ସଭାପତିତ୍ୱରେ ଛାତ୍ରୀଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀମାନଙ୍କ ସୃଜନଶୀଳତା ଓ ଦକ୍ଷତା ବିକାଶରେ ସହାୟକହେବ ବୋଲି ଅଧ୍ୟକ୍ଷା ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ନୋଡାଲ ଅଫିସର ଅଧ୍ୟାପିକା ମାଙ୍ଗଳିକା ଦାସ, ଅଧ୍ୟାପିକ କବିତା ସାମଲ, ପ୍ରଭାସିନୀ ପ୍ରଧାନ, ବେଦମତି ମିଶ୍ର, ସୋନାଲି ସାହୁ, ସୁଶ୍ରୀ ତାରା ରାଉତ ଓ ବିଧାୟକଙ୍କ ପ୍ରତିନିଧି ନିର୍ମଳ ପ୍ରଧାନ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲେଜ କର୍ମଚାରୀ ସୁବାସ ଚନ୍ଦ୍ରସାହୁ, ଲକ୍ଷ୍ମୀପ୍ରିୟା ବାରିକ, କାର୍ତ୍ତିକ ଚନ୍ଦ୍ର ବେହେରା, ଲକ୍ଷ୍ମୀଧର ବରାଳ ଓ ଶ୍ୟାମସୁନ୍ଦର ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ସୂର୍ଯ୍ୟମଣି ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଏସ୍‌ଟି ସଂଶୋଧନ ବିଲ୍‌କୁ ସମର୍ଥନ କଲେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ



ଯାଜପୁର,୧୯।୧୨(ହର୍ଷବର୍ଦ୍ଧନ ବେହେରା) ଲୋକସଭାରେ ଜିଏସ୍‌ଟି ସଂଶୋଧନ ବିଲ ସମର୍ଥନ ଉପରେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ବିଜେଡିର ପକ୍ଷ ରଖିଛନ୍ତି। ଓଡ଼ିଶା ସରକାର ନେଇଥିବା ଟିକସ ସରଳୀକରଣ ପଦକ୍ଷେପ ଉପରେ ଏମ୍‌ପି ସେଠୀ ଆଲୋକପାତ କରି ତାଙ୍କ ବିବୃତ୍ତିରେ କହିଥିଲେ ଯେ, ଓଡ଼ିଶା ସରକାର ନେଇଥିବା ଟିକସ ସରଳୀକରଣ ପଦକ୍ଷେପ ହେତୁ ଓଡିଶା ଆଜି ଜିଏସ୍‌ଟି ଆଦାୟରେ ସବୁଠୁ ଆଗୁଆ । ତେଣୁ ରାଜ୍ୟ ଠିକ୍ ସମୟରେ ଜିଏସ୍‌ଟି କ୍ଷତିପୂରଣ ପାଇବା ଉଚିତ। ଜିଏସ୍‌ଟି କ୍ଷତିପୂରଣ ଠିକ୍ ସମୟରେ ନ ପାଇବାରୁ ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଉପରେ ପ୍ରଭାବ ପଡୁଛି। ଏହାବାଦ୍ କେନ୍ଦୁପତ୍ର ଉପରେ ଅଧିକ ଜିଏସ୍‌ଟି ହାର ପ୍ରସଙ୍ଗ ଉଠାଇ ୧୮ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରିବାକୁ ଅର୍ଥ ମନ୍ତ୍ରଣାଳୟକୁ ଅନୁରୋଧ କରିଥିଲେ। କୋଭିଡ ପରେ ଟେକ୍ସଟାଇଲ୍ସଗୁଡିକ ବହୁ ଅସୁବିଧାର ସମ୍ମୁଖୀନ ହେଉଛି । ତେଣୁ ସମସ୍ତ ଟେକ୍ସଟାଇଲ ଉପରେ ଜିଏସ୍‌ଟିକୁ ୫ ପ୍ରତିଶତକୁ ହ୍ରାସ କରାଯିବା ଉଚିତ ବୋଲି ଏମ୍‌ପି ସେଠୀ ଦାବି କରିଥିଲେ। ଜୀବନ ରକ୍ଷାକାରୀ ଔଷଧ ଏବଂ ଚିକିତ୍ସା ଅନୁସନ୍ଧାନରେ ଡାକ୍ତରଖାନାରେ ବ୍ୟବହୃତ ହେଉଥିବା ସାମଗ୍ରୀ ଉପରେ ଜିଏସ୍‌ଟି ଛାଡ କରାଯାଉ ବୋଲି ସେ ଯୁକ୍ତି ବାଢି ଥିଲେ।

## ଏସ୍‌ଏଚ୍‌ଜି ମହିଳାଙ୍କ ନାଁରେ ଋଣ କରି ସଭାପତି ଫେରାର



ଥାନାରେ ଅଭିଯୋଗ କରିବାକୁ ଆସିଥିବା ମହିଳାମାନେ ।

ଚଣ୍ଡିଖୋଲ,୧୯।୧୨(ପ୍ରଦୀପ୍ତ କୁମାର ପୃଷ୍ଟି): ଏକ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସଭାପତି ସଦସ୍ୟାମାନଙ୍କ ନାମରେ ଟଙ୍କା ଋଣ କରି ଫେରାର ହୋଇ ଯାଇଥିବା ମଙ୍ଗଳବାର ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଉକ୍ତ ଥାନା ଅନ୍ତର୍ଗତ ଚାରିନଙ୍ଗଳ (ବାରବାଟୀ)ର ସମ୍ପୃକ୍ତ ମହିଳା ସେହି ଗ୍ରାମର କେତେଜଣ ମହିଳାଙ୍କୁ ନେଇ ଏକ ଗୋଷ୍ଠୀ ଗଠନ କରିଥିଲେ। ପରେ ସେ ସେମାନଙ୍କ ଆଧାର କାର୍ଡ ଜେରକ୍ସ ଓ ଦସ୍ତଖତ ନେଇ ୮ଟି ଫାଇନାନ୍ସ କମ୍ପାନୀରୁ ପାଖାପାଖି ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଋଣ ଆଣିଥିଲେ। ତାଙ୍କ ସ୍ୱାମୀ ଓ ୩ ପୁଅ ଏଥିରେ ସହଯୋଗ କରିଥିଲେ। ଗୋଷ୍ଠୀର ମହିଳାମାନେ ୧୮ ତାରିଖରେ ତାଙ୍କୁ ଋଣ ସମ୍ପର୍କରେ ପଚାରିବାକୁ ଗଲା ବେଳେ ସେ ଫେରାର ହୋଇ ଯାଇଥିବା ଦେଖିବାକୁ ପାଇଥିଲେ। ତେଣୁ ତାଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବିରେ ଗ୍ରାମର ମାନି ଜେନା, ଅନି ଜେନା, ଆରତୀ ଜେନା, ସଂଯୁଲତା ଜେନା, ରୁକ୍ସାସାନା ବିବି ଓ ହାରୁନ ବିବି ପ୍ରମୁଖ ବହୁ ମହିଳା ଅଭିଯୋଗ କରିଛନ୍ତି।

## ବଦଳିଲେ ବଡ଼ଚଣା–୧ ସିଡିପିଓ

ଚଣ୍ଡିଖୋଲ,୧୯।୧୨(ପ୍ରଦୀପ୍ତ କୁମାର ପୃଷ୍ଟି): ଯାଜପୁର ଜିଲା ବଡ଼ଚଣା–୧ର ବ୍ଲକ୍ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ(ସିଡିପିଓ) ଭଗବତୀ ଗୁରୁଙ୍କ ମଙ୍ଗଳବାର ବଦଳି ହୋଇଛି। ତାଙ୍କୁ ଢେଙ୍କାନାଳ ଜିଲାର ଭୁବନ ବ୍ଲକକୁ ବଦଳି କରଯାଇଛି। ଏନେଇ ରାଜ୍ୟ ସରକାରଙ୍କ ମହିଳା ଓ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ଚିଠି ସଂଖ୍ୟା ୨୮୦୭୯ରେ ବିଜ୍ଞପ୍ତି ପ୍ରକାଶ ପାଇଛି। ସିଡିପିଓ ଗୁରୁ କିଛି ଦିନ ହେବ ବିବାଦୀୟ ହୋଇ ପଡ଼ିଥିଲେ। ତାଙ୍କ ବିରୋଧରେ ତାଙ୍କ କାର୍ଯ୍ୟାଳୟ ସୁପରଭାଇଜର ସୁବାସିନୀ ଦାସ ଥାନାରେ ଅଭିଯୋଗ କରିଥିଲେ। ସେହିପରି ମିଶନ ଶକ୍ତି ମହାସଂଘ ପକ୍ଷରୁ ମଧ ତାଙ୍କ ନାମରେ ଥାନା, ଯାଜପୁର ଜିଲାପାଳ ଓ ବଡ଼ଚଣା ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଜିଲା ସମାଜ ମଙ୍ଗଳ ଅଧିକାରୀ ମଧ ତାଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିଥିଲେ।

## ମହାବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟରେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ସହ ଅନ୍ୟମାନେ।

ରସୁଲପୁର,୧୯।୧୨(ରଞ୍ଜିତ ରାଉତ) ରସୁଲପୁର ବ୍ଲକ ମୁଗୁପାଳ–ଖଇରାବାଦସ୍ଥିତ ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟ(ମୁଗୁପାଳ କଲେଜ)ର ନୂଆ ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଯୁକ୍ତ ୨ ଓ ୩ ପକ୍ଷରୁ ଅନୁଷ୍ଠିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରାଯିବ ବୋଲି କଲେଜ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ କର ସୂଚନା ଦେଇଛନ୍ତି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ବାଳକ ବିଭାଗରେ ସନ୍ତୋଷ ସାହୁ, ବାଳିକା ବିଭାଗରେ ପ୍ରିୟଦର୍ଶିନୀ ସାହୁ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିବାବେଳେ ଯୁକ୍ତ ୩ର ବାଳକ ବିଭାଗରେ ଶୁଭ୍ରାଂଶୁ ଶେଖର ସ୍ୱାଇଁ ଓ ବାଳିକା ବିଭାଗରେ ସୌଦାମିନୀ ଦାସ ଚାମ୍ପିୟନ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଯୁକ୍ତ ୩ ବାଳକ ବିଭାଗରୁ ୧୦୦ମିଟର ଦୌଡ଼ରେ ଜ୍ୟୋତିରଞ୍ଜନ ବେହେରା ପ୍ରଥମ, ଶୁଭ୍ରାଂଶୁ ଶେଖର ସ୍ୱାଇଁ ଦ୍ୱିତୀୟ, ବିଶ୍ୱଜିତ୍ ନାୟକ ତୃତୀୟ, ୪୦୦ମିଟରରେ ଜ୍ୟୋତିରଞ୍ଜନ ବେହେରା ପ୍ରଥମ, କେଶବ ପାତ୍ର ଦ୍ୱିତୀୟ, ଶୁଭ୍ରାଂଶୁ ମଳିକ ତୃତୀୟ, ବାଳିକା ବିଭାଗର ଉଚ୍ଚଡିଆଁରେ ଶ୍ରାବଣୀ ବାରିକ ପ୍ରଥମ, ମନିଷା ସାହୁ ଦ୍ୱିତୀୟ, ମୋନାଲିସା ସାହୁ ତୃତୀୟ, ଶଟ୍‌ପୁଟରେ ସସ୍ମିତା ରାଉତ ପ୍ରଥମ, ସସ୍ମିତା ବେହେରା ଦ୍ୱିତୀୟ, ମୀନାକ୍ଷୀ ସାହୁ ଓ ଇପ୍ସିତା ଦାଶ ଯୁଗ୍ମ ତୃତୀୟ, ମ୍ୟୁଜିକ୍ ଚେୟାର ପ୍ରତିଯୋଗିତାରେ ଗୀତାଞ୍ଜଳି ସାହୁ ପ୍ରଥମ, ଲିଜା ମଲ୍ଲିକ ଦ୍ୱିତୀୟ, ପ୍ରୀତିରେଖା ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଯୁକ୍ତ ୨ ବାଳକ ବିଭାଗର ୧୦୦ମିଟର ଦୌଡ଼ରେ ସନ୍ତୋଷ ମଲ୍ଲିକ ପ୍ରଥମ, ରାହୁଲ ତରାଇ ଦ୍ୱିତୀୟ ଓ ଓମ୍ ବେହେରା ତୃତୀୟ ସ୍ଥାନ ସ୍ଥାନ ଅଧିକାର କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଅଧ୍ୟାପକ ସିଦ୍ଧାର୍ଥ ଶଙ୍କର ରଥ, ରମେଶ ଚନ୍ଦ୍ର ଭୋଇ, ପ୍ରଦୀପ ବଳ, ସୁରେଶ ଦାଶ, ଅରୁଣ ଲାକ୍ରା, ଅଧ୍ୟାପିକା ମମତା ବୋଇତାଇ, ଇନ୍ଦୁମତି ସାମଲ ଓ କାଦମ୍ବିନୀ ଦାଶ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। କ୍ରୀଡ଼ା ଶିକ୍ଷକ ଅମରେନ୍ଦ୍ର ସାହୁ ଖେଳ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଅଧ୍ୟାପକ ବିଶ୍ୱଜିତ୍ ଦାସ କ୍ରୀଡ଼ା ପତାକା ଅବତରଣ କରିଥିବା ବେଳେ ବିପିନ୍ ବିହାରୀ ସାହୁ ଧନ୍ୟବାଦ ଦେଇଥିଲେ।

## ସାହାସପୁର ମହାବିଦ୍ୟାଳୟରେ ଭାରତୀୟ ଭାଷା ଦିବସ

ବାଲିଚନ୍ଦ୍ରପୁର,୧୯।୧୨(ଗିରିଜା ପ୍ରସାଦ ସାହୁ): ବାଲିଚନ୍ଦ୍ରପୁରସ୍ଥିତ ସାହାସପୁର ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଦିଲୀପ ସାମଲଙ୍କ ଅଧ୍ୟକ୍ଷତାରେ ଭାରତୀୟ ଭାଷା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ସାମଲ ଭାରତୀୟ ଭାଷାର ମୌଳିକତା ସମ୍ପର୍କରେ ଆଲୋଚନା କରିବା ସହ ଓଡ଼ିଆ ଭାଷାର ଗୁରୁତ୍ୱ ଉପରେ ମତ ଦେଇଥିଲେ। ସମାଜ ବିଜ୍ଞାନ ବିଭାଗ ମୁଖ୍ୟ ସରୋଜ ରଞ୍ଜନ ଜେନା ଯୋଗଦେଇ ଭାଷା ଯୋଗୁ ମନୁଷ୍ୟ କିପରି ଉନ୍ନତି କରିଛି, ଭାଷା କିପରି ଭାବେ ଆମର ମୌଳିକ ଉପାଦାନ ହୋଇ ପାରିଛି ସେ ସମ୍ପର୍କରେ କହିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ମିନତି ମଞ୍ଜରୀ ନାୟକ ଭାରତୀୟ ଭାଷା ଦ୍ୱାରା ପରିବାର ବିଭାଗୀକରଣ ଉପରେ ଆଲୋଚନା କରିଥିଲେ। ଅଧ୍ୟାପକ ଅଶୋକ ମଲ୍ଲିକ, ଦିପୁନ ପୁହାଣ, ଅଧ୍ୟାପିକା ଆଦ୍ୟା ମୌସୁମୀ ମହାନ୍ତି, ବର୍ଷାରାଣୀ ସାହୁ, ପଦ୍ମାବତୀ ରାଉତ, ହିରଣ୍ମୟୀ ସାମଲ, କାମିନୀପ୍ରଭା ମାଝି ଓ ମୋନାଲିସା ସାହୁ ପ୍ରମୁଖ ଉପସ୍ଥିତ ରହି ନିଜ ମତ ରଖିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ପୁସ୍ତକର କୌଣସି ବିକଳ୍ପ ନାହିଁ

**ରାଜ୍ୟସ୍ତରୀୟ ପୁସ୍ତକ ମେଳାର ୬ଷ୍ଠ ସନ୍ଧ୍ୟା**




ପୁସ୍ତକ ମେଳାରେ ମଞ୍ଚାସୀନ ଅତିଥି।

ଯାଜପୁରରୋଡ୍,୧୯।୧୨(ପବିତ୍ର ରଞ୍ଜନ ମହାନ୍ତି): ଅଷ୍ଟମ ରାଜ୍ୟସ୍ତରୀୟ କଳିଙ୍ଗନଗର ପୁସ୍ତକ ମେଳାର ୬ଷ୍ଠ ସନ୍ଧ୍ୟା ସଭାପତି ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଅର୍ଥମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଯୋଗଦେଇ ପୁସ୍ତକର କୌଣସି ବିକଳ୍ପ ନାହିଁ ଓ ଏହାଦ୍ୱାରା ବ୍ୟକ୍ତିତ୍ୱର ପରିପ୍ରକାଶ ଘଟିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ କୋରେଇ ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ମଲ୍ଲିକ ଯୋଗଦାନକରି ପୁସ୍ତକ ସମାଜର ମୋଡ଼ ପରିବର୍ତ୍ତନ କରିପାରେ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଯାଜପୁରରୋଡ୍ ଭାରତୀୟ ଷ୍ଟେଟ ବ୍ୟାଙ୍କର ମୁଖ୍ୟ ପରିଚାଳକ ଜ୍ୟୋତିରଞ୍ଜନ ବେହେରା, ଯାଜପୁରରୋଡ୍ ଅଗ୍ନିଶମ ଅଧିକାରୀ ତାପସ ମନ୍ତ୍ରୀ, କାର୍ଯ୍ୟକାରୀ ସଭାପତି ବିବେକାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ପବିତ୍ର ରଞ୍ଜନ ମହାନ୍ତି ଅତିଥିଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିଥିଲେ।

ପ୍ରାରମ୍ଭରେ ଶିକ୍ଷାବିତ ଅକ୍ଷୟ ଦେଓଙ୍କ ନେତୃତ୍ୱରେ ପିଲାମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଏନ୍‌ସିକଲେଜର ଛାତ୍ରୀ ସମର୍ପିତା ନନ୍ଦ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଉପଦେଷ୍ଟା ଅଭିମନ୍ୟୁ ମିଶ୍ର, ଉପସଭାପତି ଡ. ଅକ୍ଷୟ ପଣ୍ଡା, ବୀରକିଶୋର ସାହୁ, ଅଶୋକ ଖିଲାର, କୋଷାଧ୍ୟକ୍ଷ ଅଶ୍ୱିନୀ ଦାସ, ବ୍ରଜେଶରୀ ସିଂ, ମଧୁସୂଦନ ମହାପାତ୍ର, ପ୍ରଦ୍ୟୁମ୍ନ ବୋଇତାଇ ପ୍ରମୁଖ ଉପସ୍ଥିତ ଥିଲେ। ବ୍ୟାସନଗର ପବ୍ଲିକ ସ୍କୁଲ୍‌ର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରଥିଲେ। ବ୍ୟାସନଗର ପବ୍ଲିକ ସ୍କୁଲ୍ ଅଧ୍ୟକ୍ଷା ଡ. ଦେବସ୍ମିତା ସାହୁ ସ୍ୱାଗତ ଭାଷଣ ଓ ଅତିଥିପରିଚୟ ପ୍ରଦାନ କରିଥିବାବେଳେ ଉପସଭାପତି ହୃଷୀକେଶ ସାହୁ ଧନ୍ୟବାଦ ଦେଇଥିଲେ।

**ସଂକ୍ଷେପରେ**

## ବାର୍ଷିକ କ୍ରୀଡ଼ା, ପୁରସ୍କାର ବିତରଣ ଉତ୍ସବ

**ରାଜକନିକା, ୧୯।୧୨ (ସଞ୍ଜୟ କୁମାର ଦାଶ)**

ସ୍ଥାନୀୟ ଗିରିଆ ଉଚ୍ଚ ବିଦ୍ୟାଳୟ ଓ ସତ୍ୟେଶ୍ୱର ନୋଡାଲ ଉ. ପ୍ରା. ବିଦ୍ୟାଳୟର ବାର୍ଷିକ କ୍ରୀଡା ଓ ପୁରସ୍କାର ବିତରଣ ଉତ୍ସବ ଗିରିଆ ମେଳଣ ପଡିଆରେ ଅନୁଷ୍ଠିତ ହୋଇଯାଇଛି । କ୍ରୀଡା ପ୍ରତିଯୋଗିତା ୨ଦିନ ଧରି ଚାଲିଥିଲା। ଉଦ୍‌ଯାପନୀ ଉତ୍ସବରେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଦିଗମ୍ବର ଶତପଥୀ ଅଧକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ମଣ୍ଡଳ ସହ ଶିକ୍ଷା ଅଧିକାରୀ ସୁରୁଚିପ୍ରଭା ଦାଶ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ତଥା ଓଷ୍ଟା ଶିକ୍ଷା ପ୍ରଦୀପର ପୂର୍ବତନ ସମ୍ପାଦକ କାଳୀପ୍ରସାଦ ନାୟକ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ମିଶ୍ର, ଜରିସାହି କ୍ଲଷ୍ଟର ସିଆରସିସି ଖଗେଶ୍ୱର ପଢିହାରୀ, ସାହିତ୍ୟିକ ପତିତପାବନ ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ଉର୍ମିଳା ମହାନ୍ତି ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ପ୍ରଭାତ କୁମାର ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଡ଼ା ଶିକ୍ଷକ ନାରାୟଣ ପ୍ରସାଦ ମହାନ୍ତିଙ୍କ ସମେତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାଶନାଥ ନାୟକ, ବେଦଦ୍ୟୁତି ଦାଶ, ଗୋବିନ୍ଦ ଚନ୍ଦ୍ର ନାୟକ, ଧନୁର୍ଜ୍ଜୟ ମହାନ୍ତି, ସଂଯୁକ୍ତା କର, ସୁନିତା ମାଝି ପ୍ରମୁଖ ବିଭିନ୍ନ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ମୋଟ ୨୫ଟି ବିଭାଗରେ ୨ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରଧାନଶିକ୍ଷକ ବାରିକଙ୍କୁ ଗ୍ରାମବାସୀ ଏବଂ ଉଦୟ କ୍ଲବ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବିଶିଷ୍ଟ ସୁନା ବ୍ୟବସାୟୀଙ୍କ ପରଲୋକ

**ଆଳି, ୧୯।୧୨ (ବନମାଳୀ ସେନାପତି)**

ଆଳି ନୂଆବଜାରର ବିଶିଷ୍ଟ ସୁନା ବ୍ୟବସାୟୀ ଯଶୋବନ୍ତ ସାହୁଙ୍କ ତାଙ୍କ କଣ୍ଟିପୁରସ୍ଥିତ ବାସଭବନରେ ପରଲୋକ ଘଟିଛି । ତାଙ୍କୁ ୯୨ ବର୍ଷ ହୋଇଥିଲା । ସେ ବହୁ ଦିନ ହେବ ଅସୁସ୍ଥ ଥିଲେ । ସାହୁ ଦୀର୍ଘ ଦଶନ୍ଧି ହେବ ଆଳି ନୂଆବଜାରରେ ବିଶିଷ୍ଟ



ସୁନା ବ୍ୟବସାୟୀ ଭାବେ ପରିଚିତ ଥିଲେ । ସେ ଜଣେ ପରୋପକାରୀ, ସାମାଜିକ କର୍ମୀ ଭାବେ ସମସ୍ତଙ୍କ ପାଖରେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପୁଅ ଅବସରପ୍ରାପ୍ତ ଅଧ୍ୟାପକ ସୁବାସ ସାହୁ,ଜିଲା ପରିଷଦ ଜୟରାମ ସାହୁ, ପୂର୍ବତନ ସରପଞ୍ଚ ପ୍ରତାପ ସାହୁଙ୍କ ସମେତ ସମସ୍ତ ପୁଅ, ବୋହୂ, ନାତି, ନାତୁଣୀ ଉପସ୍ଥିତ ଥିଲେ। ଯଶୋବନ୍ତଙ୍କ ପରଲୋକରେ ମେଣ୍ଟପୁର ପଞ୍ଚାୟତରେ ଶୋକର ଛାୟା ଖେଳି ଯାଇଛି। ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ, କଂଗ୍ରେସ ସଭାପତି ରବି ନାରାୟଣ ବେହେରାଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତା, ସାଧାରଣ ଲୋକମାନେ ଶେଷ ଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ଼ପୁଅ ପ୍ରଫୁଲ ସାହୁ ମୁଖାଗ୍ନି ଦେଇଥିଲେ।

# ବ୍ଲକସ୍ତରୀୟ ଶିଶୁ ଉତ୍ସବ ଉଦ୍‌ଯାପିତ



ଶିଶୁ ଉତ୍ସବର ଉଦ୍‌ଯାପନୀ ସଭାରେ ମଞ୍ଚାସୀନ ଅତିଥି।

**ଡେରାବିଶ, ୧୯।୧୨ (ବେବର୍ତ୍ତା ଅଜୟ ଦାସ)**

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ନରସିଂହପୁର ପଞ୍ଚାୟତ ଅନ୍ତର୍ଗତ ବେଲରପାସ୍ଥିତ ଜାଗୁଲେଇ ବିଦ୍ୟାନିକେତନ ପରିସରରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ୨୮ ତମ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବକୁ ଓଷ୍ଟାର ପୂର୍ବତନ ଜିଲା ସମ୍ପାଦକ ତ୍ରୈଲୋକ୍ୟ ଚରଣ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଆୟୋଜିତ ସଭାରେ ଡେରାବିଶ ବ୍ଲକ ଓଷ୍ଟା ସଭାପତି ପିତବାସ ପଣ୍ଡା ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ନରସିଂହପୁର ପଞ୍ଚାୟତ ସରପଞ୍ଚ ସୁଧିର ରଞ୍ଜନ ଖଟୁଆ, ନିମନ୍ତ୍ରିତ ଅତିଥି ଓଷ୍ଟାର ସମ୍ପାଦକ ପ୍ରଣବ କୁମାର ଜେନା, ସମ୍ମାନିତ ଅତିଥି କେନ୍ଦ୍ରାପଡ଼ା ଜିଲା ଓଷ୍ଟାର ସଭାପତି ପ୍ରମୋଦ କୁମାର ବେହେରା, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ, ବ୍ଲକ ଓଷ୍ଟା ସମ୍ପାଦକ ଗଗନ ବିହାରୀ ସୂତାର, ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ମହାପାତ୍ର, ଓ ଅବସରପ୍ରାପ୍ତ ଶିକ୍ଷକ ଶରତ କୁମାର ଆଚାର୍ଯ୍ୟ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଓଷ୍ଟାର ଡେରାବିଶ ଶାଖାର ପ୍ରାକ୍ତନ ସଭାପତି ସୁଶାନ୍ତ କୁମାର ପାତ୍ର ଯୋଗ ଦେଇଥିଲେ। ଅତିଥିମାନେ ଅଧୟନ ରତ ଛାତ୍ରଛାତ୍ରୀମାନଙ୍କଠାରେ ଅନ୍ତର୍ନିହିତ ପ୍ରତିଭାକୁ ଉନ୍ମୋଚନ କରିବାରେ ଏହି ଉତ୍ସବ ସହାୟକ ହେବ ବୋଲି କହିବା ସହ 'ଓଷ୍ଟା' କେବଳ ଶିକ୍ଷକମାନଙ୍କ ସମସ୍ୟା ସମାଧାନ ପାଇଁ ଗଠିତ ନୁହେଁ ସମାଜ ଓ ଜନସାଧାରଣଙ୍କ ସମସ୍ୟା ପ୍ରତି ଦୃଷ୍ଟି ରଖିଛି ବୋଲି ବକ୍ତାମାନେ କହିଥିଲେ । ଆଜିର ଏହି ଉତ୍ସବରେ ଛାତ୍ରଛାତ୍ରୀମାନଙ୍କୁ ନେଇ ତର୍କ, ସଙ୍ଗୀତ, ନୃତ୍ୟ, କବିତା ଲିଖନ, ଗଳ୍ପ ଲିଖନ, କବିତା ଆବୃତ୍ତି, ସାଧାରଣଜ୍ଞାନ, କୁଇଜ୍, ଚିତ୍ରାଙ୍କନ ଆଦି ୧୦ ବିଭାଗରେ ପ୍ରତିଯୋଗିତା କରାଯାଇଥିଲା । ଏହି ପ୍ରତିଯୋଗିତାରେ ବ୍ଲକର ୧୮ଟି ବିଦ୍ୟାଳୟର ୨୨୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାକୁ ପରିଚାଳନା କରିବା ସହିତ ବିଚାରକ ଭାବେ ରମେଶ ଚନ୍ଦ୍ର ପତି, ମହେଶ୍ୱର ମଣ୍ଡଳ, ବସନ୍ତ କୁମାର ସାମଲ, ଭଞ୍ଜ କିଶୋର ମହାରଣା, ଗୌରାଙ୍ଗ ଚରଣ ସାହୁ, ଗୋଲଖ ଚନ୍ଦ୍ର ବସନ୍ତିଆ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ଉଦ୍‌ଘାଟନୀ ଉତ୍ସବ ପ୍ରାରମ୍ଭରେ ଶିକ୍ଷକ ଈଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିବା ସହିତ ମଞ୍ଚ ସଂଯୋଜନା କରିଥିଲେ । ଶେଷରେ ଡେରାବିଶ ବ୍ଲକ ଓଷ୍ଟାର ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ବରାଳ ଧନ୍ୟବାଦ ଅର୍ପଣ କରିଥିଲେ ।

ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବରେ ପୀତବାସ ପଣ୍ଡା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ମୁଖ୍ୟବକ୍ତା ସାମାଜିକ କର୍ମୀ ବିଜୟ କୁମାର ପରିଡ଼ା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ନରସିଂହପୁର ପଞ୍ଚାୟତ ସମିତିସଭ୍ୟ ଅନନ୍ତ କୁମାର ଜେନା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ବାସୁଳାଇ, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସଚ୍ଚିକାନ୍ତ ମିଶ୍ର, ବାଲିଆ ପଞ୍ଚାୟତ ସରପଞ୍ଚ ପ୍ରବୀର କୁମାର ସିଂ ପ୍ରମୁଖ ଯୋଗ ଦେଇଥିଲେ । ଡେରାବିଶ ବ୍ଲକ ଓଷ୍ଟା କର୍ମକର୍ତ୍ତା ଭାଗିରଥି ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ ଶିଶୁ ଉତ୍ସବର ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ଏହି ପ୍ରତିଯାଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ପଚାମୁଣ୍ଡାଇସ୍ଥିତ ଏମ୍ଏନ୍ ହାଇସ୍କୁଲରେ ହେବାକୁଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଶେଷରେ ଶିକ୍ଷକ ଅତୁଲ୍ୟ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜକନିକାରେ କୁରାଳ ପଞ୍ଚମୀ ଉତ୍ସବ



କୁରାଳ ପଞ୍ଚମୀ ଅବସରରେ ପୂଜା ପାଉଥିବା ଲକ୍ଷ୍ମୀନାରାୟଣଙ୍କ ପ୍ରତିମା।

**ରାଜକନିକା, ୧୯।୧୨ (ସଞ୍ଜୟ କୁମାର ଦାଶ)**

ରାଜକନିକା ବ୍ଲକର ଜରିସାହି, ସାନ ଦେଉଳି, କୋରନ୍ଦ, ବର୍ତ୍ତନୀ, ବଳରାମପୁର, ବରୁଣା ଈଶରପୁର, ନମତରା, ପଣଷଗଣ୍ଡ ଓ କଣ୍ଡିଆ ଆଦି ଗାଁର ଯୁବକମାନଙ୍କ ଉଦ୍ୟମରେ କୁରାଳ ପଞ୍ଚମୀ ଉତ୍ସବ ତଥା ଲକ୍ଷ୍ମୀନାରାୟଣଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି । ପ୍ରତିବର୍ଷ ପରି ଚଳିତ ବର୍ଷ କୁରାଳ ପଞ୍ଚମୀ ରବିବାରଠାରୁ ଆରମ୍ଭ ହୋଇ ଗୁରୁବାର ପର୍ଯ୍ୟନ୍ତ ଚାଲିଥିଲା । କୁମ୍ଭକାର ଭାଇମାନେ କୁଳ ଦେବତା ଲକ୍ଷ୍ମୀନାରାୟଣଙ୍କୁ ପୂଜାର୍ଚ୍ଚନା ପୂର୍ବକ ସେମାନଙ୍କ କୌଳିକ ସାମଗ୍ରୀ ଚାଳିଘର, ସଜ, ଚକ, ହାଣ୍ଡି, ପିଟଣା, ସୂତା, ଦା', ପନଖା, ଧାନ, ମୁଠା, ଦଉଡି ଆଦିକୁ ପୂଜନ କରିଥିଲେ । ପାଞ୍ଚ ଦିନ ଏହି ଉତ୍ସବରେ ପରିବାରର ଆବାଳ ବୃଦ୍ଧ ବନିତା ନୂଆ ବସ୍ତ୍ର ପରିଧାନ କରିଥିଲେ। ବିଭିନ୍ନ କିସମର ପିଠା, ପଣା ସାଙ୍ଗକୁ ଖିରୀ, ମିଠା ଆଦି ନବାହ୍ନ ଭୋଗଲାଗି କରାଯାଇଥିଲା । ପ୍ରତିଦିନ ସନ୍ଧ୍ୟାରେ ଭଜନ କୀର୍ତ୍ତନର ଆସର ଜମିଥିଲା । ପୂଜା କମିଟିର କର୍ମକର୍ତ୍ତା ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଉତ୍ସବରେ ଯୋଗଦେବା ପାଇଁ ବିଭିନ୍ନ ସ୍ଥାନରେ କାମ କରୁଥିବା ଯୁବକମାନେ ଗାଁକୁ ଫେରିଥିବା ଦେଖିବାକୁ ମିଳିଥିଲା । ଯୁବପିଢ଼ୀଙ୍କ ଉଦ୍ୟମରେ ଏହି ପର୍ବ ଶାନ୍ତିଶୃଙ୍ଖଳା ମଧ୍ୟରେ ଶେଷ ହୋଇଥିଲା ।

## ବ୍ୟାଙ୍କ ସଖୀଙ୍କୁ ସିଏସ୍‌ପି ପ୍ଲସ୍‌ରେ ନିଯୁକ୍ତି ଦାବି



ଜିଲାପାଳଙ୍କୁ ଅଭିଯୋଗପତ୍ର ଦେବାକୁ ଆସିଥିବା ବ୍ୟାଙ୍କ ସଖୀ

**କେନ୍ଦ୍ରାପଡା, ୧୯।୧୨ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡା ଜିଲାର ମିଶନ ଶକ୍ତି ଅଧୀନରେ ନିଯୁକ୍ତ ଥିବା ବ୍ୟାଙ୍କ ସଖୀ ମହିଳା ସଦସ୍ୟଙ୍କୁ ସିଏସ୍‌ପି ପ୍ଲସ୍ (ଓଡ଼ିଶା ଅନ୍‌ବ୍ୟାଙ୍କଡ ଗ୍ରାମ ପଞ୍ଚାୟତ ଆଣ୍ଡ କଷ୍ଟମର ସର୍ଭିସ ପଏଣ୍ଟ ପ୍ଲସ୍)ରେ ନିଯୁକ୍ତି ଦିଆଯାଉ । ଏପରି ଦାବି କରି ବ୍ୟାଙ୍କ ସଖୀମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ମଙ୍ଗଳବାର ପ୍ରଦାନ କରିଛନ୍ତି। ଏସମ୍ପର୍କରେ ବ୍ୟାଙ୍କ ସଖୀ ଭାବେ କାର୍ଯ୍ୟରତ ପୁଷ୍ପଲତା ନାୟକ, ମିନତୀ ଦାଶ, ବିଜୟ ଲକ୍ଷ୍ମୀ ଭୂୟାଁ ପ୍ରମୁଖ କହିଛନ୍ତି, ମହିଳାଙ୍କ ଆର୍ଥିକ ସୁଦୃଢ଼ତା ପାଇଁ ରାଜ୍ୟ ସରକାର ସ୍ୱୟଂ ସହାୟକ ଗୋଷ୍ଠି ଗଠନ କରିବା ସହ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତ। ତେବେ ସମସ୍ତ ଗ୍ରାମ ପଞ୍ଚାୟତରେ ବ୍ୟାଙ୍କର ସୁବିଧା ନାହିଁ । ଏଥିପାଇଁ ମିଶନ ଶକ୍ତି ଅଧୀନରେ ୨୦୨୦ରୁ ପଞ୍ଚାୟତସ୍ତରରେ ବ୍ୟାଙ୍କ ସଖୀ ଭାବେ କାର୍ଯ୍ୟ କରିବାକୁ ଗୋଷ୍ଠୀର ମହିଳାଙ୍କ ମଧ୍ୟରୁ ଜଣଙ୍କୁ ବ୍ୟାଙ୍କ ସଖୀ ଭାବେ ନିଯୁକ୍ତି ଦିଆଯାଇଥିଲା। ଏହି କାର୍ଯ୍ୟ ଅଦ୍ୟାବଧି ନିରବଚ୍ଛିନ୍ନ ଭାବେ କରାଯାଉଛି। ଏଥିରେ ପଞ୍ଚାୟତସ୍ତରରେ ଥିବା ସମସ୍ତ ବୃଦ୍ଧାବୃଦ୍ଧ, ଭିନ୍ନକ୍ଷମ ଓ ଜନସାଧାରଣ ଉପକୃତ ହେଉଛନ୍ତି। ସମ୍ପ୍ରତି ଅଣବ୍ୟାଙ୍କ ପଞ୍ଚାୟତଗୁଡିକରେ ସିଏସ୍‌ପି ପ୍ଲସ ପାଇଁ ସୁଯୋଗ ସୃଷ୍ଟି ହୋଇଛି । ଏଥିରେ ବ୍ୟାଙ୍କ ସଖୀଙ୍କୁ ନିଯୁକ୍ତି ମିଳିଲେ ପାରିଶ୍ରମିକ ମିଳିବ। ବ୍ୟାଙ୍କ ସଖୀଙ୍କୁ ଏଥିରେ ପ୍ରାଥମିକତା ଦେବାକୁ ସେମାନେ ଦାବି କରୁଥିବା କହିଛନ୍ତି।

## ଅଗ୍ନି ବିପନ୍ନଙ୍କୁ ଭେଟିଲେ କଂଗ୍ରେସ, ଭାଜପା ନେତା

**ରାଜନଗର, ୧୯।୧୨ (ଭାସ୍କର ରାଉତରାୟ)**



ଅଗ୍ନି ବିପନ୍ନଙ୍କୁ ସହାୟତା ପ୍ରଦାନ କରାଯାଉଛି।

ରାଜନଗର ବ୍ଲକ ଘଡିଆମାଳ ପଞ୍ଚାୟତ ପଞ୍ଚୁପଲ୍ଲୀ ଗାଁରେ ଗ୍ୟାସ୍ ଟାଙ୍କି ଫାଟି ଅଗ୍ନିକାଣ୍ଡ ଘଟି ୪ଟି ପରିବାର ସର୍ବସ୍ୱାନ୍ତ ହେବା ସହିତ ଲକ୍ଷାଧିକ ଟଙ୍କାର ଆସବାସପତ୍ର, ଧାନ, ଚାଉଳ ଏବଂ ଟେଷ୍ଟ ହାଉସ୍‌ର ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ଏହି ଗାଁର ରଙ୍ଗାଧର ରାଉତ, ସଞ୍ଜୟ ରାଉତ, ଗୋଲେଖ ରାଉତ, ଚନ୍ଦନ ରାଉତଙ୍କ ୮ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ବିପନ୍ନ ପରିବାରର ଲୋକେ ପାଖ ପଡୋଶୀଙ୍କ ଘରେ ଆଶ୍ରୟ ନେଇଛନ୍ତି। ଆଜି ବିପନ୍ନ ପରିବାରକୁ କଂଗ୍ରେସ ଓ ଭାଜପାର ପ୍ରତିନିଧି ଦଳ ଭେଟି ସହାୟତା ପ୍ରଦାନ କରିଛନ୍ତି। ଜିଲା କଂଗ୍ରେସ କମିଟି ସଭାପତି ଅଂଶୁମାନ ମହାନ୍ତି ବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇବା ସହ ସହାୟତା ପ୍ରଦାନ କରିଛନ୍ତି। ତାଙ୍କ ସହିତ ବ୍ଲକ କଂଗ୍ରେସ କମିଟି ସଭାପତି ଦେବେନ୍ଦ୍ର କୁମାର ଜେନା, କଂଗ୍ରେସ ନେତା ଅଶୋକ କୁମାର ବଳ, ସନ୍ତୋଷ କୁମାର ମହାନ୍ତି, ସହଦେବ ସାହୁ, ମାଗୁଣି ଚରଣ ଲେଙ୍କା, ଅନନ୍ତ କୁମାର ସେଠୀ, ହୃଷିକେଶ ପ୍ରଧାନ, ଅଲେଖ ବେହେରା, ରବିନ୍ଦ୍ର କୁମାର ରାଉତ, ସରୋଜ କୁମାର ଜେନା, ଦାମୋଦର ମହାନ୍ତି, ଗୋବର୍ଦ୍ଧନ ଧଳ ପ୍ରମୁଖ ବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ସେହିପରି ଭାରତୀୟ ଜନତା ପାର୍ଟିର ଯୁବନେତା ତଥା କେନ୍ଦ୍ରାପଡା ଜିଲା ମନ କି ବାତ୍‌ର ସଂଯୋଜକ ଅଜୟ କୁମାର ବେହେରା ବିପନ୍ନ ପରିବାରକୁ ଭେଟି ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ପକ୍ଷରୁ ପଲିଥିନ ଓ ସହାୟତା ରାଶି ପ୍ରଦାନ କରିଛନ୍ତି।

## ଘରଭଡା ବିବାଦରୁ ୨ ଦୋକାନ ସିଲ୍

**କେନ୍ଦ୍ରାପଡ଼ା, ୧୯।୧୨ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ପୌର ପରିଷଦ ପକ୍ଷରୁ ଘରଭଡା ଆଦାୟକୁ ନେଇ ୨ଟି ଦୋକାନ ଉପରେ ଚଢ଼ାଉ ହୋଇଛି। ସମିତ ସମୟ ମଧ୍ୟରେ ଘରଭଡା ନ ଦେବାରୁ ମାଛ ମାର୍କେଟ କମ୍ପ୍ଲେକ୍ସ ଉପରେ ଥିବା ତାଜ୍ ହୋଟେଲ ଓ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟ ସବିତା ପାଥୋଲାବ୍‌କୁ ସିଲ କରାଯାଇଛି। ଏସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ବିଶ୍ୱାଳ କହିଛନ୍ତି, ଦୀର୍ଘଦିନ ହେବ ତାଜ୍ ହୋଟଲ ପୌର ପରିଷଦର ଘର ନେଇ ଭଡା ଦେଉନାହାନ୍ତି । ତାଙ୍କର ଉପରେ ପ୍ରାୟ ୩ ଲକ୍ଷ ୮୦ ହଜାର ଟଙ୍କା ହୋଇଛି । ସେହିପରି ପାଥୋଲାବ୍‌ରୁ ପରିଷଦ ପ୍ରାୟ ୫୦ ହଜାର ଟଙ୍କା ଘରଭଡା ବାବଦ ଅର୍ଥ ପାଇବ। ଆଗାମୀ ଦିନରେ ବକେୟା ରହିଥିବା ଘରଭଡା ଆଦାୟ ପ୍ରତି କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ ସୂଚନା ଦେଇଛନ୍ତି।

## ୫-ଟି ଅଧ୍ୟକ୍ଷଙ୍କୁ ଭେଟିବାର ୨୪ ଘଣ୍ଟା ଭିତରେ ମିଳିଲା ସହାୟତା

**ରାଜନଗର, ୧୯।୧୨ (ଭାସ୍କର ରାଉତରାୟ)**

ଆମ ଓଡିଶା ଓ ନବୀନ ଓଡିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସୋମବାର ରାଜନଗର ଗସ୍ତରେ ଆସିଥିଲେ। ଏହି ବ୍ଲକର କେରେଡାଗଡ ଠାରେ ସାଧାରଣ ସଭାରେ ଯୋଗଦେଇ ରାଜନଗରର ବିକାଶ ପାଇଁ ୬ମାସରେ ୧୩୫କୋଟି ଦିଆଯାଇଥିବା କହିଥିଲେ। ଏହି ସଭା ମଞ୍ଚ ନିକଟରେ ଜଣେ ଦିବ୍ୟାଙ୍ଗ ଯୁବକ ପହଞ୍ଚି ସେ ଓ ତାଙ୍କ ପରିବାର ଦୁଃଖ କଷ୍ଟରେ ଚଳୁଥିବା ନେଇ ଏକ ଦରଖାସ୍ତ ଦେଇଥିଲେ। ୫-ଟି ଅଧ୍ୟକ୍ଷଙ୍କୁ ଭେଟିବାର ୨୪ ଘଣ୍ଟା ଭିତରେ ଦିବ୍ୟାଙ୍ଗ ପରିବାର ନିକଟରେ ୩୦ହଜାର ଟଙ୍କାର ସହାୟତା ରାଶି ପହଞ୍ଚିଛି।



ସୂଚନା ମୁତାବକ ଏହି ବ୍ଲକର ବାଲିକଣା ଗାଁର ଦିବ୍ୟାଙ୍ଗ ଯୁବକ ରଶ୍ମୀ ରଞ୍ଜନ ରାଉତରାୟ (୪୩)। ତାଙ୍କ ଆଖିକୁ ଦେଖା ଯାଉ ନ ଥିବା ବେଳେ ତାଙ୍କ ବାପା ରବିନ୍ଦ୍ର ରାଉତରାୟ (୭୦) ମଧ୍ୟ ଦିବ୍ୟାଙ୍ଗ। ସେ ଦୁଃଖ କଷ୍ଟରେ ଚଳୁଛନ୍ତି, ସହାୟତା ଯୋଗାଇ ଦେବାକୁ ୫-ଟି ଅଧ୍ୟକ୍ଷଙ୍କୁ ଭେଟି କହିଥିଲେ। ମଙ୍ଗଳବାର ଅପରାହ୍ନରେ ଏହି ଦିବ୍ୟାଙ୍ଗ ପରିବାରକୁ ୩୦ହଜାର ଟଙ୍କାର ସହାୟତା ଯୋଗାଇ ଦିଆଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଓସ୍ତିଆ ପଞ୍ଚାୟତର ସରପଞ୍ଚ ବୈଦେହୀ ଦାସ, ରାଜସ୍ୱ ନିରୀକ୍ଷକ ପ୍ରଦ୍ୟୁମ୍ନ କେଶରୀ ବେହୁରା, ନାଏବ ସରପଞ୍ଚ ସର୍ବେଶ୍ୱର ବଳ, ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ବୈବର୍ତ୍ତ ନାରାୟଣ ବିଶ୍ୱାଳ ପ୍ରମୁଖ ଏହି ଦିବ୍ୟାଙ୍ଗ ପରିବାରକୁ ଭେଟି ୩୦ହଜାର ଟଙ୍କା ସହାୟତା ଯୋଗାଇ ଦେଇଛନ୍ତି।

## ଓଲାଭର ମହାବିଦ୍ୟାଳୟରେ 'ନୂଆ-ଓ' କାର୍ଯ୍ୟକ୍ରମ



'ନୂଆ-ଓ' କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ରାଜକନିକା, ୧୯।୧୨ (ସଞ୍ଜୟ କୁମାର ଦାଶ)**

ରାଜକନିକା ବ୍ଲକ ଓଲାଭର ମହାବିଦ୍ୟାଳୟରେ 'ନୂଆ-ଓ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ହଳଧର ବେହେରାଙ୍କ ତତ୍ତ୍ୱାବଧାନରେ ବସନ୍ତ କୁମାର ସେଠୀ ଓ ପ୍ରତାପ କୁମାର ବିଶ୍ୱାଳଙ୍କ ସଂଯୋଜନାରେ ଯୁବ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ଓଡ଼ିଆ, ଇଂଲିଶ ପ୍ରବନ୍ଧ ଲିଖନ, ତର୍କ ପ୍ରତିଯୋଗିତା, କବିତା ପାଠ ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ।

## ଛାତ୍ର ସ୍ୱେଚ୍ଛାସେବୀ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ମନ୍ତ୍ରୀ ଟୁକୁନୀ ସାହୁ ଓ ଅତନୁ ସବ୍ୟସାଚୀ ନାୟକ ଜଣେ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

**ମାର୍ଶାଘାଇ, ୧୯।୧୨ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)**

ସୋମବାର ଠାରୁ ମାର୍ଶାଘାଇ ମହାବିଦ୍ୟାଳୟ ଗାନ୍ଧୀ ମଣ୍ଡପରେ ଆୟୋଜିତ ରାଜ୍ୟସ୍ତରୀୟ ଛାତ୍ର ସ୍ୱେଚ୍ଛାସେବୀ ନେତୃତ୍ୱ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରାକ୍ତନ ଛାତ୍ରୀ ତଥା ରାଜ୍ୟ ଜଳସମ୍ପଦ ବାଣିଜ୍ୟ ଏବଂ ପରିବହନ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟଅତିଥି, ପୂର୍ବତନ ମନ୍ତ୍ରୀ ତଥା ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗ ଦେଇ କେବଳ ଶିକ୍ଷା ହିଁ ମଣିଷର ସାମାଜିକ, ସାଂସ୍କୃତିକ ଜୀବନରେ ପରିବର୍ତ୍ତନ ଆଣିଥାଏ। ପରିବର୍ତ୍ତନର ପ୍ରବାହରେ ଛାତ୍ରୀଛାତ୍ରମାନେ ନିଜର ନୈତିକତା ବଜାଇ ରଖି ଆଗକୁ ଚାଲିଲେ ଦେଶ ଓ ଜାତିର ଉନ୍ନତି ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଉଚ୍ଚଶିକ୍ଷା ବିଭାଗ ଉପଶାସନ ସଚିବ ରମେଶ ଚନ୍ଦ୍ର ବେହେରା ଓ ଅଧ୍ୟକ୍ଷ ପ୍ରଣୟ କୁମାର ପରିଜା ମଞ୍ଚାସୀନ ଥିଲେ । ଓଡିଶା ଉଚ୍ଚ ନ୍ୟାୟାଳୟର ଆଡ଼ଭୋକେଟ ଆକାଂକ୍ଷା କବି ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ ସହଯୋଗ କରିଥିଲେ । ଜିଲା ଏନ୍ଏସ୍ଏସ୍‌ର କାର୍ଯ୍ୟକ୍ରମ ଅଧିକାରିଣୀ ଡ.ପଦ୍ମଜା କବି ଶତପଥୀ ଉପସ୍ଥିତ ରହି ପିଲାମାନଙ୍କୁ ଗାଇଡ଼ କରିଥିଲେ । ନୃତ୍ୟ, ସଙ୍ଗୀତ, କ୍ରୀଡା କ୍ଷେତ୍ରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବ୍ଲକସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ରାଜନଗର, ୧୯।୧୨ (ଭାସ୍କର ରାଉତରାୟ)**



ରାଜନଗର ବ୍ଲକ ପ୍ରଶାସନ ପକ୍ଷରୁ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ରାଜନଗର ବ୍ଲକର ମହିଁଷାସୁର ଓ ଦିଘି ପଡିଆରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି । ପ୍ରଥମ ଦିନରେ ମହିଁଷାସୁର ପଡିଆରେ ୧୨ଟି ଟିମ୍ ଓ ଦିଘି ପଡିଆରେ ୧୦ଟି ଟିମ ଖେଳିଛନ୍ତି। ମହିଁଷାସୁର ଖେଳ ପଡିଆରେ ପ୍ରଥମ ମ୍ୟାଚରେ ବାଲିସାହିପାଟଣାକୁ ହରାଇ ଚାରିପୋଖରିଆ, ରାଜଗଡକୁ ହରାଇ ପ୍ରହରାଜପୁର, ମା'ତାରିଣୀ କ୍ରିକେଟ କ୍ଲବକୁ ହରାଇ ରାଜନଗରର ଆରଜିଏଚଏସ ଟିମ୍, ସାର୍ପ ସୁଟର ଟିମକୁ ହରାଇ ରାଜନଗର ଇଲେଭେନଷ୍ଟାର, ମହାକାଳୀ କ୍ରିକେଟ ଟିମ୍‌କୁ ହରାଇ ହଣ୍ଟର ଇଲେଭେନ, କଣସରା ବିଦ୍ୟାଶ୍ରମ ଟିମ୍‌କୁ ହରାଇ ମହିଁଷାସୁର ଷ୍ଟାର୍ସ ବିଜୟୀ ହୋଇଥିବା ବେଳେ ଦିଘି ପଡିଆରେ ମା' ବୁଢୀଜାଗୁଳାଇ କ୍ରିକେଟ ଟିମ୍‌କୁ ହରାଇ ବିଏମ୍‌ସି କ୍ରିକେଟ ଟିମ ବଳଭଦ୍ରପୁର, ଆଜାଦ ଫରୱାର୍ଡ କ୍ରିକେଟ ଟିମ୍‌କୁ ହରାଇ ମା'ସାହାଡାସୁନ୍ଦରୀ କ୍ରିକେଟ ଟିମ୍, ବାଟମଙ୍ଗଳା କ୍ରିକେଟ ଟିମ୍‌କୁ ହରାଇ ଖମାରସାହିର ଜୟ ବରଜଙ୍ଗବାଲି କ୍ରିକେଟ ଟିମ୍, ମା'ବୋଇତ ମଙ୍ଗଳା କ୍ରିକେଟ ଟିମ୍ ଗହ୍ମାଶିଖରକୁ ହରାଇ ଏନଏନସି କ୍ରିକେଟ ଟିମ୍ ଭିତରଗଡ, ମା'ଧୋବିଚାନ୍ଦି କ୍ରିକେଟ ଟିମ୍‌କୁ ହରାଇ ଜୁନୁସ୍‌ନଗରର ମା'ତାରିଣୀ କ୍ରିକେଟ ଟିମ୍ ବିଜୟୀ ହୋଇଛନ୍ତି। ଆସନ୍ତାକାଲି ବିଜୟୀ ଦଳ ଗୁଡିକ ମଧ୍ୟରେ ମ୍ୟାଚ ଖେଳାଯିବ। ଶ୍ରେଷ୍ଠ ୪ଟି ଟିମ୍ ମହିଁଷାସୁର ଖେଳ ପଡିଆରେ ୨୧ ତାରିଖ ଦିନ ସେମି ଫାଇନାଲ ଖେଳିବେ ଓ ୨୨ ତାରିଖ ଦିନ ମହିଁଷାସୁର ପଡିଆରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ମହିଁଷାସୁର ପଡିଆରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ନିଶାନ ମିଶ୍ର, ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ମହିଁଷାସୁର ପଞ୍ଚାୟତର ସରପଞ୍ଚ ଅଶୋକ କୁମାର ମହାନ୍ତି, ସମିତିସଭ୍ୟ ପ୍ରଶାନ୍ତ କୁମାର ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଦିଘି ପଡିଆରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ ସେଠାରେ ଅନୁଷ୍ଠିତ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ସୁରେଖା ପ୍ରଧାନ, ଶୈଳେନ୍ଦ୍ର କୁମାର ମିଶ୍ର, ସମିତିସଭ୍ୟା ଶଶୀକଳା ବେହେରା, ଯୁବନେତା ରାକେଶ କୁମାର ନାୟକ, ମଧୁସୂଦନ ପ୍ରଧାନ, ଶୁଭ୍ରକାନ୍ତ ଭ୍ରମରରାୟ, ଜିତେନ୍ଦ୍ର ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କନିଷ୍ଠଯନ୍ତ୍ରୀ ପ୍ରଭାତ କୁମାର ମାଝି, ବିଏସଏସଓ ମନୋଜ କୁମାର ବେହେରା, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟ କୁମାର ସେଠୀ, ଜ୍ୟୋତି ରଞ୍ଜନ ସାମଲ, ଶୀତଳ କୁମାର ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ଦଶପଲ୍ଲା,୧୯।୧୨(ପ୍ରକାଶ କୁମାର ପାଣି ): ମଙ୍ଗଳାର ଦଶପଲ୍ଲା ବୃନ୍ଦାବନ ସୁବୁଦ୍ଧି ମହାବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଉକ୍ତ ଶିବିରକୁ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଲେଖ କୁମାର ସ୍ୱାଇଁ ଉଦ୍‌ଘାଟନ କରିଥିଲେ । ଏଥିରୁ ୪୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ମହାବିଦ୍ୟାଳୟ ଛାତ୍ରୀ,ଛାତ୍ର ରକ୍ତଦାନ କରିଥିଲେ।ମହାବିଦ୍ୟାଳୟ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ନୋଡାଲ ଅଫିସର ନିହାର ରଞ୍ଜନ ପଣ୍ଡା, ଅଧ୍ୟାପକ ଗୁରୁପ୍ରସାଦ ଦାଶ ପରିଚାଳନା କରିଥିଲେ । ଅଧ୍ୟାପକ ସରୋଜ କୁମାର ପଣ୍ଡା,ରମେଶ କୁମାର ଦାଶ,ଡ.ଉମାକାନ୍ତ ତ୍ରିପାଠୀ , କ୍ଷୀରୋଦ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ । ଏଥି ସହ ମହାବିଦ୍ୟାଳୟରେ+୨ ତରଫରୁ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଥିଲା,କୃତୀ ପ୍ରତିଯୋଗୀମାନଙ୍କୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଏବଂ ଅଧ୍ୟାପକ ପୁରସ୍କାର ପ୍ରଦାନ କରିଥିଲେ ।

### ଛାତ୍ରୀ ଫେରାଇଲେ ଟଙ୍କା,କାଗଜପତ୍ର

ନୟାଗଡ଼,୧୯।୧୨(ଲୋକନାଥ ମିଶ୍ର): ନୟାଗଡ ବ୍ଲକ ଇଟାମାଟି ଥାନା ନାଟୁଗାଁ ସୁବଳୟା ଗାଁର ରୀତାଞ୍ଜଳି ବିଶ୍ୱାଳ କଲେଜ ଯିବାବେଳେ ବାଟରୁ ୧୧ ହଜାର ୬୨୦ ଟଙ୍କା, ଏଟିଏମ୍ କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ଆଧାର କାର୍ଡ ରହିଥିବା ଏକ ବ୍ୟାଗ୍ ପାଇଥିଲେ । ଆଧାରକାର୍ଡରେ ଗଣିଆ ଥାନା ଧୂଆଁମଡା ଗାଁର ବଳଭଦ୍ର ମହାରଣାଙ୍କ ନାଁ ରହିଥିଲା । ଛାତ୍ରୀ ଟଙ୍କା ଓ କାଗଜପତ୍ର ପାଇଁ ଇଟାମାଟି ଥାନା ପୋଲିସକୁ ହସ୍ତାନ୍ତର କରିଥିଲେ । ଇଟାମାଟି ଥାନା ପୋଲିସ ଗଣିଆର ବଳଭଦ୍ରଙ୍କୁ ଡକାଇ ଟଙ୍କା ଓ ହଜିଥିବା କାଗଜପତ୍ର ଫେରାଇଥିଲେ । ହଜିଥିବା ଟଙ୍କା ଓ କାଗଜପତ୍ର ପାଇବା ପରେ ବଳଭଦ୍ର ଛାତ୍ରୀଙ୍କ ମାନବିକତାକୁ ପ୍ରଶଂସା କରିଛନ୍ତି । ସେ ପୋଲିସକୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି ।

### ଯୁବକଙ୍କୁ ପିଟି ଟଙ୍କା ଲୁଟ୍, ୩ କୋର୍ଟ ଚାଲାଣ

ଫିରିଙ୍ଗିଆ,୧୯।୧୨(ବିକ୍ରମ ଦିଗାଲ) ଫିରିଙ୍ଗିଆ ଥାନା ରତଙ୍ଗ ଘାଇ ନିକଟରେ ବିହାର ଅଞ୍ଚଳର ମନୋଜ କୁମାରଙ୍କୁ ମାଡ଼ ମାରି୩୪୦୦୦ ଟଙ୍କା ସହ ଏକ ମୋବାଇଲ ଫୋନ ଛଡାଇ ନେବା ଅଭିଯୋଗରେ ମଙ୍ଗଳବାର ପୋଲିସ ୩ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରତଙ୍ଗ ଗାଁର ଶୁକଦେବ ମାଝିଙ୍କ ପୁଅ ସନିଆ (୨୦)ବିଷ୍ଣୁ ମାଝିଙ୍କ ପୁଅ ଗଣପତି(୨୩) ଓ କେ ନୂଆଁଗାଁ ଥାନା ଅନ୍ତର୍ଗତ ଯୁଗାପଦର ଗାଁର ଅଭିରାମ ଦିଗାଲଙ୍କ ପୁଅ ଜଗନ (୧୯)। ଅଭିଯୁକ୍ତମାନଙ୍କଠାରୁ ନଗଦ ୧୪୫୦୦ ଓ ଗୋଟିଏ ମୋବାଇଲ ଫୋନ ପୋଲିସ ଜବତ କରିଛି। ମନୋଜଙ୍କ ଏତଲା ଆଧାରରେ ନଂ. ୨୨୬/୨୩ରେ ଫିରିଙ୍ଗିଆ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

# ନାରାୟଣୀ,ଗୋକୁଳାନନ୍ଦଙ୍କ ଘୋଡ଼ଲାଗି ବେଶ ଆରମ୍ଭ





ଶ୍ରୀ ଗୋକୁଳାନନ୍ଦ ଜୀଉ ଓ ଶ୍ରୀ ଜଗନ୍ନାଥ ଜୀଉଙ୍କ ଓଢଣ ଲାଗି ବେଶ ।

ଖଣ୍ଡପଡ଼ା,୧୯।୧୨ (ଅଜୟ କୁମାର ମହାରଣା) ପବିତ୍ର ଓଢଣ ଷଷ୍ଠୀ ତିଥି ଅବସରରେ ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳାସ୍ଥିତ ଗୋକୁଳାନନ୍ଦଜୀଉ ଓ କଣ୍ଟିଲୋ ନିକଟସ୍ଥ ମା'ନାରାୟଣୀଙ୍କ ଘୋଡଲାଗି ବେଶ ସୋମବାରଠାରୁ ଆରମ୍ଭ ହୋଇଛି। ଭୋର ୪ଟାରେ ଦ୍ୱାରଫିଟା, ସ୍ନାନ,ମଇଲମ ଓ ବଲ୍ଲଭ ପରେ ପହିଲି ଭୋଗ ନୀତି ସମ୍ପନ୍ନ ହୋଇଥିଲା । ଏହାପରେ ଶ୍ରୀଜୀଉ ଓ ପାର୍ଶ୍ୱ ଦେବତାଙ୍କ ଘୋଡଲାଗି ବେଶ ଅନୁଷ୍ଠିତ ହୋଇଥିଲା । ଏହି ନୀତି ଆସନ୍ତା ସରସ୍ୱତୀ ପୂଜା ପର୍ଯ୍ୟନ୍ତ ଚାଲିବ । ଠାକୁରଙ୍କ ଏହି କାର୍ଯ୍ୟକୁ ଚନ୍ଦ୍ର ଶେଖର ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ଷଡ଼ଙ୍ଗୀ, ପୂଜକ ଅଖିଳ କୁମାର ପାଣି ପ୍ରମୁଖ ପରିଚାଳନା କରିଛନ୍ତି । ସେହିପରି ଖଣ୍ଡପଡାସ୍ଥିତ ଏକକ ଜଗନ୍ନାଥ ଜୀଉଙ୍କ ଘୋଡ(ଓଢଣ) ଲାଗି ବେଶ ମଧ୍ୟ ଆରମ୍ଭ ହୋଇଛି । ପ୍ରବଳ ଶୀତ ପ୍ରକୋପରୁ ରକ୍ଷା ପାଇବା ପାଇଁ ଶ୍ରୀ ଜୀଉଙ୍କୁ ଏହି ବେଶ କରାଯାଇଥାଏ । ଏହି ପ୍ରଥା କେଉଁ ଆବାହମାନ କାଳରୁ ପ୍ରଚଳିତ ହୋଇ ଆସୁଛି । ଏହି ଶୀତ ଦିନରେ ଠାକୁରଙ୍କ ମୁଖ ବ୍ୟତୀତ ସମସ୍ତ ଶରୀରକୁ ଆବୃତ କରି ରଖା ଯାଇଥାଏ । ଏହି ସମୟରେ ଶ୍ରୀଜୀଉଙ୍କ ନିକଟରେ ସ୍ୱତନ୍ତ୍ର ଭୋଗ ଲାଗି ହୋଇଥିଲା । ସେହିପରି ଏହି ବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା ।

# ଦଶପଲ୍ଲା ବ୍ଲକସ୍ତରୀୟ ଶିଶୁ ମେଳା ଉଦ୍‌ଯାପିତ



ଶିଶୁମେଳାର ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଥିବା ଅତିଥି ।

ଦଶପଲ୍ଲା,୧୯।୧୨(ପ୍ରକାଶ କୁମାର ପାଣି ) ମଙ୍ଗଳବାର ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ ଦଶପଲ୍ଲା ବ୍ଲକସ୍ତରୀୟ ଶିଶୁ ମେଳା ଉଦ୍‌ଯାପିତ ହୋଇଛି। ବ୍ଲକ ସଭାପତି ଶରତ ଚନ୍ଦ୍ର ବେହେରା ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ପାଦକ ଅକ୍ରୁର ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିଶୁ ମେଳାର ଉଦ୍‌ଘାଟନୀ ଉତ୍ସବରେ ବ୍ଲକ ଶିକ୍ଷା ଅଧିକାରୀ ଭକ୍ତି ବିନୋଦ ଶଳ , ଶିକ୍ଷାବିତ୍ ନାରାୟଣ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଦିବସ ବ୍ୟାପୀ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ଓଷ୍ଟାର ପୂର୍ବତନ ସମ୍ପାଦକ କିଶୋର ଚନ୍ଦ୍ର ପରମଗୁରୁ, ପ୍ରଧାନ ଶିକ୍ଷକ ହୃଷିକେଶ ବାରିକ ଓ ମନୋଜ କୁମାର ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ଅତିଥି ଯୋଗଦେଇଥିଲେ। ପ୍ରଧାନଶିକ୍ଷକ କୃଷ୍ଣ ଚନ୍ଦ୍ର ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଷ୍ଟାର କର୍ମକର୍ତ୍ତା,ବିଭିନ୍ନ ସ୍କୁଲର ପ୍ରଧାନଶିକ୍ଷକ ଓ ଶିକ୍ଷକ,କର୍ମଚାରୀ ସହଯୋଗ କରିଥିଲେ। ଶିକ୍ଷକ ପ୍ରଶାନ୍ତ କୁମାର ପଟ୍ଟନାୟକ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କତାଶିଳ୍ପ ପ୍ରତିଷ୍ଠା ନେଇ ଉଦ୍ୟୋଗୀ ବିକାଶ କର୍ମଶାଳା

ଖଣ୍ଡପଡ଼ା,୧୯।୧୨(ଅଜୟ କୁମାର ମହାରଣା)

ନଡିଆକତା ଶିଳ୍ପ ପ୍ରତିଷ୍ଠା ନେଇ ଏକ ୩ ଦିନିଆ ଉଦ୍ୟୋଗୀ ବିକାଶ କର୍ମଶାଳା ଖଣ୍ଡପଡା ବ୍ଲକ୍ ଅଧୀନ ମର୍ଦ୍ଦରାଜପୁର କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସୁଦୁର ତାମିଲନାଡୁ, କେରଳ ରାଜ୍ୟରେ ଲକ୍ଷ ଲକ୍ଷ ପରିବାର କିପରି କତା ଶିଳ୍ପ ପ୍ରତିଷ୍ଠା କରି ସ୍ୱାବଲମ୍ବୀ ହୋଇପାରିଛନ୍ତି ସେ ସମ୍ପର୍କରେ ପ୍ରକାଶ ରଥ ସୂଚନା ପ୍ରଦାନ କରିବା ସହ ଜଣେ କତା ଶିଳ୍ପ ଉଦ୍ୟୋଗୀ ହେବାକୁ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଶିକ୍ଷିତ ବେକାର ଯୁବତୀ, ଯୁବକ ଓ ମହିଳା ମାନଙ୍କୁ ପରାମର୍ଶ ଦେଇଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱରସ୍ଥିତ ନଡ଼ିଆ କତା ଶିଳ୍ପ ଉଦ୍ୟୋଗ ପରିଷଦର ଆଞ୍ଚଳିକ କ୍ଷେତ୍ରାଧିକାରୀ ବି ସୁନୀଲ କୁମାର, ଆଲୋକ ସାହୁ, ଗଣେଶ ପଣ୍ଡା



ଉଦ୍ୟୋଗୀ ବିକାଶ କର୍ମଶାଳାରେ ଯୋଗ ଦେଇଥିବା ବିଭାଗୀୟ ଅଧିକାରୀ ।

ପ୍ରମୁଖ ଯୋଗଦେଇ କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମାନୀତ ଅତିଥି ଭାବେ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ଶାଖା ପରିଚାଳକ, ମର୍ଦ୍ଦରାଜପୁର ସରପଞ୍ଚ ସୁଚରିତା ଶ୍ରୀଚନ୍ଦନ, ସମିତି ସଭ୍ୟ କୁବେର ଗୋଛି, ସାମାଜିକ କର୍ମୀ ଲାଲା ମନୋଜ ରାୟ. ପୂର୍ବତନ ସରପଞ୍ଚ କୈଳାସ ଚନ୍ଦ୍ର ଦଳେଇ, ବିଜୟ କୁମାର ନନ୍ଦ, ସୁପ୍ରିୟା ଦାଶ ଯୋଗଦେଇ କତାଶିଳ୍ପ ପ୍ରତିଷ୍ଠା ଉପରେ ଆଲୋକପାତ କରିଥିଲେ । ଯୁବ ସଙ୍ଗଠକ ମୋହନ କୁମାର ନନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ୨୨ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା

ଖଣ୍ଡପଡ଼ା,୧୯।୧୨ (ଅଜୟ କୁମାର ମହାରଣା):

୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଖଣ୍ଡପଡା ବ୍ଲକ ଅଧିନ ୨୨ଗୋଟି ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଗ୍ରାମ ରୋଜଗାର ସେବକ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସମେତ ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ରହି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ସହ ପଞ୍ଚାୟତ ଅଧୀନ ବିଭିନ୍ନ ସାହି ବସ୍ତିରେ କି, କି କାର୍ଯ୍ୟ ହେବ ସେ ସମ୍ପର୍କରେ ଏକ ତାଲିକା ପ୍ରସ୍ତୁତ କରି ବ୍ଲକ ପ୍ରଶାସନକୁ ପ୍ରଦାନ କରିଛନ୍ତି । ତେବେ ଅନେକ



ଗ୍ରାମସଭାରେ ଯୋଗ ଦେଇଥିବା ସଦସ୍ୟା, ସଦସ୍ୟ ।

ପଞ୍ଚାୟତରେ ଆଶାନୁରୁପକ କାର୍ଯ୍ୟକର୍ତ୍ତା ଅବା ଜନପ୍ରତିନିଧି ଯୋଗଦେଇ ନ ଥିବା ସୂଚନା ମିଳିଛି । ଏପରି କି ୭ରୁ ୬ ଜଣ ବ୍ୟକ୍ତିଙ୍କୁ ନେଇ କାର୍ଯ୍ୟକ୍ରମ ସମ୍ପନ୍ନ କରାଯାଇଥିବା ଅଭିଯୋଗ ହୋଇଛି । ଖଣ୍ଡପଡ଼ା ବ୍ଲକର ସମସ୍ତ ପଞ୍ଚାୟତରେ ଶାନ୍ତିଶୃଙ୍ଖଳାର ସହ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଥିବା ନେଇ ବ୍ଲକ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅନିତ କୁମାର ବଡସେଟଙ୍କ ଠାରୁ ପ୍ରକାଶ ।

# ଯୁବ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ

ଖଣ୍ଡପଡ଼ା,୧୯।୧୨ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟରେ ଯୁବ ଓଡ଼ିଶା ଓ ନବୀନ ଓଡ଼ିଶା ଆନୁକୂଲ୍ୟରେ ମଙ୍ଗଳବାର ମହାବିଦ୍ୟାଳୟର କ୍ରୀଡାଙ୍ଗନରେ ଯୁକ୍ତ ୨ ଓ ଯୁକ୍ତ ୩ ବିଭାଗ ଛାତ୍ରୀଛାତ୍ରମାନଙ୍କ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଶ୍ରୀୟାରାଣୀ ବେହେରା ମୁଖ୍ୟଅତିଥି ରୁପେ ଯୋଗଦେଇ ପତାକା ଉତ୍ତୋଳନ



ସରପଞ୍ଚ ଶ୍ରୀୟାରାଣୀ ବେହେରା କ୍ରୀଡା ମହୋତ୍ସବକୁ ଉଦ୍‌ଘାଟନ କରୁଛନ୍ତି ।

କରି କ୍ରୀଡା ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ । ଏହି ଉଦ୍‌ଘାଟନୀ ଉତ୍ସବରେ ଅନୁଷ୍ଠାନର ଅଧ୍ୟକ୍ଷ ରଣଜିତ କୁମାର ତ୍ରିପାଠୀଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

# ଖଣ୍ଡୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ

ନୂଆଗାଁ ୧୯।୧୨ (ଧନେଶ୍ୱର ସାହୁ) ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଖଣ୍ଡୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ୬ଷ୍ଠ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇ ଯାଇଛି । ଉଦ୍‌ଘାଟନୀ ଉତ୍ସବରେ ନୂଆଗାଁ ବ୍ଲକ ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଖଣ୍ଡୁଗାଁ ସରପଞ୍ଚ ସସ୍ମିତା ମଲିକ ମୁଖ୍ୟବକ୍ତା ଓ ନୂଆଗାଁ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଜ୍ୟୋତ୍ସ୍ନାରାଣୀ ସେଠୀ , ସିଆରସିସି ଜଗବନ୍ଧୁ ମିଶ୍ର, ସ୍କୁଲ ପରିଚାଳନା ସଭାପତି ନିରଞ୍ଜନ ପାଣି , ଖଣ୍ଡୁଗାଁ ସମିତି ସଭ୍ୟା ମମତା ପାଳ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ନିଷ୍ଠାର ସହ କାର୍ଯ୍ୟ କଲେ ନିଶ୍ଚିତ ଭାବେ ଆମେ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିବା । ତେଣୁ ଛାତ୍ରୀଛାତ୍ରମାନଙ୍କ ଯେଉଁଥିରେ ଆଗ୍ରହ



ସ୍କୁଲ ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପ୍ରଦର୍ଶନ କରାଯାଉଛି ।

ଓ ରୁଚି ରହିଛି ସେଥିରେ ନିଷ୍ଠା ରଖି ଆଗେଇ ଯାଆନ୍ତୁ ବୋଲି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ବ୍ଲକ ଶିକ୍ଷାଧିକାରୀ ସାହୁ କହିଥିଲେ । ପୂର୍ବରୁ ଅନୁଷ୍ଠିତ ହୋଇଥିବା ଖେଳ , ନାଚ , ଗୀତ ଆଦି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୋଟ ୯୪ ଗୋଟି ପୁରସ୍କାର ପ୍ରଦାନ କରାଯାଇଥିଲା । ସନ୍ଧ୍ୟାରେ ସ୍କୁଲ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କ ମନକୁ ଛୁଇଁପାରିଥିଲା । ଖଣ୍ଡୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୟାନିଧି ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିବା ବେଳେ ଶିକ୍ଷୟିତ୍ରୀ ପ୍ରଭାତୀ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଉପଦେଷ୍ଟାଙ୍କ ନୂଆଗାଁ ବ୍ଲକ ପରିଦର୍ଶନ



ରାଜ୍ୟ ଆଇ.ଆଣ୍ଡ.ଆଇଟି ଉପଦେଷ୍ଟା ଅନୁଭବ ପଟ୍ଟନାୟକ ସ୍କୁଲ ଛାତ୍ରୀଛାତ୍ରଙ୍କୁ ସ୍ମାର୍ଟ ବୋର୍ଡ ବିଷୟରେ ପଚାରି ବୁଝୁଛନ୍ତି ।

ନୂଆଗାଁ,୧୯।୧୨(ଧନେଶ୍ୱର ସାହୁ) ସରକାରଙ୍କ ପ୍ରତିଟି ଯୋଜନା ସହଜରେ ଲୋକମାନଙ୍କ ପାଖରେ ପହଞ୍ଚିବା ଓ ସୁବିଧାରେ ଲୋକମାନେ ତାହାର ଫାଇଦା ପାଇ ପାରିବେ ସେଥିପାଇଁ ସରକାର ବୈଷୟିକ ଜ୍ଞାନ କୌଶଳକୁ ଗୁରୁତ୍ୱ ଦେଉଛନ୍ତି ତେବେ ତାହା ନୟାଗଡ଼ ଜିଲାରେ କିଭଳି କାର୍ଯ୍ୟକାରୀ ହେଉଛି ତାହାର ସମୀକ୍ଷା କରିବା ପାଇଁ ରାଜ୍ୟ ସୂଚନା ପ୍ରଯୁକ୍ତିବିଦ୍ୟା ( ଆଇ ଆଣ୍ଡ ଆଇଟି) ଉପଦେଷ୍ଟା ଅନୁଭବ ପଟ୍ଟନାୟକ ଦୁଇ ଦିନିଆ ଗସ୍ତରେ ନୟାଗଡ ଆସିଛନ୍ତି । ଏହି ଅବସରରେ ସେ ମଙ୍ଗଳବାର ନୂଆଗାଁ ବ୍ଲକ କାର୍ଯ୍ୟାଳୟ ସମେତ ନୂଆଗାଁ ବ୍ଲକର ବିଭିନ୍ନ ସ୍କୁଲ ଓ ମୋ ସେବା କେନ୍ଦ୍ର ପରିଦର୍ଶନ କରିଛନ୍ତି । ୫-ଟି ଯୋଜନାରେ ରୂପାନ୍ତରିତ ହୋଇଥିବା ସ୍କୁଲଗୁଡିକରେ ନୂତନ ବୈଷୟିକ ଜ୍ଞାନ କୌଶଳ ମାଧ୍ୟମରେ ଶିକ୍ଷାଦାନ କରିବା ପାଇଁ ସରକାର କମ୍ପ୍ୟୁଟର ସହ ଇଣ୍ଟରନେଟ ସେବା ଓ ସ୍ମାର୍ଟ କ୍ଲାସ୍ ରୁମ୍‌ର ବ୍ୟବସ୍ଥା କରିଛନ୍ତି। ସେହିପରି ଜନସାଧାରଣ ସରକାରଙ୍କ ପ୍ରତିଟି ଯୋଜନା ସହ ଯୋଡି ହୋଇ ନିଜର ନାମ ପଞ୍ଜୀକରଣ କରିବାଠାରୁ ଆରମ୍ଭ କରି ବ୍ୟାଙ୍କ ସେବା ପର୍ଯ୍ୟନ୍ତ ପ୍ରତିଟି କାର୍ଯ୍ୟ ମୋ ସେବା କେନ୍ଦ୍ର , ଜନ ସେବା କେନ୍ଦ୍ର ମାଧ୍ୟମରେ କରାଇବାର ସୁବିଧା କରିଛନ୍ତି। ତେବେ ସେଗୁଡିକ କିଭଳି ଭାବେ କାର୍ଯ୍ୟ କରୁଛି ତାହା ସମୀକ୍ଷା କରିବା ପାଇଁ ରାଜ୍ୟ ସୂଚନା ପ୍ରଯୁକ୍ତିବିଦ୍ୟା ଉପଦେଷ୍ଟା ଅନୁଭବ ପଟ୍ଟନାୟକ , ଡିଇଜିଏମ୍ ନିହାର ନାୟକ , ବିଏସ୍ଏନ୍ଏଲ ନୟାଗଡ ଏସ୍‌ଡିଓ ସମୀର ଦଳେଇ ନୂଆଗାଁ ବ୍ଲକ କାର୍ଯ୍ୟାଳୟରେ ଥିବା କମ୍ପ୍ୟୁଟର ଗୃହ , ବଡଗୋଠ ପଞ୍ଚାୟତରେ ଥିବା ମୋ ସେବା କେନ୍ଦ୍ର , ଦୁର୍ଦ୍ଧୁରା ପଞ୍ଚାୟତ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ । ସେହିପରି ୫ଟି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ଚାହାଳି ସରକାରୀ ଜନଶକ୍ତି ହାଇସ୍କୁଲ ପରିଦର୍ଶନ କରି ଆଇଟି ଶିକ୍ଷକଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିବା ସହ ସ୍ମାର୍ଟକ୍ଲାସ ଓ ଇ-ବୋର୍ଡ ଶିକ୍ଷା ବାବଦରେ ଛାତ୍ରୀଛାତ୍ରମାନଙ୍କୁ ମଧ୍ୟ ପଚାରି ବୁଝିବାରେ ସନ୍ତୋଷ ଲାଭ କରିଥିବା କହିଥିଲେ । ତେବେ ଯେଉଁ ସ୍କୁଲରେ ଇଣ୍ଟରନେଟ ସେବା ଓ ଶିକ୍ଷକ ସମସ୍ୟା ରହିଛି ତାହାକୁ ଅତି ଶିଘ୍ର ସମାଧାନ କରିବା ପାଇଁ ସରକାର ଚେଷ୍ଟା କରୁଛନ୍ତି ବୋଲି କହିଥିଲେ । ପରିଦର୍ଶନରେ ନୂଆଗାଁ ବିଡିଓ ବାସୁଦେବ ନାୟକ , ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ପଣ୍ଡା , ଯନ୍ତ୍ରୀ ଉମେଶ ମହାପାତ୍ର ସ୍କୁଲ ପରିଚାଳନା କମିଟ ସଭାପତି ସୁବାସ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ ।

# ବାଲୁକା ଶିଳ୍ପୀଙ୍କ କଳାକୃତୀ ଦର୍ଶକଙ୍କ ମନ ମୋହିଲା

ଖଣ୍ଡପଡ଼ା,୧୯।୧୨(ଅଜୟ କୁମାର ମହାରଣା) ଖଣ୍ଡପଡ଼ା ଅଞ୍ଚଳର ପୂର୍ବ ଗରିମା, ଭାଇଚାରା, ସଂସ୍କୃତି , ପରମ୍ପରା ପର୍ଯ୍ୟଟନ, କଳାର ବିକାଶ ଆଦିର ବିକାଶ ସହ ଏହାକୁ ଉଜ୍ଜୀବିତ କରିବା ଲକ୍ଷ୍ୟରେ ଖଣ୍ଡପଡା ମଧୁବନ ମିନିଷ୍ଟାଡିୟମରେ ଗତ ସୋମବାରଠାରୁ କଳା ବିକାଶ ପରିଷଦ ପକ୍ଷରୁ ଆରମ୍ଭ ହୋଇଛି ଖଣ୍ଡପଡା ମହୋତ୍ସବ ଓ ପଲ୍ଲୀ ଶ୍ରୀମେଳା-୨୦୨୩ । ଏହି ମେଳାର ଅନ୍ୟତମ ଆକର୍ଷଣ ରହିଛି କଣ୍ଟିଲୋ ଅଞ୍ଚଳର ଯୁବ ବାଲୁକା କଳା ଶିଳ୍ପୀ ପ୍ରଶାନ୍ତ କୁମାର ସାହୁଙ୍କ ଦ୍ୱାରା ବାଲିରେ ପ୍ରସ୍ତୁତ ଶ୍ରୀଜଗନ୍ନାଥଙ୍କ ପ୍ରତିକୃତୀ । ମେଳାକୁ ବୁଲିବାକୁ ଆସୁଥିବା ହଜାର ହଜାର ଦର୍ଶକ ପ୍ରଥମେ ଏହି ବାଲୁକା କଳାକୁ ଦେଖି ଘଡିଏ ସେଠାରେ ଛିଡା ହୋଇଯାଉଛନ୍ତି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବାକୁ ଆସିଥିବା ନୟାଗଡ଼ ଜିଲାପାଳ ଏବଂ ଅନ୍ୟ ଅତିଥିମାନେ ଯୁବ କଳାକାରଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଏହି ବାଲୁକା କଳାକୁ ଦେଖି ପ୍ରଶଂସା କରିଥିଲେ । ସୂଚନା ଯୋଗ୍ୟଯେ, କଣ୍ଟିଲୋ ଖୁଦବେହେରା ପାଟଣା



ଖଣ୍ଡପଡା ମହୋତ୍ସବରେ ବାଲୁକା କଳା ।

ଗ୍ରାମର ଯୁବ ବାଲୁକା କଳା ଶିଳ୍ପୀ ବର୍ଷର ବିଭିନ୍ନ ସମୟରେ ବିଶେଷ କରି ପାର୍ବଣ ଋତୁରେ ମାଟିରେ ଦୂର୍ଗା, କାଳୀ, ଗଣେଶ ଓ ମା ଲକ୍ଷ୍ମୀଙ୍କ ମୃଣ୍ମୟୀ ପ୍ରତିମା ନିର୍ମାଣ କରି ଜିଲା ଓ ଜିଲା ବାହାରେ ବିଭିନ୍ନ ଅନୁଷ୍ଠାନରୁ ସମ୍ମାନୀତ ହୋଇଛନ୍ତି ।

**ମହିଳାଙ୍କ ବେକରୁ ସୁନାଚେନ ଲୁଟ୍**

ରସୁଲପୁର,(ରଞ୍ଜିତ ରାଉତ): କୁଆଖିଆ ଥାନା ୧୬ନଂ. ଜାତୀୟ ରାଜପଥର ମୂଳପାଳ ଛକ ନିକଟରୁ ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍ ହୋଇଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ଯାଜପୁର ସଦର ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ରାମଚନ୍ଦ୍ର ସେନାପତି ତାଙ୍କ ସ୍ତ୍ରୀ ମଲ୍ଲି ଏହି ଅଭିଯୋଗ କରିଛନ୍ତି। ସେ ଧର୍ମଶାଳା ଥାନା ବାରବାଟୀସ୍ଥିତ ଜଣେ ସମ୍ପର୍କୀୟଙ୍କ ଭୋଜିରେ ଯୋଗଦେଇ ସ୍କୁଟିରେ ଫେରିବାଟରେ ଲୁଟେରାଙ୍କ ଶିକାର ହୋଇଛନ୍ତି। ବାଇକରେ ୨ ଲୁଟେରା ଆସି ତାଙ୍କ ଚେନ୍ ଝାମ୍ପି ନେଇଛନ୍ତି। ପୋଲିସ ଛକ ଦୋକାନରେ ଲାଗିଥିବା ସିସି ଟିଭି କ୍ୟାମେରା ଫୁଟେଜ ଯାଞ୍ଚ କରି ଲୁଟ୍ ସମ୍ପର୍କରେ ସୁରାକ ପାଇଛି।

# ସରିଲାଣି ଅବଧି, ୩୯ ପ୍ରକଳ୍ପ ଅଧାପନ୍ତରିଆ

**ପାଣିକୋଇଲି ଆର୍ ଆଣ୍ଡ୍ ବି ଡିଭିଜନ**

- ପିସିରାଜ୍‌କୁ ପ୍ରୋତ୍ସାହନ, ସରୁନି କାମ
- ହନ୍ତସନ୍ତ ଅଞ୍ଚଳବାସୀ, ବଢୁଛି ଦୁର୍ଘଟଣା



ପୂର୍ତ୍ତ ବିଭାଗ ପକ୍ଷରୁ ବିଜିପୁରଠାରେ ଚାଲିଥିବା ବ୍ରିଜ୍ କାର୍ଯ୍ୟ ବିପଦପୂର୍ଣ୍ଣ।

ଯାଜପୁର,୧୯।୧୨(ହର୍ଷବର୍ଦ୍ଧନ ବେହେରା)

ପୂର୍ତ୍ତ ବିଭାଗ ଉପରେ ସରକାରଙ୍କ ଅତୁଟ ଭରସା ରହିଛି। କାର୍ଯ୍ୟଦକ୍ଷତା, ସମୟାନୁବର୍ତ୍ତିତା ଏବଂ ସୁଦୃଢ଼ ନିର୍ମାଣରେ ବିଶ୍ୱାସ ରଖି ପୂର୍ତ୍ତ ବିଭାଗ ଉପରେ ଏକାଧିକ ପ୍ରକଳ୍ପ କାର୍ଯ୍ୟ ଦାୟିତ୍ୱ ନ୍ୟସ୍ତ କରାଯାଉଛି। କିନ୍ତୁ ବିଭାଗର ଯାଜପୁର ଜିଲା ପାଣିକୋଇଲି ଆର୍‌ଆଣ୍ଡ୍‌ବି ଡିଭିଜନରେ ଏହାର ଓଲଟା ଚିତ୍ର ସାମ୍ନାକୁ ଆସିଛି। ଏହି ଡିଭିଜନରେ ୨୦୧୮ରୁ ୨୦୨୩ ମଧ୍ୟରେ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୩୯ଟି ପ୍ରକଳ୍ପ ଅଧାପନ୍ତରିଆ ହୋଇ ପଡ଼ିରହିଛି। ଏହାବାଦ୍ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଏକାଧିକ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାରେ ବିଳମ୍ବ ହେଉଛି। ଏଥିଯୋଗୁ ସମ୍ପୃକ୍ତ ଅଞ୍ଚଳବାସୀ ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି।

ପରସେଣ୍ଟ(ପିସି) ରାଜର ଅବସାନ ପାଇଁ ରାଜ୍ୟ ସରକାର ସ୍ଲୋଗାନ ଦେଇ ଚାଲିଥିବାବେଳେ ଏହାର ବିପରୀତ ଦୃଶ୍ୟ ପାଣିକୋଇଲି ଡିଭିଜନରେ ଦେଖିବାକୁ ମିଳୁଛି । ଏହି ବିଭାଗରେ ବାର୍ଷିକ ବହୁ କୋଟି ଟଙ୍କାର ଉନ୍ନୟନ କାର୍ଯ୍ୟ ପାଇଁ ସରକାର ବ୍ୟୟବରାଦ କରୁଥିବାରୁ ପିସି ଆକାରରେ ନିରୂପିତ ଅର୍ଥ ଭାବେ ବାଟମାରଣା ହୋଇଯାଉଛି। ଜଣେ ଠିକାଦାରଙ୍କ କହିବା ଅନୁସାରେ ଏହି ବିଭାଗରେ ୧୫ ପ୍ରତିଶତ କମ୍‌ରେ ଟେଣ୍ଡର ଭରିଲେ କାମ ମିଳେ। ଏହାବାଦ୍ ରାଜନୈତିକ ନେତୃବର୍ଗ ୫%, ନିର୍ବାହୀ ଯନ୍ତ୍ରୀ ୧%, ଏସ୍‌ଡିଓ ୧%, କନିଷ୍ଠ ଯନ୍ତ୍ରୀ ୧.୫%, କିରାଣି ଓ ଅନ୍ୟମାନେ ମିଶି ୧% ପିସି ଆକାରରେ ନେଇଥାନ୍ତି। ଏଭଳି ଭାବେ ନିରୂପିତ ଅର୍ଥରୁ ପ୍ରାୟ ୩୦% କମ୍ ଓ ପିସି ଆକାରରେ ଯାଉଛି। ପିସି ନେଉଥିବା ବିଭାଗୀୟ ଅଧିକାରୀମାନେ ଠିକାଦାରମାନଙ୍କୁ ଉପଯୁକ୍ତ ଭାବେ ତାଗିଦ କରିପାରୁ ନ ଥିବାରୁ ପ୍ରକଳ୍ପ କାର୍ଯ୍ୟର ମାନ ଅତି ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି।

ଯାଜପୁର ସହରଠାରୁ ବିଞ୍ଝାରପୁର ରାସ୍ତା ସର୍ବଦା ବ୍ୟସ୍ତବହୁଳ ଦେଖିବାକୁ ମିଳେ। ତେଣୁ ଏହି ରାସ୍ତାର ସମ୍ପ୍ରସାରଣ ଓ ସୁଦୃଢ଼ୀକରଣ କରିବାକୁ ପାଣିକୋଇଲି ପୂର୍ତ୍ତ ବିଭାଗ ପକ୍ଷରୁ ୨୦୨୧–୨୨ରେ ଷ୍ଟେଟ୍ ପ୍ଲାନ୍‌ରେ ଏକ ପ୍ରକଳ୍ପ ହାତକୁ ନିଆଯାଇଥିଲା। ଏହି ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ କରିବାକୁ ଠିକାଦାର ଅଜୟ କୁମାର ନାୟକଙ୍କୁ ଦାୟିତ୍ୱ ନ୍ୟସ୍ତ ହୋଇଥିଲା। ବିଭାଗ ପକ୍ଷରୁ ୧୧।୯।୨୦୨୩ରେ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ଚୁକ୍ତିରେ ଦର୍ଶାଯାଇଥିଲା। ହେଲେ ଏଯାଏ ୫୦ରୁ ୬୦% କାମ ହୋଇଥିବା ଦେଖିବାକୁ ମିଳିଛି। ଏହି ରାସ୍ତା କାର୍ଯ୍ୟରେ ବିଜିପୁରଠାରେ ଏକ ପୋଲ ଦୀର୍ଘଦିନ ହେଲା ନିର୍ମାଣ ଚାଲିଛି। ଫଳରେ ଉକ୍ତ ରାସ୍ତା ସଙ୍କୁଚିତ ହୋଇଥିବାରୁ ଗମନାଗମନରେ ଅସୁବିଧା ହେଉଛି। ବେଳେବେଳେ ସେଠାରେ ସୃଷ୍ଟି ହୋଇଥିବା ଗାତରେ ପଡ଼ି ଲୋକେ ଆହତ ହେଉଥିବା ନଜିର ରହିଛି। ବାଇପାସ୍ ରାସ୍ତା ନିର୍ମାଣ ନ କରି ଯେନତେନ ପ୍ରକାରେ କାମ ସାରିବାକୁ ଠିକାଦାର ଯୋଜନା କରିଥିବା ଲୋକେ ଅଭିଯୋଗ କରିଛନ୍ତି। ଏହାସହ ୧୬ ନମ୍ବର ଜାତୀୟ ରାଜପଥରୁ ଅର୍ଦ୍ଧଲୁଆ ରାସ୍ତା କାର୍ଯ୍ୟ ୩।୧୨।୨୦୧୮ରୁ ଆରମ୍ଭ ହୋଇଛି। ଏଥିପାଇଁ ୨୩.୪୮ କୋଟି ଟଙ୍କା ବ୍ୟୟବରାଦ ହୋଇଥିବାବେଳେ ନିହାରରଞ୍ଜନ ମାନ୍ଧାତାଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି କାର୍ଯ୍ୟ ୨।୧୨।୨୦୧୯ରେ ଶେଷ ହେବା କଥା। ହେଲେ ଜମି ବିବାଦ ଦର୍ଶାଇ ବିଭାଗୀୟ ଅଧିକାରୀମାନେ ନୀରବି ଯାଇଥିବା କୁହାଯାଉଛି। ସେହିପରି ୧୬ ନମ୍ବର ଜାତୀୟ ରାଜପଥରୁ ମହେଶ୍ୱରପୁର ଭାୟା ଯମୁନା ରାସ୍ତା କାର୍ଯ୍ୟ ୭।୮।୨୦୧୮ରେ ୨୨.୦୯ କୋଟି ବ୍ୟୟବରାଦ ହୋଇ ଆରମ୍ଭ ହୋଇଥିଲା। ଏବିଏସ୍ ଇଞ୍ଜିନିୟରିଂ ଆଣ୍ଡ ଡେଭଲପର୍ସ ଠିକାସଂସ୍ଥାକୁ ଏହି କାର୍ଯ୍ୟ ନ୍ୟସ୍ତ ହୋଇଥିବାବେଳେ ଜମି ବିବାଦରେ ତାହା ଅଟକି ରହିଛି। ଅନ୍ୟପକ୍ଷେ ୨୧.୯୪ କୋଟି ଟଙ୍କାର ମାଳଆନନ୍ଦପୁର–ସିଂହପୁର ରାସ୍ତା, ୨୨.୫୯ କୋଟି ଟଙ୍କାର ଗୋଳକୁଣ୍ଡ–ଇନ୍ଦୁପୁର ରାସ୍ତା, ୨୨.୫୯ କୋଟି ଟଙ୍କାର ଗୋଳକୁଣ୍ଡ–ରତ୍ନଗିରି ରାସ୍ତା, ୨୪.୯୮ କୋଟି ଟଙ୍କାର ଷଠିପୁର, ଯାଜପୁର, ମଙ୍ଗଳପୁର ଓ କୟାଁଗୋଲା ରାସ୍ତା ପ୍ରମୁଖ ୩୯ଟି ପ୍ରକଳ୍ପ ଅଧାପନ୍ତରିଆ ହୋଇ ପଡ଼ିରହିଛି। ଏ ସଂକ୍ରାନ୍ତରେ ପାଣିକୋଇଲି ପୂର୍ତ୍ତ ଡିଭିଜନର ନିର୍ବାହୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ଦଳେଇଙ୍କ ମତାମତ ନେବାକୁ ତାଙ୍କ ମୋବାଇଲ ଫୋନ୍‌କୁ ଶନିବାର ସନ୍ଧ୍ୟାରେ ଯୋଗାଯୋଗ କରିଥିଲେ ହେଁ ସେ ଫୋନ କଲ୍ ଗ୍ରହଣ କରି ନ ଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅର୍ପିତା



@ କାର୍ତ୍ତିକ



@ ମିନତୀ



@ ନେତ୍ର



@ ପ୍ରିୟାଂଶୁ ପ୍ରିୟଦର୍ଶୀ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜିନ୍ଦଲ ଷ୍ଟେନ୍‌ଲେଶ୍ ପକ୍ଷରୁ ଶିଶୁ ସାହିତ୍ୟ ମହୋତ୍ସବ



ଅତିଥି ଶିଶୁ ସାହିତ୍ୟ ମହୋତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

କଳିଙ୍ଗନଗର,୧୯।୧୨(ଶୁଭାଶିଷ ରାଉତ):

କଳିଙ୍ଗନଗର ଜିନ୍ଦଲ ଷ୍ଟେନଲେଶ ଲିମିଟେଡ ପକ୍ଷରୁ ଦାନଗଦୀଠାରେ ଏକ ଶିଶୁ ସାହିତ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଙ୍କୁର ଫାଉଣ୍ଡେଶନ ସହଯୋଗରେ ଅନୁଷ୍ଠିତ ଏହି ଏକ ଦିବସୀୟ କାର୍ଯ୍ୟକ୍ରମରେ ପିଲାଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଖୋଜିବା ଏବଂ ସାହିତ୍ୟ ପ୍ରତି ଆଗ୍ରହଭାବ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ୧୦ରୁ ଅଧିକ ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇ କାହାଣୀ କହିବା, ପେପର କ୍ରାଫ୍ଟ , ସ୍କେଚ, ଅରିଗାମି ତିଆରି ଏବଂ ନାଟ୍ୟ ଅଭିନୟ ପରି କାର୍ଯ୍ୟକଳାପ ମାଧ୍ୟମରେ ସୃଜନଶୀଳତାର ପରିପ୍ରକାଶ କରିଥିଲେ। ଉଚ୍ଚକୋଟୀର କାହାଣୀକାର, କଣ୍ଢେଇ ଶିଳ୍ପୀ ଏବଂ ଥିଏଟର କଳାକାରମାନେ ଯୋଗଦେଇ ଯୁବ ଦର୍ଶକଙ୍କୁ ସେମାନଙ୍କର ପ୍ରତିଭା ଦ୍ୱାରା ମୂଲ୍ୟବାନ ମାର୍ଗଦର୍ଶନ ପ୍ରଦାନ କରିଥିଲେ।

ଯାଜପୁର ଜିନ୍ଦଲ ଷ୍ଟେନଲେଶ କାରଖାନା ମୁଖ୍ୟ ଦୀପକ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଦାନଗଦୀ ବ୍ଲକ ଅଧ୍ୟକ୍ଷା ଅର୍ଚ୍ଚନା ଦାସ ଜିନ୍ଦଲ ଷ୍ଟେନଲେସ ଏବଂ ଅଙ୍କୁର ଫାଉଣ୍ଡେସନକୁ ପ୍ରଶଂସା କରି ଏହି ଉତ୍ସବର ମହତ୍ତ୍ୱକୁ ଦ୍ୱିଗୁଣିତ କରିଥିଲେ। ଏଥିସହିତ ସେ ଅଂଶଗ୍ରହଣ କରିଥିବା ପିଲାମାନଙ୍କୁ ସେମାନଙ୍କର ଉତ୍ସାହ ପାଇଁ ପ୍ରଶଂସା କରିଥିଲେ। ଉଦ୍‌ଯାପନୀ ସମାରୋହରେ ଯୁବ ପ୍ରତିଭାମାନଙ୍କୁ ପୁରସ୍କାର ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାରେ ଅଙ୍କୁର ଫାଉଣ୍ଡେଶନ ଏବଂ ଜିନ୍ଦଲ ଷ୍ଟେନଲେଶର ସିଏସଆର ବିଭାଗ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା।

# ରାତିକରେ ୭ ମନ୍ଦିରରୁ ଚୋରି

ଛତିଆ,୧୯।୧୨(ସୌମ୍ୟ ରଞ୍ଜନ ସାହୁ):

ଯାଜପୁର ଜିଲା ବଡ଼ଚଣା ବ୍ଲକ୍ ବୈରୀ ଥାନା ଅନ୍ତର୍ଗତ ଛତିଆ ଅଞ୍ଚଳରୁ ରାତିକରେ ୭ଟି ମନ୍ଦିରରୁ ବିପୁଳ ଟଙ୍କା ସହ ବିଭିନ୍ନ ସୁନା ଅଳଙ୍କାର ଚୋରି ହୋଇଛି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩ ଜଣଙ୍କୁ କାବୁ କରି ପଚରାଉଚରା ଚଳାଇଛି।

ଅଭିଯୋଗ ମୁତାବକ, ନେଳିଆ ପଞ୍ଚାୟତର ଗୋପପୁର ବଜାରରେ ଥିବା ତାରିଣୀ ମନ୍ଦିର ଗ୍ରୀଲ ତାଲା କାଟି ଦୁର୍ବୃତ୍ତ ମା'ଙ୍କ ମୁକୁଟ ଓ ଅଳଙ୍କାର ଲୁଟି ନେଇଛନ୍ତି। ସେହିପରି ଗୋପପୁର କଲୋନୀରେ ଥିବା ତାରିଣୀ ଓ ତ୍ରିନାଥ ମନ୍ଦିରର ତାଲା ଭାଙ୍ଗି ଦୁର୍ବୃତ୍ତ ସୁନା ଅଳଙ୍କାର ଓ ହୁଣ୍ଡିରୁ ଟଙ୍କା ଲୁଟିଛନ୍ତି। ବିଦ୍ୟାଧରପୁର ଗ୍ରାମର ପାର୍ବତୀ ମନ୍ଦିରରେ ପଶି ଟଙ୍କା ଓ ଅଳଙ୍କାର ଲୁଟ୍ କରିଛନ୍ତି। ଏହାସହିତ ଐତିହାସିକ ଅମରାବତୀ ମଠ, ବୁଢେଇ ମନ୍ଦିର ଓ ଚଟିଘର ତାରିଣୀ ମନ୍ଦିରରୁ ମଧ୍ୟ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପ୍ରଥମ ଥର ଉକ୍ତ ଥାନା ଅଞ୍ଚଳରେ ରାତିକରେ ଏକାଧିକ ମନ୍ଦିରରୁ ଚୋରି ହୋଇଥିବାରୁ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି ହୋଇଛି। ବୈରୀ ଥାନା ଅଧିକାରୀ ଶରତ କୁମାର ନାୟକ ଓ ଛତିଆ ବିଟ୍ ହାଉସ ଅଧିକାରୀ ଜହର ଆବେଦିନ ସାଇଣ୍ଟିଫିକ ଟିମ୍ ଏବଂ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଚଳାଇଛି।

# ଆଜି ସମୂହ ଛୁଟିରେ ଯିବେ ଜିଲାର ଅମଲା

ଯାଜପୁର ଟାଉନ,୧୯।୧୨ (ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଯାଜପୁର କୃଷି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଅମଲା ମଞ୍ଚର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୁଧବାରଠାରୁ ଜିଲା ଅମଲା ସଂଘର କର୍ମଚାରୀ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନିଆଯାଇଛି। ଜିଲା ସଭାପତି କମଳାକାନ୍ତ ନନ୍ଦଙ୍କ ଅଧ୍ୟକ୍ଷତାରେ ଜିଲାର ୪ ସଂଘ ଯଥା– ଓଡ଼ିଶା ରାଜସ୍ୱ ଅମଲା ସଂଘ, ଓଡ଼ିଶା ଅମଲା ସଂଘ, ଓଡ଼ିଶା ନିବନ୍ଧକ ଅମଲା ସଂଘ, ଓଡ଼ିଶା ଟ୍ରେଜେରୀ ଅମଲା ସଂଘର ସଭାପତି, ସମ୍ପାଦକ ଓ ଅନ୍ୟ କର୍ମକର୍ତ୍ତା ଯୋଗଦେଇ ଏହି ନିଷ୍ପତ୍ତି ନେଇଛନ୍ତି। ଉପସ୍ଥିତ ସମସ୍ତ ସଦସ୍ୟ ଅମଲା ମଞ୍ଚର ଏକମାତ୍ର ଦାବିପୂରଣ ଦିଗରେ ସରକାରଙ୍କ ଆଭିମୁଖ୍ୟକୁ ଦୃଢ଼ ପ୍ରତିବାଦ କରିଥିଲେ। ସମସ୍ତେ ୧୯ତାରିଖ ସୁଦ୍ଧା ସମୂହ ଛୁଟି ଦରଖାସ୍ତ ନିଜ କାର୍ଯ୍ୟାଳୟ ମୁଖ୍ୟଙ୍କୁ ଦାଖଲ କରିବା ପାଇଁ ଏକମତ ହୋଇଥିଲେ। ବୈଠକରେ ନିଗମାନନ୍ଦ ମାନ୍ଧାତା, ମଦନମୋହନ ପତି, ସନ୍ତୋଷ ସାହୁ, ବିଶ୍ୱରଞ୍ଜନ ଅଧିକାରୀ, ତପନ ବେହେରା, ଆଶିଷ ମହାନ୍ତି, ମଳୟ ସାମଲ ଓ ରାଜକିଶୋର ସାହୁ ପ୍ରମୁଖ ଉପସ୍ଥିତ ରହି ନିଜ ମତ ରଖିଥିଲେ।

# ସତ୍ୟସାଇ କ୍ରିକେଟ: ଯାଜପୁର ଚାମ୍ପିୟନ



ଚାମ୍ପିୟନ ଟିମ୍‌କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

ବ୍ରହ୍ମବରଦା,୧୯।୧୨ (ଯଯାତି କେଶରୀ ବେହେରା):

ଯାଜପୁର ବ୍ଲକ୍ ଝାଲପଡ଼ା ପଞ୍ଚାୟତ କାକୁଡ଼ିକୁଦ ନୀଳକଣ୍ଠପୁର ସତ୍ୟସାଇ ଖେଳପଡ଼ିଆରେ ଚାଲିଥିବା ସର୍ବଭାରତୀୟ ସତ୍ୟସାଇ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୟୁନିୟନ ସ୍ପୋର୍ଟିଂ କ୍ଲବ୍ କଟକକୁ ହରାଇ ଇଲେଭେନ ଷ୍ଟାର କ୍ରିକେଟ କ୍ଲବ୍ ଯାଜପୁର ଚାମ୍ପିୟନ ହୋଇଛି।

ଯାଜପୁର ଟସ୍ ଜିତି ବ୍ୟାଟିଂକରି ନିର୍ଦ୍ଧାରିତ ୨୫ ଓଭରରେ ୭ ଉଇକେଟ ହରାଇ ୧୮୬ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଦିବ୍ୟଶକ୍ତି ଚକ୍ରବର୍ତ୍ତୀ ୭୦ ବଲରେ ୭୫ ରନ କରି ଅପରାଜିତ ରହିଥିଲେ। ବିପକ୍ଷ ଦଳର ଆଶିଷ ରାୟ ୫ ଓଭର ବୋଲିଂ କରି ୨୩ ରନ ଦେଇ ୨ ଉଇକେଟ ନେଇଥିଲେ। ୟୁନିୟନ ସ୍ପୋର୍ଟିଂ କ୍ଲବ୍ ୨୨ ଓଭରରେ ସମସ୍ତ ଉଇକେଟ ହରାଇ ୧୩୦ ରନ କରି ଧରାଶାୟୀ ହୋଇଥିଲା। ଟୁର୍ନାମେଣ୍ଟରେ ଯାଜପୁର ଦଳର ଖେଳାଳି ପଙ୍କଜ ସେନାପତି ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।

ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ବିଜେଡି ସମ୍ପାଦକ ବିଶ୍ୱରଞ୍ଜନ ମଲ୍ଲିକ ଯୋଗଦେଇ ବିଜୟୀ ଦଳର ଅଧିନାୟକଙ୍କୁ ଟ୍ରଫି ସହ ୨୫ ହଜାର ଓ ରନର୍ସଅପ ଟିମ୍‌କୁ ୧୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ବ୍ରହ୍ମବରଦା ପଞ୍ଚାୟତର ଶିଳ୍ପପତି ପରମାନନ୍ଦ ସାହୁ, ସଞ୍ଜୟ ବେହେରା, ପ୍ରଫୁଲ୍ଲ ଗିରି ଓ ଶିକ୍ଷାବିତ ହେମନ୍ତ ସାହୁ ଯୋଗ ଦେଇଥିଲେ। ମ୍ୟାଚ୍‌କୁ ଓସିଏ ପ୍ୟାନେଲ ଅମ୍ପାୟର ଶରତ ଜେନା ଓ ଜଗନ୍ନାଥ ଦାସ ପରିଚାଳନା କରିଥିଲେ। ଅରୁଣ ପତି, ପ୍ରିୟନାଥ ରାଉତ ଓ ଇମରାନ ଅଲ୍ଲୀ ଧାରାବିବରଣୀ ପ୍ରଦାନ କରିଥିଲେ। ବବି ନାରାୟଣ ସେଠୀ, ରୋସନ ସାହୁ ଓ ଚିନ୍ମୟ ଦଳାଇ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ବିଭୂତି ଭୂଷଣ ଦାସ, ରଞ୍ଜିତ ନାୟକ, ଉତ୍କଳ ଜେନା, ବଳରାମ ସାହୁ, ସୁନୀଲ ଜେନା, ମାଧବାନନ୍ଦ ଜେନା, ଶୁକଦେବ ବିଶ୍ୱାଳ, ବାଦଲ ରାୟ ଓ ନିରଞ୍ଜନ ସାହୁଙ୍କ ସହିତ ସତ୍ୟସାଇ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ପାଚିଲା ଧାନ କ୍ଷେତରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ

କାଳିଆପାଣି,୧୯।୧୨(ଅସିତ ମହାନ୍ତ):

ସୁକିନ୍ଦା ତହସିଲ ଅନ୍ତର୍ଗତ କାଙ୍କଡ଼ପାଳ ମୌଜାର କାଙ୍କଡ଼ପାଳ ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ ପଛପଟେ ଥିବା ଧାନକ୍ଷେତରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ଫଳରେ କଟାହୋଇ ପଡ଼ିଥିବା ୨ ଏକର ଧାନ ଫସଲ ପୋଡ଼ି ନଷ୍ଟ ହୋଇଯାଇଛି। ସୋମବାର ଅପରାହ୍ନ ୩ଟାରେ ନିଆଁ ଲାଗିବାରୁ କାଙ୍କଡ଼ପାଳ ଗ୍ରାମର କ୍ଷୀରୋଦ ନାୟକ,



ତ୍ରିଲୋଚନ ପରିଡ଼ା, ରମେଶ ନାୟକ ଓ କୁହିକା ଗ୍ରାମର ଭୀମସେନ ମହାନ୍ତଙ୍କ ଧାନ ପୋଡ଼ି ନଷ୍ଟ ହୋଇଯାଇଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ନିଆଁ ଲିଭାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ସୁକିନ୍ଦା ଦମକଳ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ସବୁକିଛି ଜଳି ପାଉଁଶ ହୋଇ ଯାଇଥିଲା।

# ୨ ଗାଁ ମଧ୍ୟରେ ବିବାଦ, ଥାନାରେ ଅଭିଯୋଗ

ଯାଜପୁର ସଦର,୧୯।୧୨(ସମର ବିଜୟ ଶରଣ):

**କଳସପୁର ବାଲିଘାଟ ସୀମା ନିର୍ଦ୍ଧାରଣ ନେଇ ଅସନ୍ତୋଷ**

ଯାଜପୁର ବ୍ଲକ ଅନ୍ତର୍ଗତ ଶ୍ୟାମଦାସପୁର ପଞ୍ଚାୟତ କଳସପୁରଠାରେ ଥିବା ଖରସ୍ରୋତା ନଦୀର ବାଲିଘାଟ ସୀମା ନିର୍ଦ୍ଧାରଣକୁ ନେଇ ଜନ ଅସନ୍ତୋଷ ପ୍ରକାଶ ପାଇଛି। ଏପରି କି ମାପ ଚୁପ ପରେ ବାଲିଘାଟ ରାସ୍ତାକୁ ନେଇ ମାଧପୁର ଓ କଳସପୁର ମଧ୍ୟରେ ବିବାଦ ଉପୁଜିଛି। ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିବା ସଦର ଥାନାରେ ଲିଖିତ ଅଭିଯୋଗ ହୋଇଛି।

ଏହି ବାଲିଘାଟକୁ ଯିବା ପାଇଁ ସରକାରୀ ରାସ୍ତା ନ ଥିବାରୁ ବ୍ୟକ୍ତିଗତ ଜାଗାରେ ଦୈନନ୍ଦିନ ଶତାଧିକ ହାଇୱା ଓ ଟ୍ରାକ୍ଟର ଯାତାୟାତ କରୁଛି। ଫଳରେ ନିକଟରେ ଥିବା ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରୀଙ୍କ ଉପରେ ଏହାର କୁପ୍ରଭାବ ପଡୁଛି। କର୍ଣ୍ଣକଟୁ ଶବ୍ଦ ସାଂଗକୁ ପ୍ରବଳ ଧୂଳି ବାଲି ଉଡ଼ିବାରୁ ଛାତ୍ରୀଛାତ୍ର ଅତିଷ୍ଠ ହୋଇ ପଡୁଛନ୍ତି। ଏଠାରେ ଥିବା ଏକ ପାନୀୟ ଜଳ ପ୍ରକଳ୍ପର ପାଣି ଟାଙ୍କିକୁ ହାଇୱା ଧକ୍କା ଦେବା ଫଳରେ ଟାଙ୍କିର କିଛି ଅଂଶ ଭାଙ୍ଗି ରୁଜିଯାଇଥିବା ଦେଖିବାକୁ ମିଳିଛି। ଜଳସେଚନ ବିଭାଗର ଅଣଓସାରିଆ ନଦୀବନ୍ଧରେ ହାଇୱା ଯିବା ଦ୍ୱାରା ସେହି ରାସ୍ତା ଉପରେ ନିର୍ଭର କରୁଥିବା ମାଧପୁର, କଳସପୁର, ଭୁବନପୁର, ସାନସୁଜନପୁର ଓ ହାସିନପୁରର ସାଧାରଣ ଜନତା ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। କୌଣସି ଅଘଟଣ ଘଟିଲେ ଆମ୍ବୁଲାନ୍ସ କିମ୍ବା ଅଗ୍ନିଶମ ଗାଡ଼ି ଯିବା ଅସମ୍ଭବ ହୋଇପଡିଛି। ଛାତ୍ରୀଛାତ୍ର ଏହି ରାସ୍ତାରେ ଯିବା ବନ୍ଦ କରି ଦେଇଛନ୍ତି। ଏସବୁ ଅସୁବିଧା ହେବାରୁ ଜିଲାପାଳ ଓ ତହସିଲଦାରଙ୍କ ନିକଟରେ ଗ୍ରାମବାସୀଙ୍କ ତରଫରୁ ଲିଖିତ ଅଭିଯୋଗ ହୋଇଥିଲା। ହେଲେ ବିଷୟ ଜିଲା ପ୍ରଶାସନ ଏଥିପ୍ରତି କର୍ଣ୍ଣପାତ କରି ନ ଥିଲା। ଫଳରେ ୨୦ ଦିନ ପୂର୍ବେ ଗ୍ରାମର ସାଧାରଣ ଜନତା, ମହିଳା ଓ ଛାତ୍ରୀଛାତ୍ର ବାଲିଘାଟ ବନ୍ଦ କରିଥିଲେ। ପରେ ୦୬।୧୨।୨୦୨୩ରେ ଯାଜପୁର ତହସିଲଦାର ଏକ ସର୍ବସାଧାରଣ ନୋଟିସ ଜାରିକରି ୧୯।୧୨।୨୦୨୩ ପୂର୍ବାହ୍ନ ୧୦ଟା ସମୟରେ ସୀମା ନିର୍ଦ୍ଧାରଣ ପାଇଁ ଜଣାଇଥିଲେ। ସୀମା ନିର୍ଦ୍ଧାରଣ ସମୟରେ ଗ୍ରାମବାସୀ ଜାଣିବାକୁ ପାଇଲେ ଯେ ବାଲିଘାଟକୁ ଯାଇଥିବା ରାସ୍ତା ସମ୍ପୂର୍ଣ୍ଣ ବ୍ୟକ୍ତିଗତ ଓ କିଛି ଅଂଶ ଗୋଚର ଜମି। ଯାଜପୁର ସହକାରୀ ଜିଲାପାଳ ଅଜୟ ପଣ୍ଡା, କଳସପୁର ରାଜସ୍ୱ ଅଧିକାରୀ, ଖଣିବିଭାଗ ଅଧିକାରୀ ଓ ସଦର ଥାନା ଅଧିକାରୀ ଅନିରୁଧ ନାୟକ, ଏସ୍‌ଆଇ ମନୋଜ ପଣ୍ଡା ଘଟଣାସ୍ଥଳରେ ଉପସ୍ଥିତ ରହି ମାପଚୁପ କରିଥିଲେ।



ବାଲିଘାଟ ନିକଟରେ ଦୁଇ ଗ୍ରାମବାସୀଙ୍କ ମଧ୍ୟରେ ଯୁକ୍ତିତର୍କ ଚାଲିଛି।

**୫୦ ଲିଟର ଆସ୍କାଫର୍ଟି ଜବତ: ୩ ଗିରଫ**

କୁଜଙ୍ଗ,(ମନୋଜ ପ୍ରଧାନ) : ଦେଶୀ ମଦ ଚୋରା ଚାଲାଣ ଅଭିଯୋଗରେ ଚାନ୍ଦପୁର ପାଟପୁର ରାସ୍ତାର କରତୁଠା ନିକଟରୁ କୁଜଙ୍ଗ ପୋଲିସ ସୋମବାର ରାତିରେ ୨ଜଣଙ୍କୁ ଗିରଫ କରିଥିବାବେଳେ ଆଉ ୨ ଫେରାର ହୋଇଯାଇଛନ୍ତି। ସେମାନଙ୍କ ଠାରୁ ୫୦ ଲିଟର ଆସ୍କାଫର୍ଟି ଜବତ କରାଯାଇଛି। ପରେ ରାହାମା ମଦ ଦୋକାନ ମଦ ଦୋକାନର ମ୍ୟାନେଜରଙ୍କୁ ପୋଲିସ ଗିରଫ କରିଛି। ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ଅଭିଯୁକ୍ତମାନଙ୍କ ନାମ ଗୋପନ ରଖାଯାଇଛି ବୋଲି ପୋଲିସ କହିଛି। ଏନେଇ ଥାନାରେ ମାମଲା (ନଂ. ୫୩୯/୨୩) ରୁଜୁ କରାଯାଇଛି ।

## ସଂକ୍ଷେପରେ

### ବୃଦ୍ଧଙ୍କୁ ହାଣି ଘରୁ ଚୋରି କରିନେଲେ ଦୁର୍ବୃତ୍ତ

**ରଘୁନାଥପୁର,୧୯।୧୨(ରାଜେନ୍ଦ୍ର ନାରାୟଣ ସିଂହ):** ରଘୁନାଥପୁର ଥାନା ଅନ୍ତର୍ଗତ ବଡ଼କୋରକର ଗ୍ରାମର ଶରତ ଚନ୍ଦ୍ର ପାଣି ଓ ତାଙ୍କ ପୁଅଙ୍କୁ ସୋମବାର ମାରଣାସ୍ତ୍ରରେ ହାଣି ଦୁର୍ବୃତ୍ତମାନେ ଘରୁ ସୁନା ଗହଣା ସହ ଟଙ୍କା ଚୋରିକରି ନେଇଛନ୍ତି। ରାତିରେ ପରିବାର ଲୋକେ ଶୋଇଥିବାବେଳେ ଘରର କବାଟ ଭାଙ୍ଗି ୩ ଜଣ ଦୁର୍ବୃତ୍ତ ଭିତରକୁ ପଶିଥିଲେ। ପ୍ରଥମେ ସେମାନେ ଡାଇନିଂ ହଲ୍‌ରେ ଶୋଇଥିବା ଶରତଚନ୍ଦ୍ରଙ୍କ ମୁଣ୍ଡକୁ ମାରଣାସ୍ତ୍ରରେ ଆକ୍ରମଣ କରିବା ସହ ଶାବଳରେ ହାତ ଓ ଗୋଡ଼କୁ ପିଟି ଭାଙ୍ଗି ଦେଇଥିଲେ। ସେଠାରେ ଥିବା ଗଡ଼ରେଜ ଆଲମିରାକୁ ଭାଙ୍ଗି ୧ ସୁନା ହାର,୧ ଚେନ ଓ ୩ଟି ମୁଦି ନେଇଯାଇଥିଲେ। ପୁଅ ଜିତୁରଞ୍ଜନ ବାପାଙ୍କ ଚିତ୍କାର ଶୁଣି ଘର ଭିତରୁ ଡାଇନିଂ ହଲ୍‌କୁ ଆସିଲାବେଳକୁ ଦୁର୍ବୃତ୍ତମାନେ ତାଙ୍କୁ ଆକ୍ରମଣ କରିଥିଲେ। ଏଥିସହ ଜିତୁଙ୍କ ମୋବାଇଲ ଓ ୫ହଜାର ଟଙ୍କା ଲୁଟି ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ଜିତୁରଞ୍ଜନ ରଘୁନାଥପୁର ଥାନାରେ ଲିଖିତ ଅଭିଯୋଗ ସହ ଗ୍ରାମବାସୀଙ୍କ ସହାୟତାରେ ବାପାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଅଭିଯୋଗ ପାଇ ଆଇଆଇସି ସୁଶାନ୍ତ କୁମାର ସେଠୀ, ସବ୍‌ଇନ୍‌ସପେକ୍ଟର ଯୋଗେଶ ବେହେରା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏନେଇ ଥାନାରେ ମାମଲା (ନଂ. ୩୩୨/୨୩) ରୁଜୁ କରାଯାଇଛି।

### କୋରିୟର ସଂସ୍ଥାକୁ ୨୨ଶହ ଟଙ୍କା ଜରିମାନା

**ସେବା ପ୍ରଦାନରେ ବିଳମ୍ବ**

**କୁଜଙ୍ଗ,୧୯।୧୨(ମନୋଜ ପ୍ରଧାନ)**

ସେବା ପ୍ରଦାନରେ ବିଳମ୍ବ କରିବାରୁ କୁଜଙ୍ଗର ଏକ କୋରିଅର ସଂସ୍ଥାକୁ ଜଗତ୍‌ସିଂପୁର ଖାଉଟି ଅଦାଲତ ୨୨୦୦ ଟଙ୍କା ଜରିମାନା କରିଛନ୍ତି। କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାଙ୍ଗରା ଗ୍ରାମର ଆଇନଜୀବୀ ତୋଫାନ କୁମାର ସାହୁ ମେ ମାସ ୨ରେ ବିହାର ରାଜ୍ୟର ଏକ ସ୍ଥାନକୁ କୋରିୟର କରିଥିଲେ। ଏନେଇ କୁଜଙ୍ଗରେ ଥିବା 'ଫ୍ଲାଏ କିଙ୍ଗ' କୋରିୟର ସଂସ୍ଥା ଜରିଆରେ ଶହେ ଟଙ୍କା ବିନିମୟରେ ସେ ଏଡି କୋରିୟର କରିଥିଲେ । ମାତ୍ର ବିହାରର ସମ୍ପୃକ୍ତ ସ୍ଥାନରେ ଏହି କୋରିୟର ପହଞ୍ଚି ପାରି ନ ଥିଲା । କାରଣ ଉକ୍ତ ସ୍ଥାନ ଏକ ଗ୍ରାମାଞ୍ଚଳ ହୋଇଥିବାରୁ ସେଠାରେ କୋରିୟର ସେବା ଉପଲବ୍ଧ ନଥିଲା। ଫଳରେ ୨ ମାସ ବିଳମ୍ବରେ ଏହା କୁଜଙ୍ଗକୁ ଫେରିଆସିଥିଲା । ଏନେଇ ସାହୁ କୋରିୟର ସଂସ୍ଥାରେ ଅଭିଯୋଗ କରିଥିଲେ। ପରେ ଜଗତ୍‌ସିଂହପୁର ଜିଲା ଖାଉଟି ଅଦାଲତରେ କୋରିୟର ସଂସ୍ଥାର କୁଜଙ୍ଗ ଶାଖା ପରିଚାଳକ ଓ ଆଞ୍ଚଳିକ ପରିଚାଳକଙ୍କ ନାମରେ ଅଭିଯୋଗ କରିଥିଲେ । ଏହାର ବିଚାର କରି ଖାଉଟି ଅଦାଲତ ଏହି ସଂସ୍ଥାକୁ ୨୨ ଶହ ଟଙ୍କା ଜୋରିମାନା କରିଛନ୍ତି । ସେଥିରୁ ୧୫ ଶହ ଟଙ୍କା ମାନସିକ ଚାପ ଦେବା ପାଇଁ, ୫୦୦ ଟଙ୍କା ମାମଲା ପରିଚାଳନା ପାଇଁ ଓ ୨ ୦୦ଟଙ୍କା ଜରିମାନା ବାବଦରେ ଦେବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

### କ୍ରୀଡ଼ା ଶାରୀରିକ, ମାନସିକସ୍ତରରେ ଫୂର୍ତ୍ତି ଆଣେ

**ରଘୁନାଥପୁର,୧୯।୧୨ (ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗ ସ୍ଥିତ ସ୍ୱାମୀ ଅରୂପାନନ୍ଦ ଡିଗ୍ରୀ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ୩ ଦିନ ବ୍ୟାପି କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ମହାବିଦ୍ୟାଳୟ ଅଧକ୍ଷ ଦୟାନିଧି ରାଉତରାୟ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, କ୍ରୀଡା ଶିକ୍ଷାର ଏକ ଅଂଶ ବିଶେଷ। ଏହା ଶାରୀରିକ ଓ ମାନସିକସ୍ତରରେ ଫୂର୍ତ୍ତି ଆଣେ। ନୋଡାଲ ଅଫିସର ଭଗବାନ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପ୍ରାକ୍ତନ କ୍ରିଡ଼ା ଶିକ୍ଷକ ରାଜକିଶୋର ସାହୁ, ସଂଯୋଜକ ମନୋରଞ୍ଜନ ସ୍ୱାଇଁ ଓ ଅଧାପିକା ଅଧାପକମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ। ଏଥିରେ କଲେଜ କର୍ମଚାରୀ ରଞ୍ଜିତା ମହାନ୍ତି, ଲକ୍ଷ୍ମୀ ସାହୁ, ସ୍ମିତା ମହାନ୍ତି, ଯାଜ୍ଞସିନୀ ମହାନ୍ତି, ପ୍ରତିସ୍ମିତା ମହାନ୍ତି, ଦୈତାରୀ ଜେନା, ରବୀନ୍ଦ୍ର କୁମାର ଦାସ,ମୋ କଲେଜ ଅଭିଯାନ ସଭାପତି ଅମ୍ବିକା ପ୍ରସାଦ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ



**ଏରସମା,୧୯।୧୨ (ଦୀପ୍ତି ରଞ୍ଜନ ଖଣ୍ଡୁଆଳ)**

ରାସ୍ତା ଅଧାପନ୍ତରିଆ ପ୍ରତିବାଦରେ ମଙ୍ଗଳବାର ଗ୍ରାମବାସୀ ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ଗ୍ରାମ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ଘେରାଉ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଏହି ବ୍ଲକ ଅନ୍ତର୍ଗତ ପୋଖରିଆପଡ଼ା ପଞ୍ଚାୟତସ୍ଥିତ ଭାଜନା ରାଜସ୍ୱ ଗ୍ରାମର ଶ୍ମଶାନଠାରୁ ହନୁମାନ ମନ୍ଦିର ପର୍ଯ୍ୟନ୍ତ ନୂତନ ଢ଼ଳେଇ ରାସ୍ତା ପ୍ରଧାନ ମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମାଣ କରିବା ପାଇଁ ୨୦୨୧ରେ ମଞ୍ଜୁର କରାଯାଇଥିଲା। ସେତେବେଳେ ସମ୍ପୃକ୍ତ ଠିକାଦାର ଯଥା ସମୟରେ କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର ପରିତାପର ବିଷୟ, ୨ବର୍ଷ ହେଲା ତାହା ଅଧାପନ୍ତରିଆ ହୋଇ ପଡ଼ିରହିଛି। ଗତ ୬ମାସ ତଳେ ଏନେଇ ଗ୍ରାମବାସୀ ବିଭାଗୀୟ ଏସ୍‌ଡିଓଙ୍କ ନିକଟରେ

**ରାସ୍ତା କାମ ଅଧାପନ୍ତରିଆକୁ ବିରୋଧ**

ଅଭିଯୋଗ କରିଥିଲେ। ସେତେବେଳେ ଏସ୍‌ଡିଓ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଜୁନରେ ଏହି କାର୍ଯ୍ୟ ଶେଷ ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏପର୍ଯ୍ୟନ୍ତ ତାହା ହୋଇ ନ ଥିବାରୁ ଗ୍ରାମବାସୀ ଅସନ୍ତୋଷବ୍ୟକ୍ତ କରି ପ୍ରତିବାଦ କରିଥିଲେ। ଏହି ଆନ୍ଦୋଳନରେ ବିଶ୍ୱନାଥ ସାଇଁ, ପୂର୍ଣ୍ଣଚନ୍ଦ୍ର ଦାସ, ନିତ୍ୟାନନ୍ଦ ସାଇଁ, ନିରଞ୍ଜନ ସାଇଁ, ବିଜ୍ଞାନ ସାଇଁ, ରବୀନ୍ଦ୍ର ସାଇଁ, ଶେଷଦେବ ବାରିକ ପ୍ରମୁଖ ସାମିଲ ହୋଇଥିଲେ। ପୁନର୍ବାର ଟେଣ୍ଡର ଦିଆଯାଇ ଖୁବ୍‌ଶୀଘ୍ର କାମ ଶେଷ କରାଯିବ ବୋଲି ବିଭାଗୀୟ କନିଷ୍ଠ ଯନ୍ତ୍ରୀ ମୃତ୍ୟୁଞ୍ଜୟ ପରିଡା ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଯାଇଛି। ତେବେ ଆଗାମୀ ବର୍ଷାଦିନ ପୂର୍ବରୁ କାମ ଶେଷ ନ ହେଲେ ଗ୍ରାମବାସୀ ପୁନର୍ବାର ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଓଡ଼ିଆ ଭାଷା, ସାହିତ୍ୟକୁ ଯଶୋବନ୍ତ ଋଦ୍ଧିମନ୍ତ କରିଥିଲେ

**ବିରିଡି, ୧୯।୧୨(ପ୍ରଶାନ୍ତ କୁମାର ରାଉତ)**

**ମହାପୁରୁଷଙ୍କ ପୀଠରେ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ**



ଅତିଥିମାନେ ଜଣଙ୍କୁ ସମ୍ମାନିତ କରୁଛନ୍ତି।

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଶ୍ରୀ ଯଶୋବନ୍ତ ସାଂସ୍କୃତିକ ବିକାଶ କଳା ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ସୋମବାର ରାତିରେ ବିରିଡି ବ୍ଲକ ଅନ୍ତର୍ଗତ ଅଡ଼ଙ୍ଗଗଡ ନାଇଲୋସ୍ଥିତ ମହାପୁରୁଷ ଯଶୋବନ୍ତ ଦାସଙ୍କ ଜନ୍ମ ଓ ସମାଧି ପୀଠରେ ଯଶୋବନ୍ତ ଦାସଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଯଶୋବନ୍ତ କଳାମଣ୍ଡପରେ ଆୟୋଜିତ ସାରସ୍ୱତ ସଭାରେ ଓଡ଼ିଶା ସାହିତ୍ୟ ଏକାଡେମୀର ଅଧିକାରୀ ସଞ୍ଜୟ କୁମାର ଛୁଆଳ ସିଂ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିଭାବେ ଜଗନ୍ନାଥ ସଂସ୍କୃତି କଥା ପ୍ରଚାରକ ବାବା ଦିବାକର ଦାସ ମହାରାଜ, ମୁଖ୍ୟ ବକ୍ତାଭାବେ ସାହିତ୍ୟିକ ଡ. ରବୀନ୍ଦ୍ର ବିହାରୀ, ସଭା ମୁଖ୍ୟ ଭାବେ ସାହିତ୍ୟିକ ପ୍ରଫେସର ଜୟକୃଷ୍ଣ ଦାସ ଯୋଗଦେଇ କହିଥିଲେ ମହାପୁରୁଷ ଯଶୋବନ୍ତ ଦାସ ଏକାଧାରରେ ଜଣେ ସାହିତ୍ୟିକ, ସମାଜ ସଂସ୍କାରକ, ବୈଜ୍ଞାନିକ, ଓ ଜଣେ ଅନୁଭବୀ ସିଦ୍ଧ ସାଧକ ସନ୍ଥ ଥିଲେ। ଓଡ଼ିଆ ସାହିତ୍ୟର ଭିତ୍ତି ଭୂମିକୁ ସୁଦୃଢ଼ କରିବାରେ ତାଙ୍କର ଅବଦାନ ଅତୁଳନୀୟ। ସେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଆଧାତ୍ମିକ ରଚନାବଳୀ ଦ୍ୱାରା ଋଦ୍ଧିମନ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଡ. ବିହାରୀ କହିଥିଲେ, ମହାପୁରୁଷ ପାଠ ନ ପଢ଼ି ବେଦ, ବେଦାନ୍ତ ଓ ଉପନିଷେଦର ସବୁଠାରୁ ଆଗରେ ଥିଲେ । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ କଣ୍ଠଶିଳ୍ପୀ ଗଗନ ବିହାରୀ ଜେନାଙ୍କୁ ଯଶୋବନ୍ତ ସଂଗୀତ କଳା ସମ୍ମାନ, କଣ୍ଠଶିଳ୍ପୀ ସୋହିନୀ ମିଶ୍ରଙ୍କୁ ଯଶୋବନ୍ତ କଳା ସମ୍ମାନ, କଣ୍ଠଶିଳ୍ପୀ ଲେଲିତ ନାରାୟଣ ରଥଙ୍କୁ ଯଶୋବନ୍ତ ସଂସ୍କୃତି ସମ୍ମାନ, କଣ୍ଠଶିଳ୍ପୀ ସଞ୍ଜୟ ଦାସ, ପୂଜା ପଟ୍ଟନାୟକ, ଭାଗ୍ୟଶ୍ରୀ ସାହୁ, ଘୋଷକ ତିଲନ କୁମାରଙ୍କୁ ଯଶୋବନ୍ତ ପ୍ରତିଭା ସମ୍ମାନ ଓ ସ୍ମରଣୀକା ନନ୍ଦ, ରଶ୍ମୀରଞ୍ଜନ ପଣ୍ଡାଙ୍କୁ ଯୁଗ୍ମ ଭାବେ ଯଶୋବନ୍ତ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା । ଅନୁଷ୍ଠାନର ସମ୍ପାଦକ ପ୍ରଶାନ୍ତ କୁମାର ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେବା ସହ ଧନ୍ୟବାଦ ଦେଇଥିଲେ ।

## ସାରସ୍ୱତ ପରିକ୍ରମା ବୈଠକ, କର୍ମକର୍ତ୍ତା ଚୟନ

**ପାରାଦୀପ,୧୯।୧୨(ଶରତ ରାଉତ)**

ପାରାଦୀପ ଉପକଣ୍ଠ ବୃନ୍ଦବେଲାରୀ ମା' କେନ୍ଦୁଆଣୀ ମନ୍ଦିରରେ ସାହିତ୍ୟ ଅନୁଷ୍ଠାନ ସାରସ୍ୱତ ପରିକ୍ରମାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କର୍ମକର୍ତ୍ତା ଚୟନ କରାଯାଇଛି। ଏଥିରେ ଅତିଥିଭାବେ ଆଇନଜୀବୀ ସରୋଜକାନ୍ତ ଜେନା, ବାବାଜୀ ଚରଣ ମହାପାତ୍ର ଯୋଗଦେଇଥିଲେ। ଆଗାମୀ ୨ବର୍ଷ ପାଇଁ ସଭାନେତ୍ରୀ ଭାବେ ଗୋଲାପରାଣୀ ସାହୁ, ଉପସଭାପତି ରଜୀତ ଦାସ, ସମ୍ପାଦକ ରମେଶ ଚନ୍ଦ୍ର ତ୍ରିପାଠୀ, ସହସମ୍ପାଦକ ସୁବାଷ ସେନାପତି, କୋଷାଧ୍ୟକ୍ଷ ଆରତୀ ସେନାପତିଙ୍କୁ ଚୟନ କରାଯାଇଥିଲା। ଏଥିସହ ସେମାନଙ୍କ ଶପଥପାଠ କରାଯାଇଥିଲା। ଏଥିରେ ସଦସ୍ୟାସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଗୀତିକବି ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସେବିକା ପ୍ରେମଲତା ବାରିକଙ୍କୁ ସମ୍ମାନିତ କରାଯାଇଥିଲା। ଆସନ୍ତା ଜାନୁୟାରୀରେ ଏହି ସଙ୍ଗଠନର ବାର୍ଷିକ ଉତ୍ସବ ପାଳନ ହେବ ବୋଲି ନିଷ୍ପତ୍ତି ହୋଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅର୍ପିତା



@ କାର୍ତ୍ତିକ



@ ମିନତୀ



@ ନେତ୍ର



@ ପ୍ରିୟାଂଶୁ ପ୍ରିୟଦର୍ଶୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଆଧାତ୍ମିକ ଚେତନା ମଣିଷର ପରିକଳ୍ପନାକୁ ପୂରଣ କରେ

**ବିରିଡି, ୧୯।୧୨(ପ୍ରଶାନ୍ତ କୁମାର ରାଉତ)**

ଆଧାତ୍ମିକ ଚେତନା ମଣିଷର ପରିକଳ୍ପନାକୁ ସାର୍ଥକ କରିଥାଏ। ସମସ୍ତ ଇଚ୍ଛା ଶକ୍ତି ପୂରଣ ହେବାର ଖୋରାକ ଯୋଗାଇଥାଏ। ତେଣୁ ମହାପୁରୁଷଙ୍କ ଲିଖିତ ବାଣୀକୁ ପଠନ ଓ ଶ୍ରବଣ କରି ଦୈନନ୍ଦିନ କର୍ମରେ ଲଗାଇଲେ ମଣିଷର ସବୁ ଇଚ୍ଛା ପୁରଣ ହୋଇପାରିବ ବୋଲି ସୋମବାର ରାତିରେ ଅଡ଼ଙ୍ଗ ନାଇଲୋସ୍ଥିତ ଶ୍ରୀରାମ ମଣ୍ଡପରେ ଅନୁଷ୍ଠିତ ଯଶୋବନ୍ତ ଦାସଙ୍କ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ଅନୁଷ୍ଠିତ ସାରସ୍ୱତ ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ସରକାରଙ୍କ ମୁଖ୍ୟ ସଚେତକ ତଥା ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ଅନ୍ୟତମ ଅତିଥି ଭାବେ ରାଜ୍ୟ ମାନବିକ ଅଧିକାର କମିଶନ ସଦସ୍ୟ ଅଶିମ ଅମିତାଭ ଦାସ, ସମ୍ମାନିତ ଅତିଥି ଭାବେ ଜଗତ୍‌ସିଂହପୁର ଜିଲାପରିଷଦ ସଭାପତି ମନୋଜ କୁମାର ଭୋଇ, ବିରିଡି ବ୍ଲକ ଅଧକ୍ଷା ମମତା ପାତ୍ର, ପ୍ରଫେସର ଜ୍ୟୋତିରଞ୍ଜନ ଦାସ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଥିଲେ । ଅନୁଷ୍ଠାନର ସଭାପତି ଦେବୀପ୍ରସାଦ ତ୍ରିପାଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକ ବିଶ୍ୱନାଥ ଦାସ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ତନୟା ଦାସ ଗୋସ୍ୱାମୀଙ୍କୁ ଯଶୋବନ୍ତ ପ୍ରତିଭା ସମ୍ମାନ, ଚୌଧୁରୀ ବରଦା ପ୍ରସନ୍ନ ଦାସଙ୍କୁ ସାହିତ୍ୟ ପ୍ରତିଭା ସମ୍ମାନ, ଗାଳ୍ପିକ ବିଷ୍ଣୁ ସାହୁଙ୍କୁ ସଂସ୍କୃତି ସମ୍ମାନ, ଆଦର୍ଶ ଜନସେବା ଟ୍ରଷ୍ଟ କଟକଙ୍କୁ ସେବା ସମ୍ମାନ ଓ ସୌଦାମିନୀ ରାଉତଙ୍କୁ ଆଦର୍ଶ ନାରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା । ପରେ ଅନୁଷ୍ଠାନର ଗବେଷଣା ଧର୍ମୀ ବାର୍ଷିକ ମୁଖପାତ୍ର 'ତୀର୍ଥ' କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଶେଷରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ପ୍ରଦୀପ ସାହୁ ଧନ୍ୟବାଦ ଦେଇଥିଲେ ।

## ରାଷ୍ଟ୍ର ଗଠନରେ ଯୁବତୀ, ଯୁବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ନାଉଗାଁ,୧୯।୧୨(ସୁଧା ବେହୁରା)**

ନାଉଗାଁ ବ୍ଲକ ଅନ୍ତର୍ଗତ ଗଙ୍ଗଦାସ୍ଥିତ ଶ୍ରୀଶ୍ରୀ ମଉଳା ଭଣଜା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ ଯୁବ ଓଡିଶା ନବିନ ଓଡିଶା କାର୍ଯ୍ୟକ୍ରମକୁ ମଙ୍ଗଳବାର ସରକାରୀ ଦଳ ମୁଖ୍ୟ ସଚେତକ ତଥା ବିଧାୟକ ପ୍ରଶାନ୍ତ ମୁଦୁଲି ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଅଧକ୍ଷ ଅଧୀକାରୀ ଲେଙ୍କାଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ମୁଦୁଲି ଯୋଗଦେଇ ରାଷ୍ଟ୍ର ଗଠନ କରିବାରେ ଯୁବତୀ ଯୁବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସେ ଆହୁରି କହିଥିଲେ, ମହାବିଦ୍ୟାଳୟସ୍ତରରେ ଯୁବତୀ, ଯୁବକମାନଙ୍କ ମଧ୍ୟରେ ଲୁକ୍କାୟିତ ହୋଇଥିବା ଅନ୍ତର୍ନିହିତ ଗୁଣରେ ବିକାଶ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ,ପଞ୍ଚାୟତ ସମିତି ଅଧକ୍ଷା ତୃଷ୍ଣା ଲେଙ୍କା, ଜିଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, ମମତା ପରିଡା, ମହାବିଦ୍ୟାଳୟ ପ୍ରତିଷ୍ଠାତା ସଭାପତି ରବୀନ୍ଦ୍ର ଓଝା, କାର୍ଯ୍ୟକ୍ରମର ସଂଯୋଜକ ତଥା ଅଧାପକ ପ୍ରତାପ ମିଶ୍ର ପ୍ରମୁଖ ଯୋଗଦେଇ ଏହାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଅଧାପକ ଧୀରେନ ପତି ଅତିଥି ପରିଚୟ ପ୍ରଧାନ କରିଥିବା ବେଳେ କ୍ରିଡ଼ା ଶିକ୍ଷକ ଏସ.କେ. ବକ୍ରଦୁଲା ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପକ ହରି ପ୍ରସାଦ ପତି, ସନ୍ତୋଷ ଆଚାର୍ଯ୍ୟ, ଦୁର୍ଯ୍ୟୋଧନ ଜେନା, ରିତେଶ ନାୟକ ସମେତ ଅନ୍ୟ ଅଧାପିକା, ଅଧାପକ ଓ କର୍ମଚାରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ମତ୍ସ୍ୟଜୀବୀଙ୍କ ବଦଳରେ ବଙ୍ଗୀୟ ଲୋକଙ୍କୁ ମିଳୁଛି ସବ୍‌ସିଡି

**ପାରାଦୀପ,୧୯।୧୨(ଶରତ ରାଉତ)**



ସବ୍‌ସିଡିରେ ମିଳୁଥିବା ଡଙ୍ଗା ଓ ଜାଲ।

କେନ୍ଦ୍ର ଓ ରାଜ୍ୟ ସରକାର ଓଡ଼ିଶାର ପାରମ୍ପରିକ ମତ୍ସ୍ୟଜୀବୀଙ୍କ ପାଇଁ ଅନେକ କଲ୍ୟାଣକାରୀ ଯୋଜନା କରିଛନ୍ତି। କିନ୍ତୁ ଉକ୍ତ ଯୋଜନାରେ ପାରମ୍ପରିକ ମତ୍ସ୍ୟଜୀବୀଙ୍କ ବଦଳରେ ଅଣପାରମ୍ପରିକ ମତ୍ସ୍ୟଜୀବୀଙ୍କୁ ଦିଆଯାଉଛି ବୋଲି ଅଭିଯୋଗ ହୋଇଛି। ଜଗତ୍‌ସିଂହପୁର ଜିଲା କୁଜଙ୍ଗ ମତ୍ସ୍ୟବିଭାଗ କାର୍ଯ୍ୟାଳୟରେ ଏପରି ଘଟଣାକୁ ନେଇ ମତ୍ସ୍ୟଜୀବୀମାନେ ରାଷ୍ଟ୍ରପତିଙ୍କ ଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ମତ୍ସ୍ୟବିଭାଗ, ଜଗତ୍‌ସିଂହପୁର ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି।

ବିଶ୍ୱାଳୀ ଗ୍ରାମର ମଥୁରାନନ୍ଦ ତରାଇ, ରଞ୍ଜନ ମାଝୀ, ଯୋଗେନ୍ଦ୍ର ସାମଲଙ୍କ ସମେତ ଶତାଧିକ ମତ୍ସ୍ୟଜୀବୀଙ୍କ ଅଭିଯୋଗ ଅନୁଯାୟୀ, ସରକାରଙ୍କ ପକ୍ଷରୁ ଆସୁଥିବା ସହାୟତା ରାଶିକୁ ପାରମ୍ପରିକ ମତ୍ସ୍ୟଜୀବୀମାନଙ୍କୁ ଦିଆଯିବା ବଦଳରେ ବଙ୍ଗୀୟ ଲୋକଙ୍କୁ ଦିଆଯାଉଛି। ଯେଉଁ ବଙ୍ଗୀୟ ଲୋକଙ୍କୁ ଦିଆଯାଇଛି ସେମାନଙ୍କ ଜାତି ସାଧାରଣ (ଜେନେରାଲ)ବୋଲି ଦର୍ଶାଯାଇଛି। ଏଭଳି ଦୁର୍ନୀତି ସମ୍ପର୍କରେ ତଦନ୍ତ କରି ବିଭାଗୀୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାପାଇଁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଜନସୂଚନା ଆଇନ ଜରିଆରେ ତଥ୍ୟ ମଗାଯାଇଥିଲା। କୁଜଙ୍ଗ ମତ୍ସ୍ୟବିଭାଗ ଜନସୂଚନା ଅଧିକାରୀ ଜ୍ୟୋତିପ୍ରକାଶ ଆଚାର୍ଯ୍ୟଙ୍କ ଚିଠି (ନଂ. ୩୩୦୫) ଅନୁଯାୟୀ, ମତ୍ସ୍ୟଜୀବୀଙ୍କ ଜୀବିକା ନିର୍ବାହ ନିମନ୍ତେ ୨୦୨୧-୨୨ ଆର୍ଥିକ ବର୍ଷରେ ୫୨ ଲକ୍ଷ ୬୦ହଜାର ଟଙ୍କା ପ୍ରଦାନ କରାଯାଇଛି। ସେଥିରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ରିହାତି ଅର୍ଥ ୨୬ ଲକ୍ଷ ୩୦ ହଜାର ଟଙ୍କା ଲେଖାଏଁ ରହିଛି। ସେହିପରି ୨୦୨୨-୨୩ ଆର୍ଥିକ ବର୍ଷରେ ୮୪ ଲକ୍ଷ ୩୨ହଜାର ଟଙ୍କା ମତ୍ସ୍ୟଜୀବୀଙ୍କୁ ଦିଆଯାଇଛି। ଏଥିରେ ୨୦୨୧-୨୨ର ୪୩ ଜଣ ମତ୍ସ୍ୟଜୀବୀଙ୍କ ନାମ ରହିଛି। ସେହି ତାଲିକାରେ ୧୨ ଜଣ ବଙ୍ଗୀୟ ଲୋକଙ୍କ ନାମ ଅଛି। ଅଠରବାଙ୍କୀ ମୂଷାଡିଆ ବସ୍ତିର ଅନିମେଶ ମଣ୍ଡଳଙ୍କ

**ଡଙ୍ଗା,ଜାଲ ବଣ୍ଟନରେ ଅନିୟମିତତା ଘଟଣା**

- **ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତିଙ୍କୁ ଅଭିଯୋଗ**

ଜାତି ସାଧାରଣ ହୋଇଥିବାବେଳେ ଡଙ୍ଗା ଜାଲ ବାବଦରେ ୫ ଲକ୍ଷ ୪୩ ହଜାର ଟଙ୍କା ଦିଆଯାଇଛି। ସେଥିରେ ସବ୍‌ସିଡି ବାବଦରେ ୨ ଲକ୍ଷ ୧୭ ହଜାର ୨୦୦ ଟଙ୍କା ଦିଆଯାଇଛି। ଏପରି ୧୭୮ ଅଣପାରମ୍ପରିକ ମତ୍ସ୍ୟଜୀବୀଙ୍କ ନାମ ୨୦୨୧ ରୁ ୨୦୨୪ ବର୍ଷ ମଧ୍ୟରେ ଥିବା ସୂଚନା ଅଧିକାର ତଥ୍ୟରୁ ଜଣାପଡ଼ିଛି। ଏ ସମ୍ପର୍କରେ ସହକାରୀ ମତ୍ସ୍ୟ ଅଧିକାରୀ ତୁଷାରକାନ୍ତ ମହାପାତ୍ରଙ୍କ ସହ ମୋବାଇଲ୍‌ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଉଠାଇ ନଥିଲେ। ଏ ପ୍ରସଙ୍ଗରେ ଆଲୋଚନା ପାଇଁ ତାଙ୍କ କାର୍ଯ୍ୟାଳୟରେ ପହଞ୍ଚି ଘଟଣା ସମ୍ପର୍କରେ ପଚାରିବାରୁ ମହାପାତ୍ର ଟିକିଏ ଆସୁଛି ବୋଲି କହି ଏକ ସ୍କୁଟି ଧରି ବଜାରକୁ ପଳାଇଥିଲେ। ୨ ଘଣ୍ଟା ଅପେକ୍ଷା କରିବା ପରେ ମଧ୍ୟ ସେ କାର୍ଯ୍ୟାଳୟକୁ ଆସି ନ ଥିଲେ। ଏ ସମ୍ପର୍କରେ ଜନସୂଚନା ଅଧିକାରୀ ଆଚାର୍ଯ୍ୟଙ୍କୁ ପଚାରିବାରୁ ଯେଉଁମାନେ ଅନଲାଇନରେ ଆବେଦନ କରିଥିଲେ,ସେମାନେ ତାଙ୍କ ଜାତି ଦର୍ଶାଇ ନାହାନ୍ତି। ସେଥିପାଇଁ ଜାତି ସାଧାରଣ ଦର୍ଶାଇ ଋଣ ଓ ସବ୍‌ସିଡି ଦିଆଯାଇଛି।

## ସଂକ୍ଷେପରେ

### ଓଡ଼ଗାଁ ଏନ୍‌ଏସିରେ ହାତୀ ଆତଙ୍କ

#### ସନ୍ଧ୍ୟାରୁ ବିଦ୍ୟୁତ୍ ସେବା ବ୍ୟାହତ

ଓଡଗାଁ,୧୯।୧୨(ଆଦର୍ଶ କୁମାର ପଟ୍ଟନାୟକ)

ଓଡଗାଁ ଏନଏସି ଓଡ଼ଗାଁ ଅନ୍ତର୍ଗତ କଲେଜ ରୋଡ଼ ତଥା ଗୟଲସିଂ ମୁଣ୍ଡିଆ ତଳି ଅଞ୍ଚଳ ଜନଗହଳିପୂର୍ଣ୍ଣ ଅଞ୍ଚଳକୁ ମଙ୍ଗଳବାର ଅପରାହ୍ନରେ ହାତୀପଲ ପଶି ଆସିବା ଯୋଗୁଁ ଆଖପାଖ ଲୋକମାନେ ଘର ତାଲା ପକାଇ ଛାତ ଉପରକୁ ଚାଲି ଯାଇଥିଲେ। ଲୋକମାନେ ଭୟରେ ଥିବା ବେଳେ କେତେଜଣ ଯୁବକ ହାତୀପଲ ପାଖକୁ ଫଟୋ ଉଠାଉଥିବା ଦେଖିବାକୁ ମିଳିଥିଲା। ଖବର ଲେଖିବା ପର୍ଯ୍ୟନ୍ତ ହାତୀପଲ ସେଠାରେ ରହିଛନ୍ତି । ଗତ ସୋମବାର ପଲିଟେକ୍‌ନିକ ୨୧ ନଂ. ରାଜ୍ୟ ରାଜପଥ ଠାରେ ହାତୀ ରହିଥିବାବେଳେ ମଙ୍ଗଳବାର ସନ୍ଧ୍ୟାରେ ସେହି ରାସ୍ତା ପାର୍ଶ୍ୱରେ ହାତୀ ରହିଛନ୍ତି । ରାତିର ଯେକୌଣସି ମୁହୂର୍ତ୍ତରେ ସେମାନେ ରାସ୍ତା ଅତିକ୍ରମ କରି ଗୟଲ ସିଂ ସରଂକ୍ଷିତ ଜଙ୍ଗଲକୁ ଯିବାର ସମ୍ଭାବନା ରହିଛି ବୋଲି ବନ କର୍ମଚାରୀମାନେ କହିଛନ୍ତି। ଅନ୍ୟପକ୍ଷେ ହାତୀପଲ ଥିବାରୁ ଟାଟା ପାୱାର କର୍ତ୍ତୃପକ୍ଷ ବିଦ୍ୟୁତ୍ ଯୋଗାଣ ବନ୍ଦ କରିଛନ୍ତି ।

### ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ସଚେତନତା

ନୟାଗଡ଼,୧୯।୧୨(ଲୋକନାଥ ମିଶ୍ର):

ଯୁବ ବିକାଶ କାର୍ଯ୍ୟକ୍ରମରେ ନୟାଗଡ଼ ବ୍ଲକ ବଂଶୀଧର ମହାବିଦ୍ୟାଳୟଠାରେ ମଙ୍ଗଳବାର ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ହରପ୍ରସାଦ ରଣସିଂହଙ୍କ ଅଧକ୍ଷତାରେ ନୟାଗଡ଼ ଜିଲାର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମର ନୋଡାଲ ଅଫିସର ଆଦିତ୍ୟ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମର ସମୀକ୍ଷା କରିବା ସହିତ ଦୁର୍ଘଟଣାଜନିତ ଆଶୁ ଚିକିତ୍ସା ବ୍ୟବସ୍ଥା କରିବାର ଡେମୋ ଛାତ୍ରଛାତ୍ରୀମାନଙ୍କୁ ପ୍ରଦର୍ଶନ କରିଥିଲେ । ସେହିପରି ଛାତ୍ରଛାତ୍ରୀମାନେ ନିଶା ନିବାରଣ, ପ୍ଲାଷ୍ଟିକ ବର୍ଜନ, ପରିବେଶ ସନ୍ତୁଳନ ଓ ବାଲ୍ୟ ବିବାହ ବର୍ଜନ ପାଇଁ ଶୋଭାଯାତ୍ରାରେ ଯାଇ ଲୋକମାନଙ୍କୁ ସଚେତନ କରିଥିଲେ । ମହାବିଦ୍ୟାଳୟର ଅଧାପକ ଚିତ୍ତରଞ୍ଜନ ରାଉତ, ଶାନ୍ତନୁ କୁମାର ପ୍ରଧାନ, ଭଗବାନ ଦାଶ, ପ୍ରଭାସ ରଞ୍ଜନ ତ୍ରିପାଠୀ,ଦିବାକର ରାଉତ, ସୁରେଶ ମାଣ୍ଡାଇ, ଅଧାପିକା ସର୍ଣ୍ଣାକ୍ଷୀ ହୋତା, ଈର୍ଭାସିନୀ ମିଶ୍ର ପ୍ରମୁଖ ସଚେତନତା କାର୍ଯ୍ୟକ୍ରମ ଉପରେ ଉପରେ ଆଲୋକପାତ କରିଥିଲେ ।

# ଆନ୍ଧ୍ର, ଛତିଶଗଡ଼କୁ ଚାଲାଣ ହେଉଛି ଧାନ

- ସ୍ଥାନୀୟ ବେପାରୀଙ୍କ ସହଯୋଗରେ ଚାଲିଛି ବେପାର
- ଯୋଗାଣ ବିଭାଗର ଚଢ଼ାଉ ନାହିଁ

ନୟାଗଡ଼,୧୯।୧୨(ଲୋକନାଥ ମିଶ୍ର):

ନୟାଗଡ଼ ଜିଲାର ବିଭିନ୍ନ ଗାଁରୁ ଆନ୍ଧ୍ର ଓ ଛତିଶଗଡ଼କୁ ଧାନ ଚାଲାଣ ହେଉଥିବା ଅଭିଯୋଗ ହୋଇ ଆସୁଛି । ଆନ୍ଧ୍ର ଓ ଛତିଶଗଡ଼ ବ୍ୟବସାୟୀମାନେ ଓଡ଼ିଶା ବେପାରୀଙ୍କୁ ହାତ କରି ଧାନ କିଣିବାରେ ସଫଳ ହେଉଛନ୍ତି । ନୟାଗଡ଼ ଜିଲାରୁ ଆନ୍ଧ୍ର ଓ ଛତିଶଗଡ଼ ଧାନ ଚାଲାଣ ହେଉ ଥିବାବେଳେ ନୟାଗଡ଼ ଜିଲା ଯୋଗାଣ ବିଭାଗ ଚଢ଼ାଉ ନ କରି ନୀରବତା ଅବଲମ୍ବନ କରିବା ଧାନ ଚାଲାଣକୁ ପ୍ରୋତ୍ସାହନ ଦେଉଛି ।

ଧାନକିଣା କମିଟିର ନିଷ୍ପତ୍ତି ଅନୁସାରେ ଜିଲାରେ ଡିସେମ୍ବର ୨୭ରୁ ଧାନମଣ୍ଡି ଖୋଲାଯାଇ ଧାନକିଣା ଶୁଭାରମ୍ଭ ହେବ । ଜିଲାର ୧୫୩ ପାକ୍ସ ୧୬୭ ସ୍ଥାନରେ ମଣ୍ଡି କରାଯାଇ ଧାନ କ୍ରୟ କରାଯିବ। ଏଥିପାଇଁ ନୟାଗଡ଼ ଜିଲାର ୧୭ ମିଲର ଧାନ କିଣିବାକୁ ନିଷ୍ପତ୍ତି ହୋଇଛି । ତେବେ ଚଳିତ ବର୍ଷ ୧୫ ମିଲର ଧାନ କିଣିବାକୁ ଆଗଭର ହୋଇଛନ୍ତି । କିନ୍ତୁ କେତେ ମିଲର ଧାନ କିଣିବେ ସରକାରୀ ଭାବେ ଘୋଷଣା ହୋଇନି । ପୁଣି ପ୍ରତି ବ୍ଲକ୍‌ରେ ଗୋଟିଏ ଲେଖାଏଁ ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି) ଧାନ କ୍ରୟ କରିବାର ରହିଛି । ଚଳିତ ବର୍ଷ ଏସ୍‌ଏଚ୍‌ଜିକୁ ପ୍ରଥମ ଥର ପାଇଁ ଧାନ କିଣାରେ ସାମିଲ କରାଯାଉଥିବାରୁ ପ୍ରତି ବ୍ଲକରେ ସେମାନେ ଧାନ କିଣାରେ ସାମିଲ ହୋଇ ପାରୁଛନ୍ତି କି ନାଁ ଦେଖିବାର ରହିଲା । ଅନ୍ୟପକ୍ଷେ ଏଫଏକ୍ୟୁ ଧାନର ମୂଲ୍ୟ ସରକାର ୨୧୮୩ ଟଙ୍କା ରଖିଥିବାବେଳେ ଗ୍ରେଡ୍ ଏ ଧାନର ମୂଲ୍ୟ ୨୨୦୩ ଟଙ୍କା ରଖିଛନ୍ତି । ନୟାଗଡ଼ ଜିଲାରେ ଧାନ ମଣ୍ଡି ଖୋଲି ନ ଥିବାଲେ ଚାଷୀ ଧାନ ବିକ୍ରି କରିବାକୁ ତରବରିଆ ହେଉଛନ୍ତି। ଏବର୍ଷ ମରୁଡ଼ି ଓ ଲଘୁଚାପ ବର୍ଷା ଚାଷୀର ସବୁ ଫସଲ ଉଜାଡି ଦେଇଛି। ସ୍ଥିତି ଏପରି ହୋଇଛି ଚାଷୀର କ୍ଷତି ହୋଇଥିଲେ ମଧ୍ୟ ସରକାର ଏହାର ତଦନ୍ତ କରି ପାରି ନାହାନ୍ତି । ବର୍ଷା ଓ ମରୁଡ଼ି ଯୋଗୁ ଚାଷୀର ଅମଳ କମିଛି। ଚାଷୀ ଧାନକୁ ଘରକୁ ନେବାକୁ ଇଚ୍ଛା କରୁନି । ଧାନର ମାନ ଭଲ ନ ଥିବାରୁ ବିଲ ମୁଣ୍ଡରେ ଚାଷୀ ଧାନ ବିକ୍ରି ଆରମ୍ଭ କରି ଦେଇଛି । ଜିଲାର ବିଭିନ୍ନ ଗାଁରେ ଧାନ ୧୬୦୦ରୁ ୧୮୦୦ ଟଙ୍କା ମଧ୍ୟରେ ବିକ୍ରି ହେଉଛି । ମଣ୍ଡି ଖୋଲି ନ ଥିବାରୁ ଦଲାଲ ଓ ବ୍ୟବସାୟୀ ଧାନ ବିଲ ମୁଣ୍ଡରୁ ନେଇ ଭଲ ରୋଜଗାର କରିବାରେ ଲାଗି ପଡିଛନ୍ତି । ଏବେ ଗାଁ ଗଣ୍ଡାରେ ଚକ୍କର ମାରୁଛି ଛତିଶଗଡ଼ ଓ ଆନ୍ଧ୍ରର ଟ୍ରକ । ବ୍ୟବସାୟୀମାନେ ସ୍ଥାନୀୟ ବେପାରୀଙ୍କ ଦ୍ୱାରା ଧାନକୁ ଆନ୍ଧ୍ର ଓ ଛତିଶଗଡ ପଠାଇ ଦେଉଛନ୍ତି ।

ଏନେଇ ନୂଆଗାଁର ଚାଷୀ ଶିବରାମ ନାୟକ କୁହନ୍ତି, ଆମେ ଯେଉଁ ଧାନ ବିଲ ମୁଣ୍ଡରେ ବିକ୍ରି କରୁଛୁ ସେଇ ଧାନ ମଣ୍ଡିରେ ବିକିଲେ କୁଇଣ୍ଟାଲ ପିଛା ୨୦ କେଜି କଟା ଯିବ । ଧାନ ମଣ୍ଡିକୁ ନେଇ ଗଲେ ସମୟ ନଷ୍ଟ, ମିଲର ସହ ପାଟିତୁଣ୍ଡ ହେବାକୁ ପଡୁଛି । ପୁଣି କେବେ ମଣ୍ଡିରେ ଧାନ ବିକ୍ରି କରିବାର ସୁଯୋଗ ମିଳିବ କହି ହେବ ନାହିଁ । ସେତେବେଳେକୁ ଧାନର ଗୁଣବତ୍ତା ଆହୁରି ନଷ୍ଟ ହୋଇଯିବ । ଏଣୁ ସ୍ୱଳ୍ପ ଦାମରେ ହେଉ ପଛେ ବିଲ ମୁଣ୍ଡରେ ବିକ୍ରି ନଗଦ ଟଙ୍କା ଧରି କିଛି ଟଙ୍କା ପରିଶୋଧ କରି ଦେଉଛୁ । ନୟାଗଡ଼ର ସୁଦାମା ସାହୁ କୁହନ୍ତି,ମଣ୍ଡିରେ ଧାନ ବିକ୍ରିରେ ରାଜନୀତି ଚାଲିଛି । ଧାନ ବିକ୍ରି ପାଇଁ ଟେନଶନରେ ରହିବା ଅପେକ୍ଷା ବିନା ଟେନଶନରେ ବିକ୍ରି କରିବା ସବୁଠାରୁ ଭଲ । ତେବେ ଆମ ନାଁରେ ଜାଲ କରି ମଣ୍ଡିରେ ଧାନ ବିକ୍ରି ହୋଇପାରେ । କିଛି ବର୍ଷ ହେଲା କାଗଜାତରେ ଚାଲିଛି ଧାନ କିଣା । ପ୍ରଶାସନ ଏହାକୁ ରୋକିବା ଦରକାର । ନୟାଗଡ଼ର ଚାଷୀ ରାମଚନ୍ଦ୍ର ସାହୁ କୁହନ୍ତି, ବାଲୁଗାଁରେ ଏକ ଟ୍ରକ ଆସି ଧାନ କିଣୁଥିଲା । ମଙ୍ଗଳବାର ସନ୍ଧ୍ୟାରେ କେତେଜଣ ଚାଷୀ ମିଳିତ ହୋଇ ଟ୍ରକ ଚାରିପଟେ ଘେରି ପ୍ରତିବାଦ କରିବାରୁ ଡ୍ରାଇଭର ଟ୍ରକ ନେଇ ଚାଲି ଯାଇଥିଲେ । ଟ୍ରକଟି କେଉଁ ସ୍ଥାନକୁ ଧାନ ନେଉଥିଲା ତାହା ଜଣାପଡିନି ।

# ପିଲାଙ୍କ ମେଳରେ ଇସ୍ରୋ ବୈଜ୍ଞାନିକ




ଛାତ୍ରୀଛାତ୍ରଙ୍କ ଗହଣରେ ଇସ୍ରୋ ବୈଜ୍ଞାନିକ ପିୟୁଷ କାନ୍ତ କର ଓ ଅନ୍ୟମାନେ ।

ଓଡ଼ଗାଁ,୧୯।୧୨(ଆଦର୍ଶ କୁମାର ପଟ୍ଟନାୟକ)

ମଫସଲ ଗାଁର ପିଲାଙ୍କ ମେଳରେ ଇସ୍ରୋ ବୈଜ୍ଞାନିକ ପିୟୁଷ କାନ୍ତ କର ବଖାଣିଲେ ଚନ୍ଦ୍ରାୟାନ-୩ ଓ ଇସ୍ରୋର ସଫଳତା । ମଙ୍ଗଳବାର ନିକଟସ୍ଥ ମଶାବାରୀ ଗାୟତ୍ରୀ ବିଦ୍ୟା ମନ୍ଦିରକୁ ଏକ ବନ୍ଧୁତ୍ୱପୂର୍ଣ୍ଣ ଗସ୍ତରେ ଆସିଥିବା ମହାକାଶ ବୈଜ୍ଞାନିକ ପିୟୁଷକାନ୍ତଙ୍କୁ ବିଦ୍ୟାମନ୍ଦିରରେ ପହଞ୍ଚିବାକ୍ଷଣି ଛାତ୍ରୀଛାତ୍ର ତାଙ୍କୁ ଫୁଲଚନ୍ଦନ ଦେଇ ସ୍ୱାଗତ କରିଥିଲେ । ଉପଦେଷ୍ଟା ଆଦର୍ଶ କୁମାର ପଟ୍ଟନାୟକ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାମନ୍ଦିର ସମ୍ପାଦକ ଅଶୋକ କୁମାର ମହାପାତ୍ରଙ୍କ ଅଧକ୍ଷତାରର ଆୟୋଜିତ ସଭାରେ ଶିକ୍ଷାବିତ୍ ଭାଗିରଥି କର ନିଜ ପୁଅ ତଥା ଇସ୍ରୋ ବୈଜ୍ଞାନିକ ପିୟୁଷଙ୍କ

## ବଖାଣିଲେ ଚନ୍ଦ୍ରୟାନ-୩ର ସଫଳତା କାହାଣୀ

ପିଲା ଦିନର କଥା ବଖାଣିଥିଲେ । ସେ କିପରି ଗଣିତ ଜ୍ଞାନ ଆହରଣ କରିବାକୁ ପିଲାଟି ଦିନରୁ ଉତ୍ସାହ ଦେଖାଇବା ସହିତ ପରବର୍ତ୍ତୀ ସମୟରେ ସେ ଏହାର ପ୍ରୟୋଗ କରି ସଫଳତାର ଶୀର୍ଷରେ ପହଞ୍ଚି ଥିଲେ। ବୈଜ୍ଞାନିକ ପୀୟୁଷ ଉପସ୍ଥିତ ପିଲାଙ୍କୁ ସାଧାରଣତଃ ଜଳୁଥିବା ମହମବତୀକୁ ଢାଙ୍କୁଣୀ ଘୋଡାଇଦେଲେ ଲିଭିଯିବା, ଦୂରରୁ ଓ ନିକଟରୁ ଦେଖିବାର ପ୍ରଭେଦ ହିଁ ବିଜ୍ଞାନ ବୋଲି କହିଥିଲେ । ହେଲେ ମହାକାଶକୁ ଉପଗ୍ରହ ପଠାଇବା ଦ୍ୱାରା ମାନବ ଜାତିକୁ ମିଳୁଥିବା ଉପକାରିତା ସମ୍ପର୍କରେ କହିବା ଅବସରରେ ଟେଲିଫୋନ, ଟେଲି ମେଡ଼ିସିନ, ମ୍ୟାପ, ବନ୍ୟା ବାତ୍ୟା ଓ ଭୂମିକମ୍ପ ଆଦି ସମ୍ପର୍କୀୟ ତଥ୍ୟ ସହିତ ଦେଶ ସୁରକ୍ଷାରେ ଏହାର ବ୍ୟାପକ ବ୍ୟବହାର ହେଉଥିବା କହିଥିଲେ । ସର୍ବୋପରି ମହାକାଶକୁ ଉପଗ୍ରହ ବା ସାଟେଲାଇଟ ପ୍ରେରଣ କରିବା ସମୟରେ ମାଧ୍ୟାକର୍ଷଣ ଶକ୍ତି, ବ୍ୟବହୃତ ଇନ୍ଧନ ଓ ବିଭିନ୍ନ ଭାଗରେ ଉତକ୍ଷେପଣ ନୀତି ସମ୍ପର୍କରେ ଅତି ସରଳ ଭାବେ ବୁଝାଇଥିଲେ। ପରବର୍ତ୍ତୀ ସମୟରେ ପିଲାଙ୍କ ସହିତ ଗୁରୁଜୀ ଗୁରୁମାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ସନ୍ଦେହ ଦୂର କରିଥିଲେ। ହେଲେ ଏଲିୟନ ଭଳି କୌଣସି ଜୀବ ମହାକାଶରେ କିମ୍ବା ଚନ୍ଦ୍ର ପୃଷ୍ଠରେ ରହିଥିବା କଥାକୁ ସେ ଖଣ୍ଡନ କରିଥିଲେ। ଏହା ଏକ ପ୍ରପୋଗଣ୍ଡା ବୋଲି ସେ କହିଥିଲେ। ଶେଷରେ ପ୍ରିନ୍ସପାଲ ବୀରେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଗୋଡିମଡ଼ାରେ ଯୌତୁକ ବିରୋଧରେ ସଚେତନତା

ନୟାଗଡ଼,୧୯।୧୨ (ଲୋକନାଥ ମିଶ୍ର):

ମହାବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଚାଲୁ ରହିଛି । ଏହି କାର୍ଯ୍ୟକ୍ରମରେ ନୟାଗଡ଼ ବ୍ଲକର ପିଣ୍ଡିକେଶ ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟ ପକ୍ଷରୁ ମଙ୍ଗଳବାର ଯୌତୁକ ବିରୋଧରେ ସଚେତନତା ସୃଷ୍ଟି କରାଯାଇଛି । ଛାତ୍ରୀଛାତ୍ରମାନେ ହାତରେ ପ୍ଲାକାର୍ଡ ଧରି ମହାବିଦ୍ୟାଳୟଠାରୁ ଶୋଭାଯାତ୍ରାରେ ବାହାରି ଗୋଡିମଡ଼ା ଗାଁ ପରିକ୍ରମା କରିଥିଲେ । ଯୌତୁକ ନେବା ଓ ଦେବା ଅପରାଧ ବୋଲି ଗୋଡିମଡାରେ ସ୍ଥାନୀୟ ଲୋକଙ୍କୁ ବୁଝାଇଥିଲେ । କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ଭାସ୍କର ଚନ୍ଦ୍ର ସାମନ୍ତରାୟଙ୍କ ସଂଯୋଜନାରେ ମହାବିଦ୍ୟାଳୟର ଅଧକ୍ଷ ଚିତ୍ତ ରଞ୍ଜନ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଯୌତୁକ ପ୍ରଥା ଉପରେ ଟିପ୍ପଣୀ ରଖି ଏହାର ଭୟାବହତା ଉପରେ ଦର୍ଶାଇଥିଲେ । ସାମାଜିକ କାର୍ଯ୍ୟକ୍ରମ ସଂଯୋଜକ ପ୍ରଭାସ କୁମାର ହୋତା, ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜକ ନିଗମା ନନ୍ଦ ସ୍ୱାଇଁ, ଅଧାପକ ଅଶୋକ ମହାପାତ୍ର, ଅଧାପିକା ନିର୍ମଳା ସାମଲ, ଦୟାନିଧି ପରିଡା, ପ୍ରଭାତ କୁମାର ଜେନା ପ୍ରମୁଖ ଯୋଗ ଦେଇ ଯୌତୁକ ବିରୋଧରେ ଆଲୋକପାତ କରିଥିଲେ । ଯୁକ୍ତ ୩ ଶେଷ ବର୍ଷ ଛାତ୍ରୀ ପ୍ରଭାସିନୀ ସିଠ ନିଜର ମତାମତ ଉପସ୍ଥାପନ କରିଥିଲେ ।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅର୍ପିତା



@ କାର୍ତ୍ତିକ



@ ମିନତୀ



@ ନେତ୍ର



@ ପ୍ରିୟାଂଶୁ ପ୍ରିୟଦର୍ଶୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଗୋଷ୍ଠୀ ବିହନ ମେଳା ଉଦ୍‌ଯାପିତ



ଜଣେ ମହିଳା ଚାଷୀଙ୍କୁ ଅତିଥିମାନେ ସମ୍ମାନୀତ କରୁଛନ୍ତି ।

ଦଶପଲ୍ଲା,୧୯।୧୨(ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକ ଘୁଗୁଡିପଡା ଗ୍ରାମ ପଞ୍ଚାୟତର ଚମ୍ପାଡାଳି ଗ୍ରାମରେ ନିର୍ମାଣ ଅନୁଷ୍ଠାନ ତରଫରୁ ଚାଲିଥିବା ୨ଦିନିଆ ବିହନ ମେଳା ଉଦଯାପିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ରୁପେ କୃଷି ମହାବିଦ୍ୟାଳୟ ପ୍ରଫେସର ବିଶ୍ୱବଲ୍ଲଭ , ସମ୍ମାନୀତ ଅତିଥି ରୂପେ ପରିବେଶ ଗବେଷକ ବିକାଶ ରଥ ଏବଂ ଶ୍ରୀଚରଣ ବେହେରା , ଏବଂ ଅନୁଷ୍ଠାନର ଉପସଭାପତି ରଞ୍ଜନ ରାଉତ ପ୍ରମୁଖ ଯୋଗଦାନ କରିଥିଲେ । କୃଷି ଓ କୃଷକଙ୍କ ଉପରେ ଅତିଥିମାନେ ସାରଗର୍ଭକ ଭାଷଣ ଦେବା ସହ ଉନ୍ନତ ଧରଣର ଚାଷ କରି କୃଷକମାନେ କିପରି ଉନ୍ନତି କରିପାରିବେ ସେ ବିଷୟରେ ବୁଝାଇଥିଲେ । ଉତ୍ସବରେ କୃଷକମାନେ ଆଣିଥିବା ବିଭିନ୍ନ ଧାନ ଅଦଳ ବଦଳ କରିଥିଲେ । ପ୍ରକଳ୍ପ ସଂଯୋଜିକା ମୋନାଲିସା ମହାପାତ୍ର ଧନ୍ୟବାଦ ଦେଇଥିଲେ । ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ରାତିରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ନାଟକ ମଞ୍ଚସ୍ଥ ହୋଇଥିଲା । ଉଦ୍‌ଯାପନ ଉତ୍ସବରେ ସ୍ଥାନୀୟ ମହିଳା,ପୁରୁଷ ଚାଷୀମାନେ ଯୋଗଦାନ କରିଥିଲେ ।

# ସଂସ୍କୃତି ହେଉଛି ଖଣ୍ଡପଡ଼ାର ସମ୍ପତ୍ତି

## ଖଣ୍ଡପଡ଼ା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ଖଣ୍ଡପଡ଼ା,୧୯।୧୨(ଅଜୟ କୁମାର ମହାରଣା)

କଳାବିକାଶ ପରିଷଦ ଖଣ୍ଡପଡ଼ା ପକ୍ଷରୁ ମଧୁବନ ମିନି ଷ୍ଟାଡିୟମରେ ସୋମବାରଠାରୁ ଆରମ୍ଭ ହୋଇଥିବା ଖଣ୍ଡପଡ଼ା ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ମଙ୍ଗଳବାର ଦ୍ୱିତୀୟ ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଲୋକମାନେ ମନ ଭରି ଉପଭୋଗ କରିଥିଲେ । ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ବକ୍ତା ରୁପେ କ୍ରୀଡା ବିଭାଗ ପଦସ୍ଥ ଅଧିକାରୀ ଡ. ଭାରତୀ ଭୂଷଣ ମିଶ୍ର ଯୋଗ ଦେଇ ଗଡଜାତ ଖଣ୍ଡପଡା ଅଞ୍ଚଳର ଲୋକକଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରା ଅତ୍ୟନ୍ତ ମହାନ । ସଂସ୍କୃତି ହେଉଛି ଖଣ୍ଡପଡାର ସମ୍ପତ୍ତି ବୋଲି ମତ ବ୍ୟକ୍ତ କରିଥିଲେ । ମୁଖ୍ୟ ଅତିଥି ରୁପେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗ ଦେଇ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଏ ମାଟି ହେଉଛି ଜଗନ୍ନାଥ ସଂସ୍କୃତିର ଆଦି ଦେବତା ଶ୍ରୀ ନୀଳମାଧବଙ୍କ ମାଟି, ଯେଉଁ ମାଟିରେ ବିଶ୍ୱ ବିଖ୍ୟାତ ଜ୍ୟୋତିର୍ବିଦ ପଠାଣି ସାମନ୍ତ ଜନ୍ମ ହୋଇଛନ୍ତି, ସେ ମାଟିର ମହକ ଟିକେ ନିଆରା ବୋଲି ସେ କହିଥିଲେ । ମହୋତ୍ସବ କମିଟିର ଅଧକ୍ଷ ଶିଶିର କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସମ୍ମାନୀତ ଅତିଥି ରୁପେ ଖଣ୍ଡପଡା ଏସ୍‌ଡିପିଓ ବିମଳ କୁମାର ବାରିକ, ନୟାଗଡ ଜିଲା ପରିଷଦ ଉପାଧକ୍ଷ ବିଷ୍ଣୁପ୍ରିୟା ବେହେରା, କଳା ବିକାଶ ପରିଷଦର ସଭାପତି ପ୍ରଦୀପ୍ତ କିଶୋର ମିଶ୍ର ଓ ଆବାହକ ଦୀନବନ୍ଧୁ ଦାସ ପ୍ରମୁଖ ଯୋଗଦେଇ ପଠାଣି ସାମନ୍ତଙ୍କ ସୁଦୁର ପ୍ରସାରୀ ପ୍ରତିଭା ସମ୍ପର୍କରେ ସୂଚନା ଦେଇଥିଲେ । ଏକ ମହୋତ୍ସବକୁ ଉପଭୋଗ କରିବା ପାଇଁ ଆଖପାଖ ଅଞ୍ଚଳର ବହୁ ଦର୍ଶକଙ୍କ ସମାଗମ ହୋଇଥିଲା । ବିଶେଷ କରି କୁନି ପ୍ରତିଭା ତଥା ଉପସ୍ଥାପିକା ରୁପାଲୀ ସାହୁ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଅନୁଷ୍ଠାନର ସଦସ୍ୟ ରମେଶ କୁମାର ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ । ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପରିବେଷିତ ଖଣ୍ଡପଡା ମହୋତ୍ସବ ବନ୍ଦନା ଦର୍ଶକ ମାନଙ୍କ ମନ ମୋହିଥିଲା । ପ୍ରତ୍ୟେହ ଅପରାହ୍ନ ଗୋଟାଏରୁ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦର୍ଶକମାନେ ମନଭରି ଉପଭୋଗ କରିଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ବ୍ୟାପକ ପୋଲିସ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।



ଖଣ୍ଡପଡା ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି ।

# ଧନ୍ଦାମୂଳକ ଶିକ୍ଷା ତାଲିମ ଶିବିର




ତାଲିମ ଶିବିରରେ ଯୋଗ ଦେଇଥିବା ସ୍କିଲ ଇଣ୍ଡିଆ ମିଶନ କର୍ମକର୍ତ୍ତା ।

ଶରଣକୁଳ,୧୯।୧୨(ଦୀପକ କର)

ଶରଣକୂଳ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍କିଲ ଇଣ୍ଡିଆ ମିଶନ ପକ୍ଷରୁ ଧନ୍ଦାମୂଳକ ଶିକ୍ଷାର ପରିଧାନ ବିଭାଗ ଦ୍ୱାରା ଧନ୍ଦାମୂଳକ ଶିକ୍ଷାର ଏକ ସଚେତନତା ସଭା ଓ ପିପିଲି ଚାନ୍ଦୁଆର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କାଞ୍ଚନ ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏକ ସଚେତନ ସଭାରେ ଓଡ଼ଗାଁ ବ୍ଲକ ଶିକ୍ଷା ଅଧିକାରୀ ଗୀତାଞ୍ଜଳି ସାହୁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରି ଧନ୍ଦାମୂଳକ ଶିକ୍ଷା ଶିଶୁକୁ ସ୍ୱାବଲମ୍ବୀ କରିବା ସହିତ ରୋଜଗାରର କ୍ଷମତା ଆଣିପାରିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ପଲି ଟେକ୍‌ନିକର ଅଧକ୍ଷ ସୂର୍ଯ୍ୟମଣି ସାହୁ, ଶରଣକୁଳ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ, ପ୍ରଶିକ୍ଷକ ବିଭୁ ଭୂଷଣ ମିଶ୍ର, ନାରାୟଣ ଉଚ୍ଚ ବିଦ୍ୟାଳୟ ମୋ ସ୍କୁଲ ତଥା ଏସ୍‌ଏମ୍‌ସି ସଭାପତି ବିକ୍ରମ କୁମାର ଦାଶ, ବରିଷ୍ଠ ଶିକ୍ଷକ ରଶ୍ମି ରଞ୍ଜନ ମିଶ୍ର ପ୍ରମୁଖ ଯୋଗ ଦେଇ ଧନ୍ଦା ମୂଳକ ଶିକ୍ଷା ପ୍ରତିଟି ଛାତ୍ରୀଛାତ୍ରଙ୍କ ପାଇଁ ଉପଯୋଗୀ ବୋଲି ମତ ରଖିଥିଲେ। ଭୋକେଶନାଲ ବିଭାଗ ଶିକ୍ଷୟିତ୍ରୀ ରୋଜାଲିନ ମିଶ୍ର କର୍ମଶାଳାରେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ସିଆରସିସି ଗୋଦାବରୀ ବସନ୍ତିଆ ଅତିଥି ପରିଚୟ ସହିତ ମଞ୍ଚ ପରିଚାଳନା କରି ଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ପ୍ରଜ୍ଞା ପରମିତା ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ବିଜେଡିକୁ ବିଦ୍ରୋହୀ କଣ୍ଟା, ବିରୋଧୀଙ୍କ ବିଜୟ ଆଶା

**ବରଗଡ଼,୧୯।୧୨(ପ୍ରେମାନନ୍ଦ ଖମାରୀ)**

ରାଜ୍ୟରେ ବିଜେଡି ପୁଣି ସରକାର ଗଠନ ପାଇଁ ଦୃଢ଼ୋକ୍ତି ପ୍ରକାଶ କରୁଥିବାବେଳେ ବିରୋଧୀ କଂଗ୍ରେସ ଏବଂ ଭାଜପା ମଧ୍ୟ କହିବାରେ ପଛରେ ନାହାନ୍ତି। ବରଗଡ଼ ଜିଲା ଅତାବିରା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ହାଟ୍ରିକ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରୁଥିବାବେଳେ କଂଗ୍ରେସ ଏହି ଆସନରେ ୨୦୦୯ର ବିଜୟକୁ ପୁଣି ଦୋହରାଇବ ବୋଲି ଆଶା ବାନ୍ଧିଛି। ସେହିପରି ଉକ୍ତ ବିଧାନସଭା କ୍ଷେତ୍ରକୁ କେବେ ହାତେଇ ନ ଥିବା ଭାଜପା ଆଗାମୀ ନିର୍ବାଚନରେ ଏହାକୁ ଦଖଲକୁ ନେବା ପାଇଁ କସରତ ଚଳାଇଛି।

ବିଧାନସଭା ପୁନର୍ଗଠନ ପରେ ୨୦୦୯ରେ ଅତାବିରାରେ ପ୍ରଥମ ନିର୍ବାଚନ ହୋଇଥିଲା। ରାଜ୍ୟରେ ବିଜେଡି ସରକାର ଚାଲୁଥିଲେ ସୁଦ୍ଧା କଂଗ୍ରେସ ଏହି ଆସନକୁ ଦଖଲ କରିଥିଲା। ସେତେବେଳେ କଂଗ୍ରେସ ସପକ୍ଷରେ ୩୯.୬୫ ପ୍ରତିଶତ ଭୋଟ୍ ଯାଇଥିବାବେଳେ ବିଜେଡିକୁ ମାତ୍ର ୨୮.୯୫ ପ୍ରତିଶତ ଭୋଟ୍ ମିଳିଥିଲା। ସେହିପରି ଭାଜପାର ଅସନ୍ତୁଷ୍ଟ ମିଳନ ସେଠ ସ୍ୱାଧୀନ ପ୍ରାର୍ଥୀଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇ ୧୩.୦୯ ପ୍ରତିଶତ ଭୋଟ୍ ଅକ୍ତିଆର କରି ତୃତୀୟ ସ୍ଥାନରେ ରହିଥିବାବେଳେ ଭାଜପା ପ୍ରାର୍ଥୀ ବିପିନ ଭୋସାଗରଙ୍କୁ ୮.୮୮ ପ୍ରତିଶତ ଭୋଟ୍ ମିଳିଥିଲା।

୨୦୧୪ ବିଧାନସଭା ନିର୍ବାଚନ ପରଠାରୁ ଏହି ଆସନର ଚିତ୍ର ସମ୍ପୂର୍ଣ୍ଣ ବଦଳିଯାଇଛି। କ୍ରମାଗତ ୨ଟି ବିଧାନସଭା ନିର୍ବାଚନରେ ବିଜେଡି ଏହି ଆସନକୁ ନିଜ ଅକ୍ତିଆରରେ ରଖିଛି। ୨୦୦୯ ନିର୍ବାଚନ ତୁଳନାରେ ୨୦୧୪ରେ ବିଜେଡିର ଭୋଟ୍ ହାର ୧୫.୯୭ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ୨୦୧୯ ନିର୍ବାଚନରେ ତାହା ପ୍ରତିଫଳିତ ହୋଇ ନ ଥିଲା। ୨୦୧୯ରେ ଭୋଟ ହାର ମାତ୍ର ୪.୦୬ ପ୍ରତିଶତ ବଢ଼ିଥିଲା। ଏଭଳି ସ୍ଥିତିରେ ପୂର୍ବ ନିର୍ବାଚନ ତୁଳନାରେ ଆଗାମୀ ନିର୍ବାଚନ ବିଜେଡି ପାଇଁ ସେତେ ସହଜ ନୁହେଁ ବୋଲି ଏବେଠାରୁ ଚର୍ଚ୍ଚା ଆରମ୍ଭ ହୋଇଛି। ପୁଣି ବିଜେଡିର ବିଦ୍ରୋହୀମାନେ ଏଥର ନିର୍ଣ୍ଣାୟକ ଭୂମିକା ନେବେ ବୋଲି ସାଧାରଣରେ ଆଲୋଚନା ହେଉଛି। ବିଜେଡି ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କ ଏକାନ୍ତ ଅନୁଗତ ଥିବା ଏକାଧିକ ସମର୍ଥକ ତାଙ୍କଠାରୁ ଦୂରେଇ ରହିବା ଦେଖାଯାଉଛି। ଗୋବିନ୍ଦ ନାଗଙ୍କ ଭଳି ଅନ୍ୟ ଆଶାୟୀ ପ୍ରାର୍ଥୀଙ୍କ ସହିତ ସେମାନେ ସଭାସମିତିରେ ଏକାଠି ବସିବା ପରିଲକ୍ଷିତ ହେଉଛି। ଫଳରେ ଆଗାମୀ ଦିନରେ ବିଜେଡି ପାଇଁ ବିଦ୍ରୋହୀମାନେ କଣ୍ଟା ସାଜିବେ ବୋଲି ଚର୍ଚ୍ଚା ଜୋର ଧରିଛି। ପୁଣି କଥା ଉଠିଲାଣି,

## ଅତାବିରା ବିଧାନସଭା ନିର୍ବାଚନମଣ୍ଡଳୀ



ବିଜେଡି ଏହି ଆସନରେ ଦଳୀୟ ପ୍ରାର୍ଥୀ ଭାବେ ନୂଆ ଚେହେରା (ଅନ୍ୟ ଦଳର ଆମଦାନୀ ନେତା)ଙ୍କୁ ନିର୍ବାଚନ ମଇଦାନକୁ ଛାଡ଼ିବା ପାଇଁ ବିଚାର କରୁଥିବା ରାଜନୈତିକ ବିଶ୍ଳେଷକମାନେ କହିଲେଣି। କିନ୍ତୁ ଛୁରିଆ ଅତାବିରାରେ ଏନ୍ଏସି, ବ୍ଲକଠାରୁ ଆରମ୍ଭ କରି ବିଧାନସଭା ଆସନ ବିଜେଡି କବ୍ଜାରେ ଥିବା ଯୋଗୁ ଏହି ଆସନକୁ ନିଜ ପାଇଁ ସୁରକ୍ଷିତ ମନେ କରି ଲୋକ ସଭା ଆସନ ପାଇଁ ଅମଙ୍ଗ ଥିବା ଚର୍ଚ୍ଚା ଚାଲିଛି। ଦଳର ରାଜ୍ୟ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଦଳ ଯେଭଳି ଏକଦା ଲୋକ ସଭା ପ୍ରାର୍ଥୀ କରିଥିଲା, ଅନୁରୂପଭାବେ ଆଗାମୀ ନିର୍ବାଚନରେ ରାଜ୍ୟ ମହିଳା ବିଜେଡିର ସଭାନେତ୍ରୀ ତଥା ପୂର୍ବରୁ ମନ୍ତ୍ରୀପଦରେ ରହି ସାରିଥିବା ଛୁରିଆଙ୍କ କ୍ଷେତ୍ରରେ ସେଭଳି ଘଟିପାରେ।

କ୍ରମାଗତ ୨ ବିଧାନସଭା ନିର୍ବାଚନରେ କଂଗ୍ରେସକୁ ଏହି ଆସନରେ ପରାଜିତ ହେବାକୁ ପଡ଼ିଛି। ଭୋଟ୍ ହାର ମଧ୍ୟ ହ୍ରାସ ପାଇଛି। ଏହା ସତ୍ତ୍ୱେ ଆଗାମୀ ନିର୍ବାଚନରେ କଂଗ୍ରେସ ଉକ୍ତ ଆସନ ଦଖଲ କରିବାକୁ ଆଶା ରଖିଛି। ହେଲେ ରାଜନୀତିରେ ଆଗ୍ରହ ରଖୁଥିବା ବ୍ୟକ୍ତି କହୁଛନ୍ତି, କଂଗ୍ରେସ ଏହି ନିର୍ବାଚନମଣ୍ଡଳୀରେ ନିଜର ପତିଆରା ଜାହିର କରିବା କିମ୍ବା ବିରୋଧୀ ଭୂମିକା ନିଭାଇବା ଦୂରର କଥା, ଜନସମ୍ପର୍କ ରଖିବାରେ ସକ୍ଷମ ହେଉ ନ ଥିବା ଭଳି ଦେଖାଯାଉଛି। ବିଜେଡିରେ ଅସନ୍ତୁଷ୍ଟ ଏବଂ ବିଦ୍ରୋହୀଙ୍କ ସଂଖ୍ୟା ବଢ଼ିବାରେ ଲାଗୁଥିବା ବେଳେ କଂଗ୍ରେସ ଏଭଳି ସୁଯୋଗକୁ ହାତଛଡ଼ା କରୁଛି ବୋଲି ଦଳୀୟ କର୍ମୀମାନେ କହିବାରେ ଲାଗିଛନ୍ତି। ଏଠାରେ କଂଗ୍ରେସ ଜିଲା ସଭାପତି ତଥା ପୂର୍ବତନ ବିଧାୟକ ନିହାର ରଞ୍ଜନ ମହାନନ୍ଦ ଆଗାମୀ ସାଧାରଣ ନିର୍ବାଚନରେ ଦଳ ପକ୍ଷରୁ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି କୁହାଯାଉଛି। ମାତ୍ର ଉଭୟ ବିଜେଡି ଏବଂ ଭାଜପା ତାଙ୍କୁ ନିଜ ନିଜ ଦଳକୁ ଟାଣିବା ନେବା ସକାଶେ ଜୋରଦାର କସରତ କରୁଥିବା ନିର୍ବାଚନମଣ୍ଡଳୀରେ ଲୋକେ ଟୁପୁରୁଟାପୁର ହେଲେଣି।

ଭାଜପାରେ ଅନେକ ଆଶାୟୀ। ପୋଲିସ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇଥିବା କୁଶ କୁମ୍ଭାରଙ୍କଠାରୁ ଆରମ୍ଭ କରି ଉର୍କୁଳୁ ତାଣ୍ଡି, ଭରତ ବେହେରା, ରଞ୍ଜନ ସେଠ, ମିଳନ ସେଠ ପ୍ରମୁଖ ଏଥିରେ ରହିଛନ୍ତି। ତେବେ ପୂର୍ବରୁ ମିଳନ ବାରମ୍ବାର ଫେଲ୍ ମାରିଥିବା ଯୋଗୁ ପୁଣିଥରେ ତାଙ୍କୁ ଏଠାରୁ ସୁଯୋଗ ମିଳିବ, ସେହି ଆଶା କ୍ଷୀଣ ଦେଖାଯାଉଥିଲେ ସୁଦ୍ଧା ସେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ଏକାନ୍ତ ଅନୁଗତ ଥିବା ଯୋଗୁ ଦଳ ତାଙ୍କୁ ପୁନଶ୍ଚ ନିର୍ବାଚନ ମଇଦାନକୁ ଛାଡ଼ିପାରେ ବୋଲି ଆଲୋଚନା ହେଉଛି। ଏଭଳି ସ୍ଥିତିରେ ଭାଜପା କାହାକୁ ପ୍ରାର୍ଥୀ କରିବ ସେହି ଚିନ୍ତାରେ ଥିବାବେଳେ ଅନ୍ୟ ଦଳର ଜଣେ ଆଗଧାଡ଼ିର ନେତାଙ୍କୁ ଟାଣି ଦଳୀୟ ପ୍ରାର୍ଥୀ କରି ଚମକ ସୃଷ୍ଟି କରିବ ବୋଲି ଚର୍ଚ୍ଚା ଚାଲିଛି।

# ଆଜି ଭାଜପା, କଂଗ୍ରେସ ନେତାଙ୍କ ଦିଲ୍ଲୀ ବୈଠକ

**ଭୁବନେଶ୍ୱର, ୧୯।୧୨(ସୁନିତ୍ ମିଶ୍ର)**

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ଡକରା ପାଇବା ପରେ ଓଡ଼ିଶା ନେତାମାନେ ମଙ୍ଗଳବାର ନୂଆଦିଲ୍ଲୀ ଗସ୍ତ କରିଛନ୍ତି। କେତେଜଣ ବୁଧବାର ସକାଳୁ ବାହାରି ଦିଲ୍ଲୀ ଯିବାର କାର୍ଯ୍ୟକ୍ରମ ରଖିଛନ୍ତି। ବୁଧବାର ଅପରାହ୍ନରେ ଏଆଇସିସି କାର୍ଯ୍ୟାଳୟରେ ରାଜ୍ୟ ନେତାମାନଙ୍କୁ ନେଇ ବୈଠକ ବସିବ ବୋଲି ଜଣାପଡ଼ିଛି। ଏଥିରେ ଓଡ଼ିଶାରେ କିପରି ଦଳ ଆଭିମୁଖ୍ୟ ଗ୍ରହଣ କରିବ ଏବଂ କେଉଁସବୁ ପ୍ରସଙ୍ଗରେ ଆସନ୍ତା ନିର୍ବାଚନ ଲଢ଼ିବ ସେନେଇ ଆଲୋଚନା ହେବ ବୋଲି ଶୁଣାଯାଉଛି। ଏହି ବୈଠକରେ ଯୋଗଦେବା ଲାଗି ପିସିସି ସଭାପତି, ୩ ପୂର୍ବତନ ପିସିସି ସଭାପତି, ଯୁବ, ଛାତ୍ର, ମହିଳା ଓ ସେବା ଦଳ ମୁଖ୍ୟ, ଏହାସହ ସବୁ ବିଧାୟକ, ରାଜ୍ୟରୁ ନିଯୁକ୍ତ ହୋଇଥିବା ୩ ଏଆଇସିସି ସଦସ୍ୟ ଏବଂ ବିଭିନ୍ନ ବିଭାଗର ମୁଖ୍ୟମାନଙ୍କୁ ଏଥିରେ ସାମିଲ ହେବାକୁ ଡକାଯାଇଛି।

ସେହିପରି ଭାଜପା ବିଧାୟକମାନେ ମଙ୍ଗଳବାର ବିଳମ୍ବିତ ସନ୍ଧ୍ୟାରେ ବିମାନ ଯୋଗେ ନୂଆଦିଲ୍ଲୀ ଗସ୍ତ କରିଛନ୍ତି। ଭାଜପା କେନ୍ଦ୍ରୀୟ ନେତାଙ୍କ ସହ ଓଡ଼ିଶାର ସବୁ ବିଧାୟକ ଏବଂ ଏମ୍ପିଙ୍କ ସହ ବୈଠକ ବସିବ ବୋଲି ଜଣାପଡ଼ିଛି। ବୁଧବାର, ଗୁରୁବାର ଓ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏବଂ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସହ କଥାବାର୍ତ୍ତା ହେବ ବୋଲି ସୂଚନା ମିଳିଛି। ତେଣୁ ଏହି ୩ ଦିନ ଭିତରେ ହେବାକୁ ଥିବା ବୈଠକରେ ଦଳର ରାଜ୍ୟ ନେତୃବୃନ୍ଦ କିଭଳି ଆଭିମୁଖ୍ୟ ଗ୍ରହଣ କରିବେ ତା'ଉପରେ ମୁଖ୍ୟତଃ ଆଲୋଚନା ହେବ ବୋଲି ଜଣାପଡ଼ିଛି।

# 'ଦେଶ ପାଇଁ ଦାନ' କାର୍ଯ୍ୟକ୍ରମର ସମୀକ୍ଷାକଲେ ଶରତ

**ଭୁବନେଶ୍ୱର, ୧୯।୧୨(ସୁନିତ୍ ମିଶ୍ର)**

ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ମଙ୍ଗଳବାର କଂଗ୍ରେସ ଭବନରେ 'ଦେଶ ପାଇଁ ଦାନ' ପାଣ୍ଠି ସଂଗ୍ରହ ପାଇଁ ଏକ ପ୍ରସ୍ତୁତି ବୈଠକ ହୋଇଛି। ପ୍ରଦେଶ କଂଗ୍ରେସର ବହୁ ବରିଷ୍ଠ ନେତୃବର୍ଗ ଏଥିରେ ସାମିଲ ହୋଇ କିଭଳି ଆସନ୍ତା ୨୮ ମଧ୍ୟରେ ଅନ୍‌ଲାଇନ ଜରିଆରେ ପାଣ୍ଠି ସଂଗ୍ରହ କାର୍ଯ୍ୟକ୍ରମକୁ ବୁଥରୁ ଆରମ୍ଭ କରି ରାଜ୍ୟସ୍ତର ପର୍ଯ୍ୟନ୍ତ ସୁଚାରୁରୂପେ କାର୍ଯ୍ୟକାରୀ କରିବେ ସେନେଇ ବରିଷ୍ଠ ନେତୃବର୍ଗଙ୍କ ସହ ଶରତ ବିଚାରବିମର୍ଷ କରିଛନ୍ତି। ନିଷ୍ପତ୍ତି ଅନୁସାରେ ଜିଲା ସ୍ତରରେ ଜିଲା ସଭାପତି, ବିଧାୟକ, ଏମ୍‌ପି, ବରିଷ୍ଠ ନେତୃବୃନ୍ଦ, ପୂର୍ବତନ ଏମ୍‌ପି, ବିଧାୟକ, ମନ୍ତ୍ରୀ, ଏଆଇସିସି ସଭ୍ୟ, ପିସିସି ସଭ୍ୟ, ବିଧାୟକ ଓ ସାଂସଦ ପ୍ରାର୍ଥୀ, ଜିଲାର ସମସ୍ତ ଛାମୁଆ ସଙ୍ଗଠନ, ପ୍ରକୋଷ୍ଠ ଓ ବିଭାଗର ମୁଖ୍ୟ, ତଥା ଜିଲା କଂଗ୍ରେସର ସମସ୍ତ ପଦାଧିକାରୀ, ଜିଲା ପରିଷଦ ସଭ୍ୟ, ପଞ୍ଚାୟତ ସମିତି ସଦସ୍ୟ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଜନସାଧାରଣଙ୍କ ନିକଟରୁ ଦାନ ପାଣ୍ଠି ସଂଗ୍ରହ କରିବାକୁ କହିଛନ୍ତି।

# ଧର୍ମଶାଳା ଭାଜପାରେ ବଢ଼ୁଛି ଗୋଷ୍ଠୀ କନ୍ଦଳ

**ନିକଟରେ ଶେଷ ହୋଇଥିବା ୫ ରାଜ୍ୟ ବିଧାନସଭା ନିର୍ବାଚନ ମଧ୍ୟରୁ ୩ଟିରେ ଭାଜପାକୁ ସଫଳତା ମିଳିବା ପରେ ଓଡ଼ିଶାରେ ନେତା ଓ କର୍ମୀଙ୍କ ମନୋବଳ ବୃଦ୍ଧି ପାଇଛି। ୨୦୨୪ରେ ଭାଜପା ଏଠାରେ ବିଜୟଲାଭ କରି ଡବଲଇଞ୍ଜିନ ସରକାର ଗଢ଼ିବାକୁ ଲକ୍ଷ୍ୟ ରଖିଛି। ସେଥିପାଇଁ ଶାସକ ଦଳର ଦୋଷ ଦୁର୍ବଳତାକୁ ସାଧାରଣରେ ଦର୍ଶାଇବା ପାଇଁ ଭାଜପା ପକ୍ଷରୁ ବିକ୍ଷୋଭ, ପଦଯାତ୍ରା ଆଦି କାର୍ଯ୍ୟକ୍ରମ କରାଯାଉଛି। ହେଲେ ଦଳ ଭିତରେ ଗୋଷ୍ଠୀକନ୍ଦଳ ବାଧକ ସାଜିବାର ସଦ୍ୟ ଦୃଷ୍ଟାନ୍ତ ରସୁଲପୁରରେ ଦେଖିବାକୁ ମିଳିଛି।**

**ରସୁଲପୁର,୧୯।୧୨(ରଞ୍ଜିତ ରାଉତ)**

ରସୁଲପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ନିକଟରେ ଭାଜପା ପକ୍ଷରୁ ଶାସକ ବିଜେଡିର ଦୁର୍ନୀତି ବିରୋଧରେ ପଥପ୍ରାନ୍ତ ସଭା ଆଳରେ ଶକ୍ତି ପ୍ରଦର୍ଶନ କରାଯାଇଥିବା ଦେଖିବାକୁ ମିଳିଥିଲା। ଏଥିରେ ପ୍ରାୟ ଅନେକ କର୍ମୀ ଯୋଗଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ହେଲେ ସଭା କାର୍ଯ୍ୟ ଆରମ୍ଭରେ ଧର୍ମଶାଳା ନିର୍ବାଚନମଣ୍ଡଳୀ ଭାଜପାରେ ରହିଆସୁଥିବା ଗୋଷ୍ଠୀ କନ୍ଦଳ ମଞ୍ଚରେ ପରିଲକ୍ଷିତ ହୋଇଥିଲା। ଘେରାଉ ପାଇଁ ରସୁଲପୁର ବ୍ଲକ ସମ୍ମୁଖ ମଞ୍ଚରେ ଲାଗିଥିବା ନେତ୍ରୀ ସ୍ମୃତିରେଖା ପହିଙ୍କ ବ୍ୟାନରକୁ ସଦ୍ୟ ଦଳରେ ସାମିଲ ହୋଇଥିବା ଯୁବନେତା ହିମାଂଶୁ ଶେଖର ସାହୁ(ଲିକୁ)ଙ୍କ ସମର୍ଥକମାନେ ଚିରି ଦେଇଥିଲେ। ଏହାକୁ ନେଇ ସେଠାରେ ଅପ୍ରୀତିକର ସ୍ଥିତି ସୃଷ୍ଟି ହୋଇଥିଲା। ଯଦିଓ ଘଟଣାସ୍ଥଳରେ ଉପସ୍ଥିତ ନେତା ଓ କର୍ମୀ ଏହାକୁ ପ୍ରଶମିତ କରିବାରେ ସଫଳ ହୋଇଥିଲେ, ହେଲେ ଉପୁଜିଥିବା ଘଟଣା ଦଳର ସଂଗଠନ ଓ ମିଳିମିଶି ଲଢ଼ିବାର ବାର୍ତ୍ତାକୁ ପ୍ରଭାବିତ କରିଛି ବୋଲି ଆଲୋଚନା ହେଉଛି।



ହିମାଂଶୁଙ୍କ ସମର୍ଥକମାନେ ସ୍ମୃତିରେଖାଙ୍କ ବ୍ୟାନରକୁ ଚିରୁଛନ୍ତି।

ଚଳିତମାସ ୧୪ରେ ଯୁବନେତା ହିମାଂଶୁ ବିଜେଡି ଛାଡ଼ି ଭାଜପାରେ ମିଶିଛନ୍ତି। ଏହାର ପରଦିନ ଖବରଦାତା ସମ୍ମିଳନୀ ଜରିଆରେ ଧର୍ମଶାଳା ଭାଜପାରେ ମତଭେଦ ନାହିଁ ଓ ସବୁ ଦଳୀୟ ନେତା ଏକ ବୋଲି ବାର୍ତ୍ତା ଦେଇଥିଲେ। ତାଙ୍କ ବାର୍ତ୍ତାରୁ ଏହା ସ୍ପଷ୍ଟ ହୋଇଥିଲା କି ଆଗରୁ ଦଳରେ ଦ୍ୱିମତ ରହିଥିଲା। ଏମିତି କି ସ୍ମୃତିରେଖା ଚାହୁଁ ନ ଥିଲେ ହିମାଂଶୁ ଦଳରେ ସାମିଲ ହୁଅନ୍ତୁ। ସମ୍ଭବତଃ ସେଥିପାଇଁ ହିମାଂଶୁଙ୍କ ଦଳରେ ସାମିଲ ହେବାରେ ବିଳମ୍ବ ଘଟିଥିଲା। ଏମିତିକି ଯୁବନେତା ଦଳରେ ସାମିଲ ହେବା ଦିନ ଧର୍ମଶାଳା ନେତ୍ରୀ ସ୍ମୃତିରେଖା ଓ ଯୁବନେତା ତଥା ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଭୁବନେଶ୍ୱର ନ ଯାଇ ଧର୍ମଶାଳା ବ୍ଲକରେ ଏକ କାର୍ଯ୍ୟକ୍ରମ ଆଳରେ ବ୍ୟସ୍ତ ଥିଲେ, ଯାହାକୁ ନେଇ ଦଳରେ ଅନ୍ତର୍ଦ୍ୱନ୍ଦ୍ୱ ରହିଛି ବୋଲି କୁହାଯାଉଥିଲା। ଉଲ୍ଲେଖଯୋଗ୍ୟ, ସ୍ମୃତିରେଖା ୨୦୧୯ରେ ଧର୍ମଶାଳାରୁ କଂଗ୍ରେସ ପ୍ରାର୍ଥୀ ଭାବେ ବିଧାନସଭା ନିର୍ବାଚନ ଲଢ଼ିଥିଲେ। ପରବର୍ତ୍ତୀ ସମୟରେ ସେ ଭାଜପାରେ ଯୋଗ ଦେଇଥିଲେ।

ଏହି ଘଟଣା ସମ୍ପର୍କରେ ସ୍ମୃତିରେଖା ପହିଙ୍କୁ ପଚାରିବାରୁ ହିମାଂଶୁଙ୍କ ସମର୍ଥକମାନେ ତାଙ୍କୁ ବିରୋଧ କରିବା ସହ ମଞ୍ଚରେ ଲାଗିଥିବା ବ୍ୟାନରକୁ ଚିରି ଦେଇଥିଲେ ବୋଲି କହିଛନ୍ତି। ସେ ଏ ସମ୍ପର୍କରେ ଦଳର ପର୍ଯ୍ୟବେକ୍ଷକ ତଥା ରାଜ୍ୟ ସାଧାରଣ ସମ୍ପାଦକ ଯତୀନ ମହାନ୍ତି ଓ ଜିଲାସଭାପତି ଗୌତମ ରାୟଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି। ଯୁବନେତା ହିମାଂଶୁ ସାହୁଙ୍କୁ ପଚାରିବାରୁ କାର୍ଯ୍ୟକ୍ରମର ପୂର୍ବର ରାତିରେ ବ୍ୟାନରରେ ଧର୍ମଶାଳାର କୌଣସି ନେତାଙ୍କ ଫଟୋ ଲାଗିବ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। ସେଥିରେ ବ୍ୟତିକ୍ରମ ଘଟିଥିବା ଦେଖି ତାଙ୍କର ସମର୍ଥକମାନେ ଉତକ୍ଷିପ୍ତ ହୋଇ ଏଭଳି କାଣ୍ଡ ଘଟାଇଥିବା କହିଛନ୍ତି। ମାତ୍ର ସେ ତାଙ୍କର ସମର୍ଥକମାନଙ୍କୁ ବୁଝାଇବାରୁ ସେମାନେ ଭୁଲ ସ୍ୱୀକାର କରିବା ସହ ସଭାକାର୍ଯ୍ୟ ଆଗକୁ ବଢ଼ିଥିଲା ବୋଲି କହିଛନ୍ତି।

ଏ ସଂକ୍ରାନ୍ତରେ ପର୍ଯ୍ୟବେକ୍ଷକ ଯତୀନ ମହାନ୍ତିଙ୍କୁ ପଚାରିବାରୁ ମଞ୍ଚରେ ଘଟିଥିବା ଘଟଣାକୁ ନାପସନ୍ଦ କରିଛନ୍ତି। ହେଲେ ଦଳରେ ମତଭେଦ ରହିବା ଏକ ସ୍ୱାଭାବିକ କଥା। ତା'କୁ ପର୍ଯ୍ୟାୟକ୍ରମେ ସମାଧାନ କରାଯିବ। ରସୁଲପୁର ବ୍ଲକରେ ୩ ନିର୍ବାଚନମଣ୍ଡଳୀ ସାମିଲ ହୋଇଛି। ଧର୍ମଶାଳାରେ ହିମାଂଶୁ ସାହୁ ନୂଆ ଭାବରେ ଦଳରେ ସାମିଲ ହୋଇଛନ୍ତି। ପୂର୍ବରୁ ଯେଉଁମାନେ ଦଳର ନେତୃତ୍ୱ ନେଉଛନ୍ତି ସେମାନଙ୍କ ଫଟୋ ବ୍ୟାନରରେ ଲାଗିଥିଲା। ତାକୁ କେତେକ କର୍ମୀ ବିରୋଧ କରି ବ୍ୟାନର ଚିରି ଦେଇଥିଲେ। ଏହି ଘଟଣାର କିଭଳି ପୁନରାବୃତ୍ତି ନ ଘଟିବ ସେ ନେଇ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସେ ମତ ରଖିଛନ୍ତି।

# ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେଲେ ୧୨ ଦଳ



ପାର୍ଲାମେଣ୍ଟରେ ୧୪୧ ଏମ୍‌ପିଙ୍କୁ ନିଲମ୍ବନ କରାଯାଇଥିବା ଘଟଣାରେ ୧୨ ରାଜନୈତିକ ଦଳର ନେତାମାନେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେଉଛନ୍ତି।

**ଭୁବନେଶ୍ୱର, ୧୯।୧୨(ସୁନିତ୍ ମିଶ୍ର)**

## ୧୪୧ ଏମ୍‌ପିଙ୍କ ନିଲମ୍ବନ ପ୍ରସଙ୍ଗ

କେନ୍ଦ୍ର ସରକାରଙ୍କ ବିରୋଧରେ ଓଡ଼ିଶାର ୧୨ ରାଜନୈତିକ ଦଳ ଏକାଠି ହୋଇ ରାଜ୍ୟପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପାର୍ଲାମେଣ୍ଟରେ ୧୪୧ ଏମ୍‌ପିଙ୍କୁ ନିଲମ୍ବନ କରାଯିବା ଘଟଣାରେ ଏହିସବୁ ରାଜନୈତିକ ଦଳ କେନ୍ଦ୍ର ଉପରେ ପ୍ରବଳ ବର୍ଷିଛନ୍ତି। ଏହି ଘଟଣାକୁ ନେଇ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସ ସମେତ ସିପିଆଇଏମ୍, ସିପିଆଇ, ଅଲଇଣ୍ଡିଆ ଫରୱାର୍ଡ ବ୍ଲକ, ସମତାକ୍ରାନ୍ତି, ସମାଜବାଦୀ ପାର୍ଟି, ସିପିଆଇଏମ୍‌ଏଲ୍ (ଲିବରେଶନ), ଆର୍‌ଜେଡି, ଏନ୍‌ସିପି, ଆମ୍ ଆଦ୍‌ମୀ, ଜେଡିୟୁ ଏବଂ ଜେଏମ୍‌ଏମ୍ ପାର୍ଟିର ନେତୃବୃନ୍ଦ କେନ୍ଦ୍ର ସରକାରଙ୍କ ଅଗଣତାନ୍ତ୍ରିକ ନୀତି ଓ ସାଂସଦମାନଙ୍କ ନିଲମ୍ବନକୁ ବିରୋଧ କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ସେମାନେ ଅଭିଯୋଗ କରିଛନ୍ତି, ସଂଖ୍ୟାବଳର ଅହଂକାରରେ ବିଭୋର ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ଗଣତନ୍ତ୍ରର ମନ୍ଦିରରେ ବୁଲ୍‌ଡୋଜର ଚଳାଉଛି। ଗଣତନ୍ତ୍ର ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟା ପ୍ରତି ଭାଜପାର ସାମାନ୍ୟତମ ବିଶ୍ୱାସ ନ ଥିବା ପ୍ରମାଣିତ ହୋଇଛି। ଶୀତ ଅଧିବେଶନରେ ଯେଉଁଭଳି ୨ ଅଜଣା ବ୍ୟକ୍ତି ପାର୍ଲାମେଣ୍ଟ ଭିତରକୁ ପଶି ନାରାବାଜି କଲେ ଏବଂ କେନ୍‌ଷ୍ଟାର ବ୍ୟବହାର କଲେ ତାକୁ ନେଇ କଂଗ୍ରେସ ସମେତ ଅନ୍ୟ ସବୁ ବିରୋଧୀ ଦଳ ସରକାରଙ୍କୁ ପ୍ରଶ୍ନକଲେ। ପାର୍ଲାମେଣ୍ଟ ସୁରକ୍ଷା ଭଙ୍ଗକରି ଏମାନେ କିପରି ପଶିପାରିଲେ ଏବଂ ଏଥିପାଇଁ କେଉଁମାନେ ଦାୟୀ ଏସବୁ ପ୍ରଶ୍ନକୁ ନେଇ ବିରୋଧୀ ସଦସ୍ୟମାନେ ଉଭୟ ଗୃହରେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ବକ୍ତବ୍ୟ ଦାବିକଲେ, ଯାହା ଏବେ କେନ୍ଦ୍ର ସରକାରଙ୍କୁ ମହଙ୍ଗା ପଡ଼ିଛି। ଗଣତନ୍ତ୍ରରେ ବିରୋଧୀଙ୍କ ପ୍ରଶ୍ନ କରିବାର ଅଧିକାର ଅଛି। ସରକାରଙ୍କୁ ଏନେଇ ବିରୋଧୀ ଦଳ ପକ୍ଷରୁ ବିରୋଧ କରାଯିବା ଆମ ଗଣତାନ୍ତ୍ରିକ ବ୍ୟବସ୍ଥାର ପ୍ରଚଳିତ ନୀତି। ସବୁଠାରୁ ଆଶ୍ଚର୍ଯ୍ୟର କଥା କେନ୍ଦ୍ର ସରକାର ଏତେବଡ଼ ସାଙ୍ଘାତିକ ଘଟଣାକୁ ହାଲୁକା ଭାବେ ନେଉଛନ୍ତି। ବିରୋଧୀଙ୍କ ପ୍ରଶ୍ନର ଉତ୍ତର ଦେବା ପରିବର୍ତ୍ତେ ଯେଉଁ ସାଂସଦମାନେ ଏ କଥାକୁ ନେଇ ପ୍ରଶ୍ନ ପଚାରୁଛନ୍ତି ସେମାନଙ୍କୁ ନିଲମ୍ବିତ କରାଯାଉଛି ବୋଲି କହିଛନ୍ତି।





କଲେଜରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ କରି 'ନୂଆ-ଓ' ନାଁରେ ବିଜେଡି କ୍ୟାମ୍ପସରେ ବ୍ୟାନର ଲଗାଇବାକୁ ବିରୋଧ କରି ଛାତ୍ରୀଛାତ୍ରମାନେ ମଙ୍ଗଳବାର ରାଜଧାନୀ କଲେଜ ମୁଖ୍ୟ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଭିଭିପିଏଟି ସ୍ଲିପ୍ ୧୦୦% ଗଣତି ହେଉ: ଇଣ୍ଡିଆ

**ନୂଆଦିଲ୍ଲୀ,୧୯।୧୨:** ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ରେ ସଂଲଗ୍ନ ଭୋଟର ଭେରିଫିଏବୁଲ୍ ପେପର ଅଡିଟ୍ ଟ୍ରାଏଲ୍ (ଭିଭିପିଏଟି)ର ସ୍ଲିପ୍‌ଗୁଡ଼ିକୁ ୧୦୦ ପ୍ରତିଶତ ଗଣତି କରାଯାଉ ବୋଲି ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ବ୍ଲକ୍ ପକ୍ଷରୁ ଦାବି କରାଯାଇଛି। ନୂଆଦିଲ୍ଲୀର ହୋଟେଲ ଅଶୋକାରେ ମଙ୍ଗଳବାର ଅନୁଷ୍ଠିତ 'ଇଣ୍ଡିଆ' ବୈଠକରେ ଇଭିଏମ୍‌ର ସ୍ୱଚ୍ଛତାକୁ ନେଇ ବିରୋଧୀ ଦଳଗୁଡ଼ିକ ସନ୍ଦେହ ବ୍ୟକ୍ତ କରିଛନ୍ତି। ଉକ୍ତ ବୈଠକରେ ଏନେଇ ଏକ ସଂକଳ୍ପନାମା ଗୃହୀତ ହୋଇଛି।

## ଢେଙ୍କାନାଳ ବିଧାନସଭା ଆସନ

# ମୁକାବିଲା ପାଇଁ ପାଗ ଭିଡୁଛି କଂଗ୍ରେସ

**ଢେଙ୍କାନାଳ,୧୯।୧୨(ରତନ ନାୟାର)**

ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ଢେଙ୍କାନାଳର ଗଳିକନ୍ଦିରେ ରାଜନୈତିକ ଚର୍ଚ୍ଚା ଜମୁଛି। ଗତ ବିଧାନସଭା ନିର୍ବାଚନଗୁଡ଼ିକରେ କଂଗ୍ରେସ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ଦଳର କର୍ମୀ ଓ ନେତାଙ୍କୁ ନିରାଶ କରିଥିଲା। ତେଣୁ ଆସନ୍ତା ନିର୍ବାଚନରେ କଂଗ୍ରେସ ଯୋଜନାବଦ୍ଧ ଭାବେ ଉଭୟ ବିଜେଡି ଓ ଭାଜପାର କିଭଳି ମୁକାବିଲା କରିବ, ସେଥିଲାଗି ରଣନୀତି ପ୍ରସ୍ତୁତି କରୁଥିବା କେତେକ ଦଳୀୟ ନେତା କହୁଛନ୍ତି।

ଢେଙ୍କାନାଳ କଂଗ୍ରେସର ଅତୀତକୁ ଦେଖାଯାଉ। ବରିଷ୍ଠ କଂଗ୍ରେସ ନେତା ରାଜା ବ୍ରିଗେଡିୟର କାମାକ୍ଷା ପ୍ରସାଦ ସିଂହଦେଓ ଢେଙ୍କାନାଳ ଲୋକ ସଭା ଆସନରେ ଥରେ ସ୍ୱତନ୍ତ୍ର ପାର୍ଟି ଓ ୫ଥର କଂଗ୍ରେସରୁ ବିଜୟୀ ହୋଇ କେନ୍ଦ୍ରରେ ବହୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ଦାୟିତ୍ୱରେ ଥିଲେ। କିନ୍ତୁ ୨୦୧୯ ଲୋକ ସଭା ନିର୍ବାଚନରେ ତାଙ୍କର ପ୍ରଦର୍ଶନ ଅତ୍ୟନ୍ତ ଶୋଚନୀୟ ହୋଇଥିଲା। ୮୨ ବର୍ଷୀୟ କାମାକ୍ଷାପ୍ରସାଦ ପରିଣତ ବୟସରେ ପହଞ୍ଚିଥିଲେ ମଧ୍ୟ ନିର୍ବାଚନ ସମୟରେ ଦଳୀୟ କାର୍ଯ୍ୟରେ ସକ୍ରିୟ ରହିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଏପରି କି ଆସନ୍ତା ନିର୍ବାଚନ ତାଙ୍କ ମାର୍ଗଦର୍ଶନରେ କଂଗ୍ରେସ ଲଢ଼ିବ ବୋଲି ଜିଲା ସଭାପତି ସରୋଜ ପଟ୍ଟନାୟକ କହିଛନ୍ତି। ପୁଣି ଢେଙ୍କାନାଳ ବିଧାନସଭା ଆସନର ଇତିହାସ ଉପରେ ନଜର ପକାଇଲେ ଜଣାପଡେ, ୧୯୭୪ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଏହି ଆସନରୁ କଂଗ୍ରେସ ଦଳରୁ ବିଜୟୀ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ଅନ୍ୟ ଦଳରୁ ପ୍ରାର୍ଥୀ ହୋଇ ଏହି ନିର୍ବାଚନମଣ୍ଡଳୀରୁ ଜିତିଥିଲେ। ସେହିପରି ୧୯୯୫ରେ ଦଳର ବରିଷ୍ଠ ନେତା ନବୀନଚନ୍ଦ୍ର ନାରାୟଣ ଦାସ ବିଜୟୀ ହୋଇ ରାଜ୍ୟରେ ସେହି ସମୟର କଂଗ୍ରେସ ସରକାରରେ ବିଭିନ୍ନ ବିଭାଗରେ ମନ୍ତ୍ରୀ ହୋଇଥିଲେ। ଏହାପରେ ୨୦୦୪ରେ ସୁଧୀର କୁମାର ସାମଲ କଂଗ୍ରେସ ଦଳରୁ ବିଜୟୀ ହୋଇଥିଲେ। ଏହାପରଠାରୁ ବର୍ତ୍ତମାନ ସୁଦ୍ଧା କଂଗ୍ରେସ ଦଳ ସମସ୍ତ ନିର୍ବାଚନରେ ତୃତୀୟ ସ୍ଥାନରେ ରହୁଥିବା ଦେଖାଯାଇଛି। ବିଶେଷକରି ଭାଜପା ଓ ବିଜେଡି ପକ୍ଷରୁ ନିର୍ବାଚନକୁ ଯେଉଁଭଳି ବ୍ୟୟବହୁଳ କରାଯାଉଛି, ଏହାକୁ ନଜରରେ ରଖିଲେ କଂଗ୍ରେସର ଅଧିକାଂଶ ନେତୃବୃନ୍ଦ ନିର୍ବାଚନରେ ପ୍ରାର୍ଥୀ ହେବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି ବୋଲି ଦଳୀୟ ନେତାମାନେ କହୁଛନ୍ତି।





ଢେଙ୍କାନାଳ କଂଗ୍ରେସ କାର୍ଯ୍ୟାଳୟ

ଆସନ୍ତା ସାଧାରଣ ନିର୍ବାଚନ ଲାଗି ଢେଙ୍କାନାଳ ବିଧାନସଭା ଆସନ ପାଇଁ ଦଳୀୟ ପ୍ରାର୍ଥୀ ନିମନ୍ତେ ଜିଲା ସଭାପତି ସରୋଜ ପଟ୍ଟନାୟକ, ପୂର୍ବତନ କାଉନସିଲର ଗୋପାଳ ସାହୁ, ପୂର୍ବତନ ଜିଲା ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ଯୁବ କଂଗ୍ରେସ ସଭାପତି ସୁନୀଲ ଦାଶ, ଏଆଇସିସି ସଭ୍ୟା ସୁବାସିନୀ ମହାକୁଡ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସ୍ମିତାରାଣୀ ସାମଲଙ୍କ ନାମ ଆଶାୟୀ ପ୍ରାର୍ଥୀ ଭାବେ ପିସିସିକୁ ପ୍ରଦାନ କରାଯାଇଥିବା ଦଳୀୟ ସୂତ୍ରରୁ ଜଣାପଡିଛି। ଅନ୍ୟପଟରେ ରାଜ ପରିବାରର ଜଣେ ସଦସ୍ୟା ଢେଙ୍କାନାଳ ବିଧାନସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ହେବା ପାଇଁ ଆଶାୟୀ ଅଛନ୍ତି ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି। ହେଲେ ଜିଲା ସଭାପତି ଏ ସମ୍ପର୍କରେ ଖବର ନ ଥିବା କହିଛନ୍ତି। ଅନ୍ୟପଟରେ ଦୀର୍ଘଦିନ ହେବ ଢେଙ୍କାନାଳରେ କଂଗ୍ରେସ ପକ୍ଷରୁ କୌଣସି ଆଖିଦୃଶିଆ କାର୍ଯ୍ୟକ୍ରମ ହୋଇ ନ ଥିବା ଦଳୀୟ ନେତୃବୃନ୍ଦ ଓ କର୍ମୀ ମହଲରେ ଚର୍ଚ୍ଚା ହେଉଛି। କିଛିଦିନ ତଳେ ପିସିସି ସଭାପତି ଶରତ ପଟ୍ଟନାୟକ କାମାକ୍ଷାନଗର ଉପଖଣ୍ଡର ବିଭିନ୍ନ ଅଞ୍ଚଳ ବୁଲି କାର୍ଯ୍ୟକ୍ରମରେ ଯୋଗଦେଇ ଫେରିଥିଲେ। କଂଗ୍ରେସର ବରିଷ୍ଠ ନେତା ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ କହିଛନ୍ତି, ନିର୍ବାଚନରେ ପ୍ରାର୍ଥୀହେବା ପାଇଁ ନିଷ୍ପତ୍ତି ନେଇନାହିଁ। ସେ ସମୟ ଆସୁ। ଦଳ କ'ଣ ନିଷ୍ପତ୍ତି ନେଉଛି ତାହା ଜାଣିବା ପରେ ଯାହାକିଛି କହିବେ ବୋଲି ସେ କହିଛନ୍ତି। ୨୦୧୯ ନିର୍ବାଚନରେ କଂଗ୍ରେସ ଦଳରୁ ପ୍ରତିଦ୍ୱନ୍ଦ୍ୱିତା କରିଥିବା ପୂର୍ବତନ ବିଧାୟକ ନବୀନ ନନ୍ଦ କହିଛନ୍ତି, ବର୍ତ୍ତମାନ ସେ କୌଣସି ଦଳରେ ନାହାନ୍ତି। ତଥାପି ପରିସ୍ଥିତି ଉପରେ ନଜର ରଖିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ................................


ବିବାନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SC/ST ଛାତ୍ରୀ ମାନଙ୍କ ପାଇଁ Course Fee ସଂପୂର୍ଣ୍ଣ ମାଗଣା
ନାମଲେଖା ଚାଲୁଅଛି !
ଶିକ୍ଷାବର୍ଷ: ୨୦୨୩-୨୪
SAI STITI INSTITUTE OF MEDICAL SCIENCE
Recognised by Govt. of Odisha, H & FW Dept. and Odisha Nursing Council, India Nursing Council, New Delhi
ANM
Duration 2 yrs, Qualification +2 (Any Stream)
Practical at DHH KHORDHA and CAPITAL HOSPITAL
Hanspal Bhubaneswar
Mob.: 8249091700, 8455975825, 9692613134

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 7382841797

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଲୋନ୍! ଲୋନ୍! ଲୋନ୍!
ଭାରତର No.1 କମ୍ପାନୀ
Global Finance
(Govt. Regd)
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ, ପର୍ସନାଲ, ମାର୍କଶିଟ୍, ପ୍ରପର୍ଟି, ସବୁ ଲୋନ୍
2% ସୁଧ 40% ଛାଡ଼
ସରକାରୀ କର୍ମଚାରୀ ଓ ମହିଳାଙ୍କ ପାଇଁ ବିଶେଷ ଛାଡ଼
(ଏଜେଣ୍ଟ ଆମନ୍ତ୍ରିତ)
8765514686

# ସମୃଦ୍ଧ ପୃଥିବୀ ଲକ୍ଷ୍ୟ ଅପରିହାର୍ଯ୍ୟ



ବିଶ୍ୱର ସମସ୍ତ ରାଷ୍ଟ୍ରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିଲେ ସମୃଦ୍ଧ ପୃଥିବୀ ଲକ୍ଷ୍ୟ ସମ୍ଭବ ହୋଇପାରିବ। ଏହାଦ୍ୱାରା ଲୋକଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ବୃଦ୍ଧି ହୋଇପାରିବ।

ଗରିବମାନଙ୍କର ବିଶ୍ୱସ୍ତରୀୟ ମୂଲ୍ୟବୋଧକୁ ଚିହ୍ନିବା ଏବଂ ବିଭିନ୍ନ ଦେଶରେ ଦାରିଦ୍ର୍ୟ ହ୍ରାସ କରିବା ବିଷୟରେ ବିକଶିତ ଦେଶଙ୍କୁ ଅବଗତ କରାଇବା ତଥା ସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ଡିସେମ୍ବର ୨୦ରେ ଅନ୍ତର୍ଜାତୀୟ ମାନବ ଅଖଣ୍ଡତା ଦିବସ ପାଳନ କରାଯାଇଥାଏ। ଅଖଣ୍ଡତାର ସାର୍ବଭୌମତ୍ୱ ମୂଲ୍ୟର ପରିଚୟ ପାଇଁ ଦାରିଦ୍ର୍ୟ ହ୍ରାସ ନିମନ୍ତେ ବିଶ୍ୱସ୍ତରୀୟ ଉଦ୍ଦେଶ୍ୟ ଓ ପ୍ରୟାସଗୁଡ଼ିକ ଉପରେ ସଦସ୍ୟ ରାଷ୍ଟ୍ରମାନଙ୍କୁ ସଚେତନ କରିବା ହେଉଛି ଏହି ଦିବସର ମୁଖ୍ୟ ଲକ୍ଷ୍ୟ । ବିଶ୍ୱର ସ୍ୱାଧୀନ ରାଷ୍ଟ୍ରମାନଙ୍କର ଦାରିଦ୍ର୍ୟ ହ୍ରାସ ନୀତିଗୁଡ଼ିକ ଉପରେ ଗୁରୁତ୍ୱ ପ୍ରଦାନ କରିବା ମଧ୍ୟ ଏହି ଦିବସର ଉଦ୍ଦେଶ୍ୟ। ବିକାଶ ପାଇଁ ସମୃଦ୍ଧ ପୃଥିବୀ ଲକ୍ଷ୍ୟ ଅପରିହାର୍ଯ୍ୟ, ଏହା ଏହି ଦିବସ ସୂଚିତ କରିଥାଏ। ବିଶ୍ୱସ୍ତରରେ ଦାରିଦ୍ର୍ୟ ଦୂରୀକରଣ ନିମନ୍ତେ ସ୍ଥିର ହୋଇଥିବା ଲକ୍ଷ୍ୟ ହାସଲ ଲାଗି ବିଶ୍ୱ ଅଖଣ୍ଡତା ପାଣ୍ଠି ଓ ଜାତିସଂଘ ବିକାଶ କାର୍ଯ୍ୟକ୍ରମ ଏହି ସ୍ୱତନ୍ତ୍ର ଦିବସକୁ ପ୍ରୋତ୍ସାହିତ କରେ । ମୌଳିକ ଓ ସାର୍ବଭୌମତ୍ୱ ମୂଲ୍ୟବୋଧ ରୂପେ ଅଖଣ୍ଡତାର ପରିଚୟ ପ୍ରଦାନ ସ୍ୱରୂପ ୨୦୦୫ମସିହା, ଡିସେମ୍ବର ୨୨ରେ ଜାତିସଂଘ ସାଧାରଣ ସଭାରେ ଏହି ଦିବସକୁ ପରିଚୟ ମିଳିଥିଲା । ପ୍ରତି ବର୍ଷ ଡିସେମ୍ବର ୨୦ରେ ଏହାକୁ ଅନ୍ତର୍ଜାତୀୟ ମାନବ ଅଖଣ୍ଡତା ଦିବସ ରୂପେ ପାଳନ କରିବାକୁ ସମ୍ମିଳନୀରେ ନିଷ୍ପତ୍ତି ନିଆଯାଇଥିଲା । ଏକତା ପାଣ୍ଠି ଗଠନ ଏବଂ ଏହାଦ୍ୱାରା ପୃଥିବୀର ବିଭିନ୍ନ ଦେଶରୁ ଦାରିଦ୍ର୍ୟ ଦୂରୀକରଣ ଲକ୍ଷ୍ୟ ମିଳିତ ଜାତିସଂଘର ବିକାଶ କାର୍ଯ୍ୟକ୍ରମରେ ସାମିଲ କରାଯାଇଥିଲା। ସମସ୍ତଙ୍କ ପାଇଁ ଉତ୍ତମ ଭବିଷ୍ୟତକୁ ସୁଗମ କରିବା ଲାଗି ପରିକଳ୍ପିତ ସ୍ଥାୟୀ ବିକାଶ ଲକ୍ଷ୍ୟ ମାଧ୍ୟମରେ ଦାରିଦ୍ର୍ୟ ତଥା ଅନ୍ୟାନ୍ୟ ପ୍ରତିବନ୍ଧକ ହଟାଇବାର ଉଦ୍ୟମ ସମ୍ପର୍କରେ ଏହି ଦିବସରେ ସଚେତନତା ସୃଷ୍ଟି କରାଯାଇଥାଏ। ବିବିଧତାମୟ ପୃଥିବୀରେ ଏକତାକୁ ପାଳନ କରିବା ଲାଗି ଜାତିସଂଘ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଏହି ଅବସରରେ ଆୟୋଜନ କରାଯାଇଥାଏ।

**ଅନ୍ତର୍ଜାତୀୟ ମାନବ ଏକତା ଦିବସ**

# ଘରୁ ପଳାଇ ପୋଲିସ ହାତରେ ଧରାପଡ଼ିଥିଲେ




**ମୁମ୍ବାଇ:** ଫେମିନା ମିସ୍ ଇଣ୍ଡିଆ-୨୦୨୦ର ପ୍ରଥମ ରନର୍ସ ଅପ୍ ଉତ୍ତର ପ୍ରଦେଶର ମାନ୍ୟା ସିଂ ଏବେ ବିଗ୍‌ବସ୍ ସିଜନ-୧୬ରେ ନଜରକୁ ଆସିଛନ୍ତି। ତେବେ ତାଙ୍କୁ ଏହି ସଫଳତାରେ ପହଞ୍ଚିବାକୁ ଅନେକ କଷ୍ଟ ସହିବାକୁ ପଡ଼ିଛି। ଅନେକ ସଂଘର୍ଷ କରିବାକୁ ପଡ଼ିଛି। ମାନ୍ୟା ନିକଟରେ ଏକ ସାକ୍ଷାତ୍‌କାରରେ ତାଙ୍କ ସଂଘର୍ଷମୟ ଜୀବନ ବାବଦରେ କହିଛନ୍ତି। ସେ ଉତ୍ତରପ୍ରଦେଶର କୁଶୀନଗର ଭଳି ଛୋଟ ସହରରେ ଜନ୍ମ ହୋଇଛନ୍ତି। ସେ ତାଙ୍କ ମଡେଲିଂ କ୍ୟାରିୟର ପାଇଁ ତିନିଥର ଘରୁ ୫୦ ଟଙ୍କା ଧରି ପଳାଇବାକୁ ଉଦ୍ୟମ କରିଥିଲେ। ହେଲେ ସେ ସମୟରେ ପୋଲିସ ତାଙ୍କୁ ଧରି ଘରେ ଛାଡ଼ିଥିଲା। ଘରେ ଏନେଇ ତାଙ୍କ ବିବାହ ପାଇଁ ପ୍ରସ୍ତୁତି କରିଥିଲେ। କିନ୍ତୁ ସେ ବିବାହ କରିବାକୁ ଚାହୁଁ ନ ଥିଲେ। ସେଥିପାଇଁ ସେ ପୁଣି ଘରୁ ପଳାଇଲେ। ସେ ମୁମ୍ବାଇରେ ପହଞ୍ଚିବା ପରେ ପୋଲିସ ତାଙ୍କୁ ଧରି ଥାନାରେ ରଖି ଘର ଲୋକଙ୍କୁ ଡାକିଥିଲା। ମାନ୍ୟାଙ୍କ ଏପରି ଦୟନୀୟ ଅବସ୍ଥା ଦେଖି ପରିବାର ତାଙ୍କ ଇଚ୍ଛା ମୁତାବକ ମୁମ୍ବାଇରେ ରହିବାକୁ ସ୍ଥିର କଲେ। ଏହାପରେ ସେ ତାଙ୍କ ଲକ୍ଷ୍ୟପଥରେ ଆଗେଇ ଚାଲିଲେ। ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେବା ପରେ ଶେଷରେ ଫେମିନା ମିସ୍ ଇଣ୍ଡିଆ-୨୦୨୦ର ପ୍ରଥମ ରନର୍ସ ଅପ୍ ମୁକୁଟ ପିନ୍ଧିଥିଲେ। ପରେ ସେ ଗୋଟିଏ ପରେ ଗୋଟିଏ ପାହାଚ ଚଢ଼ିଥିବା କହିଛନ୍ତି।

# ବିପଦ ଅନୁଭୂତ ହେଲେ ସାପ ହୁଏ



**ନୂଆଦିଲ୍ଲୀ**

ବର୍ତ୍ତମାନ ସମୟରେ ଲୋକେ ପ୍ଲାଷ୍ଟିକ ସର୍ଜରି କରି ତାଙ୍କ ଶରୀରକୁ ପରିବର୍ତ୍ତନ କରୁଛନ୍ତି। ତେବେ ପ୍ରକୃତିର କିଛି ଜୀବ ମଧ୍ୟ ଏପରି କଳା ସହିତ ଜନ୍ମ ହୋଇଛନ୍ତି। ସମସ୍ତଙ୍କ ଜୀବନ ପ୍ରତି ବିପଦ ରହିଥାଏ। ସେଥିପାଇଁ ସେମାନେ ତା'ର ପ୍ରତିକାର ଖୋଜିଥାନ୍ତି। ଏପରି ଏକ ସଁବାଳୁଆ ଯିଏ ବିପଦ ଆସିବା ଜାଣି ନିଜ ରୂପ ପରିବର୍ତ୍ତନ କରି ସାପ ହୋଇଥାଏ। ତାକୁ ଦେଖି ଶତ୍ରୁ ଦୂରେଇଯାଏ। ଏହି ସଁବାଳୁଆକୁ ହେମେରୋପ୍ଲେନ୍ସ ଟ୍ରିପ୍ଟୋଲିମସ୍ କୁହାଯାଏ। ଏହା ଯେତେବେଳେ ବିପଦ ଅନୁଭବ କରିଥାଏ, ନିଜକୁ ସାପ ରୂପରେ ପରିବର୍ତ୍ତନ କରିଦିଏ। ସେଥିପାଇଁ ଶତ୍ରୁ ତାକୁ ଛାଡ଼ିଦିଏ। ଏହି ସଁବାଳୁଆ ଆମାଜନ ଜଙ୍ଗଲରେ ଦେଖିବାକୁ ମିଳିଥାନ୍ତି। ସୋସିଆଲ ମିଡିଆରେ ଏହାର ଏକ ଭିଡିଓ ଶେୟାର ହୋଇଛି, ଯାହା ବେଶ୍ ଭାଇରାଲ ହେବାରେ ଲାଗିଛି। ଏହା ସାଧାରଣ ସଁବାଳୁଆ ଭଳି ଦେଖାଯାଉଥିଲା। ଯେତେବେଳେ କିଛି ବିପଦ ଥିବା ଜଣାପଡ଼ିଲା, ସେ ଶରୀରରେ ଚାପ ପକାଇ ମୁଣ୍ଡକୁ ଏକ ସାପ ରୂପ କରିଦେଲା। ଫଳରେ ସେ ସମ୍ପୂର୍ଣ୍ଣ ସାପ ପରି ଦେଖାଗଲା।

## Classified Everyday 0674-2580101, 2549949


MATRIMONIAL

GROOM WANTED

60ବୟସ୍କା Govt. ଚାକିରିଆ Retd. ବିଧବା ମହିଳାଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। (Urgent required). 9040735426. D-2035

Searching Kaibarta Groom for Very Fair Kaibarta Bride. Contact Brother (IAS Faculty in Delhi), Mob-9990161440. D-2034

Wanted qualified groom 35-38yrs. Service/Business for a beautiful bride 34yrs. Ph.D. Continue Bhubaneswar. Caste no bar. 8917585202. D-74314


REAL ESTATE

SALE

Duplex sale 57,00,000/- and plot sale near AIIMS Hospital, Bhubaneswar. 9777433701. D-75281

ଜଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛତାବର-500/-, ନଖରା- SC/ General- sqft.-300/-, 9348232008. D-75279

2/3 BHK Apartments, Simplex, Duplex & Triplex with modern facilities like Swimming Pool, Club House, Landscape Garden etc. available for Sale at Haribhaina Chaka, Jatani Main Road. Contact: 7317316764. D-1919

ସାଲେପୁର-ମାହାଙ୍ଗା ରୋଡ୍ ଓସ୍ତମୂଳ ଉମେଶ କଲେଜ ପାଖରେ 1742 sqft. 3,00,000/- ଘରବାରି - 9348232008. D-75283


FOR RENT

Require accommodation for Rest House for RMS staff at Khurda Road, area required 45.8 sq.m. near to Railway station, Jatani, Khurda Road. D-2057


Healthcare

Ashirvaad Salon and SPA get good massage for your health tha best therapy. 7077181074. D-75080

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75081

AFFIDAVIT

I, Shilpi Agarwal, W/o Anupam Kedia, resident of Marwadipada, Dhobagali, P.O. Sambalpur, P.S.- Town, Dist.- Sambalpur, Pin- 768001, Odisha declare by this affidavit No. 38794 dtd.- 16.12.2023 that now onwards I shall be known as SHILPI KEDIA for all future purposes. D-2060

By virtue of an affidavit sworn before the Executive Magistrate, Cuttack, dated 11.12.2023, I, Kiranbala Sahoo, W/o- Rabindra Behera, At- Kaitha Baula, P.O.- Kaitha, P.S.- Mahanga, Dist.- Cuttack, Odisha, declare that, I have changed my daughter's Surname from Anjali Sahoo to Anjali Behera. Henceforth, She will be known as Anjali Behera for all purpose. Kiranbala Behera D-2053

By virtue of an affidavit sworn before the Executive Magistrate, Cuttack, dated 11.12.2023, I, Kiranbala Sahoo, W/o Rabindra Behera, At- Kaitha Baula, P.O.- Kaitha, P.S.- Mahanga, Dist.- Cuttack, Odisha, declare that, I have changed my surname from Kiranbala Sahoo to Kiranbala Behera. Henceforth, I shall be known as Kiranbala Behera for all purpose. Kiranbala Behera D-2054

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate, Cuttack, dated 11.12.2023, I, Kiranbala Sahoo, W/o Rabindra Behera, At- Kaitha Baula, P.O.- Kaitha, P.S.- Mahanga, Dist.- Cuttack, Odisha, declare that, I have changed my son's surname from Subham Sahoo to Subham Behera. Henceforth, He will be known as Subham Behera for all purpose. Kiranbala Behera D-2055



ଧ-୨୦୫୯

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

## ପ୍ରଥମ ପୃଷ୍ଠାରୁ...

### ବିରୋଧୀ ନାହାନ୍ତି...

ନିର୍ବାଚନକୁ ଆଉ କିଛି ମାସ ବାକି ଥିବାବେଳେ ଚଳିତ ଶୀତ ଅଧିବେଶନ ହେଉଛି ସଂସଦର ଶେଷ ପୂର୍ଣ୍ଣାଙ୍ଗ ସେସନ୍। ଏହା ପରେ ପାର୍ଲାମେଣ୍ଟକୁ ୩ ମାସ ଭିତରେ ଭଙ୍ଗ କରାଯିବ। ୫୪୩ ଆସନ ବିଶିଷ୍ଟ ଲୋକ ସଭାରେ ୨୧ ଆସନ ଖାଲି ପଡ଼ିଛି। ତେଣୁ ବର୍ତ୍ତମାନ ଆସନ ସଂଖ୍ୟା ୫୨୨ରେ ରହିଛି। ଏଥିରୁ ୩୨୩ ଆସନ ଭାଜପା କିମ୍ବା ଏହାର ସହଯୋଗୀ ଦଳର ଏମ୍‌ପିମାନଙ୍କର। ଲୋକ ସଭାରେ ୧୪୨ ବିରୋଧୀ ଏମ୍‌ପି ଥିବାବେଳେ ସେମାନଙ୍କ ମଧ୍ୟରୁ ୬୭%ଙ୍କୁ ବାଚସ୍ପତି ଓମ୍ ବିର୍ଲା ନିଲମ୍ବନ କରିସାରିଲେଣି। ଫଳରେ ବର୍ତ୍ତମାନ ମାତ୍ର ୪୭ ଜଣ ବିରୋଧୀ ଦଳ ସଦସ୍ୟ ଲୋକ ସଭାରେ ରହିଛନ୍ତି। ରାଜ୍ୟ ସଭାରେ ଶାସକ ଦଳକୁ ପ୍ରଶ୍ନ କରିବା ପାଇଁ ୧୦୦ରୁ କମ୍ ସଦସ୍ୟ ରହିଛନ୍ତି। ଏଯାଏ ନିଲମ୍ବିତ ହୋଇ ନ ଥିବା ଏମ୍‌ପିଙ୍କ ମଧ୍ୟରୁ ଅଧିକାଂଶ ହେଲେ ଓଡ଼ିଶାର ଶାସକ ବିଜୁ ଜନତା ଦଳ (ବିଜେଡି) ଓ ଆନ୍ଧ୍ର ପ୍ରଦେଶରେ କ୍ଷମତାସୀନ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟିର। ଅତୀତରେ କେନ୍ଦ୍ର ସରକାର ବିବାଦୀୟ ବିଲ୍‌ଗୁଡ଼ିକୁ ଗୃହୀତ କରାଇବାବେଳେ ସଂଖ୍ୟା ବଳର ଅଭାବକୁ ଏହି ଦୁଇଦଳ ପୂରଣ କରିଆସିଛନ୍ତି। ବିଜେଡି ଏବଂ ୱାଇଏସ୍‌ଆର୍‌ସିପିର ସଦସ୍ୟମାନେ ଭାଜପାକୁ ଅସୁବିଧା ସମୟରେ ସାହାଯ୍ୟ କରିଛନ୍ତି। ତେଣୁ ସପ୍ତଦଶ ଲୋକ ସଭାର ଶେଷରେ ଶାସକ ଦଳ ଏପରି କିଛି ବିଲ୍ ଗୃହୀତ କରାଇପାରେ, ଯହିଁରୁ ୨୦୨୪ ସାଧାରଣ ନିର୍ବାଚନରେ ଫାଇଦା ପାଇପାରେ ବୋଲି ଆଲୋଚନା ହେଉଛି।

ସଦ୍ୟ ନିଲମ୍ବିତ ହୋଇଥିବା ଏମ୍‌ପିଙ୍କ ମଧ୍ୟରେ କଂଗ୍ରେସର ଶଶୀ ଥରୁର, କାର୍ତ୍ତି ଚିଦାମ୍ବରମ୍, ଏନ୍‌ସିପିର ସୁପ୍ରିୟା ସୁଲେ, ସମାଜବାଦୀ ପାର୍ଟିର ଡିମ୍ପଲ ଯାଦବ ଏବଂ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ୍ ଅବ୍‌ଦୁଲ୍ଲା ରହିଛନ୍ତି। ଥରୁର ଏହି ନିଲମ୍ବନକୁ ସଂସଦୀୟ ଗଣତନ୍ତ୍ର ପ୍ରତି ବିଶ୍ୱାସଘାତ ଭାବେ ଅଭିହିତ କରିଛନ୍ତି। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିରୋଧୀ ସଦସ୍ୟମାନଙ୍କ ବିକ୍ଷୋଭକୁ ସମାଲୋଚନା କରିଥିଲେ। ବିରୋଧୀ ଦଳଗୁଡ଼ିକ ନିର୍ବାଚନରେ ବାରମ୍ବାର ପରାଜୟ ପରେ ବିବ୍ରତ ହୋଇପଡ଼ିଛନ୍ତି ବୋଲି କହିଥିଲେ। ପ୍ରକାଶ ଯେ, ୨୦୦୧ ଡିସେମ୍ବର ୧୩ରେ ପାର୍ଲାମେଣ୍ଟ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ୨୨ ବର୍ଷ ପୂରିଛି। ଗତ ୧୩ରେ ଏହାର ବର୍ଷ ପୂର୍ତ୍ତି ଦିନ ୨ ଜଣ ବିକ୍ଷୋଭକାରୀ ମହୀଶୂର ଏମ୍‌ପି ପ୍ରତାପ ସିମ୍‌ହାଙ୍କ ପାସ୍‌ରେ ଲୋକ ସଭାକୁ ପଶିଥିଲେ। ସେମାନେ ଏମ୍‌ପିମାନଙ୍କ ଡେସ୍କ ଉପରେ ଧାଇଁବା ସହ ସାଙ୍ଗରେ ନେଇ ଯାଇଥିବା କ୍ୟାନ୍‌ରୁ ହଳଦିଆ ଧୂଆଁ ଛାଡ଼ିଥିଲେ। ଏପରି କି ଏକଚ୍ଛତ୍ରବାଦ ଚଳିବ ନାହିଁ ବୋଲି ସ୍ଲୋଗାନ ଦେଇଥିଲେ। ଏନେଇ ଅଭିଯୁକ୍ତ ଡି. ମନୋରଞ୍ଜନ ଏବଂ ସାଗର ଶର୍ମାଙ୍କ ସମେତ ୬ ଜଣଙ୍କୁ ଦିଲ୍ଲୀ ପୋଲିସ ଗିରଫ କଲାଣି। ସେହିପରି ମୁଖ୍ୟ ଅଭିଯୁକ୍ତ ଲଳିତ ଝା ମଧ୍ୟ ଧରାଦେବା ପରେ ଗିରଫ ହୋଇଛନ୍ତି। ଅଭିଯୁକ୍ତମାନଙ୍କ ବିରୋଧରେ ଆତଙ୍କବାଦ ନିରୋଧୀ ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ (ୟୁଏପିଏ) ବଳରେ ମାମଲା ରୁଜୁ ହୋଇଛି। ବିରୋଧୀ ଦଳଗୁଡ଼ିକ ଏହା ଉପରେ ଗୃହରେ ବିତର୍କ ଓ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ବିବୃତି ଦାବି କରୁଥିବାବେଳେ ପ୍ରଧାନମନ୍ତ୍ରୀ ଏହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଏହା ଏକ ଗମ୍ଭୀର ପ୍ରସଙ୍ଗ। ଏହା ଉପରେ ବିତର୍କ ନୁହେଁ, ବରଂ ପୁଙ୍ଖାନୁପୁଙ୍ଖ ତଦନ୍ତର ଆବଶ୍ୟକତା ରହିଛି ବୋଲି ପ୍ରଧାନମନ୍ତ୍ରୀ ଏକ ସାକ୍ଷାତ୍‌କାରରେ ସ୍ପଷ୍ଟ କରିଛନ୍ତି।

### ପ୍ରଧାନମନ୍ତ୍ରୀ ପ୍ରାର୍ଥୀ...

ନୀତୀଶ କୁମାର ଓ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ, ଆର୍‌ଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବ, ଡିଏମ୍‌କେର ଟି.ଆର୍. ବାଲୁ, ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ, ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଓ ନେତା ରାମଗୋପାଳ ଯାଦବ, ସିପିଆଇର ଡି. ରାଜା ପ୍ରମୁଖ ଯୋଗଦେଇଥିଲେ। ଇତିମଧ୍ୟରେ ମେଣ୍ଟ ଦଳଗୁଡ଼ିକ ସହ ଆସନ ବୁଝାମଣା ନେଇ ଆଲୋଚନା କରିବା ଲାଗି କଂଗ୍ରେସ ଏକ ୫ ଜଣିଆ କମିଟି ଗଠନ କରିଛି। ଏହି ନ୍ୟାଶନାଲ ଆଲାଏନ୍ସ କମିଟି (ଏନ୍‌ଏସି)ରେ ଦଳର ୫ ବରିଷ୍ଠ ନେତା ରହିଛନ୍ତି। ମୁକୁଲ ୱାସ୍‌ନିକ ଏଥିରେ ଅଧ୍ୟକ୍ଷତା କରିବେ। ଦୁଇଜଣ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ (ରାଜସ୍ଥାନ) ଓ ଭୂପେଶ ବଘେଲ (ଛତିଶଗଡ଼), ପୂର୍ବତନ କେନ୍ଦ୍ରମନ୍ତ୍ରୀ ସଲମାନ ଖୁର୍ସିଦ ଏବଂ ଭେଟେରାନ୍ ମୋହନ୍ ପ୍ରକାଶଙ୍କୁ ସଦସ୍ୟ ରଖାଯାଇଛି। ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଏହି ସୂଚନା ଦେଇଛନ୍ତି।

# ଲୋକ ସଭାର ୯୫ ସଦସ୍ୟଙ୍କ ନିଲମ୍ବନକୁ 'ଇଣ୍ଡିଆ'ର ନିନ୍ଦା

**ନୂଆଦିଲ୍ଲୀ,୧୯।୧୨(କୁଳଦୀପ ସିଂ)**

ପାର୍ଲାମେଣ୍ଟରୁ ୭୮ ସଦସ୍ୟଙ୍କୁ ଶୀତ ଅଧିବେଶନର ଶେଷ ପର୍ଯ୍ୟନ୍ତ ବିଦା କରିବାର ଦିନକ ପରେ ଲୋକ ସଭାରୁ ଆଉ ୪୯ ବିରୋଧୀ ଏମ୍‌ପିଙ୍କୁ ନିଲମ୍ବନ କରାଯାଇଛି। ଫଳରେ ଲୋକ ସଭାରେ ଇଣ୍ଡିଆ ବ୍ଲକ୍ ସଦସ୍ୟଙ୍କ ସଂଖ୍ୟା ଏକ-ତୃତୀୟାଂଶକୁ ଖସିଆସିଛି। ଏହାକୁ ବିରୋଧୀ ଇଣ୍ଡିଆ ବ୍ଲକ୍ ଦୃଢ଼ ନିନ୍ଦା କରିଛି।

ନିମ୍ନ ସଦନରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ସ୍ଲୋଗାନ ଦେବା ସହ ସୁରକ୍ଷା ବିଭ୍ରାଟ ଉପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କଠାରୁ ବିବୃତି ଦାବି କରିଥିଲେ। ଅପରାହ୍ନ ୧୨ଟା ୩୦ରେ ଆଇନମନ୍ତ୍ରୀ ଅର୍ଜୁନରାମ ମେଘୱାଲ ଏମ୍‌ପିଙ୍କ ନିଲମ୍ବନ ସମ୍ପର୍କିତ ଏକ ପ୍ରସ୍ତାବ ଆଣିଥିଲେ। ସେମାନଙ୍କ ମଧ୍ୟରେ ଜେଡିୟୁର ୧୦, ଡିଏମ୍‌କେ ୬, ଟିଏମ୍‌ସି ୪, ଏନ୍‌ସିପି ୩, ନ୍ୟାଶନାଲ କନ୍‌ଫରେନ୍ସ ଏବଂ ସମାଜବାଦୀ ପାର୍ଟିର ୨ ଜଣ ଲେଖାଏ ଅଛନ୍ତି। ସେହିପରି ଆଇୟୁଏମ୍‌ଏଲ୍, ବିଏସ୍‌ପି, ଭିସିକେ ଏବଂ ଏଏପିର ଜଣେ ଲେଖାଏ ସଦସ୍ୟଙ୍କୁ ମଧ୍ୟ ନିଲମ୍ବନ କରାଯାଇଛି। ଏହି ତୃତୀୟ ପର୍ଯ୍ୟାୟ ନିଲମ୍ବନ ସହ ଲୋକ ସଭାରୁ ନିଲମ୍ବିତ ମୋଟ ଏମ୍‌ପିଙ୍କ ସଂଖ୍ୟା ମଙ୍ଗଳବାର ୯୫ରେ ପହଞ୍ଚିଛି। ଫଳରେ ଇଣ୍ଡିଆ ବ୍ଲକ୍‌ର ମୋଟ ୧୩୩ ଏମ୍‌ପିଙ୍କ ମଧ୍ୟରୁ ମାତ୍ର ୩୮ ଜଣ ଶୀତ ଅଧିବେଶନର ଅବଶିଷ୍ଟ ୩ ଦିନ ଗୃହକୁ ଯାଇପାରିବେ।

ସେହିପରି ରାଜ୍ୟ ସଭା କଥା ଦେଖିଲେ ଉଚ୍ଚ ସଦନରେ ଇଣ୍ଡିଆ ବ୍ଲକ୍‌ର ୯୫ ଏମ୍‌ପି ଅଛନ୍ତି। ସେମାନଙ୍କ ମଧ୍ୟରୁ ୪୫ ଜଣଙ୍କୁ ନିଲମ୍ବନ କରାଗଲାଣି। ରାଜ୍ୟ ସଭାରେ ଭାଜପାର ୯୩ ସଦସ୍ୟ ଅଛନ୍ତି। ୩ କାର୍ଯ୍ୟ ଦିବସରେ ମୋଟ ୧୪୧ ବିରୋଧୀ ଏମ୍‌ପିଙ୍କୁ ନିଲମ୍ବନ କରାଯାଇସାରିଲାଣି। ନିଲମ୍ବିତ ଏମ୍‌ପି ସପ୍ତଗିରି ଉଲ୍ଲାକା କହିଛନ୍ତି, ସରକାର ଗୃହରେ ବିରୋଧୀଙ୍କ କଣ୍ଠରୋଧ ପାଇଁ ଉଦ୍ୟମ ଚଳାଇଛନ୍ତି। ଏହା କେନ୍ଦ୍ରର ଅହଂକାରକୁ ଦର୍ଶାଉଛି। ସୁରକ୍ଷାରେ ତ୍ରୁଟିକୁ ନେଇ ଆମେ ଆଲୋଚନା ଚାହୁଁଛୁ। କିନ୍ତୁ ସରକାର ପଳାୟନ କରୁଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ମୋଦି ସରକାର ଗଣତନ୍ତ୍ରକୁ ଧ୍ୱସ୍ତବିଧ୍ୱସ୍ତ କରିବାକୁ ଚାହୁଁଛନ୍ତି। ଲୋକେ ବିରୋଧୀଙ୍କ କଥା ଶୁଣନ୍ତୁ ବୋଲି ସରକାର ଚାହୁଁ ନ ଥିବାରୁ ନିଲମ୍ବନ, ବହିଷ୍କାର ଓ ବୁଲ୍‌ଡୋଜର ମଡ଼ାଇବା ନୀତି ଆପଣାଇଛନ୍ତି। ୧୪୧ ଏମ୍‌ପିଙ୍କ ନିଲମ୍ବନରୁ ସରକାରଙ୍କ ଏକଚ୍ଛତ୍ରବାଦୀ ମନୋଭାବ ଧରାପଡ଼ିଛି ବୋଲି ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସ'ରେ ଖାର୍ଗେ ଉଲ୍ଲେଖ କରିଛନ୍ତି।

# ପନିପରିବା ଚାଷରେ ପୋକ ନିୟନ୍ତ୍ରଣ



**କୋ**ବି ଜାତୀୟ ଫସଲରେ ଜଉପୋକ, ଠିକିରି ପିଠିଆ ପୋକ ଓ କାଳିମୁଣ୍ଡି ପୋକ ଆଦି ଲାଗିବାର ଆଶଙ୍କା ଅଛି । ଏହାର ନିରାକରଣ ପାଇଁ ଏକର ପ୍ରତି ୬ଟି ନିର୍ଦ୍ଦିଷ୍ଟ ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ। ନଚେତ୍ ଏକର ପ୍ରତି ୪୦୦ମିଲି ଏଣ୍ଡୋସଲଫାନ୍ କିମ୍ବା ୫୦୦ ମିଲି ମାଲାଥିଅନ୍‌କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କୋବିଜାତୀୟ ଫସଲରେ ଅଲଟର୍‌ନାରିଆ ଜନିତ ପତ୍ରପୋଡା ରୋଗର ନିରାକରଣ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ଲଙ୍କାରେ ଫଳପଚା ଓ ଅଗମରା ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୩ଗ୍ରାମ୍ ହିସାବରେ ମାଙ୍କୋଜେବ୍ କିମ୍ବା ୧.୫ଗ୍ରାମ୍ ହିସାବରେ ଥାଓଫେନେଟ୍ ମିଥାଇଲ୍ ମିଶାଇ ସିଞ୍ଚନ କରନ୍ତୁ। ଶୀତ ସହିତ ମେଘୁଆ ପାଗର ଆଶଙ୍କା ଥିଲେ ଛୁଇଁଜାତୀୟ ପନିପରିବାରେ ଜଉ ପୋକ ଲାଗିଥାଏ। ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ। ଔଷଧ ପକାଇବାର ଏକ ସପ୍ତାହ ପରେ ଏହା ଖାଇବା ପାଇଁ ଉପଯୁକ୍ତ ହୋଇଥାଏ।

# ଆଳୁରେ ପାଣି ମଡ଼ାଉଥିଲେ

**ମା**ଟିର ଆବଶ୍ୟକତାକୁ ଚାହିଁ ୮-୧୦ ଦିନ ଅନ୍ତରରେ ଆଳୁରେ ପାଣି ମଡାନ୍ତୁ । ସିଆରର ଦୁଇ ତୃତୀୟାଂଶ ପର୍ଯ୍ୟନ୍ତ ପାଣି ମଡ଼ାଇବା ଉଚିତ। ଆଳୁ ଅମଳ ହେବାର ୧୫ ଦିନ ପୂର୍ବରୁ ପାଣି ମଡ଼ାଇବା ବନ୍ଦ କରନ୍ତୁ। ସଅଳ ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପିଛା ୨ କି.ଗ୍ରା. ଇଣ୍ଡୋଫିଲ୍ ଏମ୍-୪୫ ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ୧୫ ଦିନ ଅନ୍ତରରେ ୩ ଥର ସିଞ୍ଚନ କରନ୍ତୁ । ବିଳମ୍ବ ପତ୍ରପୋଡ଼ା ରୋଗ ପାଇଁ ମେଟାଲାକ୍‌ସିଲ୍ ସହ ମାନ୍‌କୋଜେବ୍ ଔଷଧ ୧ କି.ଗ୍ରା.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ମୂଳକଟା ପୋକ ଦମନ ପାଇଁ କ୍ଲୋରୋପାଇରିଫସ୍ ୧.୫ ଲିଟରକୁ ୫୦୦ ଲିଟର ପାଣିରେ ମିଶାଇ ଗଛମୂଳ ମାଟିରେ ପକାନ୍ତୁ। ପାଗ ମେଘୁଆ ହେଲେ ଆଗତୁରା ପ୍ରତିଷେଧମୂଳକ ଔଷଧ ସିଞ୍ଚନ କରନ୍ତୁ । ବିଳମ୍ବରେ ଲଗାଯାଇଥିବା ଆଳୁରେ କୋଡ଼ାଖୁସା ଓ ହୁଡ଼ା ଟେକା ଶୀଘ୍ର ସାରି ଦିଅନ୍ତୁ ।



# ଶୀତଦିନେ ପ୍ରାଣୀଙ୍କ ଯତ୍ନ



ଡା. ବୀର କିଶୋର ପରିଡ଼ା

**ଶୀ**ତଦିନେ ଜଳବାୟୁର ଉତ୍ତାପ କମିଯିବା ସହିତ ଆର୍ଦ୍ରତା ହ୍ରାସ ଯୋଗୁ ଉଭୟ ମନୁଷ୍ୟ ଓ ପଶୁପକ୍ଷୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ବାୟୁମଣ୍ଡଳର ଆର୍ଦ୍ରତା କମିଯିବା ଯୋଗୁ ଧୂଳିକଣାଗୁଡିକ ହାଲୁକା ହେବା ସହିତ ଉତ୍ତର-ଦକ୍ଷିଣା ପବନରେ ସ୍ଥାନାନ୍ତରିତ ସହଜରେ ହୋଇଥାଏ । ଶୀତଦିନେ ଭୂତାଣୁଗୁଡିକ ବଞ୍ଚିରହିବା ସହିତ ସକ୍ରିୟ ହୋଇଉଠନ୍ତି ଏବଂ ଧୂଳିକଣା ଓ ବାୟୁ ମାଧ୍ୟମରେ ପଶୁପକ୍ଷୀଙ୍କଠାରେ ବିଭିନ୍ନ ଶ୍ୱାସଜନିତ ରୋଗ ସୃଷ୍ଟି କରିଥାଏ । ସେହିଭଳି ଟିଙ୍କ ଓ ଉକୁଣୀଙ୍କ ବଂଶ ବୃଦ୍ଧି ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି ଯୋଗୁ ସେମାନଙ୍କ ସଂଖ୍ୟା ବୃଦ୍ଧି ପାଇବା ସହିତ ପ୍ରାଣୀଙ୍କୁ କାମୁଡି ରକ୍ତ ଶୋଷିବା ଦ୍ୱାରା ବିଭିନ୍ନ ଜୀବାଣୁ, ଭୂତାଣୁ ଓ ଏକକୋଷୀ ପ୍ରାଣୀଜନିତ ରୋଗ ସୃଷ୍ଟି କରିଥାନ୍ତି । ଏଥିସହିତ ପଶୁପକ୍ଷୀଙ୍କ ଖାଦ୍ୟ ଯଥା- ଦାନା, କୁଣ୍ଡା, ଚୋକଡ଼, ପିଡିଆ, ନଡ଼ା ଆଦିରେ ଆଗରୁ ବର୍ଷାଦିନେ ପାଣି ପଡି ଫିମ୍ପି ମାରିଥାଏ ବା ଗମୁରିଆ ହୋଇଯାଏ । ବେଳେବେଳେ କୁଣ୍ଡା ବା ଦାନା ଗମୁରିଆ ହେବା ଯୋଗୁ ଉକୁଣିଆ ପୋକ ମଧ୍ୟ ହୋଇଥାଏ । ଏହି ଫିମ୍ପି ମାରିଥିବା ଖାଦ୍ୟ ପଶୁପକ୍ଷୀ ଖାଇଲେ କବକଜନିତ କାରଣରୁ ଖାଦ୍ୟ ବିଷାକ୍ତ ଯୋଗୁ ଜୀବନହାନି ଘଟିଥାଏ । ଖାଲି ସେତିକି ନୁହେଁ, ଥଣ୍ଡାର ପ୍ରଭାବ ଯୋଗୁ ପ୍ରାଣୀଙ୍କ ଶରୀରରେ ଉଭୟ ଶାରୀରିକ ଓ ମାନସିକ ଚାପ ସୃଷ୍ଟି କରିଥାଏ ।

ଫଳରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ଯୋଗୁ ପ୍ରାଣୀମାନେ ବିଭିନ୍ନ ରୋଗର ଶିକାର ହୋଇଥାନ୍ତି । ଶୀତଦିନେ ଅତ୍ୟଧିକ ବୃଦ୍ଧି ଘଟିଥିବା କଅଁଳିଆ ବା ଛନଛନିଆ ଘାସ ଖାଇ ଗୋରୁ, ଛେଳିମେଣ୍ଢା ଓ ଅନ୍ୟ ପ୍ରାଣୀମାନେ ଧାତବଲବଣ ଅଭାବ ଜନିତ ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କରନ୍ତି । ବାୟୁମଣ୍ଡଳର ଆର୍ଦ୍ରତା କମିଯିବା ଯୋଗୁ ଗାଈଙ୍କ ଶରୀରରେ ଜଳଶୁଷ୍କତା ସହିତ ଧାତବଲବଣ ଓ ଭିଟାମିନ୍ ଅଭାବଜନିତ କାରଣ ଯୋଗୁ ବାଛୁରୀ ପ୍ରସବ ପରେ ଫୁଲ ପଡ଼େ ନାହିଁ ବା ଦୁଃଖ ପ୍ରସବ ହୋଇଥାଏ ।

ତେଣୁ ଶୀତଦିନେ ପଶୁପକ୍ଷୀଙ୍କର ବାସଗୃହ, ଖାଦ୍ୟ, ପ୍ରଜନନ, ଲାଳନ ପାଳନରେ ଯତ୍ନ ଓ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହେଲେ, ସେମାନଙ୍କୁ ଶୀତଦିନେ ସୁରକ୍ଷା ଯୋଗାଇ ଦେବା ସହିତ ସେମାନଙ୍କଠାରୁ ଦୁଗ୍ଧ, ମାଂସ ଓ ଅଣ୍ଡା ଉତ୍ପାଦନ ବୃଦ୍ଧି କରି ଆମେ ବିଶେଷ ଲାଭବାନ ହୋଇପାରିବା।

**ବାସଗୃହ :** ଗୋରୁ ଗୁହାଳ, ଛେଳିମେଣ୍ଢାଙ୍କ ଘର, କୁକୁଡ଼ା ଘର ସର୍ବଦା ଶୁଖିଲା ଓ ସଫାସୁତୁରା ରହିବା ଆବଶ୍ୟକ । ଘରର ଲମ୍ବ ପୂର୍ବ-ପଶ୍ଚିମ ହୋଇ ରହିଲେ ଶୀତଦିନେ ଦକ୍ଷିଣା-ଉତ୍ତର ବାୟୁ ଚଳାଚଳ ଯୋଗୁ କୁକୁଡା ଘରର ଲିଟର ଓ ଗୋରୁଙ୍କ ଗୁହାଳ ଶୁଖିଲା ରହିବ । ଶୀତଦିନେ ଅଧିକ ଶୀତ ହେବା ଫଳରେ ଶ୍ୱାସନଳୀଜନିତ ସଂକ୍ରମଣ ଯୋଗୁ ଛେଳିମେଣ୍ଢାମାନେ ନିମୋନିଆ ରୋଗରେ ଶିକାର ହୁଅନ୍ତି । ତେଣୁ ଛେଳିମେଣ୍ଢା ରହୁଥିବା ଘରେ ରାତ୍ରିରେ ଘରର ଉତ୍ତାପ ବଢ଼ାଇବା ପାଇଁ ରୁମ୍ ହିଟର ବ୍ୟବସ୍ଥା ରହିଲେ ଭଲ । ଛେଳିଙ୍କ ଗୁହାଳର ସମସ୍ତ ଝରକାକୁ ଶୀତ ପଡିଲେ ବନ୍ଦ ରଖିବା ଦରକାର । ଶୀତଦିନେ ଛେଳିମେଣ୍ଢାମାନଙ୍କୁ ଭାଡି ଉପରେ କିମ୍ବା ବାଲିଗୁହାଳେ ରଖିଲେ ଭଲ । କାରଣ ସେମାନଙ୍କ ଠାରୁ ନିର୍ଗତ ମଳମୂତ୍ର ଭାଡି ତଳକୁ ପଡିଯିବ ବା ବାଲିରେ ଶୋଷି ହୋଇଯିବ । ଯାହାଫଳରେ ସେମାନେ ସର୍ବଦା ଶୁଖିଲା ଚଟାଣରେ ରହିପାରିବେ। ସେହିପରି ଗୁହାଳର ସମସ୍ତ ଖୋଲା ସ୍ଥାନକୁ ଅଖା ବା ପଲିଥିନ୍ ଟାଙ୍ଗି ଭଲଭାବେ ନିବୁଜ କରିବା ଦରକାର। ଶୀତ କମିଗଲେ ଦିନବେଳେ ଏହାକୁ ଉପରକୁ ଟେକିଦେବା ଆବଶ୍ୟକ । ଗୋରୁ ଗୁହାଳ ଭିତର ଓ ବାହାର ସର୍ବଦା ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ । ଗୁହାଳ ଘରେ ଅଳିଆ ଆବର୍ଜନା ରଖିଲେ ଟିଙ୍କ ଓ ଉକୁଣି ହେବାର ଆଶଙ୍କା ଅଧିକ ଥାଏ । ଗୁହାଳେ ଆଲୋକ ଓ ବାୟୁ ଚଳାଚଳ ଠିକ୍ ରହିବା ଦରକାର ଏବଂ ଏହା ଅନ୍ଧାରିଆ ରହିବା ଉଚିତ ନୁହେଁ । ଗୁହାଳେ ଗୋରୁମାନଙ୍କୁ ଗହଳିରେ ନ ରଖି ଆବଶ୍ୟକ ସଂଖ୍ୟକ ରଖନ୍ତୁ । ନଚେତ ଏହି ଗହଳି ଯୋଗୁ ଟିଙ୍କ ଉକୁଣିଙ୍କ ସଂଖ୍ୟା ବୃଦ୍ଧି ହୋଇଥାଏ। ଏହା ସଙ୍ଗେ ସଙ୍ଗେ ବିଭିନ୍ନ ଏକକୋଷୀ ପ୍ରାଣୀ ରୋଗ ଯଥା- ଥେଇଲେରିଆ, ରକ୍ତ ପରିସ୍ରା, ସରା ଆଦି ରୋଗ ହେବାର ଆଶଙ୍କା ରହିଛି। ଏହାବ୍ୟତୀତ ବିଭିନ୍ନ ଜୀବାଣୁଜନିତ ରୋଗ, ଯଥା- ସାହାଣା ରୋଗ, ଆନ୍ଥ୍ରାକ୍ସ ରୋଗ, ଭୁତାଣୁଜନିତ ଅଢେଇଆ ରୋଗ ଦେଖାଦେବାର ଆଶଙ୍କା ରହିଥାଏ । ସେହିପରି ଗୁହାଳର ଚଟାଣ ଯଦି ଓଦା ବା ସନ୍ତସନ୍ତିଆ ସହିତ କଚ୍ଚା ରହେ, ଶୀତଦିନେ ଗାଈଙ୍କର ପହ୍ନା ସଂକ୍ରମଣ ଯୋଗୁ ଶୀତଦିନିଆ ପହ୍ନା ପ୍ରଦାହ ରୋଗ ସୃଷ୍ଟି ହୁଏ। ତେଣୁ ଅଧିକ ଉତ୍ପାଦନକ୍ଷମ ସଙ୍କର ଗାଈ ପାଇଁ ଗୁହାଳର ଚଟାଣ ସିମେଣ୍ଟ କଂକ୍ରିଟ ହେବା ସହିତ ଅଳ୍ପ ଢାଲୁ ଓ ଖଦଖଦଡିଆ ହେବା ଦରକାର । କୁକୁଡା ଘର ଚଟାଣ ମଧ୍ୟ ସିମେଣ୍ଟରେ ନିର୍ମିତ ହେବା ଆବଶ୍ୟକ।



**ଖାଦ୍ୟ :** ସାଧାରଣତଃ ଶୀତଦିନେ ବାହ୍ୟ ପରିବେଶର ଉତ୍ତାପ ପ୍ରାଣୀଙ୍କ ଶରୀରର ଉତ୍ତାପଠାରୁ ବହୁତ କମ୍ ରହୁଥିବାରୁ ତାହା ପ୍ରାଣୀଙ୍କ ଶରୀର ଉପରେ ଏକ ଚାପ ସୃଷ୍ଟି କରିବା ସହିତ ମାନସିକ ଉତ୍ତେଜନା ସୃଷ୍ଟି କରେ । ଶୀତ ପ୍ରକୋପର ପ୍ରଭାବ ସହିତ ଆର୍ଦ୍ରତା କମିଯିବା ଯୋଗୁ ପ୍ରାଣୀଙ୍କ ଶରୀର ଏହା ଗ୍ରହଣ କରିବାକୁ ସକ୍ଷମ ହୋଇ ନ ଥାଏ । ପ୍ରାଣୀଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଉତ୍ପନ୍ନରେ ବାଧାପ୍ରାପ୍ତ ହୁଏ ଓ ଏହା ପରିପ୍ରକାଶ ହୁଏନାହିଁ । ଯାହାଫଳରେ ବିଭିନ୍ନ ସଂକ୍ରାମକ ରୋଗ ପ୍ରାଣୀମାନଙ୍କୁ ଶୀତଦିନେ ସହଜରେ ଧରିଥାଏ । ତେଣୁ ଶୀତଦିନେ ନବଜାତ ବାଛୁରୀ, ସ୍ୱଳ୍ପ ବୟସ୍କ ବାଛୁରୀ, ରୋଗାକ୍ରାନ୍ତ, ଦୁଗ୍ଧ ଦେଉଥିବା ଓ ବୟସ୍କ ଗୋରୁଙ୍କ ଯତ୍ନ ପ୍ରତି ଆମେ ବିଶେଷ ଧ୍ୟାନ ଦେବା ଦରକାର । ଶୀତଦିନେ ପ୍ରାତଃସକାଳେ କୁହୁଡି ସହିତ ଘାସ ପତ୍ରରେ ପଡିଥିବା କାକର ଗୋରୁଙ୍କ ପାଇଁ ବହୁରୋଗର କାରଣ ହୋଇଥାଏ । ସୂର୍ଯ୍ୟୋଦୟ ପୂର୍ବରୁ କୌଣସିମତେ ଗୋରୁଙ୍କୁ ବାହାରକୁ ଚରିବାକୁ ଛାଡନ୍ତୁ ନାହିଁ । ଏଥିସହିତ ଶୀତଦିନେ ଅତ୍ୟଧିକ ଶୀତ ଯୋଗୁ ଗୋରୁଙ୍କ ଖାଦ୍ୟ ଖାଇବା କମାଇ ଦିଅନ୍ତି । ଏହା ଫଳରେ ଗୋରୁଙ୍କଠାରେ ଖାଦ୍ୟାଭାବଜନିତ ଲକ୍ଷଣ ପ୍ରକାଶ ପାଇଥାଏ ଏବଂ ଏହି ଖାଦ୍ୟାଭାବରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇବା ଯୋଗୁ ବିଭିନ୍ନ ରୋଗ ଧରିବାର ଆଶଙ୍କା ଥାଏ । ବାହ୍ୟ ଜଳବାୟୁର ଉତ୍ତାପ କମିଯିବାରୁ ପ୍ରାଣୀମାନେ ନିଜ ଶରୀରର ସାଧାରଣ ଉତ୍ତାପ ରକ୍ଷା କରିବା ପାଇଁ ଶରୀରରେ ଖାଦ୍ୟରୁ ଉତ୍ପନ୍ନ ହେଉଥିବା ଉତ୍ତାପ ପ୍ରାଣୀଙ୍କ ଶାରୀରିକ ଉତ୍ତାପର ଭାରସାମ୍ୟ ବଜାୟ ରଖିବାକୁ ଚେଷ୍ଟାକରେ। ତେଣୁ ଶୀତଦିନେ ଗୋରୁଙ୍କୁ ଉତ୍ତାପ ଶକ୍ତି ପ୍ରଦାୟକ ତନ୍ତୁଜାତୀୟ ଖାଦ୍ୟ ଯଥା- ଘାସ, ନଡ଼ା, ପାଳ, କୁଣ୍ଡା, ଚୋକଡ଼, ଡାଳପତ୍ର, ମକାଗଛ ପତ୍ର ଓ କାଣ୍ଡ ଇତ୍ୟାଦି ଖାଇବାକୁ ଦେବା ଉଚିତ। (କ୍ରମଶଃ...)

-ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ
ପ୍ଲଟ ନଂ -୨୭୬,
ମହାନଦୀବିହାର, କଟକ

# ଖରିଫ ଧାନ ସଂରକ୍ଷଣ



**ଖ**ରିଫ ଧାନ ଅମଳ ପରେ ସାଇତି ରଖିବା ପୂର୍ବରୁ ୩-୪ ଦିନ ଟାଣ ଖରାରେ ଶୁଖାଇ ଦେବା ଉଚିତ । ଧାନ ସାଇତିବା ପୂର୍ବରୁ ଅମାର ଘର ସଫାକରି ସମସ୍ତ ଫାଟ ଓ କଣାକୁ ବନ୍ଦ କରିଦିଅନ୍ତୁ। ଅମାର ଘର କବାଟ ଓ ଝରକାରେ ଫାଙ୍କ ଥିଲେ ବନ୍ଦ କରିଦିଅନ୍ତୁ । ଅମାର ସଫା କରିବା ପରେ ଧାନରେ ପୋକ ନ ଲାଗିବା ପାଇଁ ୯୫ କି.ଗ୍ରା. ଧାନ ସହିତ ୫ କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇ ବସ୍ତାରେ ସାଇତି ରଖନ୍ତୁ। ପୁରୁଣା ବସ୍ତାଗୁଡ଼ିକ ଧାନ ରଖିବା ପୂର୍ବରୁ ଗରମ ପାଣିରେ ଫୁଟାଇ ଖରାରେ ଶୁଖାଇବା ଉଚିତ୍। ଡାଲୁଅ ଧାନ ତଳି ପ୍ରସ୍ତୁତି (ଏକ ହେକ୍ଟର ଚାଷ ପାଇଁ ୨୫ ଡେସିମିଲ. ଜମିରେ ତଳି ପଡ଼େ) ପାଇଁ ତଳି କିଆରିକୁ କାଦୁଅ କରି ଶେଷ ଓଡ଼ ଚାଷ ସମୟରେ ୩୦ କି.ଗ୍ରା. ସୁପର ଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍, ୫୦ ଟୋକେଇ ସଢ଼ା ଗୋବର ଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ତଳି ପଟାଳି ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ବା ରଖନ୍ତୁ। ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ିବା ଉଚିତ। ୧୨-୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର (୧୧ କି.ଗ୍ରା. ୟୁରିଆ) ପ୍ରୟୋଗ କରନ୍ତୁ ।

## ଅଳ୍ପରେ..



➤ତରଭୁଜ ବିହନ ବିଶୋଧନ କରି ତରଭୁଜ ଲଗାନ୍ତୁ । କିସମ ଅନୁସାରେ ଧାଡ଼ିକୁ ଧାଡ଼ି ୨.୦ରୁ ୨.୫ ମିଟର ଏବଂ ମନ୍ଦାକୁ ମନ୍ଦା ୧.୫ ମିଟର ଦୂରତାରେ ଅନୁମୋଦିତ ପ୍ରଣାଳୀରେ ଲଗାନ୍ତୁ । ଶୀଘ୍ର ଗଜା ହେବା ପାଇଁ ମନ୍ଦା ଉପରେ କିଛି ପାଳ କିମ୍ବା ଖଣ୍ଡିଏ ଜରି ଘୋଡ଼ାଇ ଦିଅନ୍ତୁ । ଗଜା ବାହାରିବା ପରେ ଏଗୁଡ଼ିକୁ ହଟେଇ ଦେବା ଉଚିତ।

➤ସୋରିଷ ଚାଷ କରିଥିଲେ ଆବଶ୍ୟକତା ନେଇ ଜଳସେଚନ କରନ୍ତୁ । ଜଉପୋକ ପ୍ରତିକାର ପାଇଁ ହେକ୍ଟର ପିଛା ଇମିଡ଼ାକ୍ଲୋପ୍ରିଡ ୧୭.୮ ଏସ୍.ଏଲ୍. ୧୨୦ ମି.ଲି. ସିଞ୍ଚନ କରନ୍ତୁ। କରତିଆ ମାଛି ଲାଗିଲେ ହେକ୍ଟର ପିଛା ୧୦୦୦ ମି.ଲି. ଇକାଲକ୍ସ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

➤ଚିନାବାଦାମ ବୁଣିବାର ଦୁଇତିନି ସପ୍ତାହ ବେଳକୁ ଖୁସାଇ ଘାସ ବାଛି ଦିଅନ୍ତୁ। ଯଦି ଜିପ୍‌ସମ୍ ବୁଣିବା ସମୟରେ ଦିଆଯାଇ ନ ଥାଏ ତେବେ ଏହି ସମୟରେ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍‌କୁ ଦୁଇପାଖରେ ଦେଇ ମାଟିରେ ମିଶାଇ ଦିଅନ୍ତୁ। ୧୨ରୁ ୧୫ ଦିନ ବ୍ୟବଧାନରେ ବତର ଦେଖି ପାଣି ମଡ଼ାନ୍ତୁ । ଲାଲ୍ ଶଁବାଳୁଆ ପାଇଁ ହେକ୍ଟର ପିଛା ୧ ଲିଟର ଇକାଲକ୍ସ ବା ପ୍ରୋଫେନୋଫସ୍ ସିଞ୍ଚନ କରନ୍ତୁ ।

➤ଆମ୍ବବଉଳ ଆସିଥିଲେ ଆସିବାର ୭ ଦିନ ପରେ ୨ ମି.ଲି. ପ୍ରୋଫେନୋଫସ୍ ୧ ଲିଟର ପାଣିରେ ପତ୍ର ଓ ବଉଳରେ ଭଲଭାବରେ ସିଞ୍ଚନ କରନ୍ତୁ । ନୂତନ ବଗିଚାରେ ମାଆ ଗଛର ମୂଳରୁ ଉଠିଥିବା ଦେଶୀ କଳିକାଗୁଡ଼ିକୁ ନଷ୍ଟ କରିଦିଅନ୍ତୁ ଓ ବଉଳ ଆସିବା ପରେ ହିଁ ଜଳସେଚନ କରନ୍ତୁ ।



# ଡାଲିଜାତୀୟ ଫସଲ

**ଡା**ଲିଜାତୀୟ ଫସଲ ବୁଣିବା ସମୟରେ ହେକ୍ଟର ପ୍ରତି ୨୦ କି.ଗ୍ରା. ଗନ୍ଧକ ସାର ପ୍ରୟୋଗ କଲେ ଅମଳ ବୃଦ୍ଧି ହୋଇଥାଏ। ଏକ କି.ଗ୍ରା. ବିହନ ପିଛା ୩ ଗ୍ରାମ୍ ଥିରାମ୍ କିମ୍ବା ୨ ଗ୍ରାମ୍ କାର୍‌ବୋକ୍ସିନ୍ ସହ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ଏକର ପ୍ରତି ୧୦ କି.ଗ୍ରା. ବିହନ ପାଇଁ ୨୦୦ ଗ୍ରାମ୍ ଜୀବାଣୁ କଲ୍‌ଚର ପ୍ରୟୋଗ କରନ୍ତୁ। କଲ୍‌ଚର ପ୍ରୟୋଗର ଏକ ସପ୍ତାହ ପୂର୍ବରୁ ବିହନ ବିଶୋଧନ କରନ୍ତୁ । ବିହନ ବିଶୋଧିତ ହୋଇ ଶୁଖିଲା ପରେ ଜମିରେ ଧାଡ଼ିବୁଣା କରନ୍ତୁ । ଜମିକୁ ଭଲଭାବରେ ଚାଷ କରି ହେକ୍ଟର ପ୍ରତି ୧୦ ଶଗଡ଼ ଶଢ଼ାଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ମୁଗ, ବିରି ଓ ବୁଟ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗା. ପଟାସ୍ ଏବଂ ମଟର ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ଖାଦ୍ୟ ସାର ପ୍ରୟୋଗ କରନ୍ତୁ । ପାଇରା ଫସଲ ଭାବେ ଚାଷ କରାଯାଇଥିବା ମଟର ଏକମାସ ହୋଇଯାଇଥିଲେ ୨% ଡିଏପି କିମ୍ବା ୨% ଏନ୍-ପି-କେ (୧୯-୧୯-୧୯) ସାର ସିଞ୍ଚନ କରନ୍ତୁ । ମୁଗ, ବିରି ଆଦି ଫସଲରେ ଜଉପୋକ ଲାଗିବାର ସମ୍ଭାବନା ଅଛି । ଏହାର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧୨୫ ମି.ଲି. ଇମିଡ଼ାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. କିମ୍ବା ୧୦୦୦ ମିଲି ଡାଇମିଥୋଏଟ୍ ୩୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ମଟର ଓ ବୁଟର ଝାଉଁଳା ରୋଗର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ପାଣିରେ ୩ ଗ୍ରାମ୍ ସଲ୍‌ଫର ସେଟିଡଗୁଣ୍ଡ କିମ୍ବା ୧ ମି.ଲି. ପ୍ରୋପିକୋନାଜୋଲ ମିଶାଇ ସିଞ୍ଚନ କରନ୍ତୁ ।

**ସୂ**ର୍ଯ୍ୟମୁଖୀ ଫସଲରେ କର୍ତ୍ତକ କୀଟ, ଶଁବାଳୁଆ, ଧଳାମାଛି, ଥ୍ରୀପ୍ସ, ଜଉପୋକ, ସବୁଜ ଘୋଡ଼ାପୋକ, ଧୂଆଁପତ୍ର ଗୋଟିପୋକ, ଫୁଲବିନ୍ଧା ପୋକ, ପତ୍ରଦାଗ ରୋଗ, ମୂଳଶଢ଼ା ରୋଗ, ଝାଉଁଳା ରୋଗ, କଳଙ୍କି ରୋଗ, ନିମ୍ନମୁଖୀ ପତ୍ରପୋଡ଼ା ରୋଗ ଓ ଫୁଲଶଢ଼ା ରୋଗ ଇତ୍ୟାଦି ଦେଖାଯାଏ। ଏହାର ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ସୂର୍ଯ୍ୟମୁଖୀ ଫସଲର ଚାରିପାଖରେ ମକା, ଗାଜର, ବାଜରା ଆଦି ଫସଲ ଚାଷ କରି

# ସୂର୍ଯ୍ୟମୁଖୀ ଚାଷ ସମ୍ପର୍କରେ



ଥ୍ରୀପ୍ସ ଆକ୍ରମଣ କମାନ୍ତୁ । ସର୍ବଦା ପ୍ରମାଣିତ ବିହନ ବ୍ୟବହାର କରନ୍ତୁ । ଭଲ ଅମଳ ପାଇଁ ଖତ ଓ ମୂଳସାରକୁ ବିହନ ବୁଣିବାର ଏକ ସପ୍ତାହ ପୂର୍ବରୁ ମାଟିରେ ମିଶାନ୍ତୁ । ପ୍ରଥମ ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସ ମୁକ୍ତ ରଖନ୍ତୁ । ସକାଳ ସମୟରେ କୌଣସି କୀଟନାଶକ ବିଷ ପ୍ରୟୋଗ କରନ୍ତୁ ନାହିଁ । ଏହା ମହୁମାଛି ପାଇଁ କ୍ଷତିକାରକ । ତେଣୁ ଅପରାହ୍ନରେ ସିଞ୍ଚନ କରନ୍ତୁ । ଶୋଷକ ପୋକ ଯଥା- ଧଳାମାଛି, ଜଉପୋକ ପାଇଁ ଏକର ପ୍ରତି ଡାଇମିଥୋଏଟ୍ ୪୦୦ ମି.ଲି.କୁ ୨୦୦ ଲିଟର ହିସାବରେ ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସବୁଜ ଘୋଡ଼ାପୋକ ପାଇଁ ଏକର ପ୍ରତି କ୍ଲୋରୋପାଇରିଫସ୍ ବା ପ୍ରୋଫେନୋଫସ୍ ୪୦୦ ମି.ଲି.କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫୁଲ ଫୁଟିବା ସମୟରେ ବିଷାକ୍ତ ଔଷଧ ପ୍ରୟୋଗ କରନ୍ତୁ ନାହିଁ । ନିମ ଜାତୀୟ ଔଷଧ ପାଣିରେ ମିଶାଇ ସ୍ପ୍ରେ କରନ୍ତୁ । ୨୫ରୁ ୩୦ ଦିନ ହୋଇଥିବା ସୂର୍ଯ୍ୟମୁଖୀରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ। ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଏବଂ ସଙ୍କର କିସମ ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ।



# ପିଆଜରେ ରୋଗପୋକ ଦମନ

**ପି**ଆଜର ପତ୍ରପୋଡ଼ା ସହ ଆଞ୍ଚୁଡ଼ା ଦାଗ ଦେଖାଦେଲେ ଉକୁଣିଆ ପୋକ ଲାଗିଥିବାର ଜଣାଯାଏ। ଏହାର ଦମନ ପାଇଁ ଏକର ପ୍ରତି ୪୦୦ ମିଲି ଡାଇମେଥୋଏଟ୍ କିମ୍ବା ୫୦ ମିଲି ଇମିଡାକ୍ଲୋପ୍ରିଡ୍ ସିଞ୍ଚନ କରନ୍ତୁ। ଆଗରୁ ଲଗାଯାଇଥିବା ପିଆଜରେ ଅଲ୍‌ଟର୍‌ନାରିଆଜନିତ ପତ୍ରପୋଡା ରୋଗ ଲାଗିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ଆଗରୁ ଲଗାଇ ନ ଥିଲେ ବର୍ତ୍ତମାନ ଲଗାଇବା କାମ ଶେଷ କରନ୍ତୁ। ତଳିଗୁଡ଼ିକ ୧୨-୧୫ସେ.ମି. ଉଚ୍ଚା ହୋଇଗଲେ ସେଗୁଡ଼ିକୁ ଉପରବେଳା ଓପାଡ଼ି ଲଗାନ୍ତୁ। ଏହି ଋତୁରେ ୬-୮ ସପ୍ତାହର ଚାରା ଲଗାନ୍ତୁ। ଛୋଟ ତଳି ଲଗାଇଲେ ଗଛ ଦୁର୍ବଳ ହୁଏ ଓ ବଡ଼ ତଳି ଲଗାଇଲେ ଶୀଘ୍ର ଶଣ୍ଢା ବାହାରିଥାଏ।

## ଆଇପିଏଲ୍-୨୦୨୪

### ମିନି ଅକ୍ସନରେ ବିକ୍ରି ହୋଇଥିବା ଖେଳାଳି

| ଖେଳାଳି | ମୂଲ୍ୟ | ଦଳ |
|---|---|---|
| ରୋଭମାନ ପାୱେଲ | ୭.୪ କୋଟି | ରାଜସ୍ଥାନ ରୟାଲ୍ସ |
| ହ୍ୟାରି ବ୍ରୁକ୍ | ୪ କୋଟି | ଦିଲ୍ଲୀ କ୍ୟାପିଟାଲ୍ସ |
| ଟ୍ରାଭିସ ହେଡ୍ | ୬.୮ କୋଟି | ସନ୍‌ରାଇଜର୍ସ ହାଇଦ୍ରାବାଦ |
| ୱାନିନ୍ଦୁ ହସରଙ୍ଗା | ୧.୫ କୋଟି | ସନ୍‌ରାଇଜର୍ସ ହାଇଦ୍ରାବାଦ |
| ରାଚିନ ରବୀନ୍ଦ୍ର | ୧.୮ କୋଟି | ଚେନ୍ନାଇ ସୁପର କିଙ୍ଗ୍ସ |
| ଶାର୍ଦ୍ଦୂଳ ଠାକୁର | ୪ କୋଟି | ଚେନ୍ନାଇ ସୁପର କିଙ୍ଗ୍ସ |
| ଆଜମତୁଲ୍ଲା ଓମାରଜାଇ | ୫୦ ଲକ୍ଷ | ଗୁଜରାଟ ଟାଇଟନ୍ସ |
| ପ୍ୟାଟ୍ କୁମିନ୍ସ | ୨୦.୫୦ କୋଟି | ସନ୍‌ରାଇଜର୍ସ ହାଇଦ୍ରାବାଦ |
| ଗେରାଲ୍ଡ କୋଜି | ୫ କୋଟି | ମୁମ୍ବାଇ ଇଣ୍ଡିଆନ୍ସ |
| ହର୍ଶଲ ପଟେଲ | ୧୧.୭୫ କୋଟି | ପଞ୍ଜାବ କିଙ୍ଗ୍ସ |
| ଡାରିଲ ମିଚେଲ | ୧୪ କୋଟି | ଚେନ୍ନାଇ ସୁପର କିଙ୍ଗ୍ସ |
| କ୍ରିସ୍ ୱୋକ୍ସ | ୪.୨ କୋଟି | ପଞ୍ଜାବ କିଙ୍ଗ୍ସ |
| ଟ୍ରିଷ୍ଟନ ଷ୍ଟବ୍ସ | ୪.୨ କୋଟି | ଦିଲ୍ଲୀ କ୍ୟାପିଟାଲ୍ସ |
| କେ.ଏସ. ଭରତ | ୫୦ ଲକ୍ଷ | କୋଲକାତା ନାଇଟ ରାଇଡର୍ସ |
| ଚେତନ ସାକାରିଆ | ୫୦ ଲକ୍ଷ | କୋଲକାତା ନାଇଟ ରାଇଡର୍ସ |
| ଆଲଜାରି ଜୋସେଫ | ୧୧.୫ କୋଟି | ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର |
| ଉମେଶ ଯାଦବ | ୫.୮ କୋଟି | ଗୁଜରାଟ ଟାଇଟନ୍ସ |
| ଶିବମ ମାଭି | ୬.୪ କୋଟି | ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ |
| ମିଚେଲ ଷ୍ଟାର୍କ | ୨୪.୭୫ କୋଟି | କୋଲକାତା ନାଇଟ ରାଇଡର୍ସ |
| ଜୟଦେବ ଉନାଡକଟ୍ | ୧.୬ କୋଟି | ସନ୍‌ରାଇଜର୍ସ ହାଇଦ୍ରାବାଦ |
| ଦିଲସାନ ମଦୁଶଙ୍କା | ୪.୬ କୋଟି | ମୁମ୍ବାଇ ଇଣ୍ଡିଆନ୍ସ |
| ଶିବମ ଦୁବେ | ୫.୮ କୋଟି | ରାଜସ୍ଥାନ ରୟାଲ୍ସ |
| ସମୀର ରିଜଭି | ୮.୪ କୋଟି | ଚେନ୍ନାଇ ସୁପର କିଙ୍ଗ୍ସ |
| ଅଙ୍ଗକ୍ରିଶ ରଘୁବଂଶୀ | ୨୦ ଲକ୍ଷ | କୋଲକାତା ନାଇଟ ରାଇଡର୍ସ |
| ଅର୍ଶିନ କୁଲକର୍ନୀ | ୨୦ ଲକ୍ଷ | ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ |
| ଶାହରୁଖ ଖାଁ | ୭.୪ କୋଟି | ଗୁଜରାଟ ଟାଇଟନ୍ସ |
| ରମଣଦୀପ ସିଂ | ୨୦ ଲକ୍ଷ | କୋଲକାତା ନାଇଟ ରାଇଡର୍ସ |
| ଟମ୍ କୋଲୋର-କାଡମୋରେ | ୪୦ ଲକ୍ଷ | ରାଜସ୍ଥାନ ରୟାଲ୍ସ |
| ରିକି ଭୁଇ | ୨୦ ଲକ୍ଷ | ଦିଲ୍ଲୀ କ୍ୟାପିଟାଲ୍ସ |
| କୁମାର କୁଶାଗ୍ର | ୭.୨ କୋଟି | ଦିଲ୍ଲୀ କ୍ୟାପିଟାଲ୍ସ |
| ୟାଶ୍ ଦୟାଲ | ୫ କୋଟି | ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର |
| ସୁଶାନ୍ତ ମିଶ୍ର | ୨.୨ କୋଟି | ଗୁଜରାଟ ଟାଇଟନ୍ସ |
| ଆକାଶ ସିଂ | ୨୦ ଲକ୍ଷ | ସନ୍‌ରାଇଜର୍ସ ହାଇଦ୍ରାବାଦ |
| କାର୍ତ୍ତିକ ତ୍ୟାଗୀ | ୬୦ ଲକ୍ଷ | ଗୁଜରାଟ ଟାଇଟନ୍ସ |
| ରସିଖ ସଲାମ | ୨୦ ଲକ୍ଷ | ଦିଲ୍ଲୀ କ୍ୟାପିଟାଲ୍ସ |
| ମନଭ ସୁଥର | ୨୦ ଲକ୍ଷ | ଗୁଜରାଟ ଟାଇଟନ୍ସ |
| ମନିମାରାନ ସିଦ୍ଧାର୍ଥ | ୨.୪ କୋଟି | ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ |
| ଶ୍ରେୟାସ ଗୋପାଳ | ୨୦ ଲକ୍ଷ | ମୁମ୍ବାଇ ଇଣ୍ଡିଆନ୍ସ |
| ଶେର୍ଫାନେ ରୁଥରଫୋର୍ଡ | ୧.୫ କୋଟି | କୋଲକାତା ନାଇଟ ରାଇଡର୍ସ |
| ଟମ୍ କୁରାନ | ୧.୫ କୋଟି | ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର |
| ଡାଭିଡ ୱିଲି | ୨ କୋଟି | ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ |
| ସ୍ପେନସର ଜନସନ | ୧୦ କୋଟି | ଗୁଜରାଟ ଟାଇଟନ୍ସ |
| ମୁସ୍ତାଫିଜୁର ରହମନ | ୨ କୋଟି | ଚେନ୍ନାଇ ସୁପର କିଙ୍ଗ୍ସ |
| ଝେ ରିଚାର୍ଡଶନ | ୫ କୋଟି | ଦିଲ୍ଲୀ କ୍ୟାପିଟାଲ୍ସ |
| ନୁଆନ ଥୁଶାରା | ୪.୮ କୋଟି | ମୁମ୍ବାଇ ଇଣ୍ଡିଆନ୍ସ |
| ନମନ ଧିର | ୨୦ ଲକ୍ଷ | ମୁମ୍ବାଇ ଇଣ୍ଡିଆନ୍ସ |
| ଅନ୍‌ସୁଲ କାମ୍ବୋଜ | ୨୦ ଲକ୍ଷ | ମୁମ୍ବାଇ ଇଣ୍ଡିଆନ୍ସ |
| ସୁମିତ କୁମାର | ୧ କୋଟି | ଦିଲ୍ଲୀ କ୍ୟାପିଟାଲ୍ସ |
| ଆଶୁତୋଷ ଶର୍ମା | ୨୦ ଲକ୍ଷ | ପଞ୍ଜାବ କିଙ୍ଗ୍ସ |
| ବିଶ୍ୱନାଥ ସିଂ | ୨୦ ଲକ୍ଷ | ପଞ୍ଜାବ କିଙ୍ଗ୍ସ |
| ଶଶାଙ୍କ ସିଂ | ୨୦ ଲକ୍ଷ | ପଞ୍ଜାବ କିଙ୍ଗ୍ସ |
| ତନୟ ତ୍ୟାଗରାଜନ | ୨୦ ଲକ୍ଷ | ପଞ୍ଜାବ କିଙ୍ଗ୍ସ |
| ରବିନ ମିଞ୍ଜ୍ | ୩.୬ କୋଟି | ଗୁଜରାଟ ଟାଇଟନ୍ସ |
| ପ୍ରିନ୍ସ ଚୌଧାରୀ | ୨୦ ଲକ୍ଷ | ପଞ୍ଜାବ କିଙ୍ଗ୍ସ |
| ଝଥବେଦ ସୁବ୍ରମଣ୍ୟନ | ୨୦ ଲକ୍ଷ | ସନ୍‌ରାଇଜର୍ସ ହାଇଦ୍ରାବାଦ |
| ମନୀଷ ପାଣ୍ଡେ | ୫୦ ଲକ୍ଷ | କୋଲକାତା ନାଇଟ ରାଇଡର୍ସ |
| ରିଲି ରୋସୋ | ୮ କୋଟି | ପଞ୍ଜାବ କିଙ୍ଗ୍ସ |
| ଲୋକି ଫର୍ଗୁସନ | ୨ କୋଟି | ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର |
| ମୁଜିବ ଉର୍ ରହମନ | ୨ କୋଟି | କୋଲକାତା ନାଇଟ ରାଇଡର୍ସ |
| ମହମ୍ମଦ ଅର୍ଶଦ ଖାଁ | ୨୦ ଲକ୍ଷ | ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ |
| ମହମ୍ମଦ ନବି | ୧.୫ କୋଟି | ମୁମ୍ବାଇ ଇଣ୍ଡିଆନ୍ସ |
| ଶାଇ ହୋପ୍ | ୭୫ ଲକ୍ଷ | ଦିଲ୍ଲୀ କ୍ୟାପିଟାଲ୍ସ |
| ଗୁସ ଆଟକିନସନ | ୧ କୋଟି | କୋଲକାତା ନାଇଟ ରାଇଡର୍ସ |

# ଜୋର୍ଜିଙ୍କ ଶତକରେ ଦକ୍ଷିଣ ଆଫ୍ରିକା ବିଜୟୀ



ଅର୍ଦ୍ଧଶତକ ହାସଲକାରୀ ଲୋକେଶ ରାହୁଲ ଓ ସାଇ ସୁଦର୍ଶନ।

**ଜିକ୍ବେବେରା, ୧୯।୧୨**

ଟୋନି ଡି ଜୋର୍ଜିଙ୍କ ଶତକ ବଳରେ ଦକ୍ଷିଣ ଆଫ୍ରିକା ମଙ୍ଗଳବାର ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତକୁ ୮ ଉଇକେଟରେ ପରାସ୍ତ କରିଛି। ଭାରତ ୪୬.୨ ଓଭରରେ ୨୧୧ ରନକରି ଅଲ୍‌ଆଉଟ ହୋଇଥିବାବେଳେ ଦକ୍ଷିଣ ଆଫ୍ରିକା ୪୨.୩ ଓଭରରେ ୨ ଉଇକେଟ ହରାଇ ୨୧୫ ରନ ସଂଗ୍ରହ କରି ନେଇଥିଲା। କ୍ୟାରିୟରର ପ୍ରଥମ ଦିନିକିଆ ଶତକ ହାସଲ କରିଥିବା ଜୋର୍ଜି ୧୨୨ ବଲ୍‌ରୁ ୧୧୯ (୯ ଚୌକା, ୬ ଛକା) ରନକରି ଅପରାଜିତ ରହିଥିଲେ। ରିଜା ହେଣ୍ଡ୍ରିକ୍ସ ୫୨ ଓ ରସି ଭାନ୍ ଡର୍ ଡୁସେନ ୩୬ ରନକରି ଆଉଟ ହୋଇଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ଅର୍ଶଦୀପ ସିଂ ଓ ଡେବ୍ୟୁ ମ୍ୟାଚ ଖେଳିଥିବା ରିଙ୍କୁ ସିଂ ଗୋଟିଏ ଲେଖାଏ ଉଇକେଟ ପାଇଥିଲେ। ଭାରତ ପ୍ରଥମ ଦିନିକିଆରେ ବିଜୟୀ ହୋଇଥିବାରୁ ୩ ମ୍ୟାଚ ବିଶିଷ୍ଟ ସିରିଜ ଏବେ ୧-୧ ସ୍ଥିତିରେ ପହଞ୍ଚିଛି।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ଋତୁରାଜ ଗାଏକ୍ୱାଡ ଓ ତିଳକ ବର୍ମାଙ୍କ ଉଇକେଟ ଶୀଘ୍ର ହରାଇଥିଲା। ସାଇ ସୁଦର୍ଶନ ଓ ଅଧିନାୟକ ଲୋକେଶ ରାହୁଲ ସତର୍କତାର ସହ ବ୍ୟାଟିଂ କରି ଇନିଂସ ସମ୍ଭାଳିଥିଲେ। ମାତ୍ର ଏହି ଯୋଡ଼ି ଭାଙ୍ଗିବାପରେ ଭାରତ ଇନିଂସ ହଡ଼ବଡ଼େଇ ଯାଇଥିଲା। ତୃତୀୟ ଉଇକେଟରେ ୬୮ ରନର ଭାଗୀଦାରି ପରେ ସାଇ ସୁଦର୍ଶନ ଆଉଟ ହୋଇଥିଲେ। ସେ ୭ ଚୌକା ଓ ୧ ଛକା ସହାୟତାରେ ସର୍ବାଧିକ ୬୨ ରନ କରିଥିଲେ। ସଞ୍ଜୁ ସାମସନ (୧୨ ରନ) ଫେଲ୍ ମାରିଥିବାବେଳେ ଅର୍ଦ୍ଧଶତକ ହାସଲକାରୀ ଲୋକେଶ ରାହୁଲ ଆଉଟ ହେବା ଭାରତକୁ ଶକ୍ତ ଧକ୍କା ପହଞ୍ଚାଇଥିଲା। ରାହୁଲ ୫୬ (୭ ଚୌକା) ରନ ସ୍କୋର କରିଥିଲେ। ପରେ ଟି୨୦ ହିରୋ ରିଙ୍କୁ ସିଂ ମାତ୍ର ୧୭ ଓ ଅକ୍ଷର ପଟେଲ ୭ ରନ କରି ଆଉଟ ହେବାରୁ ଭାରତର ୫୦ ଓଭର ତିଷ୍ଠିବା ଅସମ୍ଭବ ହୋଇପଡ଼ିଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ନାନ୍ଦ୍ରେ ବର୍ଗର ସର୍ବାଧିକ ୩ଟି, ବେଉରନ ହେଣ୍ଡ୍ରିକ୍ସ ଓ କେଶବ ମହାରାଜ ୨ଟି ଲେଖାଏ ଏବଂ ଲିଜାଡ ୱିଲିୟମ୍ସ ଓ ଏଡେନ ମାରକ୍ରମ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୪୬.୨ ଓଭରରେ ୨୧୧/ଅଲ୍‌ଆଉଟ (ସାଇ ସୁଦର୍ଶନ-୬୨, ଲୋକେଶ ରାହୁଲ-୫୬, ନାନ୍ଦ୍ରେ ବର୍ଗର-୩/୩୦, ବେଉରନ ହେଣ୍ଡ୍ରିକ୍ସ-୨/୩୪, କେଶବ ମହାରାଜ-୨/୫୧, ଲିଜାଡ ୱିଲିୟମ୍ସ-୧/୪୯, ଏଡେନ ମାରକ୍ରମ-୧/୨୮)। ଦକ୍ଷିଣ ଆଫ୍ରିକା ୪୨.୩ ଓଭରରେ ୨୧୫/୨ (ଟୋନି ଡି ଜୋର୍ଜି-୧୧୯*, ରିଜା ହେଣ୍ଡ୍ରିକ୍ସ-୫୨, ରସି ଭାନ୍ ଡର୍ ଡୁସେନ-୩୬, ଅର୍ଶଦୀପ ସିଂ-୧/୨୮, ରିଙ୍କୁ ସିଂ-୧/୨)।


ଶଟ୍ ଖେଳିବା ଅବସରରେ ଦକ୍ଷିଣ ଆଫ୍ରିକାର ଟୋନି ଡି ଜୋର୍ଜି।


ଆଇପିଏଲ୍ ଇତିହାସରେ ପ୍ରଥମ ମହିଳା ଅକ୍ସନର ମଲିକା ସାଗର।

## ପନ୍ତଙ୍କୁ ଆଉ କିଛି ମାସ ଲାଗିବ

**ଦୁବାଇ, ୧୯।୧୨ (ପି.ଟି.)**

ପ୍ରତିଯୋଗିତାମୂଳକ କ୍ରିକେଟ ଖେଳିବା ଲାଗି ଶତ ପ୍ରତିଶତ ଫିଟ୍ ହେବାକୁ ରିଷଭ ପନ୍ତଙ୍କୁ ଆଉ କିଛି ମାସ ସମୟ ଲାଗିବ। ରିହାବିଲିଟେଶନ ସମୟରେ ସେ ଯେଉଁ ସ୍ନେହ ଓ ସମର୍ଥନ ପାଇଛନ୍ତି ତାହାର ସେ ପ୍ରଶଂସା କରିଛନ୍ତି। ଗତବର୍ଷ ଏକ କାର୍ ଦୁର୍ଘଟଣାରେ ପନ୍ତ ଗୁରୁତର ଆହତ ହୋଇଥିଲେ। ତାଙ୍କ ଆଣ୍ଠୁରେ ଅସ୍ତ୍ରୋପଚାର ପରେ ସେ ପୂରା ୨୦୨୩ରେ କ୍ରିକେଟ ଖେଳିନାହାନ୍ତି। ସେ କ୍ରମେ ସୁସ୍ଥ ହେବାରେ ଲାଗିଛନ୍ତି। ଆଉ କିଛି ମାସ ମଧ୍ୟରେ ସମ୍ପୂର୍ଣ୍ଣ ଫିଟ୍ ହୋଇଯିବେ ବୋଲି ସେ ଆଶାବାଦୀ ଅଛନ୍ତି। ଦିଲ୍ଲୀ କ୍ୟାପିଟାଲ୍ସ ଏହାର ଇନ୍‌ଷ୍ଟାଗ୍ରାମ୍ ପେଜ୍‌ରେ ପୋଷ୍ଟ କରିଥିବା ଏକ ଭିଡିଓରେ ପନ୍ତ ଏକଥା କହିଛନ୍ତି। ମଙ୍ଗଳବାର ଏଠାରେ ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ର ମିନି ନିଲାମି ବେଳେ ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ପନ୍ତଙ୍କ ବ୍ୟତୀତ ଟିମ୍ ନିର୍ଦ୍ଦେଶକ ସୌରଭ ଗାଙ୍ଗୁଲି ଏବଂ ମୁଖ୍ୟ କୋଚ୍ ରିକି ପଣ୍ଟିଂ ପ୍ରମୁଖ ଉପସ୍ଥିତ ଥିଲେ। ଏକାଧିକ ଇଞ୍ଜୁରୀର ଶିକାର ହୋଇଥିବା ୨୬ ବର୍ଷୀୟ ପନ୍ତ ବର୍ତ୍ତମାନ ବେଙ୍ଗାଲୁରୁସ୍ଥିତ ନ୍ୟାଶନାଲ କ୍ରିକେଟ ଏକାଡେମୀରେ ରିହାବିଲିଟେଶନରେ ଅଛନ୍ତି। ତେବେ ଆସନ୍ତା ମାର୍ଚ୍ଚ ୨୨ରେ ଆଇପିଏଲ୍ ଆରମ୍ଭ ବେଳକୁ ସେ ଠିକ୍ ହୋଇଯାଇଥିବେ ବୋଲି ଆଶା କରାଯାଉଛି।

### ଆଇପିଏଲ୍ ଇତିହାସରେ ଦାମୀ ୧୦ ଖେଳାଳି

| ଖେଳାଳି | ଦେଶ | ଦଳ | ମୂଲ୍ୟ | ସିଜନ |
|---|---|---|---|---|
| ମିଚେଲ ଷ୍ଟାର୍କ | ଅଷ୍ଟ୍ରେଲିଆ | କୋଲକାତା | ୨୪.୭୫ କୋଟି | ୨୦୨୪ |
| ପ୍ୟାଟ୍ କୁମିନ୍ସ | ଅଷ୍ଟ୍ରେଲିଆ | ହାଇଦ୍ରାବାଦ | ୨୦.୫୦ କୋଟି | ୨୦୨୪ |
| ସାମ୍ କୁରାନ | ଇଂଲଣ୍ଡ | ପଞ୍ଜାବ | ୧୮.୫୦ କୋଟି | ୨୦୨୩ |
| କାମେରନ ଗ୍ରୀନ୍ | ଅଷ୍ଟ୍ରେଲିଆ | ମୁମ୍ବାଇ | ୧୭.୫୦ କୋଟି | ୨୦୨୩ |
| ବେନ୍ ଷ୍ଟୋକ୍ସ | ଇଂଲଣ୍ଡ | ଚେନ୍ନାଇ | ୧୬.୨୫ କୋଟି | ୨୦୨୩ |
| କ୍ରିସ୍ ମୋରିସ | ଦ.ଆଫ୍ରିକା | ରାଜସ୍ଥାନ | ୧୬.୨୫ କୋଟି | ୨୦୨୧ |
| ନିକୋଲସ ପୁରନ | ୱେଷ୍ଟଇଣ୍ଡିଜ | ଲକ୍ଷ୍ନୌ | ୧୬ କୋଟି | ୨୦୨୩ |
| ଯୁବରାଜ ସିଂ | ଭାରତ | ଦିଲ୍ଲୀ | ୧୬ କୋଟି | ୨୦୧୫ |
| ପ୍ୟାଟ୍ କୁମିନ୍ସ | ଅଷ୍ଟ୍ରେଲିଆ | କୋଲକାତା | ୧୫.୫୦ କୋଟି | ୨୦୨୦ |
| ଇଶାନ କିଶନ | ଭାରତ | ମୁମ୍ବାଇ | ୧୫.୨୫ କୋଟି | ୨୦୨୨ |

## ଭାରତର କ୍ରମାଗତ ୩ୟ ପରାଜୟ

**ଭାଲେନ୍‌ସିଆ, ୧୯।୧୨ (ପି.ଟି.):** ପଞ୍ଚରାଷ୍ଟ୍ରୀୟ ପୁରୁଷ ହକି ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଦଳର ଖରାପ ପ୍ରଦର୍ଶନ ଜାରି ରହିଛି। ଏଠାରେ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଭାରତ ୨-୩ ଗୋଲ୍‌ରେ ଜର୍ମାନୀଠାରୁ ହାରିଯାଇଛି। ଏହି ମ୍ୟାଚର ପ୍ରଥମ କ୍ୱାର୍ଟରେ ଖେଳରେ ଅଭିଷେକ (୯ମ ମିନିଟ) ଓ ସମଶେର ସିଂ (୧୪ତମ) ପଛକୁ ପଛ ଗୋଲ ସ୍କୋର କର ଭାରତକୁ ପ୍ରଥମେ ୨-୦ରେ ଅଗ୍ରଣୀ କରାଇଥିଲେ। ମାତ୍ର ପରେ ଜର୍ମାନୀ ଦୃଢ ପ୍ରତ୍ୟାବର୍ତ୍ତନ ସହ ମାଲ୍‌ଟେ ହେଲ୍‌ୱିଗ (୨୮ତମ), ଖ୍ରିଷ୍ଟୋଫର ରୁର୍ (୫୦ତମ) ଓ ଗୋଞ୍ଜାଲୋ ପିଲାଟ (୫୧ତମ ମିନିଟ) ଗୋଟିଏ ଲେଖାଏଁ ଗୋଲ ସ୍କୋର କରି ସେମାନଙ୍କ ଦଳକୁ ଜିତାଇଥିଲେ। ଭାରତ ପୂର୍ବରୁ ଯଥାକ୍ରମେ ସ୍ପେନ (୦-୧) ଏବଂ ବେଲଜିୟମ (୨-୭)ଠାରୁ ପରାଜିତ ହୋଇ ସାରିଛି। ଭାରତ ବୁଧବାର ଏହାର ପରବର୍ତ୍ତୀ ମ୍ୟାଚ ଫ୍ରାନ୍ସ ବିପକ୍ଷରେ ଖେଳିବ।

## ଷ୍ଟାର୍କଙ୍କ ଉପରେ ଚାପ

**ନୂଆଦିଲ୍ଲୀ, ୧୯।୧୨ (ପି.ଟି.)**

ଆଇପିଏଲ୍ ନିଲାମିରେ ସେ ୨୪.୭୫ କୋଟି ଟଙ୍କାରେ ବିକ୍ରି ହେବେ ବୋଲି ସେ ସ୍ୱପ୍ନରେ ସୁଦ୍ଧା କେବେ ଭାବି ନ ଥିଲେ ବୋଲି କହିଛନ୍ତି ଅଷ୍ଟ୍ରେଲୀୟ ପେସ୍ ବୋଲର ମିଚେଲ ଷ୍ଟାର୍କ। ବହୁ ମୂଲ୍ୟରେ ବିକ୍ରି ହୋଇଥିବାରୁ ଅବଶ୍ୟ ସେ କିଛିଟା ଚାପରେ ରହିବେ ବୋଲି କହିଛନ୍ତି। ଆଇପିଏଲ୍ ଇତିହାସରେ ଷ୍ଟାର୍କ ସବୁଠାରୁ ଦାମି ଖେଳାଳି ବିବେଚିତ ହୋଇଛନ୍ତି। ନିଲାମ ବେଳେ ଏହି ୩୩ବର୍ଷୀୟ ଖେଳାଳିଙ୍କୁ ସେମାନଙ୍କ ଦଳରେ ନେବା ଲାଗି କୋଲକାତା ନାଇଟ ରାଇଡର୍ସ (କେକେଆର) ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଷ୍ଟାର୍କ କହିଛନ୍ତି, ଗତ ଆଇପିଏଲ୍‌ରୁ ସେ ଅତିରିକ୍ତ ଅଭିଜ୍ଞତା ହାସଲ କରିଛନ୍ତି। ଏହା ତାଙ୍କ ପାଇଁ ସହାୟକ ହେବ ବୋଲି ସେ ମନେ କରୁଛନ୍ତି। ପୂର୍ବରୁ ତାଙ୍କର କିଛି ଉତ୍ଥାନ ଓ ପତନ ରହିଆସିଛି। ଆଇପିଏଲ୍‌ରେ ସେ ଯଥା ସମ୍ଭବ ପ୍ରଭାବୀ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି। ୩୩ ବର୍ଷୀୟ ବାମହାତୀ ଖେଳାଳି କହିଛନ୍ତି, ସମସ୍ତ ଫର୍ମାଟରେ ତାଙ୍କ ଗେମ୍‌ପ୍ଲାନରେ ବିଶେଷ କିଛି ପରିବର୍ତ୍ତନ କରି ନାହାନ୍ତି। ତାଙ୍କର ଏବେ ମଧ୍ୟ ଖୁବ୍ ଆବଶ୍ୟକତା ରହିଛି ବୋଲି ସେ ଅନୁଭବ କରୁଛନ୍ତି। ତାଙ୍କ




ନିକଟରେ ରହିଥିବା ପ୍ରଚୁର ଅଭିଜ୍ଞତା ଭଲ ପ୍ରଦର୍ଶନରେ ସହାୟକ ହେବ ବୋଲି ସେ ମନେ କରୁଛନ୍ତି। ଷ୍ଟାର୍କଙ୍କ ଅଷ୍ଟ୍ରେଲୀୟ ଟିମ୍‌ମେଟ ପ୍ୟାଟ କୁମିନ୍ସଙ୍କୁ ସନରାଇଜର୍ସ ହାଇଦ୍ରାବାଦ ତାଙ୍କଠାରୁ ୪.୨୫ କୋଟି ଟଙ୍କା କମ୍ ମୂଲ୍ୟ ଅର୍ଥାତ ୨୦.୫୦ କୋଟି ଟଙ୍କାରେ କ୍ରୟ କରିଛି।

# କିଟ୍-କିସ୍‌ରେ ମେଗା ସ୍ପୋର୍ଟ୍ସ ଫେଷ୍ଟିଭାଲ




**ଭୁବନେଶ୍ୱର, ୧୯।୧୨**
**(ବିଜୟ ରଣା)**

କିଟ୍ ଓ କିସ୍‌ରେ ଅନ୍ତର୍ଜାତୀୟ ମାନର ଭିତ୍ତିଭୂମି ରହିଥିବାରୁ ଏହା ପରିସରରେ ବିଭିନ୍ନ ପ୍ରକାର ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ଇଭେଣ୍ଟ ଆୟୋଜିତ ହୋଇ ଆସୁଛି। ପ୍ରତିବର୍ଷ ଗ୍ରୀଷ୍ମଋତୁରେ କ୍ରୀଡ଼ା ଇଭେଣ୍ଟଗୁଡ଼ିକରେ ଭାଗ ନେବା ଲାଗି ସମଗ୍ର ଦେଶରୁ କ୍ରୀଡ଼ାବିତ୍‌ମାନେ କିଟ୍/କିସ୍‌କୁ ଆସିଥାନ୍ତି। ଚଳିତ ବର୍ଷ ୧୫,୦୦୦ ଖେଳାଳି ଅଂଶଗ୍ରହଣ କରିବେ। କାର୍ଯ୍ୟସୂଚୀ ଅନୁସାରେ କିଟ୍‌ରେ ଉତ୍ତରପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଯୋଗାସନ (ପୁରୁଷ ଓ ମହିଳା) ଚାମ୍ପିୟନଶିପ୍ ଚଳିତମାସ ୨୧ରୁ ୨୩ ପର୍ଯ୍ୟନ୍ତ ହେବ। ଉତ୍ତର/ପୂର୍ବ/ ପଶ୍ଚିମାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥଲେଟିକ୍ସ (ପୁରୁଷ ଚାମ୍ପିୟନଶିପ୍ ଆସନ୍ତା ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ହେବ। ସର୍ବ ଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥଲେଟିକ୍ସ (ମହିଳା) ଚାମ୍ପିୟନଶିପ୍ ମଧ୍ୟ ୨୬ରୁ ୨୯ ପର୍ଯ୍ୟନ୍ତ ହେବ। ସେହିପରି କିସ୍‌ରେ ୨୧ରୁ ୨୩ ପର୍ଯ୍ୟନ୍ତ ଉତ୍ତର ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ସୁଇମିଂ (ପୁରୁଷ ଓ ମହିଳା) ପ୍ରତିଯୋଗିତା ହେବ। ସେହିପରି ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ (ମହିଳା) ଚାମ୍ପିୟନଶିପ୍ ଆସନ୍ତା ବର୍ଷ ଜାନୁୟାରୀ ୪ ରୁ ୭ ତାରିଖ ପର୍ଯ୍ୟନ୍ତ ହେବ। ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃଜୋନ୍ ଭଲିବଲ (ମହିଳା) ଚାମ୍ପିୟନଶିପ୍ ୨୦୨୪ ଜାନୁୟାରୀ ୯ରୁ ୧୩ ପର୍ଯ୍ୟନ୍ତ ହେବ। ଜାତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ୮୫୦ରୁ ଊର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟର ୧୩,୦୦୦ରୁ ଅଧିକ ପ୍ରତିଯୋଗୀ ଭାଗ ନେବେ। ସେହିପରି ୬୭ତମ ଜାତୀୟ ସ୍କୁଲ କ୍ରୀଡ଼ା ୨୦୨୩ରେ ପ୍ରାୟ ୨,୦୦୦ ଖେଳାଳି ଅଂଶଗ୍ରହଣ କରିବେ।

## ପିତାଙ୍କ ମୁହଁରେ ହସ ଫୁଟାଇଲେ ରିଜ୍‌ଭି

**ବେଙ୍ଗାଲୁରୁ, ୧୯।୧୨ (ପି.ଟି.)**

ପୀଡ଼ିତ ପିତାଙ୍କ ମୁହଁରେ ହସ ଫେରାଇ ଆଣିଛନ୍ତି ଉତ୍ତର ପ୍ରଦେଶର ୨୦ ବର୍ଷୀୟ ବ୍ୟାଟର ସମୀର ରିଜ୍‌ଭୀ। ମଙ୍ଗଳବାର ଅନୁଷ୍ଠିତ ଆଇପିଏଲ୍ ନିଲାମିରେ ଚେନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ତାଙ୍କୁ ୮.୪୦କୋଟି ଟଙ୍କାରେ କ୍ରୟ କରିଛି। ତାଙ୍କୁ ନେବା ଲାଗି ଗୁଜରାଟ ଟାଇଟନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ସହିତ ସିଏସ୍‌କେକୁ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ପିତାଙ୍କ ଦୁର୍ବଳ ସ୍ୱାସ୍ଥ୍ୟ ଯୋଗୁ ବର୍ତ୍ତମାନ ସେ କାର୍ଯ୍ୟ କରିବା ଲାଗି ଅକ୍ଷମ। ବର୍ତ୍ତମାନ ସେ ଆବଶ୍ୟକ ଡାକ୍ତରୀ ଚିକିତ୍ସା କରାଇ ପିତାଙ୍କ ମୁହଁରେ ହସ ଫେରି ଆଣିପାରିବେ। ରିଜଭିଙ୍କ ନିଲାମିକୁ ନେଇ ତାଙ୍କ ମାମୁଁ ତନକିଭ ଅଖତର ଖୁସିରେ ଆତ୍ମହରା ହୋଇ ପଡ଼ିଥିଲେ। ନିଲାମିରେ କୌଣସି ନା କୌଣସି ଦଳ ରିଜଭିଙ୍କୁ ସେମାନଙ୍କ ଦଳରେ ନେବେ ବୋଲି ସେମାନେ ଆଶା କରୁଥିଲେ। କିନ୍ତୁ ଏତେ ମୂଲ୍ୟରେ ପୁଣି ସିଏସ୍‌କେ କ୍ରୟ କରିବ ଏହା ସେମାନଙ୍କ କଳ୍ପନା ବାହାରେ ଥିଲା। ସୂଚନାଯୋଗ୍ୟ, ୟୁପି ଟି୨୦ ଲିଗ୍‌ରେ କାନପୁର ସୁପର ଷ୍ଟାର ଦଳ ତରଫରୁ ଖେଳୁଥିବା ବେଳେ ରିଜ୍‌ଭି ପ୍ରଥମ ଥର ଆଇପିଏଲ ଟ୍ୟାଲେଣ୍ଟର ନଜରକୁ ଆସିଥିଲେ। ଏଥିରେ ସେ ୯ଟି ମ୍ୟାଚରେ ମୋଟ ୪୫୫ ରନ ସଂଗ୍ରହ କରିଥିଲେ। ତନ୍ମଧ୍ୟରେ ତାଙ୍କର ୪୭ ବଲ୍‌ରୁ ଟୁର୍ଣ୍ଣାମେଣ୍ଟର ଦ୍ରୁତତମ ଶତକ ରହିଥିଲା। ରିଜ୍‌ଭି ରାଜ୍ୟ ୨୩ ବର୍ଷରୁ କମ୍ ଟୁର୍ଣ୍ଣାମେଣ୍ଟ ଖେଳି ୭ମ୍ୟାଚରୁ ୪୫୪ ରନ ସଂଗ୍ରହ କରିଥିଲେ। ରିଜ୍‌ଭି ତାଙ୍କର ଅଧିକାଂଶ ରନ ଚୌକା ଓ ଛକା ଜରିଆରେ ସଂଗ୍ରହ କରିଥାନ୍ତି। ସେହି ସବୁ ଟୁର୍ଣ୍ଣାମେଣ୍ଟଗୁଡ଼ିକରେ ସେ ମୋଟ ୭୨ ଛକା ମାରି ସାରିଛନ୍ତି। ଏହା ହେଉଛି ତାଙ୍କର ସ୍ୱାଭାବିକ ଖେଳ। ୟୁପି ଟି୨୦ ଲିଗ୍ ସମୟରେ ସେ ନୀତୀଶ ରାଣା ଓ ରିଙ୍କୁ ସିଂଙ୍କ ସହିତ ବାର୍ତ୍ତାଳାପ କରିଛନ୍ତି। ସେମାନେ ସ୍ୱାଭାବିକ ଗେମ୍ ଖେଳିବା ଲାଗି କହିଥିବା ଅଖତର କହିଥିଲେ। ଅନ୍ୟପକ୍ଷରେ ରିଜ୍‌ଭି କହିଛନ୍ତି ୪-୫ ଜଣ ବିକ୍ରି ନ ହୋଇପାରିବା ପରେ ଯେତେବେଳେ ତାଙ୍କ ନାମ ନିଲାମ ପାଇଁ ଡକାଗଲା ସେ ନର୍ଭସ ହୋଇପଡ଼ିଥିଲେ। ବହୁ ମୂଲ୍ୟରେ ବ୍ରିକି ହୋଇଥିବା ଅନ୍ୟଜଣେ ବିସ୍ଫୋରକ ବ୍ୟାଟର ହେଲେ କୁମାର ସୁଶାଗ୍ରା। ଏହି ୨୦ ବର୍ଷୀୟ ଖେଳାଳିଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସ ୭.୨୦ କୋଟି ଟଙ୍କାରେ କ୍ରୟ କରିଛି।

## 'କୁମିନ୍ସଙ୍କୁ ୨୦କୋଟି ଅପ୍ରତ୍ୟାଶିତ'

**ନୂଆଦିଲ୍ଲୀ, ୧୯।୧୨(ପି.ଟି.)**

ଆଇପିଏଲ୍ ନିଲାମିରେ ଅଷ୍ଟ୍ରେଲିଆର ବିଶ୍ୱକପ୍ ବିଜୟୀ ଅଧିନାୟକ ପ୍ୟାଟ କୁମିନ୍ସ ୨୦.୫ କୋଟି ଟଙ୍କାରେ ବିକ୍ରି ହେବା ଅପ୍ରତ୍ୟାଶିତ ବୋଲି ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ଅନିଲ କୁମ୍ବଲେ ପ୍ରକାଶ କରିଛନ୍ତି। କୁମିନ୍ସ ହେଉଛନ୍ତି ଜଣେ ଫାଷ୍ଟ ବୋଲିଂ ଅଲରାଉଣ୍ଡର। ତାଙ୍କୁ ଦଳରେ ନେବା ଲାଗି ମୁମ୍ବାଇ ଇଣ୍ଡିଆନ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ ଚେନ୍ନାଇ ସୁପର କିଙ୍ଗ୍ସ ସହିତ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ପରେ ସନରାଇଜର୍ସ ହାଇଦ୍ରାବାଦ(ଏସ୍‌ଆର୍‌ଏଚ୍) କୁମିନ୍ସଙ୍କୁ କ୍ରୟ କରିଥିଲା। କୁମିନ୍ସ


ପ୍ୟାଟ କୁମିନ୍ସ

ଏତେ ଟଙ୍କାରେ ବିକ୍ରି ହେବେ ବୋଲି କେହି ଆଶା କରି ନ ଥିବେ ବୋଲି କୁମ୍ବଲେ ଏକ ସାକ୍ଷାତ୍‌କାରରେ କହିଛନ୍ତି। ଏସ୍‌ଆର୍‌ଏଚ୍ ସମ୍ଭବତଃ ଜଣେ ଦୀର୍ଘ ମିଆଦୀ ଅଧିନାୟକଙ୍କ ସନ୍ଧାନରେ ରହିଛି। ବୋଧହୁଏ ସେଥିପାଇଁ କୁମିନ୍ସଙ୍କୁ ଏତେ ଟଙ୍କାରେ କ୍ରୟ କରିଛି। ଇଂଲଣ୍ଡ ବିଶ୍ୱକପ୍ ବିଜୟୀ ଅଧିନାୟକ ଇଅନ ମୋର୍ଗାନଙ୍କ ଦୃଷ୍ଟିରେ କୁମିନ୍ସଙ୍କ ସଫଳ ନେତୃତ୍ୱରେ ଅଷ୍ଟ୍ରେଲିଆ ଭଲ ପ୍ରଦର୍ଶନ କରିଆସୁଛି। ତାଙ୍କ ଅଧିନାୟକତ୍ୱରେ ଅଷ୍ଟ୍ରେଲିଆ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଏବଂ ନିକଟରେ ଦିନିକିଆ ବିଶ୍ୱକପ୍ ଜିତିପାରିଛି। ଚତୁର ବୋଲିଂ କରିବା ସହ ଦଳକୁ ଠିକଣା ନେତୃତ୍ୱ ଦେଇପାରୁଛନ୍ତି। ବର୍ତ୍ତମାନର ଫର୍ମ ଓ ଦୃଢ ଆତ୍ମବିଶ୍ୱାସ ପାଇଁ ଆଇପିଏଲ୍ ନିଲାମିରେ ତାଙ୍କର ଚାହିଦା ଦେଖିବାକୁ ମିଳିଛି ବୋଲି ମୋର୍ଗାନ କହିଛନ୍ତି।

ଧରିତ୍ରୀ
DHARITRI
50 Years
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଡିସେମ୍ବର ୨୦/୨୦୨୩ Bhubaneswar, Wednesday, December 20/ 2023

# କ୍ଲବ-୭୩ ସୁବର୍ଣ୍ଣ ଜୟନ୍ତୀ ଫୁଟ୍‌ବଲ ୨୬ରୁ

## ଭାଗନେବେ ୮ ଦଳ, ବିଜେତାଙ୍କୁ ୧ ଲକ୍ଷ

ଭୁବନେଶ୍ୱର, ୧୯।୧୨

(ତପନ ସ୍ୱାଇଁ)

ରାଜ୍ୟର ଅନ୍ୟତମ ପୁରାତନ ଏବଂ ପ୍ରତିଷ୍ଠିତ କ୍ଲବ-୭୩ ୫୦ ବର୍ଷରେ ପଦାର୍ପଣ କରିଛି। ଏହାର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ କ୍ଲବ ଆନୁକୂଲ୍ୟରେ ଏକ ଅଲ୍ ଓଡ଼ିଶା ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏହା ଚଳିତ ମାସ ୨୬ରେ ଆରମ୍ଭ ହୋଇ ୨୯ ତାରିଖରେ ଶେଷ ହେବ। ଏଥିରେ ରାଜ୍ୟର ପ୍ରତିଷ୍ଠିତ ୮ଟି ଦଳ ଅଂଶଗ୍ରହଣ କରିବେ। ଏହି ଦଳଗୁଡ଼ିକ ହେଲେ କଟକର ରାଇଜିଂ ଷ୍ଟୁଡେଣ୍ଟ, ଇଣ୍ଡିପେଣ୍ଡେଣ୍ଟ ଓ ସନ୍‌ରାଇଜ, ଭୁବନେଶ୍ୱରର କିଶୋର କ୍ଲବ, ୟୁନିଟ-୬ ଓ କିଟ୍ ଏବଂ ସମ୍ବଲପୁର ଫୁଟବଲ ଏକାଡେମୀ ଓ ଫୁଲବାଣୀ ଫୁଟ୍‌ବଲ କ୍ଲବ। ପ୍ରତିଯୋଗିତାର ସମସ୍ତ ମ୍ୟାଚ ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଅନୁଷ୍ଠିତ ହେବ। ପ୍ରଥମ ୩ ଦିନରେ ୨ଟି ଲେଖାଏ ମ୍ୟାଚ ନକ୍‌ଆଉଟ ଭିତ୍ତିରେ ଖେଳାଯିବ। ପ୍ରଥମ ମ୍ୟାଚ ଅପରାହ୍ନ ୨ଟା ୩୦ ଓ ଦ୍ୱିତୀୟ ମ୍ୟାଚ ୫ଟା ୩୦ରେ ଆରମ୍ଭ ହେବ। ଚାମ୍ପିୟନ ଦଳକୁ ଟ୍ରଫି ସହ ୧ ଲକ୍ଷ ଏବଂ ରନରଅପ୍ ଦଳକୁ ୫୦,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ ବୋଲି ମଙ୍ଗଳବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କ୍ଲବ-୭୩ ସଭାପତି ତଥା ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ପ୍ରକାଶ କରିଛନ୍ତି। "ବିଭିନ୍ନ କାରଣ ଯୋଗୁ ଗତ କିଛି ବର୍ଷ ଧରି କ୍ଲବ ପକ୍ଷରୁ ଟୁର୍ନାମେଣ୍ଟ ଆୟୋଜନ ବନ୍ଦ ହୋଇଥିଲା। ଏବେ ଏହାକୁ ପୁଣି ପ୍ରତିବର୍ଷ କରାଯିବାକୁ ନିଷ୍ପତ୍ତି ହୋଇଛି। କ୍ଲବ ନିକଟରେ ଅନେକ ଯୁବପ୍ରତିଭା ରହିଛନ୍ତି। ସେମାନଙ୍କୁ ଟ୍ରେନିଂ ମାଧ୍ୟମରେ ଆଗକୁ ନେବା କ୍ଲବର ମୁଖ୍ୟ ଲକ୍ଷ୍ୟ ରହିବ। ରାଜ୍ୟ ସରକାର ଇତିମଧ୍ୟରେ ବହୁ ବିଶ୍ୱସ୍ତରୀୟ ଭିତ୍ତିଭୂମି ପ୍ରସ୍ତୁତ କରିଛନ୍ତି। ଏହା ନିଶ୍ଚିତ ପ୍ରଶଂସନୀୟ। ତେବେ ରାଜ୍ୟର ଯୁବ ଖେଳାଳିମାନେ ଖେଳିବା ପାଇଁ ପଡ଼ିଆର ଆବଶ୍ୟକତା ରହିଛି। ନ ହେଲେ ସେମାନଙ୍କ ପ୍ରତିଭା ବିକଶିତ ହୋଇପାରିବ ନାହିଁ। ଏଥିପ୍ରତି ଦୃଷ୍ଟି ଦିଆଗଲେ ରାଜ୍ୟ ଫୁଟବଲ ଆହୁରି ସମୃଦ୍ଧ ହୋଇପାରିବ" ବୋଲି ଲଳିତେନ୍ଦୁ କହିଛନ୍ତି।

ମୁଖ୍ୟ ପୁରସ୍କାର ବ୍ୟତୀତ ଦୁଇ ପରାଜିତ ସେମିଫାଇନାଲିଷ୍ଟ ଦଳକୁ ୨୫,୦୦୦ ଲେଖାଏ ଏବଂ ପ୍ଲେୟର ଅଫ୍ ଦି ମ୍ୟାଚ, ପ୍ଲେୟର ଅଫ୍ ଦି ସିରିଜ ଓ ବିଭିନ୍ନ ବିଭାଗର ଶ୍ରେଷ୍ଠ ଖେଳାଳିଙ୍କୁ ଆର୍ଥିକ ପୁରସ୍କାରରେ ସମ୍ମାନିତ କରାଯିବ। ଚାମ୍ପିୟନ ଦଳକୁ ସତ୍ୟବ୍ରତ ସ୍ମାରକୀ ଟ୍ରଫି ଏବଂ ରନରଅପ୍ ଦଳକୁ ତପନ ଦାସ ସ୍ମାରକୀ ଟ୍ରଫି ଦିଆଯିବ। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶାର ଦୁଇ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଫୁଟବଲ ତାରକା ରାଜେନ୍ଦ୍ର ପ୍ରସାଦ ସିଂ ଓ ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାର ଦିଆଯିବ ବୋଲି କ୍ଲବ ସମ୍ପାଦକ ସୁବ୍ରତ କୁମାର ପଟ୍ଟନାୟକ କହିଛନ୍ତି। ଖବରଦାତା ସମ୍ମିଳନୀରେ କ୍ଲବର ଉପସଭାପତି ସିଦ୍ଧାର୍ଥ ଶଙ୍କର ପାଢ଼ୀ ଏବଂ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେଉଛନ୍ତି।

# ବଲାଙ୍ଗୀରରେ ୨ ସର୍ବଭାରତୀୟ ରେଟିଂ ଚେସ୍ ଟୁର୍ନାମେଣ୍ଟ

**ଭୁବନେଶ୍ୱର, ୧୯।୧୨ (ତପନ ସ୍ୱାଇଁ):** ଚଳିତ ମାସ ୨୩ରୁ ୩୧ ତାରିଖ ମଧ୍ୟରେ ବଲାଙ୍ଗୀରରେ ୨ଟି ସର୍ବଭାରତୀୟ ରେଟିଂ ଚେସ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ବଲାଙ୍ଗୀର ଜିଲା ଚେସ୍ ଆସୋସିଏଶନ, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଏବଂ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସେସ (କିସ୍)ର ବଲାଙ୍ଗୀର ଶାଖା ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜନ କରାଯିବ। ସର୍ବଭାରତୀୟ ବଲାଙ୍ଗୀର ଓପନ ଫିଡେ ରେଟିଂ ଇଭେଣ୍ଟ ୨୩ରୁ ୨୭ ଏବଂ ୧୬୦୦ରୁ କମ୍ ରେଟିଂ ବିଶିଷ୍ଟ ଟୁର୍ନାମେଣ୍ଟ ୨୯ରୁ ୩୧ ପର୍ଯ୍ୟନ୍ତ ଖେଳାଯିବ। ଉଭୟ ପ୍ରତିଯୋଗିତା ପାଇଁ ୧୩୮ଟି ଟ୍ରଫି ସହ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗ ଏବଂ ବିଭାଗରେ ସ୍ୱତନ୍ତ୍ର ପୁରସ୍କାରମାନ ପ୍ରଦାନ କରାଯିବ। ଉଭୟ ପ୍ରତିଯୋଗିତା ୯ ରାଉଣ୍ଡ ବିଶିଷ୍ଟ ହେବ।






# ହାର୍ଦ୍ଦିକ, ସବିତାଙ୍କୁ ଏଫ୍‌ଆଇଏଚ୍ ପୁରସ୍କାର

ଲାଉସାନେ, ୧୯।୧୨(ପି.ଟି.)

ଭାରତୀୟ ପୁରୁଷ ହକି ଦଳର ମିଡ୍‌ଫିଲ୍ଡର ହାର୍ଦ୍ଦିକ ସିଂ ଏବଂ ମହିଳା ଅଧିନାୟକ ସବିତା ମଙ୍ଗଳବାର ଯଥାକ୍ରମେ ଏଫ୍‌ଆଇଏଚ୍ ପ୍ଲେୟର ଅଫ୍ ଦି ଇୟର ଏବଂ ଗୋଲକିପର ଅଫ୍ ଦି ଇୟର ପୁରସ୍କାର ଜିତିଛନ୍ତି। ଜାତୀୟ ଆସୋସିଏଶନଗୁଡ଼ିକ ତରଫରୁ ସେମାନଙ୍କ ଅଧିନାୟକ, କୋଚ୍, ସମର୍ଥକ ଏବଂ ମିଡିଆକୁ ନେଇ ଗଠିତ ଏକ୍ସପର୍ଟ ପ୍ୟାନେଲର ଭୋଟ ଗ୍ରହଣ ପରେ ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯାଇଥିଲା। ହାର୍ଦ୍ଦିକ ଭାରତ ତରଫରୁ ଇତିମଧ୍ୟରେ ୧୧୪ଟି ମ୍ୟାଚ ଖେଳିସାରିଲେଣି। ୨୦୨୦ ଅଲିମ୍ପିକ୍ସରେ ଭାରତର ବ୍ରୋଞ୍ଜ ପଦକ ହାସଲ ପଛରେ ତାଙ୍କର ବିଶେଷ ଭୂମିକା ରହିଥିଲା। ଏହାପରଠାରୁ ତାଙ୍କ ପ୍ରଦର୍ଶନ କ୍ରମେ ଅଧିକରୁ ଅଧିକ ବଳିଷ୍ଠ ହେବାରେ ଲାଗିଛି। ଚଳିତବର୍ଷ ହାର୍ଦ୍ଦିକଙ୍କର ଏହା ହେଉଛି ଦ୍ୱିତୀୟ ବଡ଼ ପୁରସ୍କାର। ସେ ଏହାପୂର୍ବରୁ ୨୦୨୨ ହକି ଇଣ୍ଡିଆ ବଲବୀର ସିଂ ସିନିୟର ଆୱାର୍ଡ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ପାଇସାରିଛନ୍ତି। ଅନ୍ୟପକ୍ଷରେ ସବିତା କ୍ରମାଗତ ତୃତୀୟ ବର୍ଷ ଓମେନ୍ସ ଗୋଲକିପର ଅଫ୍ ଦି ଇୟର ପୁରସ୍କାର ଲାଭ କରିଛନ୍ତି। ସେ ଏହା ପୂର୍ବରୁ ୨୦୨୧ ଓ ୨୦୨୨ରେ ଏହି ପୁରସ୍କାର ପାଇ ସାରିଛନ୍ତି। ଭାରତୀୟ ଗୋଲ୍‌କିପର ୨୦୨୩ ସାରା ଚମତ୍କାର ଫର୍ମରେ ରହିଛନ୍ତି। ଅଷ୍ଟ୍ରେଲିଆରେ ଟେଷ୍ଟ ମ୍ୟାଚଠାରୁ ଆରମ୍ଭ କରି ହାଙ୍ଗଝୋ ଏସିଆନ ଗେମ୍ସ ପର୍ଯ୍ୟନ୍ତ ସେ ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି। ସେହିପରି ମହିଳା କାଟେଗୋରିରେ ନେଦରଲାଣ୍ଡ୍ସର ଜାନ ଡି' ୱାର୍ଡ ୨୦୨୩ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ଲାଭ କରିଛନ୍ତି। ଡଚ୍ ଗୋଲକିପର ପିରମିନ ବ୍ଲାକ୍ ପୁରୁଷଙ୍କ ମଧ୍ୟରେ ଏଫ୍‌ଆଇଏଚ୍ ଗୋଲକିପର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି। ଅନ୍ୟପକ୍ଷରେ ସ୍ପେନର ଟେରେସା ଲିମା ଏବଂ ଫ୍ରାନ୍ସର ଗାସପାର୍ଡ ଜାଭିଅର ଏଫ୍‌ଆଇଏଚ୍ ରାଇଜିଂ ଷ୍ଟାର ପୁରସ୍କାର ଜିତିଛନ୍ତି।




FOLLOW US ON: @tvsraiderofficial | TVS RAIDER | VISIT US AT: www.tvsmotor.com/tvs-raider

FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BHUBANESWAR: THREE S TVS: 8860629978, RITA TVS: 9827133318, ASHIRBAD TVS: 7735341866, JYOTE TVS: 7440030004, 7381114371, PURI: MODERN TVS: 7978707757, 7440002101, CUTTACK: LAXMI TVS: 7077774420, ARNAPURNA TVS: 9778422980, KENDRAPADA: SAMIR TVS: 8260133307, JAJPUR ROAD: SUBAS TVS: 7735911808, NAYAGARH: KUMAR SAI TVS: 9778728751, CHANDIKHOL: SASMITA TVS: 8860793803; JAGATSINGHPUR: GITA TVS: 06724-222717, 7788901717. Authorised Dealers: Rohibank: 6371229226, Kalapathar: 9937844941, Ranpur: 9778520193, Khandapada: 7008659421, Purunakatak: 9439071610, Chandpur: 9337112565, Raj Sunakhela: 9437637421, Narasinghpur: 9658410027, Odogaon: 7815050701. Bhapur: 7389040805, Daspalla: 9938375040, Gothopatna: 8249710415, Jatani: 7978421266, Balugaon: 9937886712, Nirakarpur: 9658971360, Bhubaneshwar (CRP Square): 9337022334, Baghamari: 9437015363 Khurda: 7008412374, Balipatna: 9776036999, Mendhasala: 9437072019, Pipili: 9861150706, Sakhigopal: 9861150706. Nimapara: 7381765800, Delang: 9090214582, Brahmagiri: 8480928882, 6370937155, Chari Chowk: 8327783765, Panaspada: 6372608810, Kanas: 9090214582, Athagarh: 9853429148, Abhimanpur Post: 9937019555, Banki: 9437666687, Badamba: 9337135769, Niali: 9437307967, Phulnakhara, Cuttack: 9437037344, Nischintakoili: 9337438686, Kandarpur: 9090098000, Pattamundai: 9938602209, Sisua: 8018556514, Marshaghai: 9938837705, Rajnagar: 9439650236, Chandbali: 9238514769, Basudevpur: 8249905878, Garadapur: 9437527214, Erasama: 8658421889, Naugoan: 8339939725, Krushnanandapur: 9237066573, Raghunathpur: 6371724757, Balichandrapur: 7978388298, Brahmabarada: 7894020786, Raipur: 9937963372, Chhatia: 7328005678, Mangalpur: 9853486660, Bari: 9437510237, Binjharpur: 9090503379, Kuakhia: 9348035630, Singhpur: 9040646458.

dentsu/dha bhu/01/23


4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ